


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-262 ◆BHUBANESWAR ◆SUNDAY ◆17 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୨ ◆ଭୁବନେଶ୍ୱର ◆ରବିବାର ◆୧୭ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)

**ବାଜିଲା ବିଗୁଲ୍** ଏପ୍ରିଲ ୧୯ ରୁ ଜୁନ୍ ୧ ଯାଏଁ ୨୦୨୪ ସାଧାରଣ ନିର୍ବାଚନ

# ୭ ପର୍ଯ୍ୟାୟରେ ମତଦାନ

■ **ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି):** ସାଧାରଣ ନିର୍ବାଚନ-୨୦୨୪ର ତାରିଖକୁ ନେଇ ଲାଗି ରହିଥିବା ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଦେଶର ୫୪୩ ଲୋକସଭା ଆସନ ପାଇଁ ଏପ୍ରିଲ ୧୯ ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ମତଦାନ ହେବ। ଏଥିସହିତ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଆନ୍ଧ୍ର ପ୍ରଦେଶ ଏବଂ ସିକିମ୍ ଆଦି ୪ ରାଜ୍ୟର ବିଧାନସଭା ମଧ୍ୟ ଏହି ସମୟ ମଧ୍ୟରେ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଶନିବାର ଘୋଷଣା କରିଛନ୍ତି। ସିଇସିଙ୍କ ସହିତ ସଦ୍ୟନିଯୁକ୍ତ ଦୁଇ ନିର୍ବାଚନ କମିଶନର(ଇସି) ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟରେ ଘୋଷଣା କରିଥିଲା ବେଳେ ଅଷ୍ଟାଦଶ ଲୋକସଭା ପାଇଁ ୫୪୩ ଲୋକସଭା ଆସନରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି କହିଛନ୍ତି। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଶନିବାର ସନ୍ଧ୍ୟାରୁ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହା ଜୁନ ୪ରେ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।

ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟର ୧୦୨ ଲୋକସଭା ଆସନ ପାଇଁ ▶ପୃଷ୍ଠା-୧୩

### ସାରା ଦେଶରେ ଲାଗୁହେଲା ଆଦର୍ଶ ଆଚରଣ ବିଧି

- ୪ ଜୁନରେ ଭୋଟ୍ ଗଣତି ଓ ଫଳାଫଳ ପ୍ରକାଶ
- ୪୯ କୋଟି ୭୨ଲକ୍ଷ ପୁରୁଷ, ୪୭ କୋଟି ୧୦ଲକ୍ଷ ମହିଳା ଭୋଟର
- ପ୍ରଥମଥର ପାଇଁ ମତଦାନ କରିବେ ୧କୋଟି ୮୨ଲକ୍ଷ ଭୋଟର
- ୧୦ଲକ୍ଷ ୫୦ହଜାର ବୁଥ୍, ୫୫ ଲକ୍ଷ ଇଭିଏମ୍
- ନିୟୋଜିତ ହେବେ ୧.୫୦ କୋଟି ପୋଲିଂ କର୍ମଚାରୀ ଓ ସୁରକ୍ଷାକର୍ମୀ
- ମିଥ୍ୟାପ୍ରଚାର ବିରୋଧରେ ଲାଗିବ ଆଇଟି ଆଇନ
- ସାମାଜିକ ଗଣମାଧ୍ୟମରେ ଜାଲ୍ ପୋଷ୍ଟିଂ ହଟାଇବାକୁ ରାଜ୍ୟକୁ କ୍ଷମତା
- ଭାଷଣ କିମ୍ବା ସାମାଜିକ ଗଣମାଧ୍ୟମ ପୋଷ୍ଟିଂରେ ଅପଶବ୍ଦର ବ୍ୟବହାରକୁ ନା
- ନିର୍ବାଚନ ପ୍ରଚାର କାର୍ଯ୍ୟରେ ନାବାଳକଙ୍କୁ ଉପଯୋଗ ନ କରିବାକୁ ସତର୍କତା




# ୪ର୍ଥ ପର୍ଯ୍ୟାୟରେ ଓଡ଼ିଶା

## ମେ ୧୩ରୁ-ଜୁନ୍ ୧ ଚାରି ପର୍ଯ୍ୟାୟ ମତଦାନ

■ **ଭୁବନେଶ୍ୱର, ୧୬।୩ (ସମିସ):** ସାଧାରଣ ନିର୍ବାଚନ-୨୦୨୪ର ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଭୋଟ୍ ଗ୍ରହଣ ଆରମ୍ଭ ହେବ। ମେ ୧୩ରୁ ଜୁନ୍ ୧ ତାରିଖ ଯାଏଁ ୪ଟି ପର୍ଯ୍ୟାୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ପାଇଁ ମତଦାନ ହେବ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ମୋଟ ୩୦୬୫୩ଟି ସ୍ଥାନରେ ୩୭୮୦୯ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ସମୁଦାୟ ୩୩୪୭୩୫୬୧ ମତଦାତା ଥିବାବେଳେ ୧୬୯୫୫୩୬୯ ଜଣ ପୁରୁଷ, ୧୬୫୧୪୭୫୪ ଜଣ ମହିଳା, ୩୪୩୮ ଜଣ ତୃତୀୟଲିଙ୍ଗୀ, ▶ପୃଷ୍ଠା-୧୩

**ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ସର୍ବାଧିକ ଖର୍ଚ୍ଚ ସୀମା ୯୫ ଲକ୍ଷ, ବିଧାନସଭା କ୍ଷେତ୍ର ପାଇଁ ୪୦ ଲକ୍ଷ ଟଙ୍କା**

## ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ଜିଲ୍ଲାପାଳଙ୍କୁ ଚିଠି

■ **ଭୁବନେଶ୍ୱର, ୧୬।୩ (ସମିସ):** ରାଜ୍ୟରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିବା ପରେ ସମସ୍ତ ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ରମାଧ୍ୟମରେ ଅବଗତ କରାଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ତୁରନ୍ତ ଆଦର୍ଶ ଆଚରଣ ବିଧି ଲାଗୁକରାଗଲା। ଏହି ବ୍ୟବସ୍ଥା ସାଧାରଣ ନିର୍ବଚନ ଏବଂ ବିଧାନସଭା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ସମୟ ମଧ୍ୟରେ କୌଣସି ଜିଲ୍ଲା ସ୍ତରରେ ଜନଶୁଣାଣି ହେବ ନାହିଁ। ସୋମବାର ଜିଲ୍ଲାପାଳ ଏବଂ ଜିଲ୍ଲା ଏସ୍‌ପିଙ୍କ ଦ୍ୱାରା କରାଯାଉଥିବା ଜନଶୁଣାଣି ନିର୍ବାଚନ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ହେବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

**ଶେଷ କ୍ୟାବିନେଟରେ ନବୀନଙ୍କ ଭାବପୂର୍ଣ୍ଣ ଅଭିଭାଷଣ**

# ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବା ମୋର ପରମ ସୌଭାଗ୍ୟ



■ **ଭୁବନେଶ୍ୱର, ୧୬।୩ (ସମିସ):** ବିଜୁ ବାବୁଙ୍କ ଆଦର୍ଶକୁ ପାଥେୟ କରି ଆମେ ଓଡ଼ିଶାବାସୀଙ୍କ ସେବା କରି ଆସୁଛୁ। ଗତ ୫ ବର୍ଷ ହେଲା ଆମର '୫-ଟି' ଉପକ୍ରମ ଆଧାରିତ କାର୍ଯ୍ୟଧାରା ରୂପାନ୍ତରଣର ନୂଆ କୀର୍ତ୍ତିମାନ ସୃଷ୍ଟି କରିଛି। ରାଜ୍ୟର ପ୍ରତି କୋଣ ଅନୁକୋଣ ଏବଂ ପ୍ରତିଟି ଜୀବନରେ ଏହି ରୂପାନ୍ତରଣ ଆଜି ସ୍ପଷ୍ଟ ଯାଜ୍ୱଲ୍ୟମାନ। ପ୍ରାକୃତିକ ବିପର୍ଯ୍ୟୟ ମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ଓଡ଼ିଶା ଆଜି ବିଶ୍ୱ ପାଇଁ ଆଲୋକବର୍ତ୍ତିକା। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବା କରିବା ଠାରୁ ମୋ ପାଇଁ ଆଉ ବଡ଼ କିଛି ସୌଭାଗ୍ୟ ହୋଇନପାରେ। ଓଡ଼ିଶାବାସୀ ମୋତେ ଯେଉଁ ଆଶୀର୍ବାଦ ଦେଇଛନ୍ତି, ମୋ ଉପରେ ଯେଉଁ ବିଶ୍ୱାସ ରଖିଆସିଛନ୍ତି, ତାହା ମୋତେ ସର୍ବଦା କଠିନ ପରିଶ୍ରମ ପାଇଁ ପ୍ରେରଣା ଦେଉଛି ବୋଲି ଶନିବାର ପଞ୍ଚମ ପାଳିର ଶେଷ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ନିଜର ଭାବପୂର୍ଣ୍ଣ ଅଭିଭାଷଣରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ୨୦୧୯ରେ ସରକାରର ଶାସନ ଭାର ସମ୍ଭାଳିବା ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ବିଜେଡିର ନିର୍ବାଚନୀ ଇସ୍ତାହାରକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରିବା ନିମନ୍ତେ ଅନୁମୋଦିତ କରିଥିଲେ। ରାଜ୍ୟବାସୀ ମୋ ପ୍ରତି ଅକୁଣ୍ଠ ଆସ୍ଥା ଓ ଭରସା ରଖିଥିବାରୁ ମୁଁ ସେମାନଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି। ଆଉ କିଛି ମାସ ମଧ୍ୟରେ ଓଡ଼ିଶାବାସୀ ଆଉ ଏକ ଇତିହାସ ରଚିବାକୁ ଯାଉଛନ୍ତି। ଆଗାମୀ ୧୦ ବର୍ଷ ଆମର ଭାଗ୍ୟ ନିର୍ଦ୍ଧାରଣ କରିବ ଏବଂ ଓଡ଼ିଶାର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ। ଆମେ ସମସ୍ତେ ମିଳିମିଶି ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀ ପଦଭାର ଗ୍ରହଣ କରିବା ସମୟରେ ମହାବାତ୍ୟାର କରାଳ ବିଭିଷିକାରେ ଓଡ଼ିଶା ଛାରଖାର ହୋଇଯାଇଥିଲା। ରାଜ୍ୟର ଶାସନ କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ଏହି ସମୟରେ ବିଜୁ ବାବୁଙ୍କ ନୀତି ଆଦର୍ଶ ହିଁ ମୋର ପଥପ୍ରଦର୍ଶକ ସାଜିଥିଲା। ସେହି ଆଦର୍ଶ ମୋର ସାଢ଼େ ଚାରିକୋଟି ପରିବାର ସଦସ୍ୟଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ଦେଇଥିଲା। ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ଦକ୍ଷତାକୁ ଜାତୀୟ ଓ ଅନ୍ତର୍ଜାତିୟ ସ୍ତରରେ ସ୍ୱୀକୃତି ମିଳିଛି। ଏପରିକି ଜାତିସଂଘଠାରୁ ଆରମ୍ଭ କରି 'ନ୍ୟୁୟର୍କ ଟାଇମ୍ସ' ନିଜର ପ୍ରଥମ ପୃଷ୍ଠାରେ ଉଚ୍ଛ୍ୱସିତ ପ୍ରଶଂସା କରି ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟର ମାନ୍ୟତା ଦେଇଛି। ସ୍ୱଚ୍ଛ ଶାସନ ବ୍ୟବସ୍ଥା ଓ ପ୍ରଯୁକ୍ତିର ଭରପୂର ଉପଯୋଗ ଜରିଆରେ ଆମର ମିଳିତ ଉଦ୍ୟମ ସ୍ୱଳ୍ପ ସମୟ ଭିତରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଛି।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱକୁ ଓଡ଼ିଶାର ସବୁଠାରୁ ବଡ଼ ଅବଦାନ ହେଉଛି ଜଗନ୍ନାଥ ସଂସ୍କୃତି। ଏହି ସଂସ୍କୃତି ସ୍ନେହ, ସେବା ଓ ସମାନତା ଉପରେ ପର୍ଯ୍ୟବେସିତ। ଜଗନ୍ନାଥ ସଂସ୍କୃତି, ଏହାର ଭାଷା ଓ ଏହାର ଐତିହ ଉପରେ ଓଡ଼ିଶାର ପରିଚୟ ଆଧାରିତ। ସେହି ମହାପ୍ରଭୁଙ୍କ ଆଶୀର୍ବାଦରେ ସବୁ ବାଧାବିଘ୍ନକୁ ପଛରେ ପକାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଲୁ। କେବଳ ଶ୍ରୀମନ୍ଦିର ନୁହେଁ ବରଂ ରାଜ୍ୟରେ ▶ପୃଷ୍ଠା-୧୩

**ବିଜୁ ବାବୁଙ୍କ ଆଦର୍ଶ ପ୍ରତିଟି ଜୀବନରେ ରୂପାନ୍ତରଣ ପାଇଁ ପ୍ରେରଣା ଦେଇଛି**

**ସବୁ ଆହ୍ୱାନ ସତ୍ତ୍ୱେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହୋଇଛି**

**'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ଯୁବଶକ୍ତିଙ୍କ ସମୃଦ୍ଧିର ପାସ୍‌ପୋର୍ଟ**

**ବିଏସ୍‌କେୱାଇ ବାବଦକୁ ପ୍ରତିବର୍ଷ ୩୫୦୦ କୋଟି ବ୍ୟୟ**

**୨୦୩୬ ସୁଦ୍ଧା ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ**

**ଆଦିବାସୀ ଓ ମହିଳା ସଶକ୍ତିକରଣରେ ଓଡ଼ିଶାର ଅବଦାନ ଅତୁଳନୀୟ**

**ସାଧାରଣ ନିର୍ବାଚନ ପୂର୍ବରୁ ଶେଷ କ୍ୟାବିନେଟ**

# ୭ ବିଭାଗର ୧୪ ପ୍ରସ୍ତାବକୁ ଅନୁମୋଦନ

- ମହାନଦୀ ଉପରେ ନିର୍ମାଣ ହେବ ଆଉ ଏକ ଉଚ୍ଚ ସେତୁ
- ଖର୍ଚ୍ଚ ହେବ ୧୨୮ କୋଟି, ୩ ବର୍ଷରେ ସରିବ କାମ
- ଅମିନ ଓ ଏଆରଆଇ ଲେବୁଲ-୨ ପଦବୀ ସୃଷ୍ଟି
- ଚାକିରିର ୩ ବର୍ଷ ପରେ ଏହି ପଦବୀକୁ ମିଳିବ ପଦୋନ୍ନତି
- 'ଯାଦବ ଭବନ' ପାଇଁ ମାଗଣାରେ ୫୦୦ ଡେସିମିଲ ଜମି
- ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡର ପୁନର୍ଗଠିତ, ସୃଷ୍ଟିହେଲା ୧୧୩ଟି ନୂଆ ପଦବୀ
- ଓଡ଼ିଶା ଗ୍ରାଣ୍ଟ-ଇନ୍-ଏଡ ୨୦୧୪ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ
- ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ସେବା ନିୟମାବଳୀ-୨୦୨୪ ପ୍ରଣୟନ ନିଷ୍ପତ୍ତି

■ **ଭୁବନେଶ୍ୱର, ୧୬।୩ (ସମିସ):** ସାଧାରଣ ନିର୍ବାଚନ ଘୋଷଣାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳିର ଶେଷ କ୍ୟାବିନେଟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୭ଟି ବିଭାଗର ମୋଟ ୧୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ରାଜ୍ୟ ସରକାର କଟକ ଜିଲ୍ଲାର ସାଲେପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଖଣ୍ଡ- ସାହୁଖେତ ରାସ୍ତାରେ ମହାନଦୀ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପ କଟକ-ପାରାଦ୍ୱୀପ ରାସ୍ତା(ଏସଏଚ-୧୨) ଓ କଟକ-ଚାନ୍ଦବାଲି ରାସ୍ତା(ଏସଏଚ-୯)କୁ ସଂଯୋଗ କରିବା ସହ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ସିଧାସଳଖ ଯୋଗାଯୋଗ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୧୨୮ କୋଟି ୭୧ ଲକ୍ଷ ଟଙ୍କାକୁ ଅନୁମୋଦନ କରିଛନ୍ତି। ଆଇଟିଏଲ୍-ସିସିପିଏଲ୍‌ଙ୍କ ପକ୍ଷରୁ ଏହି କାର୍ଯ୍ୟ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ୟୁନିଟ-୪୧ ଠାରେ ଯାଦବ ଭବନ ନିର୍ମାଣ ପାଇଁ ଉତ୍କଳ ଯାଦବ ମହାସଭା ସପକ୍ଷରେ ୫୦୦ ଡିସିମିଲି ଜମି ଯୋଗାଇଦେବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଭୂମିର ଅଧିମୂଲ୍ୟ ବାବଦରେ ମୋଟ ୫ କୋଟି ୬ ଲକ୍ଷ ଟଙ୍କା ଛାଡ଼ କରିବା ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି।

ସେହିପରି ବର୍ତ୍ତମାନ ଅମିନ ଓ ଏଆରଆଇମାନେ ରାଜସ୍ୱ ନିରୀକ୍ଷକ ପଦବୀକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ପଦୋନ୍ନତି ପାଉଛନ୍ତି। ଏଥିପାଇଁ ପ୍ରାୟ ୧୫ ବର୍ଷ ଲାଗୁଛି। ଯେହେତୁ ଏହି ଦୁଇଟି ମୂଳ ପଦବୀରେ ବହୁ ସମୟ ସେମାନଙ୍କୁ ରହିବାକୁ ପଡୁଛି, ଏହାର ସମାଧାନ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତ ପଦବୀର ୪୦ ପ୍ରତିଶତ ▶ପୃଷ୍ଠା-୧୩

# ଗଠନ ହେଲା ଚକ୍ଷୁ ଚିକିତ୍ସକ କ୍ୟାଡର୍

■ **ଭୁବନେଶ୍ୱର, ୧୬।୩ (ସମିସ):** ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଚକ୍ଷୁ ସେବା କ୍ୟାଡର୍ ଗଠନ କରିଥିବା ବେଳେ ଓଡ଼ିଶା ଆୟୁଷ ଆସିଷ୍ଟାଣ୍ଟ ସେବା କ୍ୟାଡର୍ ପୁନର୍ଗଠନ ସହ ଦେୟରେ ସଂଶୋଧନ କରିଛନ୍ତି। ସରକାରଙ୍କର ଏହି ପଦକ୍ଷେପ ଫଳରେ ସେମାନେ ସମୟୋଚିତ ପଦୋନ୍ନତି ସହିତ ବର୍ଦ୍ଧିତ ଦରମା ପାଇବେ। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ସଂକଳ୍ପନାମ ଅନୁସାରେ ଉପରୋକ୍ତ ଦୁଇ କ୍ୟାଡର୍‌ରେ ନୂତନ ପଦବୀ ସୃଷ୍ଟି କରାଯାଇଛି। ଓଡ଼ିଶା ଆୟୁଷ ଆସିଷ୍ଟାଣ୍ଟ ସର୍ଭିସ୍ କ୍ୟାଡର୍‌ରେ ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୧୯୯ ରହିଥିବା ବେଳେ ଓଡ଼ିଶା ଅପଥାଲମିକ୍ ସର୍ଭିସ୍ କ୍ୟାଡର୍‌ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୫୩୮ ରହିଛି। ଏହି ନୂତନ କ୍ୟାଡର୍‌ରେ ଗୋଟିଏ ସହକାରୀ ନିର୍ଦ୍ଦେଶକ, ୧୫ ଟି ମୁଖ୍ୟ ଚକ୍ଷୁ ଅଧିକାରୀ, ୫୩ଟି ବରିଷ୍ଠ ଚକ୍ଷୁ ଅଧିକାରୀ (ଲେବୁଲ-୧), ୧୩୧ଟି ବରିଷ୍ଠ ଚକ୍ଷୁ ଅଧିକାରୀ (ଲେବୁଲ-୨) ଏବଂ ୩୩୮ ଚକ୍ଷୁ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ଅପଥାଲମିକ୍ ଅଫିସର ପଦବୀରେ ସିଧାସଳଖ ନିଯୁକ୍ତି ଦିଆଯିବ।




## ଲୋକକଥା



ଭୋଟ ଦିନ-ବାର ସ୍ଥିର ହୋଇଗଲା
ନେତା-କର୍ମୀ ସତେ ତତପର,
ନାନା ରଙ୍ଗେ ଏବେ ଲାଗି ପଡ଼ିବେ ହେ
ମନେଇବା ପାଇଁ ଭୋଟର !
ଟିକଟ ବଣ୍ଟନ ବେପାର,
ଆଶାୟୀଙ୍କ ଆଶା ଉଜୁଡ଼ି ଗଲେ ତ
ବଢ଼ିବ କଟର କଟର !!

**ଶିଳ୍ପ ପାର୍କକୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ**

# ୧୮୪୫ କୋଟିର ବ୍ୟୟ ଅଟକଳ

■ **ଭୁବନେଶ୍ୱର,୧୬।୩(ସମିସ):** ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ପୁଞ୍ଜିନିବେଶର ବ୍ୟବସ୍ଥା କରିବା ସହ ଶିଳ୍ପପାଇଁ ଉନ୍ନତ ଭିତ୍ତିଭୂମି ସୁନିଶ୍ଚିତ କରୁଛନ୍ତି। ଏହି କ୍ରମରେ ନୂଆକରି ପ୍ରତିଷ୍ଠା ହେବାକୁ ଥିବା ପ୍ରମୁଖ ଶିଳ୍ପ ପାର୍କରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ସୁନିଶ୍ଚିତ କରିବା ଦିଗରେ ବଡ଼ ପଦକ୍ଷେପ ନେଇଛନ୍ତି। ଶିଳ୍ପ କରିଡର୍‌ରେ ନୂତନ୍ ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ, ବିଦ୍ୟୁତ ପରିବହନ ଲାଇନ୍‌ର ସୁଦୃଢ଼ୀକରଣ ଏବଂ ସବ୍ ଷ୍ଟେସନ୍ ଅଟୋମେସନ୍ ସିଷ୍ଟମ୍ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧୮୪୫.୭୬ କୋଟି ଟଙ୍କାର ବ୍ୟୟ କରାଯିବ। କ୍ୟାବିନେଟ ବୈଠକରୁ ହସ୍ତଗତ ସୂଚନା ଅନୁସାରେ ରାଜ୍ୟରେ ସ୍ଥାପନ କରାଯାଉଥିବା ପାରାଦୀପ ପ୍ଲାଷ୍ଟିକ୍ ପାର୍କ, ଅନୁଗୋଳ ଆଲୁମିନିୟମ୍ ପାର୍କ, ଭଦ୍ରକ ଟେକ୍ସଟାଇଲ ପାର୍କ, ନେଉଳପୋଇ ଶିଳ୍ପାଞ୍ଚଳକୁ ସ୍ଥିର ଏବଂ ଗୁଣାତ୍ମକ ବିଦ୍ୟୁତ



ଯୋଗାଣ ସୁନିଶ୍ଚିତ କରାଯିବ।

ରାଜ୍ୟରେ ଶିଳ୍ପର ବିକାଶ ଲାଗି ଓପିଟିସିଏଲ୍ ଓଡ଼ିଶା ପରିବହନ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନା (ଓଟିଏସଏସପି)ର ପ୍ରଥମ ପର୍ଯ୍ୟାୟରେ ୮ଟି ସ୍ଥାନରେ ଗ୍ରୀଡ୍ ସବ୍ ଷ୍ଟେସନ୍ ଏବଂ ଆନୁସଙ୍ଗିକ ଟ୍ରାନ୍ସମିସନ୍ ଲାଇନ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏବେ ଦ୍ୱିତୀୟ ପର୍ଯ୍ୟାୟ କାମ ପାଇଁ ୧୮୪୫.୭୬ କୋଟି ଟଙ୍କା ବ୍ୟୟ ହେବ। ଏଥିରୁ ୫୫୩.୭୩ କୋଟି ଟଙ୍କା (୩୦%) ରାଜ୍ୟ ସରକାରଙ୍କ ତରଫରୁ ଅଂଶଧନ ସହାୟତା ଆକାରରେ ପ୍ରଦାନ କରାଯିବ। ଅବଶିଷ୍ଟ ୧୨୯୨.୦୩ କୋଟି ଟଙ୍କା (୭୦%) ଓପିଟିସିଏଲ୍ ନିଜେ ବହନ କରିବ। ଏହି ପର୍ଯ୍ୟାୟରେ ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ (ସିଏମ୍‌ପିଡିପି) ଅଧିନରେ ୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ▶ପୃଷ୍ଠା-୧୩



# ମତଦାନ: କେବେ, କେଉଁଠି

ବାଜିଲା ୨୦୨୪ ନିର୍ବାଚନ ବିଗୁଲ୍। ଭାରତର ମୁଖ୍ୟ ନିର୍ବାଚନ କମିସନର (ସିଇସି) ରାଜୀବ କୁମାର ଶନିବାର ଦେଶର ସମସ୍ତ ୫୪୩ ଲୋକସଭା ଆସନ ଓ ୪ଟି ରାଜ୍ୟର ବିଧାନସଭା ଆସନ ପାଇଁ ତାରିଖ ଘୋଷଣା କରିବା ପରେ ଗତ କିଛି ଦିନ ହେଲା ନିର୍ବାଚନକୁ ନେଇ ଲାଗି ରହିଥିବା ସମସ୍ତ କଳ୍ପନା-ଜଳ୍ପନା ଓ ପ୍ରତୀକ୍ଷାର ଅନ୍ତ ଘଟିଛି। ଆସନ୍ତା ଏପ୍ରିଲ୍ ୧୯ ତାରିଖରୁ ଜୁନ୍ ୧ ତାରିଖ ଯାଏ ସମଗ୍ର ଦେଶରେ ମୋଟ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ମଣିପୁରରେ ଦୁଇଟି ଲୋକସଭା ଆସନ ଥିବା ବେଳେ ହିଂସାକୁ ଦୃଷ୍ଟିରେ ରଖି ଗୋଟିଏ ଲୋକସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟ (୧୯ ଓ ୨୬ ତାରିଖ)ରେ ଭୋଟ ଗ୍ରହଣ ହେବ। ଓଡ଼ିଶାରେ ୪ଟି ପର୍ଯ୍ୟାୟ (ମେ’ ୧୩ରେ ପ୍ରଥମ, ମେ’ ୨୦ ଦ୍ୱିତୀୟ, ମେ’ ୨୫ରେ ତୃତୀୟ ଓ ଜୁନ୍ ୧ରେ ଚତୁର୍ଥ)ରେ ଭୋଟ ଗ୍ରହଣ କରାଯିବ। ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିସନର ସୂଚନା ଦେଇଛନ୍ତି।

## ୭ଟି ପର୍ଯ୍ୟାୟରେ ଭୋଟ୍





| ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ | ୭ମ |
|---|---|---|---|---|---|---|
| ଏପ୍ରିଲ ୧୯ | ଏପ୍ରିଲ ୨୬ | ମଇ ୭ | ମଇ ୧୩ | ମଇ ୨୦ | ମଇ ୨୫ | ଜୁନ ୦୧ |
| ୧୦୨ ଆସନ | ୮୯ ଆସନ | ୯୪ ଆସନ | ୯୬ ଆସନ | ୪୯ ଆସନ | ୫୭ ଆସନ | ୫୭ ଆସନ |




| ଓଡ଼ିଶା ନିର୍ବାଚନ ସୂଚୀ | ୧ମ ପର୍ଯ୍ୟାୟ | ୨ୟ ପର୍ଯ୍ୟାୟ | ୩ୟ ପର୍ଯ୍ୟାୟ | ୪ର୍ଥ ପର୍ଯ୍ୟାୟ |
|---|---|---|---|---|
| ଗେଜେଟ୍ ବିଜ୍ଞପ୍ତି | ୧୮।୦୪।୨୦୨୪ | ୨୬।୦୪।୨୦୨୪ | ୨୯।୦୪।୨୦୨୪ | ୦୭।୦୫।୨୦୨୪ |
| ନାମାଙ୍କନ ଦାଖଲ ଶେଷ | ୨୫।୦୪।୨୦୨୪ | ୦୩।୦୫।୨୦୨୪ | ୦୬।୦୫।୨୦୨୪ | ୧୪।୦୫।୨୦୨୪ |
| ନାମାଙ୍କନପତ୍ର ଯାଞ୍ଚ | ୨୬।୦୪।୨୦୨୪ | ୦୪।୦୫।୨୦୨୪ | ୦୭।୦୫।୨୦୨୪ | ୧୫।୦୫।୨୦୨୪ |
| ନାମାଙ୍କନ ପ୍ରତ୍ୟାହାର | ୨୯।୦୪।୨୦୨୪ | ୦୬।୦୫।୨୦୨୪ | ୦୯।୦୫।୨୦୨୪ | ୧୭।୦୫।୨୦୨୪ |
| ମତଦାନ | ୧୩।୦୫।୨୦୨୪ | ୨୦।୦୫।୨୦୨୪ | ୨୫।୦୫।୨୦୨୪ | ୦୧।୦୬।୨୦୨୪ |





























































ସୌଜନ୍ୟ: ଗ୍ରାଫିକ୍ସ-ନନ୍ଦିଘୋଷ ଟିଭି

## ୮୨.୪୨ ମେଗାୱାଟ୍ ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୫୫୬.୪୯ କୋଟି

**ଭୁବନେଶ୍ୱର, ୧୬ ।୩ (ସମିସ):** ରାଜ୍ୟ ସରକାରଙ୍କ ଶୂନ୍ୟ ପ୍ରଦୂଷଣ ଲକ୍ଷ୍ୟ ହାସଲ ପାଇଁ ସବୁଜ ଶକ୍ତି ପ୍ରକଳ୍ପ ଅଧୀନରେ ୫୫୬.୪୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଶନିବାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ସିଙ୍ଗିଲ ୱିଣ୍ଡୋ ବୈଠକରେ ଏହି ପ୍ରସ୍ତାବ ଉପରେ ମୋହର ବାଜିଛି । ଏହି ପ୍ରକଳ୍ପରୁ ମୋଟ ୮୨.୪୨ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ହେବ ବୋଲି କୁହାଯାଇଛି । ଏହି ପଞ୍ଚମ ସିଙ୍ଗଲ୍ ୱିଣ୍ଡୋ କମିଟି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଆଇଟିସି ଲିମିଟେଡ୍ ଦ୍ୱାରା ୧୦ ମେଗାୱାଟ୍ ଉତ୍ପାଦନକ୍ଷମ ଭୂମି ଉପରେ ସୌରପ୍ରକଳ୍ପ, ଟାଟାଷ୍ଟିଲ୍ ଦ୍ୱାରା ୭.୯୨ ମୋଗାୱାଟ୍ ଭୂମି ଉପରେ ସୌରପ୍ରକଳ୍ପ ଏବଂ ଏମ୍ ଜି ଏମ୍ ଗ୍ରୀନ୍ ଏନର୍ଜି ଲିମିଟେଡ୍‌ର ୫ ମେଗାୱାଟ୍ କ୍ଷମତାଯୁକ୍ତ ଗ୍ରାଉଣ୍ଡ ମାଉଣ୍ଟେଡ୍ ସୌରପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହା ରାଜ୍ୟର ସାମ୍ପ୍ରତିକ ସୌରଶକ୍ତି କ୍ଷମତାକୁ ଅଧିକ ପରିବର୍ଦ୍ଧିତ କରିବ । ସେହିପରି ରାଜ୍ୟରେ ଜଳବିଦ୍ୟୁତ୍ ଶକ୍ତି ଉତ୍ସର ଉପଯୋଗ ଦିଗରେ ବଳିଷ୍ଠ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାରଙ୍କ ଅଧୀନ ଜେଡ୍‌କଲ୍ ଓ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଯୌଥ ଉଦ୍ୟୋଗରେ ୧୦ ମେଗାୱାଟ୍ ଉତ୍ପାଦନକ୍ଷମ ଏକ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପ୍ରସ୍ତାବକୁ ମଧ୍ୟ କମିଟି ଅନୁମୋଦନ କରିଛି । ଏତଦ୍‌ବ୍ୟତୀତ, ଜେଏସ୍‌ଡବ୍ଲ୍ୟୁ-ନିଓ ଏନର୍ଜି ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ୪୯.୫ ମେଗାୱାଟ୍ କ୍ଷମତା ବିଶିଷ୍ଟ ରାଜ୍ୟର ପ୍ରଥମ ପବନଶକ୍ତି ପ୍ରକଳ୍ପକୁ ମଧ୍ୟ କମିଟି ମଞ୍ଜୁରୀ ପ୍ରଦାନ କରିଛି ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ ମିଟି(ଏସ୍‌ଡବ୍ଲ୍ୟୁସି) ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅନୁଯାୟୀ, ଆଜି ସୁଦ୍ଧା ୩୯୭.୨୬ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୩, ୧୨୯.୫୪ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

**ଘୋଷଣା ହେଲା ଭୋଟ ତାରିଖ**

## ଭଲ ପ୍ରଦର୍ଶନ ପାଇଁ ୩ ଦଳର କସରତ୍

**ଭୁବନେଶ୍ୱର, ୧୬ ।୩ (ସମିସ):** ଓଡ଼ିଶାରେ ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ଆଜି ଭାରତର ନିର୍ବାଚନ ଆୟୁକ୍ତ ତାରିଖ ଘୋଷଣା କରିଛନ୍ତି । ଏହି ତାରିଖ ଘୋଷଣା ସହ ରାଜ୍ୟରେ ନିର୍ବାଚନୀ ଉଷ୍ମତା ଶୀର୍ଷରେ ପହଞ୍ଚିଥିବା ବେଳେ ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଓଡ଼ିଶା ଦଖଲ ପାଇଁ ନିଜ ନିଜ ରଣନୀତି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି । ବିଧାନସଭା ନିର୍ବାଚନରେ ରାଜ୍ୟରେ ୫୦ ପ୍ରତିଶତ ଭୋଟ ଏବଂ ୧୨୫ରୁ ଅଧିକ ବିଧାନସଭା ଆସନ ଦଳ ଜିତିବ ବୋଲି ବିଜେଡି ନେତାମାନେ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି । ଏନେଇ ଦଳ ନିଜର ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛି । ମୁଖ୍ୟ ବିରୋଧୀ ଦଳ ବିଜେପି ମଧ୍ୟ ଆଜି ରାଜ୍ୟ କାର୍ଯ୍ୟାଳୟରେ ନିର୍ବାଚନ କମିଟି ବୈଠକ ଆୟୋଜିତ କରି ନିର୍ବାଚନ ରଣନୀତି ପ୍ରସ୍ତୁତ ନେଇ ବିଚାରବିମର୍ଶ କରିଛି । ଶୁକ୍ରବାର କଂଗ୍ରେସ ପକ୍ଷରୁ ମଧ୍ୟ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଥିବା ବେଳେ ଦଳ ନିଜ ରଣନୀତି ଅନୁଯାୟୀ ଆଗକୁ ବଢୁଛି । ତେବେ ତିନି ପ୍ରମୁଖ ଦଳ ଏଯାବତ୍ ପ୍ରାର୍ଥୀ ତାଲିକା ପ୍ରକାଶ କରିନାହାନ୍ତି । ସବୁ ଦୃଷ୍ଟିରୁ ବିଚାରକୁ ନେଲେ ବିଜେଡି ହିଁ ବର୍ତ୍ତମାନ ଡ୍ରାଇଭର ସିଟ୍‌ରେ ଥିବା ନେଇ ସାଧାରଣରେ ମତପ୍ରକାଶ ପାଉଛି ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ରାଜ୍ୟର ସମସ୍ତ ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ସମ୍ପର୍କରେ

- **ବିଜେଡି ନେତାଙ୍କ ଦମ୍ଭୋକ୍ତି: ୫୦ ପ୍ରତିଶତ ଭୋଟ ସହ ୧୨୫ରୁ ଅଧିକ ଆସନ ଜିତିବୁ**
- **ନିର୍ବାଚନରେ ଉତ୍ତମ ଫଳ ପାଇବାକୁ ରାଜ୍ୟ ବିଜେପି କରୁଛି ମାନସମନ୍ଥନ**
- **ସଂଗଠନ ସଜାଡ଼ିବା ପ୍ରୟାସରେ କଂଗ୍ରେସ; ମୁଣ୍ଡବିନ୍ଧାର କାରଣ ସାଜିଛି ଦୁର୍ବଳ ସ୍ଥିତି**

ବ୍ୟାପକ ମାନସମନ୍ଥନ ହୋଇଛି । ଦଳର ଜିଲ୍ଲା ପର୍ଯ୍ୟବେକ୍ଷକଙ୍କଠାରୁ ଆରମ୍ଭ କରି ରାଜ୍ୟସ୍ତରର ବରିଷ୍ଠ ନେତାମାନେ ବୈଠକରେ ସାମିଲ ହୋଇ ଆଗାମୀ ନିର୍ବାଚନ ପାଇଁ ଦଳର ରଣନୀତି ପ୍ରସ୍ତୁତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ତଥା ଅସମ୍ଭବ ଲୋକପ୍ରିୟତା, ପୁଳାପୁଳା ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସର୍ବୋପରି ସ୍ୱଚ୍ଛ ରାଜନୀତି, ଏବେବି ଓଡ଼ିଶାରେ ଲୋକପ୍ରିୟତା କ୍ଷେତ୍ରରେ ବିଜେଡିକୁ ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଉପରେ ରଖିଛି । ଏହାକୁ ପାଥେୟ କରି ନବୀନ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ଏବଂ ଆସନ୍ତା ନିର୍ବାଚନରେ ବିଜେଡି ସବୁ ରେକର୍ଡ ଭାଙ୍ଗିବ ବୋଲି ଦଳୀୟ ନେତାଏ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି । ଦଳ ପକ୍ଷରୁ ମିଳିଥିବା ଟାସ୍କ ଅନୁଯାୟୀ ତୃଣମୂଳସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଜେଡି ଯଦି ଆଶାତୀତ ସଫଳତା ପାଏ, ତାହେଲେ ଏଥିରେ ଆଶ୍ଚର୍ଯ୍ୟ ହେବାରେ ନାହିଁ ବୋଲି ରାଜନୀତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

ଅପରପକ୍ଷେ ରାଜ୍ୟ ବିଜେପି ମଧ୍ୟ ନିର୍ବାଚନକୁ ନେଇ ସାଂଗଠନିକ କାର୍ଯ୍ୟକ୍ରମକୁ ଗତିଶୀଳ କରିଥିଲେ ହେଁ ବିଭିନ୍ନ ପ୍ରସଙ୍ଗକୁ ନେଇ ଜନମତ ପ୍ରଭାବିତ କରିବାରେ ଏତେଟା ସଫଳ ହୋଇପାରିନାହିଁ । ଗୋଷ୍ଠୀକନ୍ଦଳ ଏବଂ ସାଂଗଠନିକ କାର୍ଯ୍ୟକ୍ରମରେ ସ୍ଥାଣୁତା ବିଜେପି ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ଦଳ ଆମଦାନୀ ନେତା ଏବଂ ତଥାକଥିତ ସରକାର ବିରୋଧୀ ହାୱା ଆଶାରେ ରହିଛି । ତେବେ ଆସନ୍ତା ନିର୍ବାଚନ ଦଳ କିପରି ଲଢ଼ିବ ଏବଂ ପ୍ରାର୍ଥୀ କିଏ ହେବେ; ସେନେଇ ଗତ କିଛି ଦିନ ଧରି ଦଳ ପକ୍ଷରୁ ବ୍ୟାପକ କସରତ୍ ଚାଲିଥିବା ବେଳେ ଆଜି ଏନେଇ ଦଳର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଅପରପକ୍ଷେ ସାଂଗଠନିକ ଦୃଷ୍ଟିରୁ ବିଜେଡି, ବିଜେପି ତୁଳନାରେ ଯଥେଷ୍ଟ ଦୁର୍ବଳ ଥିବା କଂଗ୍ରେସ ନୂଆ ପ୍ରଭାରୀ ପାଇବା ପରେ ଟିକେ ଆକ୍ଟିଭ ମୁଡ୍‌କୁ ଆସିଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଛି । ପ୍ରଭାରୀ ଅଜୟ କୁମାର ପ୍ରତିଦିନ ନୂଆନୂଆ ପରୀକ୍ଷାନିରୀକ୍ଷା କରୁଥିବା ବେଳେ ଦୁଇଦଳଙ୍କ ଅପେକ୍ଷା ଆଗୁଆ ନିର୍ବାଚନ ଇସ୍ତାହାର ଘୋଷଣା କରି ସଭିଙ୍କୁ ଚମକାଇ ଦେଇଛନ୍ତି । ତେବେ ଦୁର୍ବଳ ସଂଗଠନ ଏବେ ବି କଂଗ୍ରେସ ପାଇଁ ମୁଣ୍ଡବିନ୍ଧା ସାଜିଥିବା ବେଳେ ଦଳ ଭଲ ପ୍ରାର୍ଥୀ ସନ୍ଧାନରେ ରହିଛି । ସେଥିପାଇଁ ଅନ୍ୟ ଦଳର ନେତାଙ୍କ ଉପରେ କଂଗ୍ରେସର ଆଖି ରହିଥିବା ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଆଲୋଚନା ହେଉଛି । ଦେଶରେ ମୋଟ ୭ଟି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ଓଡ଼ିଶାରେ ଶେଷ ୪ ପର୍ଯ୍ୟାୟରେ ମତଦାନ ହେବ ।

**ବଢ଼ିବ ଜଳ ବ୍ୟବହାର ଦକ୍ଷତା**

## ୫ ବର୍ଷ ପାଇଁ ଖର୍ଚ୍ଚ ହେବ ୫୭୪.୭୪ କୋଟି

**ଭୁବନେଶ୍ୱର,୧୬ ।୩(ସମିସ):** ରାଜ୍ୟରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ରାଜ୍ୟ ସରକାର କ୍ରମାଗତ ପଦକ୍ଷେପ ନେଇ ଆସୁଛନ୍ତି । ସବି ଜମିକୁ ଜଳ ପହଞ୍ଚାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଆଜି ରାଜ୍ୟ କ୍ୟାବିନେଟରେ ଦୁଇଟି ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲବାଗିଛି । ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା କାର୍ଯ୍ୟକ୍ରମ ସଂସ୍କରଣ ୨.୦ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୨୦୨୪-୨୫ରୁ ୨୦୨୮-୨୯ ମୋଟ ୫ ବର୍ଷ ପାଇଁ ୭୬୩.୪୭ କୋଟି ଟଙ୍କା ଖର୍ଚ୍ଚକୁ ଅନୁମୋଦନ ମିଳିଛି । ସେହିପରି ସେହିପରି ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀ ଗୁଡ଼ିକର ପୁନଃନିର୍ମାଣ ସଂସ୍କରଣ ୨.୦ କାର୍ଯ୍ୟକାରୀ କରିବାରୁ ରାଜ୍ୟ କ୍ୟାବିନେଟ ଆଜି ନୀତିଗତ ନିଷ୍ପତ୍ତି ନେଇଛି । ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ ୫ ବର୍ଷ ପାଇଁ ୫୭୪.୭୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି ।

- **ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀ ଗୁଡ଼ିକର ପୁନଃନିର୍ମାଣ ସଂସ୍କରଣ ୨.୦ ହେବ କାର୍ଯ୍ୟକାରୀ**
- **ଯୋଜନାରେ ୬୨୦୦୦ ହେକ୍ଟର ଚାଷ ଜମିରେ ନିର୍ମାଣ ହେବ ୧୮୬୦ କିଲୋମିଟର କରନାଳି**
- **ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା କାର୍ଯ୍ୟକ୍ରମ ସଂସ୍କରଣ ୨.୦ ପ୍ରସ୍ତାବକୁ ଅନୁମୋଦନ**
- **୨୦୨୪-୨୫ରୁ ୨୦୨୮-୨୯ ଆର୍ଥିକ ବର୍ଷ ଯାଏଁ ଖର୍ଚ୍ଚ ହେବ ୭୬୩.୪୭ କୋଟି ଟଙ୍କା**

କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନପାଇଁ କରନାଳୀ ଓ ଆନୁଷଙ୍ଗିକ ନିର୍ମାଣ ପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ୧୯୭୬-୭୭ ମସିହାଠାରୁ ଆରମ୍ଭ ହୋଇଥିଲା । ୨୦୦୮-୦୯ ପୂର୍ବରୁ ମାଟି ଓ କେତେକ ସ୍ଥାନରେ ଇଟା ନିର୍ମିତ କରନାଳୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଚି । ଏହିସବୁ କରନାଳୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଜଳସେଚିତ ଅଞ୍ଚଳରେ ପୁରାତନ କରନାଳୀ ଗୁଡ଼ିକର ପୁନଃନିର୍ମାଣ ସଂସ୍କରଣ ୨.୦ ମାଧ୍ୟମରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ଯୋଜନାରେ ୬୨୦୦୦ ହେକ୍ଟର ଚାଷ ଜମିରେ ୧୮୬୦ କିଲୋମିଟର କରନାଳୀ ନିର୍ମାଣ କରାଯିବ । ଯାହାଫଳରେ ଜଳସେଚନ କ୍ଷମତା ଓ ବ୍ୟବହାରିତା ମଧ୍ୟରେ ପାର୍ଥକ୍ୟ ଦୂରୀକରଣ ଏବଂ ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରାଯାଇପାରିବ ।

ସେହିପରି ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା କାର୍ଯ୍ୟକ୍ରମ ସଂସ୍କରଣ ୨.୦ ଯୋଜନାରେ ନିର୍ମାଣଧିନ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହିତ ୮୦ ହଜାର ହେକ୍ଟର ଚାଷଦମିରେ ୨୪୦୦ କିମି ନୂତନ କରନାଳୀ ନିର୍ମାଣ ଲକ୍ଷ୍ୟ ରଖାଯାଇଛି । ଏତଦ୍‌ବ୍ୟତୀତ ଏହି ଯୋଜନାରେ ୧୫୦୦୦୦ ହେକ୍ଟର ଜମିରେ ଟପୋଗ୍ରାଫିକାଲ ସର୍ବେକ୍ଷଣ ଏ ଯୋଜନା ଏବଂ ଚାଷଜମି ସ୍ଥିତ ଜଳର ଉନ୍ନତ ପରିଚାଳନା ପାଇଁ ୧୨ଟି ପ୍ରାୟୋଗିତ ଅଧ୍ୟୟନ କରିବାଲୁ ଲକ୍ଷ୍ୟ ରଖାଯାଇଛି ।

## ଧର୍ମାନନ୍ଦ ଷଡ଼ଙ୍ଗୀ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବାର ସ୍ୱତନ୍ତ୍ର ସଚିବ



**ଭୁବନେଶ୍ୱର, ୧୬ ।୩(ସମିସ):** କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଧର୍ମାନନ୍ଦ ଷଡ଼ଙ୍ଗୀ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା (ସଡ଼କ)ର ସ୍ୱତନ୍ତ୍ର ସଚିବ ଓ ମହାନିର୍ଦ୍ଦେଶକ (ସଡ଼କ ବିକାଶ) ଭାବେ ନିଯୁକ୍ତି ପାଇଛନ୍ତି । ଶ୍ରୀ ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରପତି ନୂତନ ନୁଯୁକ୍ତି ଦେଇଥିବା ସମ୍ପର୍କରେ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତେ ସହଯୋଗ କରନ୍ତୁ: ମୁଖ୍ୟ ନିର୍ବାଚନ ଅଧିକାରୀ



**ଭୁବନେଶ୍ୱର,୧୬ ।୩(ସମିସ):** ଆଜି ଭାରତ ନିର୍ବାଚନ ଆୟୁକ୍ତ ରାଜ୍ୟରେ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ପାଇଁ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଏଥିସହ ସମଗ୍ର ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ନିର୍ବାଚନ ଘୋଷଣା ହେବା ପରେ ଏକ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଶ୍ରୀ ଧଳ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିବା ସହ ଆଦର୍ଶ ଆଚାରଣ ବିଧିର କଡ଼ାକଡ଼ି ଅନୁପାଳନ କରିବାକୁ ଅନୁରୋଧ କରିଥିଲେ । ରାଜ୍ୟରେ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ସମସ୍ତ ରାଜନୈତିକ ଦଳ ପ୍ରତିବଦ୍ଧତା ପ୍ରଦର୍ଶନ କରିବେ ବୋଲି ଶ୍ରୀ ଧଳ ଆଶାବ୍ୟକ୍ତ କରିଥିଲେ ।

**୯ ହଜାର ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡ଼ିଲା**

## ଭିଜିଲାନ୍ସ ହାତରେ ଧରାପଡ଼ି କନିଷ୍ଠ ଯନ୍ତ୍ରୀ, ଠିକାଦାର ଗିରଫ

**ଭୁବନେଶ୍ୱର/ନୟାଗଡ଼,୧୬ ।୩(ସମିସ):** ୯ ହଜାର ଟଙ୍କା ଲାଞ୍ଚ ନେବା ଜଣେ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାରଙ୍କ ପାଇଁ ମହଙ୍ଗା ପଡ଼ିଛି । ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି କନିଷ୍ଠ ଯନ୍ତ୍ରୀ (ଜେଇ) ଗୋପବନ୍ଧୁ ବୋଇତାଇ । ତାଙ୍କ ସହିତ ଶ୍ରୀକାନ୍ତ ପତି ନାମକ ଜଣେ ଠିକାଦାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି । ଜଣେ ବ୍ୟକ୍ତି ତାଙ୍କ ବାପାଙ୍କ ନାଁରେ ଏକ ବୋରୱେଲ ଖୋଳାଇବା ପାଇଁ ନୟାଗର ଜିଲ୍ଲା ଉଠା ଜଳସେଚନ ବିଭାଗରେ ଆବେଦନ କରିଥିଲେ । ତାଙ୍କ କାମ କରି ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ଉକ୍ତ ବ୍ୟକ୍ତିଙ୍କୁ ଲାଞ୍ଚ ମାଗିଥିଲେ । ଏ ନେଇ ସେ ଭୁବନେଶ୍ୱର ଭିଜିଲାନ୍ସକୁ ଜଣାଇଥିଲେ । ଯୋଜନା ମୁତାବକ ଅଭିଯୋଗକାରୀ ଶନିବାର ଲାଞ୍ଚ ଟଙ୍କା ଦେବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଯାଇଥିଲେ । ଉକ୍ତ ଟଙ୍କାକୁ ଠିକାଦାର ଶ୍ରୀକାନ୍ତ ପତିଙ୍କୁ ଦେବାକୁ କନିଷ୍ଠ ଯନ୍ତ୍ରୀ ତାଙ୍କୁ କହିଥିଲେ । ଶ୍ରୀକାନ୍ତ ପତି ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ । ତାଙ୍କର ପ୍ୟାଣ୍ଟ ପକେଟ ଯାଞ୍ଚ କରିବା ପରେ ଲାଞ୍ଚ ଟଙ୍କା ମିଳିଥିଲା । ଏହାପରେ ତାଙ୍କର ଦୁଇ ହାତ ପାଣିରେ ଧୋଇବା ପରେ କେମିକାଲ ମିଳିବା ପରେ ତାଙ୍କୁ ଭିଜିଲାନ୍ସ ଟିମ୍ ଉଠାଇ ନେଇଥିଲା । ତାଙ୍କୁ ପଚରାଉଚରା ପରେ କନିଷ୍ଠ ଯନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ । ତେଣୁ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ଏବଂ ମଧୁସୂଦନ ନଗରରେ ଥିବା ଭଡ଼ା ଘରେ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା । ଏହି ଲିଙ୍କ୍‌ରେ ଠିକାଦାର ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି ।

● **ସରକାରୀ ଅର୍ଥ ଅପବ୍ୟବହାର କରିବା ମାମଲା**

## ପୂର୍ବତନ ଜିଆରଏସ୍‌ଙ୍କୁ ୩ବର୍ଷ ଜେଲ୍ ଦଣ୍ଡ

**ଭୁବନେଶ୍ୱର/ ବ୍ରହ୍ମପୁର, ୧୬ ।୩(ସମିସ):** ସରକାରୀ ଅର୍ଥ ଅପବ୍ୟବହାର କରିବା ମାମଲାରେ ଗଞ୍ଜାମ ବ୍ଲକ କରପଦା ଗ୍ରାମ୍‌ପଞ୍ଚାୟତର ପୂର୍ବତନ ଜିଆରଏସ୍ ମନୋଜ କୁମାର ସାହୁଙ୍କୁ ଜେଲ୍ ଦଣ୍ଡ ହୋଇଛି । ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ମନୋଜଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ମାସ ସଜା ଭୋଗିବାକୁ କୁହାଯାଇଛି । ମନୋରଞ୍ଜନ ବର୍ତ୍ତମାନ ପରୁଶୋତ୍ତମ ବ୍ଲକ ପିଇଓ ଅଛନ୍ତି । ତେଣୁ କୋର୍ଟଙ୍କ ଏହି ରାୟ ଆସିବା ପରେ ମନୋଜଙ୍କୁ ଚାକିରିରୁ ବିଦା କରିବା ପାଇଁ କମ୍ପିଟାଣ୍ଟ ଅଥରଟିଙ୍କୁ ଭିଜିଲାନ୍ସ ଚିଠି ଲେଖିଛି । ମନୋଜ କରପଦା ବ୍ଲକରେ ଜିଆରଏସ(ଆଡହକ୍) ଥିବା ବେଳେ ମନେରେଗାରେ ସ୍କିମ୍‌ରେ ଆସୁଥିବା ବିକାଶ ମୂଳକ କାମରେ ଜାଲିଆତି କରିଥିଲେ । ନିଜର କ୍ଷମତାର ଅପବ୍ୟବହାର କରି ବ୍ୟାଙ୍କ୍ ଇନ୍‌ଭଏସ୍ କରି ଅନ୍ୟ ହିତାଧିକାରୀଙ୍କ ନାମରେ ଟଙ୍କା ହରିଲୁଟ୍ କରିଥିଲେ । ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ଏଭଳି ଜାଲିଆତି କରି ଟଙ୍କା ହଡ଼ପ କରାଯାଇଥିବା ଜଣାପଡ଼ିବା ପରେ ମନୋଜଙ୍କୁ ଗିରଫ କରାଯାଇଥିଲା । ତାଙ୍କ ବିରୋଧରେ ଥିବା ସମସ୍ତ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଦେଇଛନ୍ତି ।

■ **ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟର ହେବ ବିକ୍ରିବଟା**

## ମିଲ୍କ ମନ୍ତ୍ର ସହ ମହିଳା ଏସ୍‌ଏଚ୍‌ଜିଙ୍କ ରାଜିନାମା




**ଭୁବନେଶ୍ୱର,୧୬ ।୩(ସମିସ):** ମିଶନ ଶକ୍ତିର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥର ବିକ୍ରିବଟା ନିମନ୍ତେ ମିଲ୍କମନ୍ତ୍ର ଡାଏରୀ ପ୍ରାଇଭେଟ୍ ଲିମିଟେଡ୍ ସହ ଭୁବନେଶ୍ୱରର ରାଧାରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରାଉରକେଲାର ଦିବ୍ୟଜ୍ୟୋତି ମହିଳା ସ୍ୱୟ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଏକ ରାଜିନାମାପତ୍ର ସ୍ୱାକ୍ଷରିତ ହୋଇଯାଇଛି । କୃଷି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀଙ୍କ ଉପସ୍ଥିତିରେ ଏହି ରାଜିନାମା ପତ୍ର ସ୍ୱାକ୍ଷରିତ ହୋଇଛି । ମିଲ୍କମନ୍ତ୍ର(ଡେଲି ମ୍ୟୁ)ର ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ଉଭୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମିଲେଟ ଶକ୍ତି ଦ୍ରବ୍ୟ ବିପଣନ ଓ ବିକ୍ରିବଟା ପ୍ରକ୍ରିୟାକୁ ଆନୁଷ୍ଠାନିକ କରିବା ଲକ୍ଷ୍ୟ ନେଇ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି ।

ଉକ୍ତ ରାଜିନାମା ଅନୁଯାୟୀ ମିଲ୍କ ମନ୍ତ୍ର ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଅର୍ଡର ସଂଗ୍ରହ କରି ନିଜ ଗୋଦାମରେ ଷ୍ଟକ୍ କରିବେ । ଉପଭୋକ୍ତାମାନେ 'ଡେଲି ମ୍ୟୁ'ରେ ସେମାନଙ୍କର ଚାହିଦା ମୁତାବକ ଅର୍ଡର କରିପାରିବେ ଏବଂ ମିଲ୍କ ମନ୍ତ୍ର ଦ୍ୱାରା ଉପଭୋକ୍ତାଙ୍କ ହାତପାଆନ୍ତାରେ ମାଣ୍ଡିଆଜାତ ଦ୍ରବ୍ୟ ପହଞ୍ଚାଇ ଦିଆଯିବ । ସମ୍ପ୍ରତି ଏହି ସେବା ଭୁବନେଶ୍ୱର ଏବଂ ରାଉରକେଲା ସହରାଞ୍ଚଳରେ ଉପଲବ୍ଧ ହେବ । ପରୀକ୍ଷାମୂଳକ ଭାବରେ ଇତିମଧ୍ୟରେ ୬୦ ହଜାରରୁ ଅଧିକ ଟଙ୍କାର ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ବିକ୍ରି କରାଯାଇଛି । ଉପଭୋକ୍ତାମାନଙ୍କ ମଧ୍ୟରେ ମାଣ୍ଡିଆ ପାଇଁ ଅଧିକ ଚାହିଦା ରହିଛି ଏବଂ ମିଲେଟ୍ ଶକ୍ତି ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ପ୍ରଶଂସା କରାଯାଉଛି । ମାଣ୍ଡିଆଜାତ ଦ୍ରବ୍ୟର ବିପଣନ ଓ ବିକ୍ରି ନିମନ୍ତେ ଏହି ଅଭିନବ ପଦ୍ଧତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବର୍ଦ୍ଧିତ ଆୟର ଉତ୍ସ ପ୍ରଦାନ କରିବ । ଏହା ମାଣ୍ଡିଆଭିତ୍ତିକ ଉଦ୍ୟୋଗଗୁଡ଼ିକୁ ଦୀର୍ଘମିଆଦୀ ସୂତ୍ରରେ ଆର୍ଥିକ ଦୃଷ୍ଟିରୁ ପୋଷଣୀୟ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କାର୍ଯ୍ୟକ୍ରମ ଅବସରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଚୌଧରୀ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରି ଏହି ଉଦ୍ୟମକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ । ବିକ୍ରିବଟାର ପ୍ରାରମ୍ଭିକ ପ୍ରତିକ୍ରିୟା ଅନୁସାରେ ଏହି ବ୍ୟବସ୍ଥାରେ ଅଧିକରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଅଧିକ ମାଣ୍ଡିଆଜାତ ଖାଦ୍ୟ ପଦାର୍ଥ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ କରାଯାଇ ପାରିବ ବୋଲି ଶ୍ରୀ ଚୌଧାରୀ ଆଶା ପ୍ରକାଶ କରିଛନ୍ତି ।

## ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ନୂତନ ୱେବସାଇଟ୍ ଏବଂ ରେକର୍ଡ ରୁମ୍ ଶୁଭାରମ୍ଭ

**ଭୁବନେଶ୍ୱର, ୧୬ ।୩ (ସମିସ):** ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ନୂତନ ୱେବସାଇଟ୍ ଏବଂ କ୍ୟାମ୍ପସ୍ ପରିସରରେ ଏକ ରେକର୍ଡ ରୁମ୍ ଶୁଭାରମ୍ଭ ହୋଇଛି । ଏହି ଉଦ୍‌ଘାଟନୀ ସମାରୋହରେ ଓଟିଡିସି ଅଧ୍ୟକ୍ଷ ଡଃ ଲେନିନ୍ ମହାନ୍ତି, ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ୍ ମ୍ୟାନେଜର ଡଃ ଲାଲାଟେନ୍ଦୁ ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ନୂତନ ଭାବେ ଉନ୍ମୋଚିତ ହୋଇଥିବା ୱେବସାଇଟ୍ otdc.odisha.gov.inରେ ବିଭିନ୍ନ ଉପାଦେୟ ତଥ୍ୟ ସହ ଓଡ଼ିଶାର ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ । ଏହି ୱେବସାଇଟ୍ ଉପଭୋକ୍ତା-ଅନୁକୂଳ ଇଣ୍ଟରଫେସ୍ ସହିତ ପର୍ଯ୍ୟଟକମାନଙ୍କ ପାଇଁ ଏକ ଡିଜିଟାଲ୍ ଗେଟ୍‌ୱେ ଭାବେ କାର୍ଯ୍ୟ କରିବ ଏବଂ ପର୍ଯ୍ୟଟକମାନଙ୍କୁ ରାଜ୍ୟର ଆକର୍ଷଣୀୟ ଭ୍ରମଣସ୍ଥଳୀ, ରହଣି ଏବଂ ଭ୍ରମଣ ସେବା ସମ୍ପର୍କରେ ତଥ୍ୟ ଉପଲବ୍ଧ କରାଇବ । ଏହି ଅବସରରେ ଓଟିଡିସି ଅଧ୍ୟକ୍ଷ ଡ. ମହାନ୍ତି ନୂତନ ୱେବସାଇଟର ବିକାଶ ତଥା ରେକର୍ଡ ରୁମ୍ ପ୍ରତିଷ୍ଠା ପାଇଁ ସହଯୋଗ କରିଥିବା ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ । ଦେଶବିଦେଶର ପର୍ଯ୍ୟଟକମାନଙ୍କ ନିକଟରେ ଓଡ଼ିଶାର ସାଂସ୍କୃତିକ ବିବିଧତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନୂତନ ୱେବସାଇଟ୍ ଏବଂ ରେକର୍ଡ ରୁମ୍‌ର ଉଦଘାଟନ ଦ୍ୱାରା ଓଟିଡିସି ଓଡ଼ିଶାରେ ପର୍ଯ୍ୟଟନକୁ ଲୋକପ୍ରିୟ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ।

# ନବନୀତ ସେହଗଲ ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଉତ୍ତରପ୍ରଦେଶ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ନବନୀତ ସେହଗଲ 'ପ୍ରସାର ଭାରତୀ'ର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଶନିବାର ଜାରି ନିର୍ଦ୍ଦେଶରେ ଏହି ସୂଚନା ଦିଆଯାଇଛି। ତତ୍କାଳ ପ୍ରଭାବରେ ତାଙ୍କୁ ତିନି ବର୍ଷ ପାଇଁ ତାଙ୍କୁ ନିଯୁକ୍ତ କରାଯାଇଛି। ତୁରନ୍ତ ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି। ନବନୀତ ସେହଗଲ ଉତ୍ତରପ୍ରଦେଶର ବିଏସ୍‌ପି, ଏସ୍‌ପି ଏବଂ ବିଜେପି ସରକାରରେ ପ୍ରମୁଖ ପଦପଦବୀରେ ରହିଥିଲେ। ସରକାର ଯାହାର ଥିଲେ ବି ସେ ସମସ୍ତଙ୍କ ସମୟରେ ପ୍ରଭାବୀ ଅଧିକାରୀ ଥିଲେ। ପୂର୍ବରୁ ସେ ଲୋକସଭା ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ନୂଆ ଦାୟିତ୍ୱ ସହିତ ଏହି ଚର୍ଚ୍ଚାର ଅବସାନ ଘଟିଛି। ୩୫ ବର୍ଷର ସେବା ପରେ ଗତ ବର୍ଷ ଜୁଲାଇ ୩୧ରେ ସେହଗଲ ଅବସରଗ୍ରହଣ କରିଥିଲେ।

# ବିଜେପିରେ ଅନୁରାଧା ପୋଡୁୱାଲ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ଗାୟିକା ଅନୁରାଧା ପୌଡୁୱାଲ ରାଜନୀତିରେ ପ୍ରବେଶ କରିଛନ୍ତି। ସେ ଶନିବାର ଦ୍ୱିପହରେ ବିଜେପିରେ ସାମିଲ ହୋଇଛନ୍ତି। ସେ ଦିଲ୍ଲୀ ସ୍ଥିତ ଦଳୀୟ ମୁଖ୍ୟାଳୟରେ ପଦ୍ମ ଧରିଛନ୍ତି। ବିଜେପିରେ ସାମିଲ ହୋଇ ସେ ଖୁସି ପ୍ରକଟ କରିଛନ୍ତି। ଅନୁରାଧା କହିଛନ୍ତି ଯେ ସନାତନ ଧର୍ମ ସହ ଏହି ଦଳର ଗଭୀର ସମ୍ପର୍କ ରହିଛି। ବିଜେପିରେ ସାମିଲ ହେବା ତାଙ୍କ ପାଇଁ ସୌଭାଗ୍ୟରେ ବିଷୟ। ଲୋକସଭା ନିର୍ବାଚନରେ ଲଢ଼ିବେ କି ନାହିଁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି। ଦଳ ଯାହା ଦାୟିତ୍ୱ ଦେବ ତାହା ପାଳନ କରିବେ ବୋଲି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଅନୁରାଧା ଏ ପର୍ଯ୍ୟନ୍ତ ୧୫୦୦ରୁ ଅଧିକ ଆଧ୍ୟାତ୍ମିକ ଭଜନ ଗାଇଛନ୍ତି।

# ସିଏଏ ବିରୋଧରେ ସୁପ୍ରିମକୋର୍ଟ ଗଲେ ଓୱେସି

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ନାଗରିକତା ସଂଶୋଧନ ଆଇନ (ସିଏଏ) ବିରୋଧରେ ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ



ଓୱେସି ଶନିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟରେ ସିଏଏ ବିରୋଧରେ ୨୩୭ଟି ଆବେଦନ ଦାଏର ହୋଇଥିଲା। ଏହା ଉପରେ ୧୯ ତାରିଖରେ ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ୧୧ ତାରିଖରୁ ସାରା ଦେଶରେ ସିଏଏ କାର୍ଯ୍ୟକାରୀ ହୋଇଛି। ଏହା ଅଧିନରେ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଆସିଥିବା ଶରଣାର୍ଥୀ (ମୁସଲମାନଙ୍କୁ ଛାଡ଼ି) ଙ୍କୁ ନାଗରିକତା ମିଳିବାର ମାର୍ଗ ପ୍ରଶସ୍ତ ହୋଇଯାଇଛି।

## ରାଜନୈତିକ ଦଳଙ୍କୁ ଇସିଆଇଙ୍କ ଚେତାବନୀ

# ସୀମା ଉଲ୍ଲଙ୍ଘନ କରନାହିଁ

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି)

ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଶନିବାର ନିର୍ବାଚନ କମିଶନ (ଇସିଆଇ) ରଣ ଦୁନ୍ଦୁଭି ବଜାଇଛନ୍ତି। ଏହା ସହିତ ଦେଶରେ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି। ଏହାକୁ

- ସାମାଜିକ ଗଣମାଧ୍ୟମ ଏକ ମିଥ୍ୟାର ବଜାର
- ସବୁ କିଛି ସେୟାର ନ କରିବା ପାଇଁ ପରାମର୍ଶ
- ଦାଗୀ ପ୍ରାର୍ଥୀଙ୍କୁ ତିନିଥର ବିଜ୍ଞାପନ ଦେବାକୁ ନିର୍ଦ୍ଦେଶ

କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜନୈତିକ ଦଳଙ୍କୁ ପରାମର୍ଶ ଦେଇଛନ୍ତି। ସେ ବସିର ବଦ୍ରଙ୍କ କବିତା 'ଦୁସମନି ଜମକର କରୋ, ଲେକିନ ଗୁଞ୍ଜାଇଶ ରହେ...' ପଢ଼ି ଦଳଗୁଡ଼ିକୁ ଚେତାବନୀ ଦେଇଛନ୍ତି। ସୀମା ଉଲ୍ଲଙ୍ଘନ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମକୁ ନେଇ ଉଠା ଯାଇଥିବା ପ୍ରଶ୍ନର ଉତ୍ତମ ମଧ୍ୟ କବିତା ମାଧ୍ୟମରେ ଦେଇଛନ୍ତି। 'ୱଫା ଖୁଦ ସେ ନେହିଁ ହୋତା, ଖତା



ଇଭିଏମ କି କହତେ ହୋ' ଅର୍ଥାତ୍ ନିଜ ଉପରେ ବିଶ୍ୱାସ ନାହିଁ, କିନ୍ତୁ ପ୍ରଶ୍ନ ଇଭିଏମ ଉପରେ ଉଠାଯାଉଛି। ସିଇସି କହିଛନ୍ତି ଯେ ରାଜନୈତିକ ଦଳଗୁଡ଼ିକୁ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରତ୍ୟେକ ଉଲ୍ଲଙ୍ଘନର ତଥ୍ୟ ସଂଗ୍ରହ କରାଯାଉଛି। ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଷ୍ଟାର କ୍ୟାମ୍ପେନରଙ୍କୁ ମାର୍ଗଦର୍ଶିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଇସି ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଯିଏ ପାଖକୁ ଆସୁଛି ତାହାକୁ ଆଗକୁ ନ ବଢ଼ାଇବା ଉଚିତ ବୋଲି କହିଛନ୍ତି। ଏହା ଏକ ମିଥ୍ୟାର ବଜାର। ଯାହା ସବୁ ମେସେଜ, ଭିଡିଓ ଆସୁଛି ତାହାକୁ ସେୟାର କରିବା ଉଚିତ କି ଅନୁଚିତ ଭାବି ନିଷ୍ପତ୍ତି ନେବାକୁ କହିଛନ୍ତି।

ଚଳିତ ଥର ଇସି ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ପ୍ରାର୍ଥୀଙ୍କ ବିରୋଧରେ ଅପରାଧିକ ରେକର୍ଡ ରହିଛି ସେମାନଙ୍କୁ ତିନିଥର ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିବାକୁ ପଡିବ ବୋଲି କହିଛନ୍ତି। ଏହା ବ୍ୟତୀତ ଦାଗୀ ନେତାଙ୍କ ବିରୋଧରେ ବିଜ୍ଞାପନ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଜେକେଏଲଏଫ୍-ୱାଇ ଆଉ ୫ବର୍ଷ ନିଷିଦ୍ଧ

ନୂଆଦିଲ୍ଲୀ, ୧୬।୫(ଏଜେନ୍ସି)

ଜମ୍ମୁ-କଶ୍ମୀର ଲିବେରେସନ୍ ଫ୍ରଣ୍ଟ(ୟାସିନ ମଲ୍ଲିକ) ବା ଜେକେଏଲଏଫ(ୱାଇ)କୁ ୨୦୧୯ ମାର୍ଚ୍ଚ ୨୨ ତାରିଖରେ କେନ୍ଦ୍ର ସରକାର ବେଆଇନ ବା ନିଷିଦ୍ଧ ସଂଗଠନ ଭାବେ ଘୋଷଣା କରି ୫ବର୍ଷ ପାଇଁ ଯେଉଁ ବ୍ୟାନ୍ ଲଗାଇଥିଲେ ଆଜି ତାହାକୁ ଆଉ ୫ବର୍ଷ ପାଇଁ ବଢ଼ାଇଛନ୍ତି। ଜମ୍ମୁ-କଶ୍ମୀରରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ, ଭାରତ ବିରୋଧୀ ପ୍ରଚାର ଓ ଆତଙ୍କବାଦୀ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିବାରୁ ଜେକେଏଲଏଫ(ୱାଇ)କୁ ସରକାର ବେଆଇନ କାର୍ଯ୍ୟକଳାପ(ନିରୋଧ) ଆଇନ ବା ୟୁଏପିଏ ବଳରେ ବ୍ୟାନ୍ କରିଥିଲେ। ଏହି ସଂଗଠନର ମୁଖ୍ୟ ୟାସିନ୍ ମଲିକ ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ କାର୍ଯ୍ୟକଳାପ ଚାଲୁରଖିବାକୁ ବିଦେଶରୁ ହାୱାଲା ଜରିଆରେ ଓ ଦେଶ ଭିତରୁ ବିଭିନ୍ନ ବେଆଇନ ମାର୍ଗରେ ପାଣ୍ଠି ସଂଗ୍ରହ କରିଥିବା ଅଭିଯୋଗରେ ୨୦୨୨ ମେ' ମାସରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡାଦେଶ ପାଇଛି ଓ ବର୍ତ୍ତମାନ ତିହାର ଜେଲରେ ଅଛି। ତା'ସତ୍ତ୍ୱେ ଜେକେଏଲଏଫ(ୱାଇ) ଏବେ ବି କଶ୍ମୀର ଉପତ୍ୟକାରେ ଭାରତ ବିରୋଧୀ ପ୍ରଚାରରେ ଲିପ୍ତ ରହୁଛି। ତେଣୁ ବ୍ୟାନ୍ ଅବଧି ଆଉ ୫ବର୍ଷ ପାଇଁ ବଢ଼ାଯାଇଛି। ଏତଦବ୍ୟତୀତ କେନ୍ଦ୍ର ସରକାର ନୂଆ କରି ଜମ୍ମୁ-କାଶ୍ମୀର ପିପୁଲ୍ସ ଫ୍ରିଡମ୍ ଲିଗ(ଜେକେପିଏଫଏଲ) ଓ ଜମ୍ମୁ-କଶ୍ମୀର ପିପୁଲ୍ସ ଲିଗ (ଜେକେପିଏଲ)ର ୪ଟି ଗୋଷ୍ଠୀ ଉପରେ ମଧ୍ୟ ୫ବର୍ଷ ପାଇଁ ବ୍ୟାନ୍ ଲଗାଇଛନ୍ତି। ଏହି ସଂଗଠନଗୁଡ଼ିକ ଜମ୍ମୁ-କଶ୍ମୀରରେ ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲୁରଖିଛନ୍ତି, ସ୍କୁଲ ଜଳାଇ ଦେଉଛନ୍ତି, ସରକାରୀ ସମ୍ପତ୍ତି ନଷ୍ଟ କରୁଛନ୍ତି ।ପୁଣି ଏମାନେ ଭାରତ ବିରୋଧରେ ଯୁଦ୍ଧ କରୁଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି।

# ଇସିଙ୍କୁ ନିର୍ବାଚନୀ ବଣ୍ଡ ତଥ୍ୟ ଦେଲେ ସୁପ୍ରିମକୋର୍ଟ ରେଜିଷ୍ଟ୍ରାର

ନୂଆଦିଲ୍ଲୀ, ୧୬ ।୩(ଏଜେନ୍ସି)



ଭାରତର ନିର୍ବାଚନ କମିଶନ (ଇସିଆଇ) ସୁପ୍ରିମକୋର୍ଟଙ୍କୁ ୨୦୧୯ ଓ ୨୦୨୩ରେ ସିଲ କଭରରେ ଯେଉଁ ନିର୍ବାଚନୀ ବଣ୍ଡ ଡାଟା ଦେଇଥିଲେ ତାହାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ଡିଜିଟାଇଜ କରି ଇସିଆଇ ଦପ୍ତରକୁ ଫେରାଇ ଦେଇଛନ୍ତି। ସୁପ୍ରିମକୋର୍ଟ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆସନ୍ତା କାଲି(୧୭ତାରିଖ) ଅପରାହ୍ନ ୫ଟା ସୁଦ୍ଧା ଏହି ଡାଟା ଇସିଆଇ ୱେବସାଇଟରେ ଅପଲୋଡ୍ ହେବା ଦରକାର। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୯ ଓ ୨୦୨୩ରେ ସୁପ୍ରିମକୋର୍ଟ ଇସିଆଇଙ୍କୁ ନିର୍ବାଚନୀ ବଣ୍ଡ ସମ୍ପର୍କିତ ଡାଟା ମାଗିଥିଲେ। ସେତେବେଳେ ଇସିଆଇ ସେସବୁ ଡାଟା ସିଲ କଭରରେ ସୁପ୍ରିମକୋର୍ଟରେ ଜମା ଦେଇଥିଲେ। ଏବେ ଇସିଆଇ ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରି ସେହି ଡାଟା ଯେପରି ଫେରିପାଇବେ ତାହାର ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। ଇସିଆଇ ଜଣାଇଥିଲେ ଯେ ୨୦୧୯ ଓ ୨୦୨୩ରେ ସିଲ କଭରରେ ସୁପ୍ରିମକୋର୍ଟଙ୍କୁ ଯେଉଁ ନିର୍ବାଚନୀ ବଣ୍ଡ ଡାଟା ଦିଆଯାଇଥିଲା ତାହାର ନକଲ ଇସିଆଇଙ୍କ ଦପ୍ତରରେ ନାହିଁ। ତେଣୁ ସୁପ୍ରିମକୋର୍ଟରୁ ସେହି ଡାଟା ମିଳିଲେ ତାହା ଇସିଆଇ ୱେବସାଇଟରେ ଅପଲୋଡ କରାଯିବ। ଏହି ଯାଚିକାର ବିଚାର କରି ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ବଣ୍ଡ ଡାଟା ଡିଜିଟାଇଜ୍ କରି ଇସିଆଇଙ୍କୁ ୧୬ତାରିଖ ଅପରାହ୍ନ ୫ଟା ସୁଦ୍ଧା ଦିଆଯାଉ ଯେପରିକି ତାହା ଇସିଆଇ ୱେବସାଇଟରେ ୧୭ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଅପଲୋଡ୍ କରାଯାଇପାରିବ।

# ୩୧ ପ୍ରିଡେଟର ଡ୍ରୋନ୍ କିଣିବ ଭାରତ

ନୂଆଦିଲ୍ଲୀ, ୧୬ ।୩(ଏଜେନ୍ସି): ଆମେରିକାର ଡ୍ରୋନ୍ ନିର୍ମାତା କମ୍ପାନୀ ଜେନେରାଲ ଆଟମିକ୍ସରୁ ଭାରତ ସରକାର ସେନାର ୩ବାହିନୀ ପାଇଁ ୩୧ଟି ପ୍ରିଡାଟର ଡ୍ରୋନ କିଣିବେ। ଗଭର୍ଣ୍ଣମେଣ୍ଟ ଟୁ ଗଭର୍ଣ୍ଣମେଣ୍ଟ(ଜି ଟୁ ଜି) ରୁଟରେ ୩୧ଟି ଏମକ୍ୟୁ ୯-ବି ପ୍ରିଡାଟର ଡ୍ରୋନ କିଣିବା ପାଇଁ ଭାରତ ସରକାର ଆମେରିକା ସରକାରଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ(ଏଲଓଆଇ) ପଠାଇଥିଲେ। ଏହି ଡ୍ରୋନ ଡିଲରେ ୧୭୧ ହେଲ-ଫାୟାର ଏଜିଏମ ୧୧୪ କ୍ଷେପଣାସ୍ତ୍ର, ଲେଜର୍ ଗାଇଡେଡ୍ ବୋମା, କ୍ଷେପଣାସ୍ତ୍ର ଲଞ୍ଚର, ଗ୍ରାଉଣ୍ଡ ଷ୍ଟେସନ, ଆଣ୍ଟି-ସବମେରିନ୍ ସୋନୋବୁଓ ଓ ସର୍ଭେଲାନ୍ସ କମ୍ପ୍ଲିମେଣ୍ଟ ପ୍ୟାକେଜ୍ ସାମିଲ ଅଛି। ଆମେରିକା ସରକାରଙ୍କ ପରରାଷ୍ଟ୍ର ବିଭାଗ ଫେବୃଆରୀ ପହିଲାରେ ଡ୍ରୋନ୍ ଡିଲ୍ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ ଓ ଆମେରିକାର ଆଇନପ୍ରଣେତାମାନେ କାଳେ ଏଥିରେ ଆପତ୍ତି ଉଠାଇବେ ସେଥିପାଇଁ ୩୦ ଦିନ ସମୟ ରଖିଥିଲେ। କୌଣସି ଆପତ୍ତି ନମିଳିବାରୁ ଆମେରିକା ସରକାର ମାର୍ଚ୍ଚ ୧୧ରେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗକୁ ଏଲଓଏ ପଠାଇଛନ୍ତି। ପ୍ରାୟ ୪୦୦ କୋଟି ଡଲାର ବିନିମୟରେ ପ୍ରସ୍ତାବିତ ଏହି ୩୧ଟି ଏମକ୍ୟୁ ୯-ବି ପ୍ରିଡେଟର ଡ୍ରୋନ କିଣାଯିବ। ଭାରତୀୟ ନୌସେନା ବର୍ତ୍ତମାନ ଏହି ଡିଲ ସମ୍ପର୍କରେ ଅନୁଧ୍ୟାନ କରୁଛି। ନୌସେନାର ରିପୋର୍ଟ ପ୍ରତିରକ୍ଷା ବିଭାଗ ପାଇଲେ ତାହା ସିସିଏସ୍‌କୁ ମଞ୍ଜୁରୀ ପାଇଁ ଯିବ। ସିସିଏସ୍ ମଞ୍ଜୁରୀ ମିଳିଲେ ନେଭେସେନା ୧୬ଟି, ବାୟୁସେନା ୮ଟି ଓ ସ୍ଥଳସେନା ୮ଟି ଏମକ୍ୟୁ ୯-ବି ଡ୍ରୋନ ପାଇବ।

# କାନାଡ଼ାରେ ଭାରତୀୟ ପରିବାରକୁ ହତ୍ୟା



ଓଟାୱା, ୧୬।୩ (ଏଜେନ୍ସି)

କାନାଡ଼ା ଓଣ୍ଟାରିଓ ପ୍ରଦେଶର ବ୍ରେମ୍ପଟନ ସହର ସ୍ଥିତ ଘରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ପରିବାରର ନିଆଁ ଲାଗି ୩ ଜଣଙ୍କ ମୃତ୍ୟୁ ହୋଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ପୁଲିସ ସୂଚନା ଅନୁଯାୟୀ ୭ ତାରିଖରେ ଘରେ ନିଆଁ ଲାଗି ଯାଇଥିଲା। ନିଆଁ ଲିଭାଇବା ପରେ ଘରୁ ୩ଟି କଙ୍କାଳ ମିଳିଥିଲା। ପରୀକ୍ଷା ପରେ ଶୁକ୍ରବାର ଅବଶେଷ ଚିହ୍ନଟ କରାଯାଇଥିଲା। ଏଥିରେ ରାଜୀବ ବାରିକୁ ୱାରିକୋ, ତାଙ୍କ ପତ୍ନୀ ଶିଳ୍ପା କୋଠା ଏବଂ ୧୬ ବର୍ଷୀୟ ଝିଅ ମହେକ ୱାରିକଙ୍କ ମୃତ୍ୟୁ ହୋଇଥିଲା। ସମସ୍ତଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ଦୁର୍ଘଟଣା ଯୋଗୁଁ ନିଆଁ ଲାଗିବା ସମ୍ଭବ ନୁହେଁ। ନିଆଁ ଲାଗିବା ପୂର୍ବରୁ ୩ ଜଣ ଯାକ ଘରେ ଥିଲେ ବୋଲି ପୁଲିସ ଅଧିକାରୀ ଟେରିନ ୟଙ୍ଗ କହିଛନ୍ତି।

## ୟୁଏନ୍‌ରେ ଇସଲାମଫୋବିୟା ବିରୋଧରେ ଭୋଟ

# ହିନ୍ଦୁ-ଶିଖ୍‌ଙ୍କ ସହ ମଧ୍ୟ ହେଉଛି ଭେଦଭାବ:ଭାରତ

ନ୍ୟୁୟର୍କ, ୧୬।୩ (ଏଜେନ୍ସି)

ମିଳିତ ଜାତିସଂଘ ସାଧାରଣ ପରିଷଦରେ ଶନିବାର ଇସଲାମଫୋବିୟା (ଇସ୍‌ଲାମକୁ ଘୃଣା) ବିରୋଧରେ ପ୍ରସ୍ତାବ ପାସ୍ କରାଇବା ଉପରେ ମତଦାନ ହୋଇଛି। ଚୀନ୍‌ର ସହଯୋଗରେ ପାକିସ୍ତାନ ଆଣିଥିବା ଏହି ପ୍ରସ୍ତାବ ଉପରେ ମତଦାନରୁ ଭାରତ ବିରତ ରହିଛି। କୌଣସି ଗୋଟିଏ ଧର୍ମ ନୁହେଁ,ବରଂ ସବୁ ଧର୍ମ ବିରୋଧରେ ଘୃଣା ଏବଂ ଭେଦଭାବ ରୋକିବାରୁ ପ୍ରସ୍ତାବ ଅଣାଯାଉ ବୋଲି କୁହାଯାଇଛି। ପାକିସ୍ତାନ ଇସ୍‌ଲାମଫୋବିୟାରେ ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ରାମ ମନ୍ଦିର ବିଷୟରେ ଉଲ୍ଲେଖ କହିଥିଲା। ୟୁଏନରେ ଭାରତର ସ୍ଥାୟୀ ରାଷ୍ଟ୍ରଦୂତ ରୁଚିରା କମ୍ବୋଜ ଏହାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଭାରତ ପ୍ରସଙ୍ଗରେ ଏହି ପ୍ରତିନିଧିମଣ୍ଡଳୀର ଭୁଲ୍ ଧାରଣା ରହିଛି ବୋଲି କହିଥିଲେ। ପରିଷଦରେ ଏହି ବିଷୟରେ ଚର୍ଚ୍ଚା ଚାଲିଥିବାବେଳେ ଏଭଳି ଆଭିମୁଖ୍ୟ ପୋଷଣ କରିବା ଅନୁଚିତ। ଏହି ପ୍ରସଙ୍ଗରେ ଗଭୀର ଆଲୋଚନା, ଚିନ୍ତା ଏବଂ ଜ୍ଞାନର ଆବଶ୍ୟକତା ରହିଛି। କେବଳ ଗୋଟିଏ ଧର୍ମ ନୁହଁ, ବରଂ ସବୁ ଧର୍ମ ନାମରେ ହେଉଥିବା ପ୍ରତ୍ୟେକ ଭେଦଭାବକୁ

- ମତଦାନରୁ ବିରତ ରହିଲା ଭାରତ
- ଚୀନ୍-ପାକିସ୍ତାନର ଆଭିମୁଖ୍ୟକୁ ତୀବ୍ର ସମାଲୋଚନା
- ଉଲ୍ଲେଖ ରହିଥିଲା ସିଏଏ, ରାମ ମନ୍ଦିର ପ୍ରସଙ୍ଗ

ସମାଲୋଚନା କରାଯିବା ଉଚିତ। ଇହୁଦୀ ହେଉ କି ମୁସଲମାନ କିମ୍ବା ଖ୍ରୀଷ୍ଟିଆନ ସମସ୍ତଙ୍କୁ ସମାନ ଭାବେ ଦେଖାଯିବା ଉଚିତ। ଅନ୍ୟ ଧର୍ମ ଭେଦଭାବ ଏବଂ ଘୃଣାର ଶିକାର ହୋଇଥିବା ନେଇ ଅନେକ ପ୍ରମାଣ ରହିଛି। ହିନ୍ଦୁ, ବୌଦ୍ଧ ଏବଂ ଶିଖ୍‌ଙ୍କ ସହ ମଧ୍ୟ ଭେଦଭାବ ହେଉଛି। ଏହି ପ୍ରସ୍ତାବ ଦ୍ୱାରା ଆଗାମୀ ସମୟରେ ବିଭିନ୍ନ ଧର୍ମକୁ ନେଇ ଅଲଗା ଅଲଗା ପ୍ରସ୍ତାବ ପାରିତ ହୋଇପାରେ। ଫଳରେ ୟୁଏନ ଧର୍ମ ନାମରେ ଅଲଗା ଅଲଗା ଗୋଷ୍ଠୀରେ ଭାଗ ଭାଗ ହୋଇଯିବ। ଧର୍ମରୁ ଉର୍ଦ୍ଧ୍ୱକୁ ଉଠି ୟୁଏନ ଚିନ୍ତା କରିବା ଉଚିତ। ଏଭଳି ପ୍ରସ୍ତାବ ସମସ୍ତଙ୍କୁ ଯୋଡ଼ିବା ପରିବର୍ତ୍ତେ ଭାଙ୍ଗି ନ ଦେଉ।

ଏହି ପ୍ରସ୍ତାବକୁ ୧୧୫ ଦେଶ ସମର୍ଥନ କରିଥିଲେ। ତେବେ ଭାରତ, ବ୍ରାଜିଲ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ୟୁକ୍ରେନ ଏବଂ ବ୍ରିଟେନ ସମେତ ୪୪ ଦେଶ ମତଦାନରୁ ବିରତ ରହିଥିଲେ। ପ୍ରସ୍ତାବରେ ଇସଲାମଫୋବିୟାକୁ ବନ୍ଦ କରିବା ପାଇଁ ଏକ ସ୍ୱତନ୍ତ୍ର ଦୂତ ନିଯୁକ୍ତି କରିବାକୁ ଦାବି କରାଯାଇଥିଲା। ମାତ୍ର ଭାରତ ଏହାକୁ ବିରୋଧ କରିଥିଲା। ନିଯୁକ୍ତି ପୂର୍ବରୁ ୟୁଏନ ବଜେଟର ସଠିକ୍ ବ୍ୟବହାର ହେଉଛି କି ନାହିଁ ବିଚାର କରିବାକୁ କମ୍ବୋଜ କହିଥିଲେ। ଶରଣାର୍ଥୀଙ୍କୁ ଶରଣ ନେଇ କମ୍ବୋଜ ଭାରତର ଇତିହାସ ବିଷୟରେ ଉଲ୍ଲେଖ କରିଥିଲେ। ଧାର୍ମିକ ହିଂସା ଯୋଗୁଁ ପାର୍ସୀ, ବୌଦ୍ଧ ଏବଂ ଇହୁଦୀଙ୍କୁ ହତ୍ୟା କରାଯାଉଥିବାବେଳେ ଭାରତ ଏମାନଙ୍କୁ ଶରଣ ଦେଇଥିବା କହିଥିଲେ।

# ୨୫ ଲୋକସଭା ପାଇଁ ୱାଇଏସଆର୍‌ସିପିର ପ୍ରାର୍ଥୀ ଘୋଷଣା

ହାଇଦରାବାଦ, ୧୬।୩ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଦଳ ୱାଇଏସଆରସିପି ଲୋକସଭା ନିର୍ବାଚନ ପାଇଁ ରାଜ୍ୟର ସମସ୍ତ ୨୫ ଆସନ ନିମନ୍ତେ ଶନିବାର ପ୍ରାର୍ଥୀ ଘୋଷଣା କରିଛି। ଗତ ୨୦୧୯ ନିର୍ବାଚନରେ ଦଳ ୨୨ ଆସନ ଜିତିଥିଲା। ମାତ୍ର ୩ଟି ଆସନ ଟିଡିପି ହାତକୁ ଯାଇଥିଲା। ଚଳିତ ଥର ରାଜ୍ୟରେ ଟିଡିପି, ଜନସେନା ଏବଂ ବିଜେପି ମଧ୍ୟରେ ମେଣ୍ଟ ହୋଇଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି (ଏସ୍‌ପି) ଶନିବାର ଉତ୍ତରପ୍ରଦେଶର ଆଉ ୬ ଆସନ ପାଇଁ ପ୍ରାର୍ଥୀ ଦେଇଛି।

## ରୁଷରେ ରାଷ୍ଟ୍ରପତି ନିର୍ବାଚନ

# ବିଭିନ୍ନ ସ୍ଥାନରେ ହିଂସା; ବୁଥ୍‌ରେ ଭଙ୍ଗାରୁଜା

ମସ୍କୋ, ୧୬।୩ (ଏଜେନ୍ସି)

ରୁଷରେ ରାଷ୍ଟ୍ରପତି ନିର୍ବାଚନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ପର୍ଯ୍ୟନ୍ତ ଜାରି ରହିବ। ଆପରାଧିକ ମାମଲାରେ ଜେଲ୍‌ରେ ଦଣ୍ଡ କାଟୁଥିବା ଅପରାଧି ରବିବାର ସୁଦ୍ଧା ଭୋଟ ଦେଇପାରିବେ।





ଏହି ଦିନ ରାତି ସୁଦ୍ଧା ଫଳାଫଳ ଘୋଷଣା ହେବ। ପ୍ରଥମ ଥର ଅନଲାଇନରେ ମତଦାନ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଅନ୍‌ଲାଇନରେ ଭୋଟ ଦେଇଛନ୍ତି। ରୁଷ୍ କବ୍ଜାରେ ଥିବା ୟୁକ୍ରେନ କ୍ଷେତ୍ରରେ ମଧ୍ୟ ମତଦାନ ହେଉଛି। ନିର୍ବାଚନରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି କ୍ଷମତାକୁ ଫେରିବେ ବୋଲି କୁହାଯାଉଛି। ମତଦାନ ମଧ୍ୟରେ ବିଭିନ୍ନ ସହରରେ ହିଂସା ଏବଂ ଅଗ୍ନିକାଣ୍ଡର ଖବର ସାମ୍ନାକୁ ଆସିଛି। ୟୁକ୍ରେନ ସୀମାକୁ ଲାଗିଥିବା ବେଲଗୋରୋଡ ସହରରେ ରାଷ୍ଟ୍ରପତିଙ୍କ ବିରୋଧୀ ବିଭିନ୍ନ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ସେହିପରି ରାଜଧାନୀ ମସ୍କୋର ବିଭିନ୍ନ ମତଦାନ କେନ୍ଦ୍ରରେ ଭଙ୍ଗାରୁଜା ହୋଇଛି। ପୁଲିସ ହିଂସା ମାମଲାରେ ଏ ପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କଲାଣି। ରିପୋର୍ଟ ଅନୁଯାୟୀ ଜଣେ ଯୁବତୀ ପୁଟିନଙ୍କୁ ବିରୋଧ କରି ସେଣ୍ଟ ପିଟର୍ସବର୍ଗର ଏକ ସ୍କୁଲ୍‌ରେ ହୋଇଥିବା ମତଦାନ କେନ୍ଦ୍ରରେ ନିଆଁ ଲଗାଇ ଦେଇଛନ୍ତି। ତାଙ୍କୁ ଗିରଫ କରାଯାଇଛି। ସେହିପରି ମସ୍କୋରେ ଜଣେ ମହିଳା ବାଲାଟ ବକ୍ସରେ କାଳି ପକାଇ ଦେଇଛନ୍ତି। ଏହା ବ୍ୟତୀତତ ଓରିନିଶ, କରାଚେ-ଚର୍କେସିଆ ଏବଂ ରୋସ୍ତୋଭ ସହରରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଅନେକ ଲୋକଙ୍କୁ ଅଟକ ରଖାଯାଇଛି।

## ଇଡି ସମନ ମାମଲା

# କେଜ୍ରିୱାଲଙ୍କୁ ଆଗୁଆ ଜାମିନ

ନୂଆଦିଲ୍ଲୀ, ୧୬ ।୩(ଏଜେନ୍ସି)



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସମନ ଅବଜ୍ଞା ମାମଲାରେ ଆଜି ଏଠାକାର ରାଉଜ ଏଭେନ୍ୟୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପରେ ୧୫ହଜାର ଟଙ୍କାର ବେଲ ବଣ୍ଡ ଓ ୫୦ହଜାର ଟଙ୍କା ସ୍ୟୁରିଟି ଦେଇ ଜାମିନ ପାଇଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଅବକାରୀ ନୀତି ପ୍ରସ୍ତୁତି, ନୀତି ଚୂଡ଼ାନ୍ତ ହେବା ବୈଠକ ଓ ଲାଞ୍ଚ ଦିଆନିଆର ଅଭିଯୋଗ ସମ୍ପର୍କରେ ଇଡି ପଚରାଉଚରା କରିବାକୁ ଚାହୁଁଛି। କେଜ୍ରିୱାଲଙ୍କୁ ଇଡି ଦପ୍ତରରେ ହାଜର ହୋଇ ଜେରାର ସାମନା କରିବାକୁ ଇଡି କର୍ତ୍ତୃପକ୍ଷ ବାରମ୍ବାର ସମନ ପଠାଉଥିଲେ। କେଜ୍ରିୱାଲ କିନ୍ତୁ ପ୍ରତିଥର କୌଣସି ନା କୌଣସି ବାହାନା ଦେଖାଇ ଇଡି ଦପ୍ତରକୁ ଯାଉନଥିଲେ। ତେଣୁ ଇଡି ତାଙ୍କ ବିରୋଧରେ ରାଉଜ ଏଭେନ୍ୟୁ ପିଏମଏଲଏ(ମନିଲଣ୍ଡରିଂ) କୋର୍ଟରେ ଦୁଇଟି ମାମଲା ରୁଜୁ କରିଛି। କୋର୍ଟ ସେହି ମାମଲାର ବିଚାର କରି କେଜ୍ରିୱାଲଙ୍କୁ ମାର୍ଚ୍ଚ ୧୬ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି କେଜ୍ରିୱାଲ କୋର୍ଟରେ ହାଜର ହୁଅନ୍ତେ ତାଙ୍କୁ ବେଲ ବଣ୍ଡ ଓ ସ୍ୟୁରିଟି ଦାଖଲ କରି ଜାମିନରେ ଯିବାକୁ କୋର୍ଟ କହିଥିଲା। କେଜ୍ରିୱାଲ ତାହା କରିଛନ୍ତି ଓ ଜାମିନ ପାଇଛନ୍ତି। ଇଡି ସମନ ଉପରେ ରହିତାଦେଶ ପ୍ରାର୍ଥନା ସମ୍ବଳିତ କେଜ୍ରିୱାଲଙ୍କ ଆବେଦନକୁ କୋର୍ଟ ଖାରଜ କରି କହିଛନ୍ତି ଯେ ସମ୍ବିଧାନର ଶପଥ ନେଇଥିବା ତାଙ୍କ ଭଳି ଜଣେ ବ୍ୟକ୍ତି କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିର ସମନକୁ ଅବଜ୍ଞା କରିବା ଆଶାକରାଯାଉନାହିଁ। ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଓ ତାଙ୍କ ଦଳ ଆମ୍ ଆଦମୀ ପାର୍ଟିର ନେତାମାନେ ସର୍ବଦା କହୁଛନ୍ତି ଯେ ବେଆଇନ ଭାବେ ଅବକାରୀ ମାମଲାରେ କେଜ୍ରିୱାଲଙ୍କୁ ଟଣାଯାଉଛି। ରାଜନୈତିକ ଆକ୍ରୋଶ ରଖି ବିଜେପି ଚାହୁଁଛି, ଅବକାରୀ ମାମଲାରେ କେଜ୍ରିୱାଲଙ୍କୁ ଇଡି ଗିରଫ କରି ଜେଲରେ ଭର୍ତ୍ତି କରୁ ଯେପରିକି ସେ ଲୋକସଭା ନିର୍ବାଚନରେ ପ୍ରଚାର କରିପାରିବେ ନାହିଁ। ଦିଲ୍ଲୀ ଅବକାରୀ ମାମଲାରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ସିଂହ ଓ ଅନ୍ୟ କେତେଜଣ ଗିରଫ ହୋଇଛନ୍ତି। ସିସୋଦିଆ ଓ ସଞ୍ଜୟ ସିଂହ ବର୍ତ୍ତମାନ ତିହାର ଜେଲରେ ଅଛନ୍ତି।

# ଇଡି ହେପାଜତକୁ ଗଲେ କବିତା

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ବିଧାୟିକା କେ କବିତା (୪୬)ଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ୨୩ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେପାଜତକୁ ପଠାଇ ଦେଇଛନ୍ତି। ଏଜେନ୍ସି ମଦ ନୀତି ଦୁର୍ନୀତି ମାମଲାରେ ଶୁକ୍ରବାର ତାଙ୍କୁ ହାଇଦରାବାଦରୁ ଗିରଫ କରି ଦିଲ୍ଲୀ ନେଇଥିଲା। କୋର୍ଟରେ ଉପସ୍ଥିତ ହେବା ପୂର୍ବରୁ ନିଜ ମାମଲା ନିଜେ ଲଢ଼ିବେ ବୋଲି କବିତା କହିଥିଲେ। ସେ ଆମ ଆଦମୀ ପାର୍ଟି (ଆପ୍)ର ପ୍ରମୁଖ ନେତାଙ୍କ ସହ ମିଶି ବେପାରୀଙ୍କ ଲାଭ ପାଇଁ ନୀତି ବନାଇବା ନିମନ୍ତେ ଲାଞ୍ଚ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଗତ ବର୍ଷ ଏହି ମାମଲାରେ ଇଡି ତାଙ୍କୁ ଜେରା କରିଥିଲା। ଚଳିତ ବର୍ଷ ମଧ୍ୟ ୨ ଥର ସମନ ଜାରି କରିଥିଲା। ତେବେ କୌଣସି ଥର କବିତା ହାଜର ହୋଇ ନ ଥିଲେ।



# ‘୫-ଟି’ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଲେ ସାଧାରଣ ଜନତା ଓ ସଂଗଠନର କର୍ମକର୍ତ୍ତା





**ଭୁବନେଶ୍ୱର, ୧୬ ।୩ (ସମିସ):** ନବୀନ ନିବାସରେ ଶନିବାର ଶୁଭେଚ୍ଛୁଙ୍କ ବେଶ୍ ଭିଡ଼ ଲାଗି ରହିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ନିଷ୍ପତ୍ତି ନେଇ ଦୀର୍ଘଦିନର ଦାବି ପୂରଣ କରିଥିବାରୁ ଦୂରଦୂରାନ୍ତରୁ ଜନସାଧାରଣ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଆଜି ନବୀନ ନିବାସରେ ପହଞ୍ଚି ‘୫-ଟି’ ତଥା ‘ନବୀନ ଓଡ଼ିଶା’ର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରିଥିଲେ । ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ଭଞ୍ଜନଗର ମ୍ୟୁନିସିପାଲିଟିର ଜନସାଧାରଣ, ବିଧାୟକ ସୁଶାନ୍ତ ସିଂହଙ୍କ ନେତୃତ୍ୱରେ ସୋହେଲା ଏନ୍ଏସିର ଜନସାଧାରଣ, ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ବିଧାନସଭା କ୍ଷେତ୍ରର ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ନନ୍ଦକିଶୋର ସାମଲଙ୍କ ନେତୃତ୍ୱରେ ବିଞ୍ଝାରପୁର ଏନ୍ଏସିର ଜନତା ‘୫-ଟି’ ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଥିଲେ ଅପରପକ୍ଷେ ସାଧାରଣ ସମ୍ପାଦକ ଆଦିତ୍ୟ ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା ଜୁନିୟର୍ ଟିଚର୍ସ ଆସୋସିଏସନ୍‌ର କର୍ମକର୍ତ୍ତା ଏବଂ ସାଧାରଣ ସମ୍ପାଦକ ନରେଶ ମହାପାତ୍ରଙ୍କ ନେତୃତ୍ୱରେ ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାମାନେ ଶ୍ରୀ ପାଣ୍ଡିଆନଙ୍କୁ ସାକ୍ଷାତ କରି ଧନ୍ୟବାଦ ଅର୍ପଣ କରିଥିଲେ ।

**ଏସ୍‌ସିବି ଇତିହାସରେ ପ୍ରଥମ**

## ଫାଇଲେରିଆରୁ ମୁକ୍ତି ପାଇଲେ ରୀତାରାଣୀ

**କଟକ, ୧୬ ।୩ (ସମିସ):** ଏସ୍‌ସିବି ମେଡିକାଲରେ ପ୍ରଥମଥର ନିମନ୍ତେ ଭସ୍କୁଲାରାଇଜଡ ଲିମ୍ଫନୋଡ୍ ଟ୍ରାନ୍ସଫର୍ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ଜଣେ ମହିଳାଙ୍କୁ ସୁସ୍ଥ କରାଯାଇଛି । ଫାଇଲେରିଆ ରୋଗରେ ପୀଡ଼ିତ ହୋଇ ଦୀର୍ଘ ୧୬ବର୍ଷ ହେବ ଯନ୍ତ୍ରଣା ପାଉଥିବା ୩୩ ବର୍ଷୀୟ ରୀତାରାଣୀ ସ୍ୱାଇଁ ଆରୋଗ୍ୟ ଲାଭ କରିଛନ୍ତି । ପ୍ଲାଷ୍ଟିକ ସର୍ଜରୀ ବିଭାଗର ଡାକ୍ତରମାନଙ୍କ ଉଦ୍ୟମରେ ଗୋଦରା ଗୋଡ଼ରୁ ମୁକ୍ତ ହୋଇଛନ୍ତି ରୀତାରାଣୀ । ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ବିଭୂତି ଭୂଷଣ ନାୟକ କହିଛନ୍ତି ଯେ ରୀତାରାଣୀଙ୍କ ବାମଗୋଡ଼ ସମ୍ପୂର୍ଣ୍ଣ ଭାବେ ଫୁଲି ଯାଇଥିଲା । ତାଙ୍କର ଦୈନନ୍ଦିନ ଜୀବନ ବହୁମାତ୍ରାରେ ପ୍ରଭାବିତ ହେଉଥିଲା । ଉଭୟ ଶାରୀରିକ ଓ ମାନସିକ ଭାବେ ସେ ଅସୁସ୍ଥ ଅନୁଭବ କରୁଥିଲେ । ଏହି ରୋଗରୁ ସାରାଜୀବନ ମୁକ୍ତି ମିଳିବ ନାହିଁ ବୋଲି ଭାବୁଥିଲେ । ମାତ୍ର ଭସ୍କୁଲାରାଇଜଡ ଲିମ୍ଫନୋଡ୍ ଟ୍ରାନ୍ସଫର ଭଳି ବିରଳ ପଦ୍ଧତିରେ ପ୍ରଥମଥର ନିମନ୍ତେ ଅସ୍ତ୍ରୋପଚାର କରାଯାଇ ରୀତାରାଣୀଙ୍କୁ ସୁସ୍ଥ କରାଯାଇଛି । ୧୫ ଦିନ ପୂର୍ବରୁ ଅସ୍ତ୍ରୋପଚାର ହୋଇଥିଲା । ଏବେ ଗୋଡ଼ ଫୁଲିବା କମିଛି । ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ନାୟକ କହିଛନ୍ତି ।

ଘଟଣାରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ବରୁଆଁ ଥାନା ଅନ୍ତର୍ଗତ ମହମ୍ମଦଜାମାପୁର ଗ୍ରାମର ନରେନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ରୀତାରାଣୀ । ୧୬ ବର୍ଷ ତଳୁ ସେ ଫାଇଲେରିଆ ରୋଗରେ ଆକ୍ରାନ୍ତ ହୋଇଥିଲେ । ତାଙ୍କ ବାମଗୋଡ଼ ସମ୍ପୂର୍ଣ୍ଣ ଭାବେ ଫୁଲି ଯାଇଥିଲା । ଦେଢ଼ ଦଶନ୍ଧି ଧରି ସେ ଯନ୍ତ୍ରଣା ଭୋଗୁଥିଲେ । ଚିକିତ୍ସା ନିମନ୍ତେ କିଛି ଦିନ ପୂର୍ବେ ରୀତାରାଣୀ ଏସ୍‌ସିବି



ମେଡିକାଲ ଆସିଥିଲେ । ପରେ ତାଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା । ଭିନ୍ନ ଓ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର କରିବା ନିମନ୍ତେ ବିଭାଗୀୟ ଡାକ୍ତରମାନେ ନିଷ୍ପତ୍ତି ନେଇଥିଲେ । ଭସ୍କୁଲାରାଇଜଡ ଲିମ୍ଫନୋଡ୍ ଟ୍ରାନ୍ସଫର ପଦ୍ଧତିରେ ଅସ୍ତ୍ରୋପଚାର କରିବା ପାଇଁ ୫ଘଣ୍ଟା ସମୟ ଲାଗିଥିଲା । ବିଭାଗୀୟ ପ୍ରଫେସର୍ ଡାକ୍ତର ନାୟକଙ୍କ ସମେତ ଡାକ୍ତର ଆଶିଷ ପଟ୍ଟନାୟକ, ଡାକ୍ତର ବିଷ୍ଣୁପଦ ନାୟକ, ଡାକ୍ତର ଅସଫାକ ଅହମ୍ମଦ, ଡାକ୍ତର ଦୀପକ କୁମାର ସାହୁ, ଡାକ୍ତର ଜୀବିତୋଷ ବେହେରା, ଡାକ୍ତର ଅବିନାଶ ସାହୁ ଓ ପିଜି ଛାତ୍ର ଡାକ୍ତର ସୂର୍ଯ୍ୟ କୁମାର ମଲ୍ଲିକ, ଡାକ୍ତର ମୀନାକ୍ଷୀ, ଡାକ୍ତର ବିନୟ, ଡାକ୍ତର ଚନ୍ଦନ, ଡାକ୍ତର ଶ୍ରୀମନ୍ତ ଓ ନିସ୍ତେଜକ ବିଭାଗର ମୁଖ୍ୟ ଡାକ୍ତର ଦେବ ପ୍ରସାଦ ମହାନ୍ତି, ଡାକ୍ତର ଅଭିଜିତ ସ୍ୱାଇଁ, ଡାକ୍ତର ଶିବାନୀ ନନ୍ଦ ପ୍ରମୁଖ ଅସ୍ତ୍ରୋପଚାର କରିଥିଲେ ।

## ଦ୍ୱିତୀୟ ପର୍ଯ୍ୟାୟ ‘ସମ୍ପୂର୍ଣ୍ଣା’ ପାଇଁ ୭୫୧ କୋଟି

**ଭୁବନେଶ୍ୱର, ୧୬ ।୩ (ସମିସ):** ଶିଶୁ ଓ ମାତୃ ମୃତ୍ୟୁହାର ରୋକିବାରେ ଉଲ୍ଲେଖନୀୟ ସଫଳତା ପାଇଥିବା ‘ଶିଶୁ ଓ ମାତୃମୃତ୍ୟୁର ପୂର୍ଣ୍ଣ ନିରାକରଣ ଅଭିଯାନ (ସମ୍ପୂର୍ଣ୍ଣା) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୭୫୧କୋଟି ଟଙ୍କା ମଞ୍ଜୁର କରାଯାଇଛି । ୨୦୨୩-୨୪ରୁ ୨୦୨୭-୨୮ ଆର୍ଥିକ ବର୍ଷରେ ଏହି ଅର୍ଥ ବ୍ୟୟ କରାଯିବ । କାର୍ଯ୍ୟକ୍ରମକୁ ତିନିଟି ପର୍ଯ୍ୟାୟରେ ଭାଗ କରାଯାଇଛି । ଗର୍ଭବତୀ ମହିଳା, ପ୍ରସୂତି ତଥା ଶିଶୁଙ୍କ ଯତ୍ନ ସହ କୁ-ପୋଷଣ ଦୂର ପାଇଁ ଅମ୍ଲାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତୃତୀୟ ଭାଗରେ ଏହି କାର୍ଯ୍ୟକ୍ରମର ସୁପରିଚାଳନାରେ ନିୟୋଜିତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହେବ । ତେବେ ଏଥିରୁ ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ପାଇଁ ୫ବର୍ଷ ଅବଧି ନିମନ୍ତେ ଉଦ୍ଦିଷ୍ଟ ୭୫୧କୋଟିରୁ ପ୍ରଥମ ବର୍ଷରେ ୧୩୬ କୋଟି ଟଙ୍କା ବ୍ୟୟ କରାଯାଇଛି । ପରବର୍ତ୍ତୀ ଅବଧି ନିମନ୍ତେ ପ୍ରାୟ ୬୩୧ କୋଟି ଟଙ୍କା ଆବଶ୍ୟକ । ଉକ୍ତ କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୦୧୫.୬୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ରାଜ୍ୟ ବଜେଟ୍ ଏବଂ ଏନ୍ଏଚ୍ଏମ୍‌ରୁ ଅର୍ଥଭରଣା କରାଯିବ ।

■ ୯୦% ପାଣ୍ଠି ବିନିଯୋଗ ଉପରେ ଗୁରୁତ୍ୱ
■ ଖୁସି କାର୍ଯ୍ୟକ୍ରମରେ ୨ ବର୍ଷ ପାଇଁ ୨୬୦ କୋଟି

ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମରେ ଡାକ୍ତରଖାନାରେ ପ୍ରସବ ପାଇଁ ପ୍ରୋତ୍ସାହିତ କରାଯିବା ସହ ଗର୍ଭବତୀଙ୍କ ପରିବହନ, ରୋଗଗ୍ରସ୍ତ ଶିଶୁ ଓ ମା’ଙ୍କୁ ଡାକ୍ତରଖାନା ସ୍ଥାନାନ୍ତର, ସଂକ୍ରମଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣ ସୁରକ୍ଷା କବଚ କିଟ୍ ବଣ୍ଟନ ଆଦି ସୁନିଶ୍ଚିତ କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ହେଉଛି, ମିଳୁଥିବା ପାଣ୍ଠିର ୯୦% ଅର୍ଥ କାର୍ଯ୍ୟରେ ବିନିଯୋଗ କରିବା ଜରୁରୀ ବୋଲି କୁହାଯାଇଛି । ଅପରପକ୍ଷେ, ଷଷ୍ଠରୁ ଦ୍ୱାଦଶ ଛାତ୍ରୀମାନଙ୍କୁ ସାନିଟାରୀ ପ୍ୟାଡ୍ ଯୋଗାଣ ପାଇଁ ଉଦ୍ଦିଷ୍ଟ ଖୁସି କାର୍ଯ୍ୟକ୍ରମରେ ୨୦୨୪ରୁ ୨୦୨୬ ମଧ୍ୟରେ ୨୬୦ କୋଟି ଟଙ୍କା ବ୍ୟୟ କରାଯିବ । ଏଥିରେ ୧୭ ଲକ୍ଷ ୮୩ ହଜାର ୯୦୧ ବାଳିକା ଏବଂ ୯ ଲକ୍ଷ ୩୧ ହଜାର ୮୩୧ ଜଣ ପ୍ରସୂତି ଉପକୃତ ହେବେ । ୨୦୨୧-୨୨ରୁ ୨୦୨୫-୨୬ପାଇଁ ୫୧୧ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା ।

## ୪ପିଲାଙ୍କ ହାତ ଛାଡ଼ିଦେଲା ମା’



**ଦେବଗଡ଼, ୧୬ ।୩(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଖିଲେଇ ପଞ୍ଚାୟତ ତଲେଇସର ଗ୍ରାମର ସ୍ୱର୍ଗତ ଭୋଳେଶ୍ୱର ଶବରଙ୍କ ସ୍ତ୍ରୀ ସବିତା ନିଜ ଜନ୍ମକଲା ୪ ପିଲାଙ୍କ ହାତ ଛାଡ଼ି ଦେଇଛନ୍ତି । ପିଲାଙ୍କୁ ଛାଡ଼ି ୧୫ଦିନ ହେବ ସେ କୁଆଡ଼େ ଚାଲି ଯାଇଛନ୍ତି । ଏଣୁ ବାପଛେଉଣ୍ଡ ପିଲାମାନେ ବେସାହାରା ହୋଇପଡ଼ିଛନ୍ତି । ଘର ଛାଡ଼ି ଯିବା ସମୟରେ ସବିତା ନିଜର ସମସ୍ତ ଦରକାରୀ କାଗଜପତ୍ର ସାଥିରେ ନେଇ ଚାଲିଯାଇଛନ୍ତି । ଅଢ଼େଇ ବର୍ଷ ପୂର୍ବେ ରୋଗାଗ୍ରସ୍ତ ହୋଇ ଭୋଳେଶ୍ୱରଙ୍କ ମୃତ୍ୟୁ ଘଟିଛି । ପତ୍ନୀ ସବିତା ବଡ଼ ଝିଅ ପୂର୍ଣ୍ଣିମା, ପୁଅ ପରଦେଶୀ, ଝିଅ ପିଙ୍କି ଓ ୩ବର୍ଷର ସାନ ପୁଅ ପ୍ରଦୀପକୁ ନେଇ ରହୁଥିଲେ । କାମଦାମ କରି ଶିଶୁଙ୍କୁ ଲାଳନ ପାଳନ କରି ଆସୁଥିଲେ । ଏବେ ୪ ଛୋଟ ଶିଶୁ ମା’କୁ ଝୁରୁଛନ୍ତି ।

**ଆରପାରିରେ ବାପ**

## ପଞ୍ଚାୟତ ସମିତି ସଭ୍ୟ, ଉପାଧ୍ୟକ୍ଷ ପାଇବେ ୯,୫୦୦ ଟଙ୍କା

**ଭୁବନେଶ୍ୱର, ୧୬।୩ (ସମିସ):** ପୁଣି ଥର ପଞ୍ଚାୟତ ସମିତି ସଭ୍ୟ ଏବଂ ଉପାଧ୍ୟକ୍ଷଙ୍କ ପାରିତୋଷିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଏବଂ ସଭ୍ୟମାନେ ପୂର୍ବରୁ ପାରିତୋଷିକ ୨,୩୫୦ ଟଙ୍କା ପାଉଥିବାବେଳେ ଏହାକୁ ୭,୫୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ଗତ ୧୨ ତାରିଖରେ ସରକାର ଘୋଷଣା କରିଥିଲେ । ଶନିବାର ଏଥିରେ ପୁଣି ୨ ହଜାର ଟଙ୍କା ବୃଦ୍ଧି କରାଯାଇଛି । ପଞ୍ଚାୟତ ସମିତି ସଭ୍ୟ ଏବଂ ଉପାଧ୍ୟକ୍ଷ ଏଣିକି ପାରିତୋଷିକ ବାବଦକୁ ୯,୫୦୦ ଟଙ୍କା ପାଇବେ । ଏହି ବର୍ଦ୍ଧିତ ଦରମା ଆସନ୍ତା ଏପ୍ରିଲ ୧ରୁ ଲାଗୁ ହେବ । ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଧିବଦ୍ଧ ସଂକଳ୍ପପତ୍ର ପ୍ରକାଶ ପାଇଛି ।

ସୂଚନାଥାଉକି, ଗତ ୧୨ ତାରିଖରେ ରାଜ୍ୟ ସରକାର ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି କରିଥିଲେ । ଏହିକ୍ରମରେ ପଞ୍ଚାୟତ ସମିତି ସଭ୍ୟ ଏବଂ ଉପାଧ୍ୟକ୍ଷଙ୍କ ପାରିତୋଷିକ ୨,୩୫୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି ହୋଇଥିଲା । ମାତ୍ର ଏଥିରେ ପଞ୍ଚାୟତ ସମିତି ସଭ୍ୟ ଏବଂ ଉପାଧ୍ୟକ୍ଷମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ପରେ ଶନିବାର ରାଜ୍ୟ ସରକାର ସମିତି ସଭ୍ୟ ଏବଂ ଉପାଧ୍ୟକ୍ଷଙ୍କ ପାରିତୋଷିକ ଆହୁରି ୨ ହଜାର ବଢ଼ାଇ ୯,୫୦୦ ଟଙ୍କା କରି ଦେଇଛନ୍ତି ।

## କଲ୍‌ଭର୍ଟରେ ପିଟି ହୋଇ ୨ ସାଙ୍ଗ ମୃତ

**ନୂଆପଡ଼/କୋମନା, ୧୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ଲଖାନା ଥାନା ଲଟକନପଡ଼ା ବିଜୁ ଏକ୍ସପ୍ରେସ୍ ୱେରେ ଏକ ଦୁର୍ଘଟଣା ୨ ସାଙ୍ଗଙ୍କ ଜୀବନ ନେଇଛି । ମୃତକଦ୍ୱୟ ହେଲେ, ବୋଡେନ ଥାନା କୁସୁମଖୁଣ୍ଟା ଗ୍ରାମର ସତ୍ୟବନ୍ତ ମାଝୀ (୨୨) ଏବଂ ବୋଡେନ ସଦରର ଦୀପକ ପାଣ୍ଡେ (୨୩) । ନୂଆପଡ଼ାରୁ ଉଭୟ ବାଇକ୍‌ରେ ଘରକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଲଟକନପଡ଼ା ବିଜୁ ଏକ୍ସପ୍ରେସ୍ ରାସ୍ତାରେ ସେମାନଙ୍କ ବାଇକ୍ ଏକ କଲଭର୍ଟରେ ପିଟି ହୋଇଯାଇଥିଲା । ସ୍ଥାନୀୟ ଲୋକ ଓ ଲଖନା ପୁଲିସ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ହେଲେ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି ।

## କେନାଲ ତଳକୁ ଖସି ବାଇକ୍‌ଚାଳକ ମୃତ

**ନୂଆପଡ଼ା/ଖଡ଼ିଆଳ,୧୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ନରସିଂପୁର ଗ୍ରାମ ନିକଟ କେନାଲ ନିକଟରେ ଏକ ଦୁର୍ଘଟଣା ଘଟିଛି । ଏକ ବାଇକ୍ ଭାରସାମ୍ୟ ହରାଇ କେନାଲ ତଳକୁ ଖସି ପଡ଼ିବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ ଯୁବକଜଣଙ୍କ ନରସିଂପୁର ଗ୍ରାମର ଅନନ୍ତ ନାଏକ । ସେ ଜଣେ ଧାନ ବ୍ୟବସାୟୀ । ବାଇକ୍‌ରେ ୩ ବସ୍ତା ଧାନ ବୋଝେଇ କରି ସେ ତୁକଲା ମିଲ୍‌କୁ ବିକ୍ରି ପାଇଁ ଯାଉଥିବା ବେଳେ ଗ୍ରାମ ନିକଟ କେନାଲ ତଳକୁ ଖସି ପଡ଼ିଥିଲେ । ତାଙ୍କ ଉପରେ ବାଇକ୍ ଚାପି ହୋଇଯାଇଥିଲା ।

■ ଆଇନଜୀବୀଙ୍କଠାରୁ ୫ ଲକ୍ଷ ୨୦ ହଜାର ଲୁଟ୍ ଘଟଣା

## ୪ ମହିଳାଙ୍କ ସମେତ ୬ ଗିରଫ

**ବ୍ରହ୍ମପୁର, ୧୬ ।୩ (ସମିସ):** ଏକ ଲୁଟ୍ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସକୁ ବଡ଼ ସଫଳତା ମିଳିଛି । ସ୍ଥାନୀୟ ଗୋଦାବରୀଶ ନଗରରେ ରହୁଥିବା ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡାଙ୍କଠାରୁ ହୋଇଥିବା ଲୁଟ୍ ମାମଲାରେ ପୁଲିସ ୬ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ମହିଳା ଅଛନ୍ତି । ସେମାନେ ହେଲେ, ଭଞ୍ଜନଗର ଅଞ୍ଚଳର ଚଣ୍ଟି ଦାସ, ରାଜା ପ୍ରଧାନ ଓ ଚଣ୍ଟିର ସ୍ତ୍ରୀ, ଶାଶୁ ଓ ଦୁଇ ଭଉଣୀ । ସେମାନଙ୍କଠାରୁ ପୁଲିସ୍ ୧ଲକ୍ଷ ୨୪ହଜାର ଟଙ୍କା ଜବତ କରିଛି । ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ସ୍ଥାନୀୟ ଗିରିରୋଡ୍‌ସ୍ଥିତ ୟୁନିଅନ୍ ବ୍ୟାଙ୍କ ନିକଟରେ ଆଇନଜୀବୀ ଶ୍ରୀ ପଣ୍ଡା ଲୁଟ୍‌ର ଶିକାର ହୋଇଥିଲେ । ଚଣ୍ଟି ଓ ରାଜା ଏକ ବାଇକ୍‌ରେ ଆସି ଶ୍ରୀ ପଣ୍ଡାଙ୍କଠାରୁ ଟଙ୍କାଭର୍ତ୍ତି ବ୍ୟାଗ୍ ନେଇ ଫେରାର୍ ହୋଇଯାଇଥିଲେ । ଉକ୍ତ ବ୍ୟାଗ୍‌ରେ ୫ଲକ୍ଷ ୨୦ ହଜାର ଟଙ୍କା ଥିଲା । ଏ ସଂପର୍କରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ମାମଲାରେ ଏଏସ୍‌ଆଇ ବିଜୟ କୁମାର ସୁନାଶଗଡ଼ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ୬ ଜଣକୁ ଗିରଫ କରିଥିବା ଜଣାପଡ଼ିଛି ।

**୧ଲକ୍ଷ ୨୪ ହଜାର ଓ ମୋବାଇଲ ଜବତ**

## ମେଣ୍ଢାଶାଳ ପୁଲିସ ଆଉଟ୍‌ପୋଷ୍ଟ ହେବ ‘ଶିଳ୍ପାଞ୍ଚଳ ପୁଲିସ ଷ୍ଟେସନ’

■ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷାଞ୍ଚଳ ଲୋକଙ୍କ ସୁରକ୍ଷା ହେବ ସୁନିଶ୍ଚିତ
■ ୩୪ଟି ନୂଆ ପଦବୀରେ ନିୟୋଜିତ ହେବେ ୪୧ ଅଧିକାରୀ ଓ କର୍ମଚାରୀ

ଭୁବନେଶ୍ୱର, ୧୬ ।୩(ସମିସ): ମେଣ୍ଢାଶାଳ ପୁଲିସ ଆଉଟ୍‌ପୋଷ୍ଟକୁ ଉନ୍ନୀତ କରାଯାଇ ଏବେ ‘ଶିଳ୍ପାଞ୍ଚଳ ପୁଲିସ ଷ୍ଟେସନ’ କରାଯିବ ବୋଲି ନିଷ୍ପତ୍ତି ହୋଇଛି । କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହି ଶିଳ୍ପାଞ୍ଚଳ ପୁଲିସ ଷ୍ଟେସନରେ ୩୪ଟି ନୂଆ ପଦବୀ ନୂଆ ପଦବୀ ସୃଷ୍ଟି କରାଯାଇଛି । ଏଥିରେ ୪୧ଜଣ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ । ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ମଧ୍ୟରେ ମେଣ୍ଢାଶାଳ ଅଞ୍ଚଳ ଏକ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳ ଭାବେ ଗଢ଼ି ଉଠୁଛି । ଏହି ଅଞ୍ଚଳରେ ଆଇଆଇଆଇଟି, ନାଲ୍‌କୋ ଆର୍ ଆଣ୍ଡ ଡି ସେଣ୍ଟର୍, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଜିଆଇଇଟି ଭଳି ଅନେକ ଜାତୀୟସ୍ତରର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିଳ୍ପାଞ୍ଚଳ ରହିଛି । ଏଥିସହ ବଢ଼ୁଥିବା ଲୋକସଂଖ୍ୟା ଓ ଆବାସିକ କଲୋନୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଣ୍ଢାଶାଳରେ ଥିବା ପୁଲିସ ଆଉଟ୍‌ପୋଷ୍ଟକୁ ଏକ ଶିଳ୍ପାଞ୍ଚଳ ପୁଲିସ ଷ୍ଟେସନ ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନୂତନ ପୁଲିସ ଷ୍ଟେସନ୍‌ଟି ୧୫୦ ବର୍ଗକିଲୋମିଟର ପରିମିତ ଓ ଏକ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ୪ଟି ଗ୍ରାମ ପଞ୍ଚାୟତ ଏବଂ ବିଏମ୍‌ସି ଗୋଟିଏ ୱାର୍ଡକୁ ଆଂଶିକ ଭାବେ ନେଇ କାର୍ଯ୍ୟ କରିବ । ଏଥିପାଇଁ ୩୪ଟି ନୂଆ ପଦବୀ ସୃଷ୍ଟି କରାଯିବ । ପୂର୍ବରୁ ଏହି ଆଉଟ୍‌ପୋଷ୍ଟରେ ୫ଜଣ କର୍ମଚାରୀ ଅଛନ୍ତି । ଦୁଇଟି ପଦବୀ ଏସ୍‌ପି ପୁଲିସ ମୋଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ନିୟୋଜିତ କରାଯିବ । ପରେ ଏହି ଥାନାରେ ସମୁଦାୟ ୪୧ଜଣ ଅଧିକାରୀ ଓ କର୍ମଚାରୀ ରହିବେ । ଏହି ୩୪ଟି ନୂତନ ପଦବୀରେ ଗୋଟିଏ ଇନ୍ସପେକ୍ଟର୍, ୪ଟି ସବ୍‌ଇନ୍ସପେକ୍ଟର୍, ୬ଟି ଏଏସ୍‌ଆଇ, ୨ଟି ହାବିଲଦାର ଓ ୨୧ଟି କନେଷ୍ଟବଳ ରହିବେ । ପୂର୍ବରୁ ଥିବା ୫ଟି ପଦବୀରେ ଗୋଟିଏ ସବ୍‌ଇନ୍ସପେକ୍ଟର ଓ ୪ଟି କନେଷ୍ଟବଳ ରହିଥିଲେ ।

## ପ୍ରତିଷ୍ଠା ହେବ ୫୪ ଆରଟିଓ କ୍ୟାମ୍ପ୍ ଅଫିସ୍

**ଭୁବନେଶ୍ୱର, ୧୬ ।୩ (ସମିସ):** ରାଜ୍ୟରେ ଯାନବାହନ ବିକ୍ରି ସହିତ ତତ୍‌ସମ୍ପର୍କିତ ସେବାର ଆବଶ୍ୟକତା ଢେର୍ ବୃଦ୍ଧି ପାଇଛି । ଜନସାଧାରଣଙ୍କୁ ସମୟୋଚିତ ସେବା ଯୋଗାଇବା ମଧ୍ୟ ଏକାନ୍ତ ଜରୁରୀ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୫୪ଟି ଆରଟିଓ କ୍ୟାମ୍ପ୍ ଅଫିସ୍ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆରଟିଓ ଭଳି କ୍ୟାମ୍ପ୍ ଅଫିସ୍‌ରେ ପରିବହନ ସମ୍ପର୍କିତ ସେବା ଉପଲବ୍ଧ ହେବ । ଫଳରେ ଜିଲ୍ଲା ମୁଖ୍ୟାଳୟ କିମ୍ବା ଆରଟିଓ କାର୍ଯ୍ୟାଳୟଠାରୁ ଦୂରରେ ରହୁଥିବା ଲୋକେ ସମସ୍ୟା ଭୋଗିବେ ନାହିଁ । ସେମାନଙ୍କ ଘର ପାଖରେ ଖୋଲିବ ଆରଟିଓ କ୍ୟାମ୍ପ୍ ଅଫିସ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଅଧୀନରେ ସମୁଦାୟ ୫୪ଟି କ୍ୟାମ୍ପ୍ ଅଫିସ୍ ଖୋଲାଯିବ । ଆରଟିଓ କାର୍ଯ୍ୟାଳୟରେ ଗହଳି ଏବଂ ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କମିଶନର କ୍ୟାମ୍ପ୍ ଅଫିସ୍ ଖୋଲିବା ପାଇଁ ପରିବହନ ବିଭାଗକୁ ପ୍ରସ୍ତାବ ଦେଇଥିଲେ । ଗତବର୍ଷ ସେପ୍ଟେମ୍ବର ମାସରେ ଏହି ପ୍ରସ୍ତାବକୁ ସରକାରଙ୍କ ମଞ୍ଜୁରୀ ମିଳିଥିଲା ।

ହସ୍ତଗତ ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ଅସ୍କା ଓ ବ୍ରହ୍ମପୁର, କଳାହାଣ୍ଡିରେ ଧର୍ମଗଡ଼, ମୟୂରଭଞ୍ଜରେ କରଞ୍ଜିଆ ଓ ବେତନଟୀ, ବଲାଙ୍ଗିରରେ କଣ୍ଟାବାଞ୍ଜି ଓ ଟିଟିଲାଗଡ଼, ସମ୍ବଲପୁରରେ ରେଢ଼ାଖୋଲ ଓ କୁଚିଣ୍ଡା, ଜଗତସିଂହପୁରର ପାରାଦ୍ୱୀପ, କଟକରେ ଆଠଗଡ଼ ଓ ନିଆଳିରେ କ୍ୟାମ୍ପ୍ ଅଫିସ୍ ଖୋଲିବ । ସେହିପରି କେନ୍ଦ୍ରାପଡ଼ାରେ ପଟ୍ଟାମୁଣ୍ଡାଇ, ଭଦ୍ରକରେ ଚାନ୍ଦବାଲି ଓ ଧାମରା, ଯାଜପୁରରେ କାଳିଆପାଣି ଓ କଳିଙ୍ଗନଗର, ବାଲେଶ୍ୱରରେ ନୀଳଗିରି ଓ ଜଳେଶ୍ୱର, କେନ୍ଦୁଝରରେ ଆନନ୍ଦପୁର ଓ ଚମ୍ପୁଆ, ସୁନ୍ଦରଗଡ଼ରେ ହେମଗିରି, ରାଉରକେଲାରେ ବଣାଇ, ରାଜଗାଙ୍ଗପୁର ଓ କୋଇଡ଼ା, ଅନୁଗୁଳରେ ଆଠମଲ୍ଲିକ, ତାଳଚେରରେ ପାଲଲହଡ଼ା ଓ ଏନ୍‌ଟିପିସି କଣିହା, ଢେଙ୍କାନାଳରେ କାମାକ୍ଷାନଗର, ଖୋର୍ଦ୍ଧାରେ ବାଲୁଗାଁ ଓ ବୋଲଗଡ଼, ନୟାଗଡ଼ରେ ଦଶପଲା ଏବଂ ଓଡ଼ଗାଁ, ପୁରୀରେ ନିମାପଡ଼ା ଓ କୋଣାର୍କ, ରାୟଗଡ଼ାରେ ଗୁଣୁପୁର, କାଶୀପୁର ଓ ମୁନିଗୁଡ଼ା, କୋରାପୁଟରେ ଜୟପୁର ଓ ସେମିଳିଗୁଡ଼ା, ଗଜପତିରେ ମୋହନାଠାରେ କ୍ୟାମ୍ପ୍ ଅଫିସ ଖୋଲିବ ।

**ଘର ପାଖରେ ମିଳିବ ଜରୁରୀ ସେବା**

ଅପରପକ୍ଷେ ମାଲକାନଗିରିରେ ମୋଟୁ ଓ ଚିତ୍ରକୋଣ୍ଡା, ଫୁଲବାଣୀରେ ବାଲିଗୁଡ଼ା ଓ ଜି. ଉଦୟଗିରି, ନୂଆପଡ଼ା, ନବରଙ୍ଗପୁରରେ ଉମରକୋଟ ଓ ଡାବୁଗାଁ, ବୌଦ୍ଧରେ କଣ୍ଟାମାଳ ଓ ଚାରିଛକ, ସୋନପୁରରେ ଡୁଙ୍ଗିରିପାଲି, ଝାରସୁଗୁଡ଼ାରେ ବ୍ରଜରାଜନଗର ଓ ଲଖନପୁର, ଦେବଗଡ଼ ଜିଲ୍ଲାର ରିଆମାଳରେ ଏପରି କ୍ୟାମ୍ପ୍ ଅଫିସ ଖୋଲାଯିବ । ଆରଟିଓ କାର୍ଯ୍ୟାଳୟରେ ଭିଡ଼ ହ୍ରାସ ଏବଂ ସେବା ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ‘୫-ଟି’ ଉପକ୍ରମ ଅଧୀନରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ଭଳି ଏକାଧିକ ଅଭିନବ ବ୍ୟବସ୍ଥା କରାଯାଇଛି । ଅନ୍‌ଲାଇନ୍‌ରେ ସବୁସେବା ଉପଲବ୍ଧ କରାଯାଇ ଥିବାରୁ ପୂର୍ବାପେକ୍ଷା ଆରଟିଓରେ ଭିଡ଼ ଯଥେଷ୍ଟ ହ୍ରାସ ପାଇଛି । ତଥାପି ଅନେକ ଲୋକ ଆରଟିଓ ଆସିବା ପାଇଁ ବାଧ୍ୟ ହେଉଛନ୍ତି । ତେବେ ଏଥିପାଇଁ ସେମାନଙ୍କୁ ବହୁଦୂର ପର୍ଯ୍ୟନ୍ତ ଯା’ ଆସ କରିବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ କ୍ୟାମ୍ପ୍ ଅଫିସ ଖୋଲିବା ପାଇଁ ପଦକ୍ଷେପ ନେଇଛି ।



# ଭୁବନେଶ୍ୱର ସିଟି

## ଷ୍ଟେସନରେ ଲୁଟେରାଙ୍କ ରାଜୁତି

# ୧୬ ଦିନରେ ୧୨ ଲୁଟ୍

ଭୁବନେଶ୍ୱର, ୧୬ ।୩ (ସମିସ): ଭୁବନେଶ୍ୱର ରେଳ ଷ୍ଟେସନରେ ମାତିଛନ୍ତି ଲୁଟେରା। ଗତ ୧୬ ଦିନରେ ଷ୍ଟେସନ ପରିସରରେ ୧୨ରୁ ଅଧିକ ଲୁଟ୍‌ପାଟ ଏବଂ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ଦିନ ୧୨ଟାରେ ଲୁଟ୍‌ର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗର ସୁଭାଷ ଚନ୍ଦ୍ର ମଣ୍ଡଳ। ସେ ଫଲକ୍‌ନାମା ଏକ୍ସପ୍ରେସ୍‌ରେ ହାୱଡାରୁ ସିକେନ୍ଦରାବାଦ ଯାଉଥିଲେ। ଟ୍ରେନ୍ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଲାପ୍‌ଟପ୍ ବ୍ୟାଗ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ଶନିବାର ଭୁବନେଶ୍ୱର ପ୍ରସାଦ ବନ୍‌ୱାଲଙ୍କ ଠାରୁ ମଧ୍ୟ ମୋବାଇଲ୍ ଫୋନ୍ ସୁନା ଗହଣା ଲୁଟ୍ ହୋଇଛି। ସେ ଧାନ୍‌ବାଦ ଏକ୍ସପ୍ରେସ୍‌ରୁ ଭୁବନେଶ୍ୱର ଆସିଥିଲେ। ଟ୍ରେନ୍‌ଟି ଷ୍ଟେସନରେ ଥିବା ବେଳେ ତାଙ୍କ ଠାରୁ ଲୁଟ୍‌ପାଟ ହୋଇଥିଲା। ସେହିପରି ଗତ ୧୪ ତାରିଖରେ ପଶ୍ଚିମବଙ୍ଗର ରବୟି ଘୋଷ ମଧ୍ୟ ଲୁଟ୍‌ପାଟର ଶିକାର ହୋଇଥିଲେ। ରବୟି ସାଲିମାର ଏକ୍ସପ୍ରେସ୍‌ରେ ସିକନ୍ଦରାବାଦ ଯାଉଥିଲେ। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେସନରେ ଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ବ୍ୟାଗ୍ ଚୋରି କରି ନେଇଥିଲେ। ସେହିପରି ମଧ୍ୟପ୍ରଦେଶର ହୀରାଲାଲ ଯାଦବ ପରିବାର ସହ ଟ୍ରେନ୍‌ରେ ଭୁବନେଶ୍ୱର ଆସିଥିଲେ। ଷ୍ଟେସନରୁ ତାଙ୍କ ଠାରୁ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଥିଲା। ସେହିପରି ଗଞ୍ଜାମର ସତ୍ୟନାରାୟଣ ବାରିକଙ୍କ ଠାରୁ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଛି। ସେ ଖଲିକୋଟରୁ ଭୁବନେଶ୍ୱର ଆସିଥିବା ବେଳେ ଭୁବନେଶ୍ୱର ଷ୍ଟେସନରେ ଲୁଟ୍‌ର ଶିକାର ହୋଇଥିଲେ। ସେହିପରି ୧୦ ତାରିଖରେ ଅନୁଗୋଳର ଶେଖର କୁମାର ସିଂ ଲୁଟ୍‌ର ଶିକାର ହୋଇଛନ୍ତି। ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଆସିଥିବା ବେଳେ ତାଙ୍କ ଠାରୁ ମୋବାଇଲ୍ ଫୋନ୍ ଏବଂ ସୁନାଗହଣା ଲୁଟ୍ ହୋଇଥିଲା। ସେହିପରି ସିବଲ ସାହୁ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ଠାରୁ ମଧ୍ୟ ମୋବାଇଲ୍ ଫେଶନ୍ ଏବଂ ସୁନାଗହଣା ଦୁର୍ବୃତ୍ତ ନେଇଛନ୍ତି। ଏହିପରି ବିଶାଲ ସାହୁ, ରାଜେଶ କୁମାର, ସୋନୁ କୁମାର, ଗୁଡୁଲୁ ସନ୍ତୋଷ ଏବଂ ଶ୍ରୀରାମ ରାଓ ମଧ୍ୟ ଲୁଟ୍‌ର ଶିକାର ହୋଇଛନ୍ତି। ଷ୍ଟେସନରେ ସିସିଟିଭି କ୍ୟାମେରା ଲାଗି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାରମ୍ବାର ଏଭଳି ଲୁଟ୍‌ପାଟ୍ କରୁଥିବା ଅଭିଯୋଗ ହେଉଛି। ବସ୍ତିରେ ରହୁଥିବା ଲୁଟେରାମାନେ ଲୁଟ୍‌ପାଟ କରିବା ପରେ ମୋବାଇଲ୍, ଲାପ୍‌ଟପ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଶାଗମୁଗ ଦରରେ ବିକ୍ରି କରୁଛନ୍ତି।

# ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର, ୧୬ ।୩ (ସମିସ):

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ଘଟିଛି ହତ୍ୟାକାଣ୍ଡ। ମୃତ ଯୁବକ ହେଲେ ଚିନ୍ତାମଣିଶ୍ୱରର ଅଞ୍ଜନ ବେହେରା (୨୫)। ଅଞ୍ଜନଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୁଲିସ ନୀହାରିକା ବେହେରା, କାହ୍ନୁ ପ୍ରଧାନ ଓରଫ ପିଙ୍କ ଓ ଅନ୍ୟ ୩ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି। ସକାଳୁ ସାଇଣ୍ଟିଫିକ୍ ଟିମ୍ ଏବଂ ପୁଲିସ ପହଞ୍ଚି ଘଟଣାସ୍ଥଳରୁ ରକ୍ତ ନମୁନା ଏବଂ ଅନ୍ୟାନ୍ୟ ପ୍ରମାଣ ଯୋଗାଡ଼ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୁଲସର ୩ଟି ଟିମ୍ ସହର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ବୋଲି ଲକ୍ଷ୍ମୀସାଗର ଥାନା ଅଧିକାରୀ ପି. କ୍ଷମା ସୁନ୍ଦର ରାଓ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ନୀହାରିକାକୁ ଭଲ ପାଉଥିଲା ପିଙ୍କୁ। ସେପଟେ



ନୀହାରିକାଙ୍କ ସହ ୟୁନିଟ୍-୫ର ଗୌତମ ନାମକ ଅନ୍ୟଜଣେ ଯୁବକ ବିଭିନ୍ନ ସମୟରେ କଥାବାର୍ତ୍ତା ହେଉଥିଲେ। ଏହାକୁ ବିରୋଧ କରୁଥିଲା ପିଙ୍କୁ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ଗତ ଶୁକ୍ରବାର ଏନେଇ ଗୌତମକୁ ଭେଟିବାକୁ ନୀହାରିକା ଡାକିଥିଲେ। କିନ୍ତୁ ଗୌତମ ଏକ ସଂସ୍ଥାରେ କାମ କରୁଥିବାରୁ ସେ ଦେଖା କରିପାରିବେ ନାହିଁ ବୋଲି

### ଟାର୍ଗେଟ୍ ଥିଲେ ଗୌତମ, ବଳିପଡ଼ିଗଲେ ଅଞ୍ଜନ

### ପ୍ରେମିକା ସମେତ ୫ଜଣଙ୍କ ନାଁରେ ମାମଲା

ମନା କରି ଦେଇଥିଲେ। ରାତି ପ୍ରାୟ ୨ଟାରେ ଗୌତମ ଜଟଣୀ ଅଞ୍ଚଳରୁ କାମ ସାରି ସାଙ୍ଗ ଅଞ୍ଜନ ସହ ଚିନ୍ତାମଣିଶ୍ୱର ଘରକୁ ଫେରୁଥିଲେ। ପୂର୍ବରୁ ପିଙ୍କୁ, ପ୍ରେମିକା ନୀହାରିକା ଓ ୩ ଜଣ ସହଯୋଗୀ ଚମ୍ପା ପୋଖରୀ ନିକଟରେ ଛିଡ଼ା ହୋଇଥିଲେ। ସେଠାରେ କଥା ହେବା ସମୟରେ ଗୌତମ ସହ ପିଙ୍କୁର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଅଞ୍ଜନ ଆସି ଏତେ ରାତିରେ କାହିଁକି ଏଠାରେ ପାଟିତୁଣ୍ଡ କରୁଛ ବୋଲି ପଚାରିବାରୁ ପିଙ୍କୁ ସହ ପାଟିତୁଣ୍ଡ ହୋଇଥିଲା। ପିଙ୍କୁ ସାଙ୍ଗରେ ଆଣିଥିବା ଖଣ୍ଡାରେ ଅଞ୍ଜନଙ୍କୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବା ପାଇଁ ଅଞ୍ଜନ ଦୌଡ଼ିବା ବେଳେ ପିଙ୍କୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ପରେ ଚୋଟ ମାରିଥିଲା। ଅଞ୍ଜନ ଅଚେତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରୁ ପିଙ୍କୁ, ପ୍ରେମିକା ଓ ସହଯୋଗୀ ଫେରାର ହୋଇଯାଇଥିଲେ। ଗୌତମ ଓ କିଛି ଲୋକ ଅଞ୍ଜନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ୟାଙ୍କ୍ ଆଗରୁ ୩ ଲକ୍ଷ ଝାମ୍ପିନେଲେ

ଭୁବନେଶ୍ୱର, ୧୬ ।୩ (ସମିସ): ପୁଣି ମାତିଲେ ଲୁଟେରା। ବ୍ୟାଙ୍କ ସାମ୍‌ନାରୁ ଲୁଟିନେଲେ ଟଙ୍କା ଭର୍ତ୍ତି ବ୍ୟାଙ୍କ। ଜାଗମରା ନୂଆ ରୋଡ୍‌ରେ ଥିବା ଏକ ବ୍ୟାଙ୍କ୍ ସାମ୍‌ନାରୁ ଏହି ଲୁଟ୍ ହୋଇଛି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ଏୟାରଫିଲ୍ଡ ଥାନା ଭୀମଟାଙ୍ଗିର କୁମାର ଲେଙ୍କା। ତାଙ୍କ ବ୍ୟାଗ୍‌ରେ ୩୦ ଲକ୍ଷ ଟଙ୍କା ଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ତନାଘନା ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ଣରେ ମନୋଜ ଓ ତାଙ୍କ ବନ୍ଧୁ ଶାନ୍ତିସ୍ୱରୂପ ମହାନ୍ତି ଜାଗମରା ନୂଆରୋଡରେ ଥିବା ଏକ ବ୍ୟାଙ୍କକୁ ଯାଇଥିଲେ। ସମ୍ପୃକ୍ତ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇଥିଲେ। ପରେ ସେଇ ବ୍ୟାଙ୍କ ସାମ୍‌ନାରେ ବାଇକ ଆଗରେ ଟଙ୍କାରେ ଭର୍ତ୍ତି ବ୍ୟାଗ୍‌କୁ ଓହ୍ଲାଇ ଦୁଇ ବନ୍ଧୁ କଥା ହେଉଥିଲେ। ଠିକ୍ ସେତିକିବେଳେ ଦୁଇଜଣ ଯୁବକ ସେଠାରେ ଓହ୍ଲାଇଥିଲେ। ଜଣେ ଯୁବକ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇ ବାଇକ୍ ବସି ଦ୍ରୁତଗତିରେ ଶିରିପୁର ଅଭିମୁଖେ ପଳାଇଥିଲେ। ସେମାନଙ୍କୁ ପିଛା କରିଥିଲେ ହେଁ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ନେଇ ଉଭାନ୍ ହୋଇଯାଇଥିଲେ ଦୁଇ ଯୁବକ।

## ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୧୬ ।୩ (ସମିସ): ଏମ୍‌ସ୍‌ରେ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ମୋବାଇଲ ଫୋନ୍ ଓ ଟଙ୍କା ଲୁଟୁଥିବା ଜଣେ ଲୁଟେରାକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଙ୍କିଆ ସନ୍ତୋଷ ଭୋଇ। ଅଭିଯୋଗକାରୀ ରାହୁଲ ଦାସଙ୍କ ବାପାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ରାହୁଲ ନିଜ ମୋବାଇଲ ଫୋନକୁ ବାପାଙ୍କ ବେଡ୍ ପାର୍ଶ୍ୱରେ ରଖି ଗାଧୋଇବାକୁ ଯାଇଥିବା ବେଳେ ସନ୍ତୋଷ ଫୋନ୍‌କୁ ଅତି ଚତୁରତାର ସହ ଲୁଟି ନେଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ତୋଷକୁ କାବୁ କରିବା ସହ ଫୋନ୍ ଓ ଟଙ୍କା ଜବତ କରିଛି।

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗାଡ଼ି ରଖିବାକୁ କେନ୍ଦ୍ରକରି ଉତ୍ତେଜନା

# ବସ୍ ଡ୍ରାଇଭର୍‌ଙ୍କୁ ସୁରକ୍ଷାକର୍ମୀଙ୍କ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର, ୧୬ ।୩ (ସମିସ): ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗାଡ଼ି ରଖିବାକୁ କେନ୍ଦ୍ରକରି ଜଣେ ବସ୍ ଡ୍ରାଇଭର୍‌ଙ୍କୁ ସିକ୍ୟୁରିଟି ଗାର୍ଡ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବସ୍ ମାଲିକ ଓ ଡ୍ରାଇଭରମାନେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ବସ୍ ଚାଳକ ଜଣକ ଆହତ ହୋଇଛନ୍ତି। ଏହାକୁ ନେଇ ଶନିବାର ବରମୁଣ୍ଡା ବସଷ୍ଟାଣ୍ଡରେ ସାରାଦିନ ଉତ୍ତେଜନା ଲାଗି ରହିଛି। ସମ୍ପୃକ୍ତ ସୁରକ୍ଷାକର୍ମୀ ଓ ପୁଲିସ କର୍ମଚାରୀଙ୍କୁ ତୁରନ୍ତ ଗିରଫ ପାଇଁ ବରମୁଣ୍ଡା ବସ୍ ଚାଳକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା



ସୂଚନା ଅନୁସାରେ, ଶନିବାର ସକାଳୁ ଗାଲେକ୍ସି ନାମକ ଏକ ବସ୍ ରାଉରକେଲାରୁ ଆସି ବରମୁଣ୍ଡା ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁଥିଲା। ବସ୍‌ଟି ପ୍ରବେଶ କରିବା ସମୟରେ ସେଠାରେ କାର୍ଯ୍ୟରତ ଜଣେ ସୁରକ୍ଷାକର୍ମୀ ବସ୍‌କୁ ଅଟକାଇ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟର ବଚସା ହୋଇଥିଲା।

### ପ୍ରତିବାଦରେ ଧାରଣାରେ ଡ୍ରାଇଭର୍

ଏତିକିବେଳେ ସେଠାରେ କାର୍ଯ୍ୟ କରୁଥିବା ଜଣେ ପୁଲିସ କର୍ମଚାରୀ ଆସି ବସ୍ ଚାଳକଙ୍କୁ ବିରୋଧ କରିବାରୁ ଗାଡ଼ିର କଣ୍ଡକ୍ଟର ମଧ୍ୟ ବାହାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁରକ୍ଷାକର୍ମୀ ଓ ପୁଲିସ କର୍ମଚାରୀ ଦୁଇ ଜଣ ମିଶି ବସ୍ ଚାଳକ ଓ କଣ୍ଡକ୍ଟରକୁ ନିସ୍ତୁକ ପିଟିଥିଲେ। ବସ୍ ଚାଳକ ଜଣକ ଆହତ ହୋଇଥିଲେ। ସେଠାରେ ଥିବା ଅନ୍ୟ ବସ୍ କର୍ମଚାରୀମାନେ ଆହତ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବସଷ୍ଟାଣ୍ଡରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣାକୁ ନେଇ ବସଷ୍ଟାଣ୍ଡରେ ଉତ୍ତେଜନା ଲାଗି ରହିଥିଲା। ଏହାର ପ୍ରତିବାଦ କରି ଧାରଣାରେ ବସିଥିଲେ ବସ୍ ଡ୍ରାଇଭର୍। ଏବେ ବରମୁଣ୍ଡା ନୂଆ ବସ୍‌ଷ୍ଟାଣ୍ଡ ଭିତରକୁ ବସ୍ ଯିବା ବନ୍ଦ ଅଛି। ସମାଧାନ ନ ହେବା ଯାଏଁ ଗାଡ଼ି ଚଳାଚଳ ବନ୍ଦ କରିବାକୁ ଭୁବନେଶ୍ୱର ପରିବହନ କର୍ମଚାରୀ ସଂଘ ଚେତାବନୀ ଦେଇଛି। ଏନେଇ ବରିଷ୍ଠ ପୁଲିସ ଅଧିକାରୀ ସେମାନଙ୍କ ବୁଝାସୁଝା କରିଛି।

# ଚେହେରା ପାଲଟୁଛି ମୋହରା


### ଅଦୃଶ୍ୟ ଠକଙ୍କ ଅଭିନବ ଚାଲ୍‌ରେ ଯୁବଗୋଷ୍ଠୀ

ଭୁବନେଶ୍ୱର, ୧୬ ।୩ (ସମିସ):

ସଜେଇ ହୋଇ ନୂଆ ନୂଆ ପୋଜରେ ଫଟୋ। ଦାମୀ ପୋଷାକ; ସୁନ୍ଦର ଚେହେରା। ବୁଢ଼ିଆଣି ଜାଲ ଭଳି ଅନ୍‌ଲାଇନ୍‌ରେ ଠକ ବିଛାଉଛନ୍ତି ପ୍ରେମର ଜାଲ। ବନ୍ଧୁତାରୁ ପ୍ରେମ ସମ୍ପର୍କ ନିବିଡ଼ ପରେ ସିଧା ବିବାହର ପ୍ରତିଶ୍ରୁତି। ବିନା ଦେଖାସାକ୍ଷାତ ଓ ଚିହ୍ନା ପରିଚୟରେ ସ୍ୱପ୍ନର ଆକାଶରେ ଉଡ଼ି ବୁଲୁଛନ୍ତି। ପରେ ଆରମ୍ଭ ହୋଇଯାଉଛି ଟଙ୍କା ଠକେଇର ଅସଲ ଖେଳ। ଦୁହେଁ ପରିଚିତ ହେବା ପୂର୍ବରୁ ଆବଶ୍ୟକତା ମୁତାବକ ମାଗିଥାନ୍ତି ଟଙ୍କା। ମିଛ ଓ ସତର ନାଟକ କରି ଅମୁକ ଦରକାର, ବାପା ଓ ମା’ ଦେହ ଅସୁସ୍ଥ ଥିବା ଦର୍ଶାଇ ମାଗି ନେଉଛନ୍ତି ଟଙ୍କା। ଆଉ ଟଙ୍କା ଦେବା ପଛରେ ସବୁ ସେଇ ଫଟୋର କମାଲ୍। ମିଛ ବିବାହର ପ୍ରହେଳିକା ଫସି ହରାଉଛନ୍ତି ଟଙ୍କା। ସତ ପଦାକୁ ଆସିଲା ବେଳକୁ କିଏ ରସିକ ନାଗର ତ କିଏ ଆଞ୍ଜେଲ୍ ପ୍ରିୟା। ଅନ୍‌ଲାଇନ୍ ପ୍ରେମର ଗୋଟିଏ ପରେ ଗୋଟିଏ ମଜାଦାର କାହାଣୀ ସାମ୍‌ନାକୁ ଆସୁଛି। ସୁନ୍ଦର ଚେହେରାକୁ ମୋହରା କରି ଠକମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ନିଜ ପତ୍ନି, ଝିଅ କିମ୍ବା ସୁନ୍ଦରୀ ଝିଅଙ୍କ ଫଟୋକୁ ଡିପିରେ ରଖି ବିଛାଉଛନ୍ତି ସତ ଠକେଇର ମାୟାଜାଲ। ଏହି ସୁନ୍ଦର ଚେହେରା ପଛରେ ରହିଛି ସାମାଜିକ ଗଣମାଧ୍ୟମ। ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟୁଇଟର ଆଦିରେ ମିଛ ଆକାଉଣ୍ଟ ଖୋଲି ସୁନ୍ଦର ଫଟୋ ଅପଲୋଡ୍ କରୁଛନ୍ତି। ପ୍ରଥମେ ବନ୍ଧୁତା, ପ୍ରେମ, ଠକେଇ ପରେ ମିଛ ଆକାଉଣ୍ଟରୁ ଟଙ୍କା ଲୁଟିବା ପରେ ପ୍ରତାରଣାର ନାଟକ। କିଏ ଷଷ୍ଠ ଯାଏଁ ପାଠ ପଢ଼ି ଡାକ୍ତର କହୁଛି ତ ଆଉ କିଏ ଅଷ୍ଟମ ପଢ଼ି ଦେଉଛି ଇଞ୍ଜିନିୟରି ପରିଚୟ। ଫେସ୍‌ବୁକ୍‌ରେ ଫଟୋକୁ ଏଡିଟିଂ କରି ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି। ଏଭଳି ସୁନ୍ଦର ଚେହେରା ଓ ମିଠାମିଠା କଥା କହି ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଛି। ସତ ପଦାକୁ ଆସିବା ପରେ ୧୮ ବର୍ଷର ଝିଅ ନୁହେଁ ୪୫ବର୍ଷୀୟ ମହିଳା। ଆଉ ଅନେକ ଠକେଇ କ୍ଷେତ୍ରରେ ଝିଅ ରୂପ ନେଇ କଥାବାର୍ତ୍ତା କରୁଥିବା ଯୁବତୀ ବଦଳରେ ବାହାରୁଛନ୍ତି ଭେଣ୍ଡିଆ ପୁଅ। ସେପରି ସାମାଜିକ ଗଣମାଧ୍ୟମରେ ସୁନ୍ଦରୀ ଯୁବତୀଙ୍କ ଫଟୋ ରଖି ବନ୍ଧୁତା ସ୍ଥାପନ କରୁଛନ୍ତି। କେଇ ମିନିଟ୍ କଥା ହେବା ପରେ ସମ୍ପୃକ୍ତ ବ୍ୟକ୍ତିକୁ ଫସାଇବା ଲାଗି ଫୋନ୍ ନମ୍ବର ନେଣଦେଣ ହେଉଛି। ବନ୍ଧୁତାରୁ ପ୍ରେମ ପରେ ବିଭିନ୍ନ ଆଳରେ ଟଙ୍କା ଠକେଇ କରୁଛନ୍ତି ଠକ। ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି କମିସନରେଟ୍ ପୁଲିସ।

### କିଏ ରସିକ ନାଗର ତ କିଏ ଆଞ୍ଜେଲ୍ ପ୍ରିୟା

### ଠକେଇ ପଛରେ ଝିଅ, ପତ୍ନୀ ଓ ଏଡିଟିଂ ଫଟୋ




## ଗୁପ୍ତ ତଥ୍ୟ ନେଇଗଲା ପାକ୍ ସୁନ୍ଦରୀ

ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆର୍‌ଡିଓ) କ୍ଷେପଣାସ୍ତ୍ର ଘାଟିର ଗୁପ୍ତତଥ୍ୟକୁ ସେଠାରେ କାର୍ଯ୍ୟ କରୁଥିବା ସିନିଅର ଟେକ୍ନିକାଲ ଅଫିସର୍ ବାବୁରାମ ଦେ’ ହନିଟ୍ରାପ୍‌ରେ ଫସି ଶତ୍ରୁରାଷ୍ଟ୍ରକୁ ଦେଇଥିଲେ। ଏହି ମାମଲାରେ ବାବୁରାମକୁ ଗିରଫ କରାଯାଇଥିଲା। ଅନୁରୂପ ଭାବେ ପାଇଲଟ ବିହୀନ ଏୟାରକ୍ରାଫ୍ଟ କାର୍ଯ୍ୟରତ ଥିବା ୫ଜଣ କର୍ମଚାରୀ ମାୟାବିନୀ ପଞ୍ଝାରେ ପଡ଼ି ପାଇଲଟ ବିହୀନ ଏୟାରକ୍ରାଫ୍ଟ ଟେଷ୍ଟ ସମ୍ପର୍କୀତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଦେଇଥିବା ସନ୍ଦେହ କରାଯାଇଥିଲା। ଏହି ମାମଲାରେ ଢ଼େର୍ ଦିନ ଖୋଳତାଡ଼ ହେବା ପରେ ଇଣ୍ଟରପୋଲର ସହାୟତା ନିଆଯାଇଛି।

## ରାଜଧାନୀରେ ଘଟିଥିବା କିଛି ଘଟଣା

- ଝିଅ ଫଟୋ ଦେଖାଇ ମାଆ କରୁଥିଲା ମିଛ ପ୍ରେମର ନାଟକ। ସୁନ୍ଦର ଚେହେରା ସହ ବିବାହର ପ୍ରତିଶ୍ରୁତି ଦେଇ ଯୁବକଙ୍କ ଠାରୁ ହଡ଼ପ କରିଥିଲା ଟଙ୍କା। ଅଢ଼େଇ ଲକ୍ଷ ଟଙ୍କା ନେବା ପରେ ରାଣୀହାର ନେବାକୁ ଆସି ଯୁବକଙ୍କ ହାତରେ ଧରାପଡ଼ିଥିଲା ମହିଳା। ଦୁଇଦିନ ତଳେ ଉକ୍ତ ମହିଳା କେନ୍ଦୁଝରର ମଞ୍ଜୁଲତା ନାଏକକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ।
- ଫେସ୍‌ବୁକ୍ ଫେକ୍ ଆକାଉଣ୍ଟ ଖୋଲି ସେଥିରେ ସୁନ୍ଦରୀ ତରୁଣୀଙ୍କ ଫଟୋ ଦେଇ ଯୁବକଙ୍କୁ ପ୍ରେମଜାଲରେ ଫସାଉଥିଲା। କାହାକୁ ଡାକ୍ତର ତ ଆଉ କାହାକୁ ଇଞ୍ଜିନିୟରର ପରିଚୟ ଦେଇ ବନ୍ଧୁତାସ୍ଥାପନ କରି ସମ୍ପର୍କ ବଢ଼ାଉଥିଲା। ଏହି ଘଟଣାରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟ ନାଚୁଣୀର ପ୍ରିୟଙ୍କା ପ୍ରିୟଦର୍ଶନୀ ପରିଡ଼ାକୁ ଗିରଫ କରିଥିଲା ପୁଲିସ।
- ଫେସ୍‌ବୁକ୍‌ରେ ସୁନ୍ଦର ଫଟୋ ରଖି ଯୁବକଙ୍କୁ ପ୍ରେମଜାଲରେ ଫସାଉଥିଲା କୋଲକାତାର ପିନ୍ଟୁ ବିଶ୍ୱାସ। ପିନ୍ଟୁ ମେକ୍‌ଅପ୍ ନେଇ ନିଜର ସୁନ୍ଦର ଚେହେରା ଓ ସମ୍ଭ୍ରାନ୍ତ ପରିବାର କହି ହ୍ୱାଟ୍ସଆପ୍ ଜରିଆରେ ଜୟକୃଷ୍ଣ ନାମକ ଜଣେ ବ୍ୟକ୍ତିଙ୍କୁ ବୀମା କରାଇଦେବା ଆଳରେ ଫସାଇଥିଲେ। ରାତିରେ ଜୟକୃଷ୍ଣଙ୍କ ଘରେ ରହିବା ଆଳରେ ଖାଇବାରେ ନିଶାଦେଇ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲା।
- ସ୍ତ୍ରୀ ନାମରେ ମିଛ ଆକାଉଣ୍ଟ ଖୋଲି ଠକେଇ କରୁଥିବା ଅଭିଯୁକ୍ତ ନୃସିଂହ ବିଶ୍ୱାଳ। ଅନଲାଇନରୁ ସୁନ୍ଦରୀ ଯୁବତୀଙ୍କ ଫଟୋ ଆଣି ନିଜ ଆକାଉଣ୍ଟରେ ପୋଷ୍ଟକରି ଜଣେ ଯୁବକଙ୍କ ଠାରୁ ୩ ଲକ୍ଷ ଠଙ୍କା ଠକେଇ କରିଥିଲା।
- ସହିଦନଗର ଥାନା ପୁଲିସ ପଞ୍ଝାରେ ପଡ଼ିଥିବା ପ୍ରଭାସ ଦାଶ। ପ୍ରଭାସର ଶିକ୍ଷାଗତ ଯୋଗ୍ୟତା ଷଷ୍ଠ ହୋଇଥିବା ବେଳେ ସେ ଅନେକ ଯୁବକଙ୍କ ମିଛ ପ୍ରୋଫାଇଲ୍ ରଖି ଫସାଇଥିଲା। ସେମାନଙ୍କୁ ବିବାହ ମିଛ ପ୍ରତିଶ୍ରୁତି ଦେଇ ଠକେଇ କରୁଥିଲା।
- ଖାରବେଳନଗର ଥାନା ଅଞ୍ଚଳର ସଞ୍ଜିତ କୁମାର ରାୟମାସକୁ ମାସ ପ୍ରେମିକା ବଦଳାଉଥିଲା। ପୁରୀ ଠାରୁ ରାଜଧାନୀ ଯାଏଁ ନୂଆ ପ୍ରେମିକାଙ୍କୁ ଖୁସି କରିବା ଚୋରି କରୁଥିଲା। ଚୋରି ସାମଗ୍ରୀଗୁଡ଼ିକୁ ବିକ୍ରିକରି ପ୍ରେମିକାକୁ ଦାମୀ ଉପହାର ଦେବା ସହ ବିଭିନ୍ନ ରାଜ୍ୟକୁ ବୁଲାଇ ନେଉଥିଲା।
- ସୁନ୍ଦର ଚେହେରାରେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଉଥିଲା ନାରାୟଣ ମହାନ୍ତି। ସେ ୧୦୦ରୁ ଅଧିକ ଯୁବତୀଙ୍କ ପ୍ରେମ ଜାଲରେ ଫସାଇ ଲୁଟ୍‌ପାଟ୍ କରି ସୁନା ଅଳଙ୍କାର ଓ ଦାମୀ ଉପହାର ଦେଉଥିଲେ। ତଦନ୍ତ ବେଳେ ନାରାୟଣ ଧରାପଡ଼ିବା ସହ ଯାଜପୁର ଓ ଭଦ୍ରକରେ ରହୁଥିବା ପ୍ରେମିକା ଘରୁ କିଛି ଦାମୀ ଉପହାର ଜବତ ହୋଇଥିଲା।
- ଦିନକୁ ଦିନ ବଦଳୁଥିଲା ନୂଆ ନୂଆ ପ୍ରେମିକା। ତାରକା ହୋଟେଲରେ ପ୍ରେମିକାଙ୍କ ସହ ରହୁଥିଲା। ସୁନ୍ଦର ଦିଶିବା ଲାଗି ବିୟୁଟି ପାର୍ଲରରେ ଖର୍ଚ୍ଚ କରୁଥିଲା ହଜାର ହଜାର ଟଙ୍କା। ସୁନ୍ଦର ଚେହେରାରେ ଯୁବତୀଙ୍କୁ ଫସାଉଥିଲା ଖଣ୍ଡଗିରିର ଉମେଶ ପଣ୍ଡା। ପ୍ରେମିକାଙ୍କୁ ଦାମୀ ଉପହାର ଦେବାକୁ ସପିଙ୍ଗ୍ ମଲ୍ ଓ ବଡ଼ ଦୋକାନରୁ ଚୋରି କରୁଥିଲା।



# ନର୍ସଙ୍କୁ ଦୁଷ୍କର୍ମ ପରେ ବ୍ଲାକ୍‌ମେଲିଂ; ପ୍ରତାରକ ଗିରଫ


ଭୁବନେଶ୍ୱର, ୧୬ ।୩ (ସମିସ): ନର୍ସଙ୍କୁ ବିବାହ ପ୍ରତିଶ୍ରୁତି ନେଇ ଦୁଷ୍କର୍ମ ସହ ବ୍ଲାକମେଲିଂ କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ପୁରୁଣା ଭୁବନେଶ୍ୱରରେ ରହୁଥିବା ପୁରୀ ଜିଲ୍ଲା ଗୋପର ମନୋଜ କୁମାର ବାରିକ(୩୩)। ପୁଲିସର କହିବା କଥା, ଅଭିଯୋଗକାରିଣୀ ଏକ ବେସରକାରୀ ଡାକ୍ତରଖାନାରେ ନର୍ସ ଭାବେ କାର୍ଯ୍ୟ କରନ୍ତି। ଗତ ୨୦୨୨ ମସିହା ମାର୍ଚ୍ଚ ମାସରେ ଅଭିଯୁକ୍ତ ମନୋଜ ସଂସ୍ପର୍ଶରେ ସମ୍ପୃକ୍ତ ସମ୍ପୃକ୍ତ ନର୍ସ ଆସିଥିଲେ। ଜୁଲାଇ ମାସରେ ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ ହୋଇଥିଲା। ସେଇ ସମୟରେ ଅଭିଯୁକ୍ତ ଜଣକ ନିଜକୁ ବାପୁନ ରାୟର ପରିଚୟ ଦେଇଥିଲେ। ଏମିତିକି ସେ ଅନାଥ ଓ କୋଲକାତାରେ ମେକାନିକାଲ୍ ଇଞ୍ଜିନିୟର ଭାବେ ଚାକିରି କରୁଥିବା କହିଥିଲା। ଆଉ କେସୁରା ଅଞ୍ଚଳରେ ତାଙ୍କର ଏକ କୋଠାଘର ଥିବା କହି ନର୍ସଙ୍କ ମନରେ ମନୋଜ ବିଶ୍ୱାସ ସୃଷ୍ଟି କରିଥିଲା। ପରେ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିବାର ଆଳରେ ସମ୍ପୃକ୍ତ ନର୍ସଙ୍କୁ ରାଜମହଲ ଛକ ଠାରେ ଥିବା ଏକ ହୋଟେଲକୁ ଡାକି ଦୁଷ୍କର୍ମ କରିଥିଲେ। ତାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓ ଉତ୍ତୋଳନ କରି ନିଜ ପାଖରେ ରଖିଥିଲା। ସେଇ ଭିଡିଓକୁ ଭାଇରାଲ୍ କରିବାକୁ କରି ସମ୍ପୃକ୍ତ ନର୍ସଙ୍କୁ ବ୍ଲାକମେଲିଂ କରି ଟଙ୍କା ଲୁଟିଥିଲା। ଗତ ୧୩ ତାରିଖରେ ନର୍ସ ସମସ୍ତ ପ୍ରକାରର ସମ୍ପର୍କ ଛିନ୍ନ କରି ଅନ୍ୟତ୍ର ହେବାରୁ ଅଭିଯୁକ୍ତ ଜଣ ନର୍ସ କାର୍ଯ୍ୟ କରୁଥିବା ହସ୍ପିଟାଲରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତ ମନୋଜକୁ ଓଲ୍ଡଟାଉନ୍‌ରୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ।



# ଭୁବନେଶ୍ୱର ସିଟି



## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ; ତ୍ରୁଟି କାହାର !



ବଡ଼ଗଡ଼ରୁ ଟଙ୍କପାଣି ରାସ୍ତା (୧)



ବଡ଼ଗଡ଼ରୁ ଟଙ୍କପାଣି ରାସ୍ତା(୨)



ୟୁନିଟ୍-୩ ପିଏମ୍‌ଜି ଅଫିସ୍ ରାସ୍ତା

■ ନିୟତିର ନିଷ୍ଠୁର ବିଚାର...

# ବାପା, ମାଆ ପରେ ଭାଇକୁ ବି ନେଇଗଲେ

ଭୁବନେଶ୍ୱର, ୧୬।୩ (ସମିସ): ବେଳେବେଳେ ନିୟତିର ନିଷ୍ଠୁର ବିଚାର ଆଗରେ ମଣିଷ ଅସହାୟ ହୋଇପଡ଼େ। ଗୋଡ଼ ତଳୁ ମାଟି ଖସିଗଲା ପରି ଲାଗେ। ବଞ୍ଚିବାକୁ ଚାହିଁ ବି ପ୍ରତିଟି ମୁହୂର୍ତ୍ତ ମୃତ୍ୟୁସମ ଲାଗେ। ଏବେ ଏଭଳି ଅସହାୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ୁଛି ଦୁଇ ଭଉଣୀଙ୍କୁ।



## ବେସାହାରା ଦୁଇ ଝିଅଙ୍କୁ ସହାୟତା ପାଇଁ ନିବେଦନ

ପ୍ରଥମେ ମା, ବାପା ଆଗପଛ ହୋଇ ଆରପାରିକୁ ଚାଲିଯାଇଥିବାବେଳେ ଏବେ ନାବାଳକ ଭାଇ ବି ଦୁନିଆ ଛାଡ଼ି ଚାଲିଯାଇଛି। ୱାର୍ଡ ନମ୍ବର-୫ ଅଧୀନ ମଞ୍ଚେଶ୍ୱର ନିକଟ ଦାରାସିଂହ ବସ୍ତିରେ ଦୀର୍ଘ ବର୍ଷ ହେବ ରହିଆସୁଥିଲେ କାବୁଲା ସିଂହ ଓ ପତ୍ନୀ ସୁମି ସିଂହ। ଦିନମଜୁରିଆ କାମ କରି ଦୁଇ ଝିଅ ମମତା ଓ ନନ୍ଦିନୀ ଏବଂ ଏକମାତ୍ର ପୁଅ ବୁଦ୍ଧିଆକୁ ନେଇ ବେଶ୍ ସୁଖରେ ଚଳୁଥିଲେ। ହେଲେ ହଠାତ୍ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଉଭୟ କାବୁଲା ସୁମି ଆରପାରିକୁ ଚାଲିଗଲେ। ଦୁଇ ନାବାଳିକା ଝିଅ ଓ ଏକମାତ୍ର ପୁଅର ମୁଣ୍ଡ ଉପରୁ ବାପା ମା'ଙ୍କ ହାତ ଉଠିଗଲା ପରେ ସେମାନେ ବେସାହାରା ହୋଇପଡ଼ିଥିଲେ। କ'ଣ ଖାଇବେ, କେମିତି ବଞ୍ଚିବେ ଭାବି ଭାବି ସେମାନଙ୍କ ଆଖିରୁ ନିଦ ହଜିଯାଇଥିଲା। ଯେତେ କଷ୍ଟ ହେଲେ ବି ସାନଭାଇ ବୁଦ୍ଧିଆକୁ ବଡ଼ କରିବେ, ସେ ହିଁ ଉଭୟଙ୍କ ଭବିଷ୍ୟତର ସାହାରା ହେବ ଭାବି ଦିନ କାଟୁଥିଲେ। ହେଲେ ଦଇବ ତାହା ବି ସହିଲାନି। ୨୦ଦିନ ତଳେ କୌଣସି କାରଣରୁ ବୁଦ୍ଧିଆ ଆତ୍ମହତ୍ୟା କରି ଆରପାରିକୁ ଚାଲିଗଲା। କେବଳ ପରସ୍ପର ମୁହଁକୁ ଚାହିଁ ଦୁଇ ଭଉଣୀ ଆଖିରୁ ଲୁହ ପୋଛିବା ଛଡ଼ା କୌଣସି ଉପାୟ ନାହିଁ। ଏତେ କମ୍ ବୟସରୁ ବେସାହାରା ହୋଇ ଜୀବନ ବିତାଇବା ସହଜ ନୁହେଁ। ତେଣୁ ସେମାନଙ୍କୁ ସରକାର ଯଦି ସହାୟତା ଯୋଗାଇ ଦିଅନ୍ତି ତେବେ ଏହି ବେସାହାରା ଦୁଇ ଭଉଣୀଙ୍କ ଭିବଷ୍ୟତ ଉଜ୍ଜ୍ୱଳ ହୋଇପାରନ୍ତା ବୋଲି ପଡ଼ୋଶୀମାନେ ନିବେଦନ କରିଛନ୍ତି। ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି।

## ବିଏମ୍‌ସିକୁ ରାଜସ୍ୱ ଚିନ୍ତା; କର୍ମଚାରୀଙ୍କୁ ତାଗିଦ୍

# ଟାର୍ଗେଟ ପୂରଣ ନ ହେଲେ ଦରମା ବନ୍ଦ

ଭୁବନେଶ୍ୱର, ୧୬ ।୩(ସମିସ): ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ଦିନ କେଇଟା ରହିଗଲା, କିନ୍ତୁ ବିଏମ୍‌ସି ରାଜସ୍ୱ କମ୍ ଆଦାୟ ହୋଇଛି ବୋଲି ଭାଲେଣୀ ପଡ଼ିଲାଣି। ଏଥିପାଇଁ ବିଏମ୍‌ସି କାର୍ଯ୍ୟାଳୟରେ ଘନ ଘନ ରୁଦ୍ଧଦ୍ୱାର ବୈଠକ ବସୁଛି। କେମିତି ରାଜସ୍ୱ ଆଦାୟ ହେବ ସେ ନେଇ ଯୋଜନା ପ୍ରସ୍ତୁତି ହେଉଛି। ଯେନ ତେନ ପ୍ରକାରେ କେମିତି ବି ହେଉ ପୁରୁଣା ବର୍ଷର ରାଜସ୍ୱ ଆଦାୟ ହୋଇଥିବା ସଂଖ୍ୟା ଟପି ଯାଉ। ଏହାକୁ ନେଇ ରାଜସ୍ୱ ଆଦାୟରେ ଥିବା ବିଭିନ୍ନ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି। ସମସ୍ତଙ୍କ ପାଖକୁ ଯାଅ। ଅନୁରୋଧ କର। ନ ହେଲେ ମାମଲା ରୁଜୁ କର। ଯାହାବି ହେଉ ରାଜସ୍ୱ ଆଦାୟର ଟାର୍ଗେଟ ପୂରଣ କର। ଏମିତି ବିଏମ୍‌ସି କାର୍ଯ୍ୟାଳୟରୁ ଆସିଛି ଦାଗିଦ୍।

ଛୋଟ ବ୍ୟବସାୟୀଙ୍କ ଠାରୁ ହୋଲ୍ଡିଂ ଟ୍ୟାକ୍ସ ଆଣି ସଂଖ୍ୟା ବଢ଼ାଇବା ସମ୍ଭବ ନୁହେଁ। ତେଣୁ ବିଏମ୍‌ସି ଟାର୍ଗେଟରେ ଏବେ ବଡ଼ ବ୍ୟବସାୟୀ ରହିଛନ୍ତି। ପ୍ରଥମେ ୫୫ ଜଣ ବଡ଼ ବ୍ୟବସାୟୀଙ୍କ ନାମକୁ ବିଏମ୍‌ସି ୱେବ୍ ସାଇଟ୍‌ରେ ସାର୍ବଜନୀନ କରାଗଲା ପରେ ଏବେ ସେମାନଙ୍କ ଦ୍ୱାରକୁ ଯାଉଛନ୍ତି ବିଏମ୍‌ସିର ଏକ ସ୍ୱତନ୍ତ୍ର ଟିମ୍। ଏହି ଟିମ୍‌ରେ ୱାର୍ଡ ଅଫିସର୍‌ମାନଙ୍କ ସମେତ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ଅଧିକାରୀଙ୍କ ତାଙ୍କ ହାତରେ ତାଲିକା ଧରି ବୁଲୁଛନ୍ତି। କେବଳ ବଡ଼ ବଡ଼ ଟିକସ ଖିଲାପକାରୀଙ୍କ ପାଖକୁ ୱାର୍ଡ ଅଫିସର୍ ସହ ଯାଉଛନ୍ତି। ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ପାଖରୁ ହୋଲ୍ଡିଂ ଟିକସ ଆଦାୟ କରାଯାଉଛି।

> ବର୍ଷ ଶେଷରେ ଲାଗିଲା ଧାଁ ଧପଡ଼
>
> ବର୍ଷସାରା ଶୋଉଛନ୍ତି, ଶେଷ ବେଳକୁ ଡେଉଁଛନ୍ତି

ତେବେ ବିଏମ୍‌ସିର ବର୍ଷ ଶେଷରେ ଏଭଳି ଧାଁ ଧପଡ଼କୁ ନେଇ ବୁଦ୍ଧିଜୀବୀମହଲରେ ସମାଲୋଚନା କରାଯାଇଛି। ବର୍ଷ ଆରମ୍ଭରୁ କ'ଣ ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଗଣମାଧ୍ୟମରେ ବାରମ୍ବାର ଖବରପ୍ରକାଶ ପାଇଲା ପରେ ପ୍ରତ୍ୟେକବର୍ଷ ଅଧିକାରୀମାନେ ଚେଇଁ ଉଠୁଛନ୍ତି। ମାତ୍ର କେଇ ଦିନ ମଧ୍ୟରେ ଟାର୍ଗେଟର ନିକଟବର୍ତ୍ତୀ ପହଞ୍ଚି ଚୁପ୍ ବସିଯାଉଛନ୍ତି। କିଛିବର୍ଷ ପୂର୍ବ ବର୍ଷ ତମାମ ଯେତିକି ଟିକସ ଆଦାୟ କରାଯାଇଥିଲା ଶେଷ ୧୦ ଦିନ ମଧ୍ୟରେ ପ୍ରାୟ ସେତିକି ରାଜସ୍ୱ ଆଦାୟ କରାଗଲା। ତେବେ ରାଜସ୍ୱ ଆଦାୟକୁ ଖାମ୍‌ଖିଆଲି ନ କରି ବ୍ୟବସ୍ଥିତ ଢଙ୍ଗରେ ବର୍ଷ ତମାମ୍ ରାଜସ୍ୱ ଆଦାୟ କରାଗଲେ ବିଏମ୍‌ସିର ରାଜସ୍ୱ ବୃଦ୍ଧିପାଇବା ସହ ଆତ୍ମନିର୍ଭର ହୋଇପାରନ୍ତା।

ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ପାଇଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଟାର୍ଗେଟ ରଖାଗଲା ୧୧୫ କୋଟି ୫୦ଲକ୍ଷ ଟଙ୍କା। ହେଲେ ବାସ୍ତବରେ କିନ୍ତୁ ଗତ ୧୩ ତାରିଖ ସୁଦ୍ଧା ମାତ୍ର ୪୫କୋଟି ୫୯ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଯାହା ୧୧୫ କୋଟି ୫୦ ଲକ୍ଷର ମାତ୍ର ୩୯ ପ୍ରତିଶତ ରହିଛି।

## ମହିଳାଙ୍କ ସୁନାଚେନ୍ ଲୁଟ୍

ଭୁବନେଶ୍ୱର, ୧୬ ।୩(ସମିସ): ଖାରବେଳନଗର ନିଗମାନନ୍ଦ ଠାକୁର ସାତଶିକ୍ଷା ମନ୍ଦିର ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ସୌଭାଗ୍ୟଲକ୍ଷ୍ମୀ ଦାଶ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୌଭାଗ୍ୟଲକ୍ଷ୍ମୀ ଯାଉଥିବା ବେଳେ ସାତଶିକ୍ଷା ମନ୍ଦିର ନିକଟ ଦେଇ ଚାଲିଚାଲି ଯାଉଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଛନ୍ତି।

## ଦୁର୍ଘଟଣାରେ ସାଇକଲ୍ ଆରୋହୀ ମୃତ

ଭୁବନେଶ୍ୱର, ୧୬ ।୩(ସମିସ): ଚନ୍ଦ୍ରଶେଖରପୁର ଥାନା ପଣ୍ଡାପାର୍କ ନିକଟରେ କାର୍ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପଶ୍ଚିମବଙ୍ଗର ଦୀପାୟନ ସାହୁ। ସେ ଏଠାରେ ଈଶାନେଶ୍ୱର ବସ୍ତିରେ ରହି ବାବାଙ୍କ ପରିବା ବ୍ୟବସାୟରେ ସହଯୋଗ କରନ୍ତି। ଶୁକ୍ରବାର ସେ ଈଶାନେଶ୍ୱର ମନ୍ଦିର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଅସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

## ଡି-୧୬ ମିନି ପାର୍କ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬ ।୩ (ସମିସ): ଭୁବନେଶ୍ୱର ମହାନଗର ନିଗମର ୬୩ ନମ୍ବର ୱାର୍ଡ ଅନ୍ତର୍ଗତ ଜଗମୋହନନଗରରେ ମିନି ପାର୍କ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ଅଶୋକ ପଣ୍ଡା ଉଦ୍‌ଘାଟିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଯାହାର ନାମ ରଖାଯାଇଛି ଡି-୧୬ ମିନି ପାର୍କ। ଏଠାରେ ଛୋଟ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଖେଳ ଜୋନ୍ ବ୍ୟବସ୍ଥା କରାଯାଇଛି। ଏହାସହ ଯୋଗ ପିଣ୍ଡି, ଜଗିଂ ଟ୍ରାକ୍ ଏବଂ ମୁକ୍ତାକାଶ ଜିମ୍‌ର ବ୍ୟବସ୍ଥା କରାଯାଇଛି। ଏପରିକି ଏଠାରେ ଏକ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଉକ୍ତ ପାର୍କ ସହରବାସୀଙ୍କୁ ଆମୋଦପ୍ରମୋଦର ଏକ ଅବସର ଭେଟି ଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



## ଟ୍ରକ୍ ବିକ୍ରି ଆଳରେ ଅଧକୋଟି ଠକେଇ

# ଶାଖା ପ୍ରବନ୍ଧକ ସହ ଦୁଇ ଗିରଫ

ଭୁବନେଶ୍ୱର, ୧୬।୩ (ସମିସ): ଟ୍ରକ୍ ଦେବାକୁ କହି ୫୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲ କେନ୍ଦ୍ରାପଡ଼ା ସଦରଥାନା ଦୁହୁରିଆର ନାରାୟଣ ମହାନ୍ତି(୪୯) ଓ କଟକ ଚାଉଳିଆଗଞ୍ଜର ଶଙ୍କର ସାହୁ(୪୦)।

ପୁଲିସର କହିବାନୁଯାୟୀ, ପ୍ରଭାତ କୁମାର ମାର୍ଥାଙ୍କ ବ୍ରିଟ୍ କଲୋନୀରେ ଏକ କାର୍ଯ୍ୟାଳୟ ରହିଛି। ଗତବର୍ଷ ମଇ/ଜୁନ ମାସରେ ନାରାୟଣ ଓ ତାଙ୍କ ସହଯୋଗୀ ଶଙ୍କର ଉକ୍ତ କାର୍ଯ୍ୟାଳୟକୁ ଆସି ପ୍ରଭାତକଙ୍କୁ ଦେଖା କରିଥିଲେ। ସେଠାରେ ନାରାୟଣ ନିଜକୁ ଚୋଲାମଣ୍ଡଲମ ଫାଇନାନ୍ସ କମ୍ପାନୀର ଶାଖା ପ୍ରବନ୍ଧକର ପରିଚୟ ଦେଇଥିଲେ। ଉକ୍ତ କମ୍ପାନୀ ପକ୍ଷରୁ ନିଲାମ ହେବାକୁ ଥିବା ଦୁଇଟି ଟ୍ରକ୍ କିଣିବା ଲାଗି ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଦୁଇଟି ଟ୍ରକର ପ୍ରସ୍ତାବିତ ମୂଲ୍ୟ ୫୦ ଲକ୍ଷ ଟଙ୍କା ବୋଲି ଅଭିଯୋଗକାରୀଙ୍କୁ କହିଥିଲେ। ପରେ ପ୍ରଭାତ ଟ୍ରକ୍ କିଣିବା ପାଇଁ ଉଭୟଙ୍କର ଠିକଣା ପଚାରିଥିଲେ। ଉଭୟ ଅଭିଯୁକ୍ତ ନିଜର ଘର କଟକରେ ବୋଲି କହିଥିଲେ। ପ୍ରଭାତଙ୍କ ମନରେ ଆହୁରି ବିଶ୍ୱାସ ଜନ୍ମାଇବା ଲାଗି ଦୁଇ ଅଭିଯୁକ୍ତ ୧୪ ଚକିଆ ଟ୍ରକ୍‌ର ଭିଡିଓକୁ ତାଙ୍କ ହ୍ୱାଟ୍ସଆପ୍‌କୁ ପଠାଇଥିଲେ। ଏହି ଭିଡିଓ ଦେଖିବା ପରେ ପ୍ରଭାତ ଦୁଇଟି ଟ୍ରକ୍ କିଣିବା ଲାଗି ନାରାୟଣ ଓ ଶଙ୍କରଙ୍କୁ ୫୦ ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲେ। ୧୪ ଚକିଆ ଟ୍ରକ୍ ବାବଦକୁ ୨୦ ଲକ୍ଷ ୫୦ହଜାର ଓ ଏକ ୧୬ ଚକିଆ ଟ୍ରକ ବାବଦକୁ ୨୯ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଚୁକ୍ତି ଅନୁଯାଇ ଧାର୍ଯ୍ୟ ଟଙ୍କା ପାଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଭୟ ଟ୍ରକ୍ ପ୍ରଭାତଙ୍କୁ ଡେଲିଭରି ଦେବାର ଅବଧି ଦିଆଯାଇଥିଲା। କିନ୍ତୁ ସମସ୍ତ ଟଙ୍କା ପାଇବାର ୧୨ ଦିନ ପରେ ଉଭୟ ନାରାୟଣ ଓ ଶଙ୍କର ଟ୍ରକ୍ ଡେଲିଭରୀ ଦେଇ ନ ଥିଲେ କି ପ୍ରଭାତଙ୍କ ଫୋନ ଉଠାଇ ନ ଥିଲେ। ଏଥିରେ ପ୍ରଭାତଙ୍କ ସନ୍ଦେହ ହେବାରୁ ଚୋଲାମଣ୍ଡଲମ ଫାଇନାନ୍ସ କମ୍ପାନୀର ଶାଖା କାର୍ଯ୍ୟାଳୟକୁ ଯାଇଥିଏ। ସେଠାରେ ପଚରାଉଚରା କରିବା ପରେ, କମ୍ପାନୀ ତରଫରୁ ସେଭଳି କୌଣସି ଟ୍ରକ ନିଲାମ ପାଇଁ ନଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକାରୀ ପ୍ରଭାତ ଦୁଇ ଅଭିଯୁକ୍ତଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଦୁଇଟି କିସ୍ତିରେ ୧୪ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ବାକି ଟଙ୍କା ଫେରସ୍ତ ଲାଗି ଯେତେ ଅନୁରୋଧ କରିଥିଲେ ମଧ୍ୟ ଉଭୟ ଧରାଛୁଆଁ ଦେଉନଥିଲେ। ଏନେଇ ପ୍ରଭାତ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ ରସୁଲଗଡ଼ ଛକ ନିକଟରୁ ଗିରଫ କରିଥିଲେ।





## ରାଜଧାନୀ ପଥପ୍ରାନ୍ତେ

# 'ମୋର ଲାଭ ନାହିଁ କି ଲୋଭ ନାହିଁ'



> ଭୁବନେଶ୍ୱର କଚେରି ପରିସରରେ ହରି ମଉସାଙ୍କ ଭଜା ବାଦାମ

ଭୁବନେଶ୍ୱର, ୧୬ ।୩(ସମିସ): ବଳ ବଅସ ସରିଲାଣି। ଆଖିକୁ କମ୍ ଦେଖାଯିବା, କାନକୁ କମ୍ ଶୁଣାଯିବା, ଟିକେ ଚାଲିଗଲେ ହାତ ଗୋଡ଼ ବଥା ହେବା ଆଦି ଜୀବନ ସରିଯିବାର ସଙ୍କେତ ଈଶ୍ୱରଙ୍କ ପାଖରୁ ଆସିଲାଣି। ହେଲେ କୁଳ ବେଉସାରୁ କେବେ ବିମୁଖ ହୋଇନି। ଅନ୍ୟ ବେପାର କଲେ ଭଲ ରୋଜଗାର ହେବ ବୋଲି ଯେତେ ଲୋକ ଆଶା ଦେଖାଇଲେ ବି କେବେ ଲୋଭର ବଶବର୍ତ୍ତୀ ହୋଇ ବାପା ଅଜା ଚଉଦ ପୁରୁଷରୁ କରି ଆସୁଥିବା ବେଉସା ଛାଡ଼ିନି। ପିଣ୍ଡରେ ପ୍ରାଣ ଥିବା ଯାଏଁ ଯଦି ଏଇମିତି କାମ କରିବାକୁ ପଡ଼େ, ତେବେ ଏଇ ବେପାର ହିଁ କରିବି।" ଏ ହେଉଛି କଳ୍ପନା କୋର୍ଟ ପାଖରେ ଭଜା ବାଦାମ, ସେଉ ଗାଣ୍ଠିଆ ବିକ୍ରି କରୁଥିବା ୬୫ବର୍ଷୀୟ ହରି ଗୁଡ଼ିଆଙ୍କ କଥା। ବର୍ତ୍ତମାନ ସମୟରେ କୁଳ ବେଉସା ଛାଡ଼ି ସମସ୍ତେ ସହରମୁହାଁ ହେଉଥିବାବେଳେ ହରି ମଉସା ହେଉଛନ୍ତି ସେମାନଙ୍କ ପାଇଁ ଏକ ଚଳନ୍ତି ଉଦାହରଣ।

୧୯୯୯ ମହାବାତ୍ୟା ସମୟରୁ ସେ କୋର୍ଟ ପରିସରରେ ବାଦାମ ବିକ୍ରି କରି ଆସୁଛନ୍ତି। ଜଟଣୀରେ ରୁହନ୍ତି ହରି ଦତ୍ତ ତଥା ଭୁବନେଶ୍ୱର କଚେରି ପରିସରର ପରିଚିତ ନାଁ ହରି ମଉସା। ପ୍ରତିଦିନ ସକାଳୁ ବାଦାମ ଓ ସେଉ ଗାଣ୍ଠିଆ ଭାଜି ସଟଲ୍ ଟ୍ରେନ୍‌ରେ ଭୁବନେଶ୍ୱର ଆସନ୍ତି। ମାଷ୍ଟରକ୍ୟାଣ୍ଟିନ୍‌ରୁ ଚାଲି ଚାଲି କୋର୍ଟ ପର୍ଯ୍ୟନ୍ତ ଆସନ୍ତି ଆଉ କୋର୍ଟ ପରିସରରେ ନିଜର ଭଜା ବାଦାମ ପସରା ମେଲାଇ ଗ୍ରାହକଙ୍କୁ ଅପେକ୍ଷା କରନ୍ତି। କୋର୍ଟରେ ଚାକିରି କରିଥିବା କିରାଣିଙ୍କଠାରୁ ବିଚାରପତିଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ବାଦାମ ଓ ସେଉ ମିକ୍ସଚର୍‌କୁ ବେଶ ଆଦର କରନ୍ତି। ଶହେ ଗ୍ରାମ୍‌କୁ ୨ଟଙ୍କାରୁ ଆରମ୍ଭ କରିଥିଲେ। ଏବେ ତା' ଆସି ୨୦ଟଙ୍କାରେ ପହଞ୍ଚିଲାଣି। ଦିନକୁ ୩ଶହରୁ ୪ଶହ ଟଙ୍କା ଲାଭ କରନ୍ତି। ଏତିକିରେ ୪ ପ୍ରାଣୀ କୁଟୁମ୍ବଙ୍କୁ ଗୁଜୁରାଣ ମେଣ୍ଟାନ୍ତି। ଏବେ ପୁଅମାନେ ବଡ଼ ହୋଇଗଲେଣି। ନିଜ ଗୋଡ଼ରେ ନିଜେ ଛିଡ଼ା ହେଲେଣି। ତେଣୁ ତାଙ୍କୁ କାମ କରିବାକୁ ବାରଣ କରୁଛନ୍ତି। ହେଲେ ହାତ ଗୋଡ଼ ଦମ୍ଭିଲା ଥିବା ପର୍ଯ୍ୟନ୍ତ ସେ କାମ କରିବେ ବୋଲି ପିଲାମାନଙ୍କୁ ରୋକଠୋକ୍ ଶୁଣାଇ ଦେଇଛନ୍ତି। ଅନ୍ୟ କୌଣସି ଲାଭଜନକ ବେପାର ନ କରି ଏହି ବେପାର କାହିଁ କଲେ ବୋଲି ତାଙ୍କୁ ପଚାରିବାରୁ ସେ କୁହନ୍ତି ମୋର 'ଲାଭ ନାହିଁ କି ଲୋଭ ନାହିଁ'। ଯେତିକି ହେଉଛି ସେତିକିରେ ଖୁସି। ଜୀବନ ସାରା ବାପା, ଅଜା ଚଉଦ ପୁରୁଷର କୁଳବେଉସା କରିପାରିଲି ତା'ଠୁ ବଳି ଆନନ୍ଦର ବିଷୟ ଆଉ ମୋ ପାଇଁ କିଛି ନାହିଁ।

ଅସଜଡ଼ା ଭଙ୍ଗା ଦଦରାରୁ ଚକ୍‌ଚକିଆ ସ୍ମାର୍ଟସିଟି ପର୍ଯ୍ୟନ୍ତ ସେ ରାଜଧାନୀକୁ ଖୁବ୍ ପାଖରୁ ଦେଖିଛନ୍ତି। ତାଙ୍କ ଆଖି ଆଗରେ ଏ ରୂପାନ୍ତରଣ ହୋଇଛି ବୋଲି ସେ କୁହନ୍ତି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରିତ୍ୱକୁ ଯେତିକି ବର୍ଷ ବିତିଲାଣି, ରାଜଧାନୀକୁ ତାଙ୍କ ଆଗମନ ସେତିକି ବର୍ଷ ହେଲାଣି ବୋଲି ସେ ହସି ହସି କୁହନ୍ତି। ପିଢ଼ିର ପରିବର୍ତ୍ତନ ଓ ରାଜଧାନୀର ବିକାଶର ନୂଆ ନକ୍ସା ତାଙ୍କ ଆଖି ସାମ୍ନାରେ ରହିଛି ବୋଲି ସେ କୁହନ୍ତି। ହେଲେ ଏବେ ରାଜଧାନୀଟା ଯନ୍ତ୍ରବତ୍ ହୋଇଯାଇଛି। ମଣିଷମାନେ ଯନ୍ତ୍ର କବଳରେ କବଳିତ ହୋଇଯାଇଛନ୍ତି। ପୂର୍ବଭଳି କାହା ପାଖରେ ସେ ଆତ୍ମୀୟତା ବାରି ପାରୁନାହାନ୍ତି ବୋଲି ବେଶ କ୍ଷୋଭର ସହ କୁହନ୍ତି ହରି ମଉସା।

## ଶିମିଳିପାଳ ଅଭୟାରଣ୍ୟରୁ ୩ଟି ବନ୍ଧୁକ ଜବତ

ବାରିପଦା, ୧୬।୩ (ସମିସ): ଶିମିଳିପାଳ ଅଭୟାରଣ୍ୟର ପାଦଦେଶରୁ ୩ଟି ବନ୍ଧୁକ ଜବତ ହୋଇଛି। ଖବର ପାଇ ପାଦଦେଶ ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ପୁଲିସ ଚଢ଼ଉ କରି ଏହି ବନ୍ଧୁକକୁ ଜବତ କରିଛି। ସେଥିମଧ୍ୟରୁ ବଡ଼ସାହି ଥାନା ଅଞ୍ଚଳରୁ ଗୋଟିଏ ଓ ଖୁଣ୍ଟା ଥାନା ଅଞ୍ଚଳରୁ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ଖୁଣ୍ଟା ଓ ବଡ଼ସାହି ଥାନାରେ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଖୁଣ୍ଟା ଓ ବଡ଼ସାହି ଥାନା ପକ୍ଷରୁ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ନିଜ ନିଜ ଅଞ୍ଚଳରେ ବେଆଇନ ବନ୍ଧୁକ ଧରପଗଡ଼ ଚଳାଇଥିବା ବେଳେ ଖବର ପାଇ ଶିମିଳିପାଳ ପାଦଦେଶରେ ଥିବା ଜଙ୍ଗଲ ମଧ୍ୟରୁ ବନ୍ଧୁକ ଗୁଡ଼ିକୁ ଜବତ କରିଥିଲେ।

## ଝୁଲିପଡ଼ିଲେ ପ୍ରେମୀଯୁଗଳ

ଦାନଗଦି, ୧୬।୩ (ସମିସ): କଳିଙ୍ଗନଗର ଥାନା ଅନ୍ତର୍ଗତ ଦୁର୍ଗାପୁର ତରାସାହିରେ ଆଜି ଅପରାହ୍ଣରେ ବେକରେ ଓଢ଼ଣୀ ଓ ଲୁଗା ଲଗାଇ ପ୍ରେମୀଯୁଗଳ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକଦ୍ୱୟ ହେଲେ, ଦୁର୍ଗାପୁର ଗ୍ରାମର ଗୋବିନ୍ଦ ଚାମ୍ପିଆଙ୍କ ଝିଅ ବର୍ଷା (୧୯) ଓ ସନାତନ ପିଙ୍ଗୁଆଙ୍କ ପୁଅ ଗୋପି (୨୨)। କଳିଙ୍ଗନଗର ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବର୍ଷା ଓ ଗୋପି ସନାତନଙ୍କ ଘରେ ରହୁଥିଲେ। ଉଭୟଙ୍କ ମଧ୍ୟରେ ମଝିରେ ମଝିରେ କଳହ ଲାଗି ରହେ। ଗତକାଲି ରାତିରେ ଦୁଇଜଣଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ପରେ ଘରେ କବାଟ ଦେଇ ଶୋଇଥିଲେ। ସକାଳୁ ସେମାନେ ନ ଉଠିବାରୁ ପରିବାରଲୋକେ କବାଟ ଭାଙ୍ଗିଥିଲେ ଓ ଉଭୟଙ୍କ ଝୁଲନ୍ତା ଶବ ଦେଖିବାକୁ ପାଇଥିଲେ। ଏନେଇ କଳିଙ୍ଗନଗର ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ପୁଲିସ ୪/୨୦୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କେନ୍ଦୁଝର, ୧୬।୩ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଶନିବାର ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସୁପାରିସ କରିଛନ୍ତି। ଦୋଷୀଜଣଙ୍କ ହେଲା, ଯାତ୍ରା ଦେହୁରୀ ଓରଫ୍ ନାଏକ।

ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ଫୁଲଘର ମହୁଲପଡ଼ା ଗ୍ରାମର ଯାତ୍ରା ଦେହୁରୀ ଓରଫ୍ ନାଏକ କେନ୍ଦୁଝର ଜିଲ୍ଲାରେ ଇଲେକ୍ଟ୍ରିସିଆନ୍ ଭାବେ କାମ କରୁଥିଲା। ସେଠାରେ ସେ ଜଣେ ନାବାଳିକାକୁ ଗତ ୨୦୨୨ ଡିସେମ୍ବର ୨୨ତାରିଖରେ ଅପହରଣ କରି ନେଇଥିଲା। ଏ ସଂପର୍କରେ ନାବାଳିକାର ପରିବାର କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୨୩ ଜାନୁଆରୀ ୧ ତାରିଖରେ ପୁଲିସ କେନ୍ଦୁଝର ବସ୍‌ଷ୍ଟାଣ୍ଡ ନିକଟରୁ ପୀଡ଼ିତାକୁ ଉଦ୍ଧାର କରିବା ସହ ନାଏକକୁ ଗିରଫ କରିଥିଲା। ପୀଡ଼ିତାର ବୟାନ ନେବା ପରେ ଏହା ଏକ ଦୁଷ୍କର୍ମ ମାମଲା ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ଅଭିଯୁକ୍ତକୁ ଦଫା ୩୬୩/୩୬୬/୩୭୬(୩) ଆଇପିସି ଏବଂ ୬ ପୋକ୍ସ ଧାରା ରୁଜୁ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ବୋଲି ଜଣାପଡ଼ିଛି।

### ଆଉ ହାର୍ଡକପିକୁ ଅପେକ୍ଷା କରିବାକୁ ପଡ଼ିବନି

# ମାଟ୍ରିକ୍ ପରୀକ୍ଷାର୍ଥୀ ପାଇବେ ଡିଜିଟାଲ ସାର୍ଟିଫିକେଟ୍

**ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନୂଆ ବ୍ୟବସ୍ଥା**

**ଫଳ ପ୍ରକାଶନର ୭ଦିନ ପରେ ୱେବ୍‌ସାଇଟ୍‌ରେ ହେବ ଉପଲବ୍ଧ**

**୨୮ ତାରିଖ ସୁଦ୍ଧା ସରିବ ଖାତାଦେଖା**



କଟକ, ୧୬।୩ (ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷା ଶେଷ ହୋଇ ମୂଲ୍ୟାୟନ ପ୍ରକ୍ରିୟା ଜାରି ରହିଛି। ତେବେ ଏଥର ନିର୍ଦ୍ଧାରିତ ସମୟରେ ମାଟ୍ରିକ୍ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୪ ସାଧାରଣ ନିର୍ବାଚନ କାର୍ଯ୍ୟ ପାଇଁ କିଛିଟା ପ୍ରତିବନ୍ଧକ ଥିଲେ ବି ଏହା ଫଳ ପ୍ରକାଶନ ସମୟକୁ ପ୍ରଭାବିତ କରିବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଚଳିତବର୍ଷ ପ୍ରଥମଥର ପାଇଁ ମାଟ୍ରିକ୍ ପରୀକ୍ଷାର୍ଥୀମାନଙ୍କ ପାଇଁ ଡିଜିଟାଲ ସାର୍ଟିଫିକେଟ୍ ଉପଲବ୍ଧ କରାଯିବ। ଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଏହି ସାର୍ଟିଫିକେଟ୍‌କୁ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ଡାଉନଲୋଡ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ହାର୍ଡ-କପି ପ୍ରମାଣପତ୍ର ସ୍କୁଲରୁ ଆଣିବା ଯାଏଁ ଅପେକ୍ଷା ନ କରି ଡାଉନଲୋଡ କରିଥିବା ଡିଜିଟାଲ ପ୍ରମାଣପତ୍ର ବ୍ୟବହାର କରି ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଉଚ୍ଚତର ଶିକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି ଫଳ ବାହାରିବାର ୧୫ଦିନ ମଧ୍ୟରେ ସ୍କୁଲରୁ ପୂର୍ବଭଳି ସେମାନଙ୍କ ପ୍ରମାଣପତ୍ରର ହାର୍ଡ କପି ସଂଗ୍ରହ କରିପାରିବେ।

ମାଟ୍ରିକ ଖାତାଦେଖା ଆସନ୍ତା ୨୮ ତାରିଖ ସୁଦ୍ଧା ଏହାକୁ ଶେଷ କରିବା ପାଇଁ ପାଇଁ ଲକ୍ଷ୍ୟ ରଖାଯାଇଛି। ଖାତାଦେଖାକୁ ନିର୍ଭୁଲ କରିବାକୁ ଚଳିତ ବର୍ଷ 'ଚେକର ଓ ମେକର' ବ୍ୟବସ୍ଥା ହୋଇଛି। ମୂଲ୍ୟାୟନ କେନ୍ଦ୍ରରୁ ଓ ଟେକନିକାଲ ଫାର୍ମ ସହ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟର ଯୋଗାଯୋଗ ରହିଛି। କଡ଼ା ସୁରକ୍ଷା ବ୍ୟବସ୍ଥାରେ ଖାତାଦେଖା ଚାଲିଛି। ଏଥିରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀ ସେଣ୍ଟର ସୁପରଭାଇଜର ଓ କ୍ୟାମ୍ପ ଅଫିସରଙ୍କ ନିକଟରେ ନିଜ ମୋବାଇଲ ହସ୍ତାନ୍ତର କରି ଭିତରକୁ ଯାଉଛନ୍ତି। ଖରାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଖାତାଦେଖା ସମୟ ସକାଳୁଆ କରାଯାଇପାରିବ ବୋଲି କୁହାଯାଇଛି।

ପ୍ରକାଶଥାଉକି ଚଳିତ ବର୍ଷ ୫ଲକ୍ଷ ୬୨ ହଜାର ୨୭୯ ପିଲା ମାଟ୍ରିକ ପରୀକ୍ଷା ଦେଇଥିଲେ। ୩୦ଟି ଜିଲ୍ଲାର ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ୧୬, ୨୩୫ ଶିକ୍ଷକ ଖାତା ଦେଖାରେ ନିୟୋଜିତ ହୋଇଛନ୍ତି।

### ■ ବେହେରଣ ଦ୍ୱାରରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୧୬।୩ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ବେହେରଣ ଦ୍ୱାର ପାହାଚରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ଶନିବାର ଭୋର ୫ଟା ୨୫ରେ ଦ୍ୱାର ଫିଟିଥିଲା। ୬ଟା ୧୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ୭ଟା ୩୦ରେ ଅବକାଶ ପୂଜା ସରିବା ପରେ ଭିତରକାଠ ଦର୍ଶନ ଚାଲିଥିଲା। ୮ଟା ୩୫ରେ ବଢ଼ିଥିଲା। ଏହି ସମୟରେ ବେହେରଣ ଦ୍ୱାର ଭିତର ପାହାଚ ନିକଟରେ ଜଣେ ଭକ୍ତ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂର୍ବାହ୍ନ ୧୦ଟା ୨୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ସାଢ଼େ ୧୦ଟାରେ ମହାସ୍ନାନ ବଢ଼ିବା ପରେ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

# ପାଣିରେ ବୁଡ଼ି ୪ ମୃତ

## ବୈତରଣୀରୁ ୨ ଭଉଣୀଙ୍କ ଶବ ଉଦ୍ଧାର

ଭଦ୍ରକ/ଆରଡ଼ି, ୧୬।୩(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଆରଡି ଫାଣ୍ଡି ଅଧୀନ ମୁଆଁ ଗାଁର ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତଦେହ ଆଜି ବୈତରଣୀ ନଦୀରୁ ଉଦ୍ଧାର କରଯାଇଛି। ମୁଆଁ ଗାଁର ବାପିନ ଦାସଙ୍କ ଝିଅ ବର୍ଷାରାଣୀ ଦାସ ଓ ପୀତାମ୍ବର ଦାସଙ୍କ ଝିଅ ଭୂମିକା ଦାସ ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ। ୨ଭଉଣୀଙ୍କର ମୃତଦେହ ଶନିବାର ଅପରାହ୍ଣରେ ପୃଥକ୍ ଭାବେ ବୈତରଣୀରୁ ମିଳିଛି। କୟାଁଗୋଲା ଘାଟରୁ ବର୍ଷାରାଣୀକୁ ଉଦ୍ଧାର କରାଯାଇଥିବା ବେଳେ ମୁଆଁ ଘାଟରୁ ଭୂମିକାକୁ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ। ସୂଚନା ଅନୁଯାୟୀ, ବର୍ଷାରାଣୀ ଚଳିତବର୍ଷ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ଭୂମିକା ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲା। ୨ଜଣ ଗତକାଲି ମଧ୍ୟାହ୍ନରୁ ବୈତରଣୀ ନଦୀରେ ନିଖୋଜ ଥିବା ପରିବାର ଲୋକ କହିଛନ୍ତି। କେଉଁ କାରଣ ପାଇଁ ୨ ଭଉଣୀ ନଦୀକୁ ଯାଇଥିଲେ, ଏହାର କାରଣ ଅସ୍ପଷ୍ଟ ରହିଛି। ଆରଡି ପୁଲିସ ଓ ଯାଜପୁର ଜିଲ୍ଲା ମଙ୍ଗଳପୁର ପୁଲିସ ଶବକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ୨ଭଉଣୀ ସାଙ୍ଗ ହୋଇ ଗତ ଶୁକ୍ରବାର ଅପରାହ୍ଣରୁ ଗାଁ ନିକଟରେ ଥିବା ନଦୀକୂଳରେ ବୁଲୁଥିଲେ। ଗତକାଲି ୨ଜଣ ଘରକୁ ଫେରି ନଥିବାରୁ ଘରଲୋକ ଖୋଜାଖୋଜି କରୁଥିଲେ। ଏକକାଳୀନ ୨ଜଣଙ୍କର ମୃତଦେହ ଆଜି ବୈତରଣୀ ନଦୀରୁ ମିଳିବା ପରେ ଭିନ୍ନଭିନ୍ନ ମତପ୍ରକାଶ ପାଇଛି।

## ଖେଳୁଖେଳୁ ପୋଖରୀରେ ବୁଡ଼ିଗଲେ ଦୁଇ ଶିଶୁକନ୍ୟା

ଦାନଗଦି, ୧୬।୩ (ସମିସ): ଯାଜପୁରରୋଡ୍ ଥାନା ଅନ୍ତର୍ଗତ କୁଳପଶି ଗ୍ରାମରେ ଆଜି ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଖେଳୁଥିବା ଦୁଇ ଶିଶୁକନ୍ୟା ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଯଖପୁରା ଗ୍ରାମର କିଶୋର ସାମଲଙ୍କ କୁଳପଶିରେ ଥିବା ଫାର୍ମ ହାଉସ୍ ପୋଖରୀରେ ଏଭଳି ଅଘଟଣ ଘଟିଛି। ସୂଚନା ମୁତାବକ, କିଶୋର ସାମଲଙ୍କ ଫାର୍ମହାଉସରେ ରଞ୍ଜନ ନାୟକ କର୍ମଚାରୀ ଭାବେ କାମ କରନ୍ତି। ଆଜି ସେଠାରେ ତାଙ୍କର ୪ବର୍ଷର ଝିଅ ଗୁରୁବାରି ଓ ୩ ବର୍ଷର ଭାଣିଜୀ ସୁକୁମାରୀ ଖେଳୁଥିବା ବେଳେ କୌଣସି କାରଣରୁ ପୋଖରୀକୁ ଚାଲି ଯାଇଥିଲେ। ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ପୋଖରୀ ଭିତରେ ଖୋଜିଥିଲେ। ସେଠାରୁ ଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଯାଜପୁରରୋଡ୍ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇବା ସହ ଏନେଇ ୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ■ ଡାକ୍ତରଙ୍କୁ ଅଶାଳୀନ ବ୍ୟବହାର

## ବୌଦ୍ଧ ଜିଲ୍ଲାପାଳ, ଏସ୍‌ପିଙ୍କ ବିରୋଧରେ ଏତଲା



ବୌଦ୍ଧ, ୧୬।୩ (ସମିସ): ଡାକ୍ତରଙ୍କୁ ଅଶାଳୀନ ବ୍ୟବହାର ପ୍ରତିବାଦରେ ବୌଦ୍ଧ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବୌଦ୍ଧ ଥାନାରେ ଏତଲା ଦିଆଯାଇଛି। ଶୁକ୍ରବାର ଅପରାହ୍ଣରେ ନିର୍ବାଚନ ସଂକ୍ରାନ୍ତୀୟ ବିଷୟକୁ ନେଇ ପୁରୁଣା ଆଇଟିଆଇରେ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଇଟିଆଇରେ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ସମ୍ଭବ ହେବ ନାହିଁ ବୋଲି ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଥିଲେ। ଏଥିରେ ଜିଲ୍ଲାପାଳ ହଠାତ ଉତ୍‌କ୍ଷିପ୍ତ ହୋଇ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ପ୍ରତି ଆପତ୍ତିଜନକ ଭାଷା ପ୍ରୟୋଗ କରିଥିଲେ ବୋଲି ଅଭିଯୋଗ ହୋଇଛି।

ବିଳମ୍ବିତ ରାତିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ମଦନ ମୋହନ ପ୍ରଧାନ ବୌଦ୍ଧ ଥାନାରେ ଏନେଇ ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ରାଜପ୍ରସାଦଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେହିପରି ଏହି ଘଟଣାର ପ୍ରତିବାଦ କରି ଶନିବାର ଜିଲ୍ଲାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗକାରୀ ଡାଃ ପ୍ରଧାନଙ୍କ ସମେତ ଏଡିଏମ୍‌ଓ ଡାଃ ସଂଘମିତ୍ରା ପଣ୍ଡା, ଏଡିଏମ୍‌ଓ ଡାଃ କିଶୋରଚନ୍ଦ୍ର ପଟ୍ଟନାୟକ ଏବଂ ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ଅଧିକାରୀମାନେ ଜିଲ୍ଲାପାଳଙ୍କ ବଦଳି ଦାବି କରିଛନ୍ତି। ୬୨ବର୍ଷୀୟ ଡାଃ ପ୍ରଧାନ ଜଣେ ବରିଷ୍ଠ ନାଗରିକ। ଯୁବ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ବ୍ୟବହାର ତାଙ୍କୁ ଗଭୀର ଆଘାତ ଦେଇଛି ବୋଲି ସେ କହିଛନ୍ତି। କିନ୍ତୁ ଏହି ବିବାଦ ଦ୍ୱାରା ରୋଗୀସେବା ବ୍ୟାହତ ହେବନାହିଁ ବୋଲି କୁହାଯାଇଛି। ଅପରପକ୍ଷେ ଏହାର ସମାଧାନ ନ ହେଲେ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା)ର ନିଷ୍ପତ୍ତିକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ ଡାକ୍ତରମାନେ ଜଣାଇଛନ୍ତି।

### ଓଓଏ ହାତରେ ରହିଲା ବାରବାଟୀର ମାଲିକାନା

## ରାଜ୍ୟ ସରକାରଙ୍କୁ କ୍ରୀଡ଼ା ସଂଗଠକ ଜଣାଇଲେ କୃତଜ୍ଞତା



କଟକ, ୧୬।୩(ସମିସ): ଐତିହାସିକ ବାରବାଟୀ ଷ୍ଟାଡିୟମର ମାଲିକାନା ପୁଣିଥରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ(ଓଓଏ) ହାତରେ ରହିଛି। ଏକର ପ୍ରତି ମାତ୍ର ୧ ଟଙ୍କା ହିସାବରେ ବାରବାଟୀ ଷ୍ଟାଡିୟମ ଜମି ଲିଜ୍ ସୂତ୍ରରେ ରାଜ୍ୟ ସରକାର ଓଓଏକୁ ପ୍ରଦାନ କରିଛନ୍ତି। ରାଜ୍ୟ କ୍ୟାବିନେଟ୍‌ରେ ଏହା ମଞ୍ଜୁର ହେବା ପରେ ରାଜ୍ୟର କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଙ୍ଗଠକଙ୍କ ମହଲରେ ଖୁସିର ଲହରୀ ଖେଳିଛି। ଶନିବାର ସନ୍ଧ୍ୟାରେ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କ୍ୟାବିନେଟ୍‌ରେ ଏହି ଘୋଷଣା ପରେ ବାରବାଟୀ ଷ୍ଟାଡିୟମର ନବୀକରଣ ନିମନ୍ତେ ପଥ ଉନ୍ମୁକ୍ତ ହୋଇଛି। ଏ ଦିଗରେ ସହଯୋଗ କରିଥିବା ହେତୁ କ୍ରୀଡ଼ା ସଙ୍ଗଠକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରକାଶଯୋଗ୍ୟ, ୧୯୪୯-୫୦ ମସିହାରେ ମୋଟ ୨୬ ଏକର ୭ଶହ ଡେସିମିଲ ଜମି ଲିଜ ସୂତ୍ରରେ ରାଜ୍ୟ ସରକାର ଓଓଏକୁ ପ୍ରଦାନ କରିଥିଲେ। ସେତେବେଳେ ଉକ୍ତ ଜମିରେ ବାରବାଟୀ ଷ୍ଟାଡିୟମ୍ ନିର୍ମାଣ ହୋଇଥିଲା।

### ଟ୍ରକ୍ ସହ ୪ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ ମାମଲା

## ୟୁପିର ଦୁଇଜଣଙ୍କୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର, ୧୬।୩ (ସମିସ): ଏକ ଗଞ୍ଜେଇ ଚାଲାଣ ମାମଲାର ଶନିବାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ) ରାଜ କୁମାର ଦାଶ ଦୁଇଜଣ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀଦ୍ୱୟ ହେଲେ, ଉତ୍ତରପ୍ରଦେଶ ବରେଲିର ରାମ ଦାସ(୩୫) ଓ ଭୂପିନ୍ଦର ସିଂ(୨୫)। ଜେଲଦଣ୍ଡ ସହ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ, ଉଭୟ ଅଭିଯୁକ୍ତ ଅତିରିକ୍ତ ୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଗଞ୍ଜେଇ ଚାଲାଣ ହେଉଥିବା ନେଇ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ୨୦୨୨ ମସିହା ମାର୍ଚ୍ଚ ୧୧ ତାରିଖ ପୂର୍ବାହ୍ନରେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଏକ ଟ୍ରକକୁ ଅଟକାଇ ଟିମ୍ ଯାଞ୍ଚ କରିଥିଲା। ସେଥିରେ ପ୍ରାୟ ୪ କ୍ୱିଣ୍ଟାଲ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଟ୍ରକରେ ଥିବା ଉତ୍ତରପ୍ରଦେଶର ଭୂପିନ୍ଦର ସିଂ ଓ ରାମ ଦାସକୁ ଗିରଫ କରାଯାଇଥିଲା। ସେମାନେ ଗଜପତି ଜିଲ୍ଲାରୁ ଗଞ୍ଜେଇ ଆଣି ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ସ୍ୱୀକାର କରିଥିଲେ। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# କ୍ୟାଡର୍ ମାଓବାଦୀ ମହେଶ୍‌ର ଆତ୍ମସମର୍ପଣ



**୨୦୧୧ରୁ ବଲାଙ୍ଗିର-ବରଗଡ଼ ସୀମାରେ ଚଳାଇଥିଲା ମାଓ ହିଂସା**

**ଆତ୍ମସମର୍ପଣ ପଛରେ କ୍ୟାମ୍ପରେ ଅରାଜକତା, ସଫଳ ସରକାରୀ ଯୋଜନା**

ବଲାଙ୍ଗିର, ୧୬।୩ (ସମିସ): ଗତ ୧୪ବର୍ଷ ଧରି ବଲାଙ୍ଗିର-ବରଗଡ଼ ସୀମାରେ ଆତଙ୍କ ଖେଳାଉଥିବା ମାଓବାଦୀ ସୋମନାଥ ଅଚଲା ଓରଫ୍ ମହେଶ ଶନିବାର ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ମହେଶର ଘର ଛତିଶଗଡ଼ କାଙ୍କେଡ ଜିଲ୍ଲାରେ। ୨୦୧୧ରୁ ବଲାଙ୍ଗିର ଓ ବରଗଡ଼ ସୀମା ମହାସମୁନ୍ଦ ଡିଭିଜନ୍‌ରେ ମାଓ ଏରିଆ କମାଣ୍ଡର୍ ଭାବେ ମହେଶ ନିୟୋଜିତ ଥିଲା। ମାଓ କ୍ୟାମ୍ପରେ ଦିଆଯାଉଥିବା ନିର୍ଯାତନା ପାଇଁ ସଂଗଠନ ପ୍ରତି ବିମୁଖ ଥିବା ମହେଶ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା, ପୁଲିସ ଓ ସରକାର ପ୍ରତି ଲୋକଙ୍କ ସମର୍ଥନ ବଢୁଥିବା ଦେଖି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଥିବା କହିଛି। ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ ଆଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

୨୦୦୬ରେ ମହେଶ ମାଓ କ୍ୟାମ୍ପରେ ଯୋଗ ଦେଇଥିଲା। ସେହିଦିନଠାରୁ ହିଁ ସେ ଛତିଶଗଡ଼ ଜିଲ୍ଲାରେ ବିଭିନ୍ନ ହିଂସାକାଣ୍ଡରେ ସଂପୃକ୍ତ ରହିଥିଲା। ୨୦୧୧ ମସିହାରେ ସେ ବଲାଙ୍ଗିର-ବରଗଡ଼ ସୀମା ମାଓ କ୍ୟାମ୍ପରେ ଯୋଗ ଦେଇଥିଲା। ଗତ ୧୪ବର୍ଷ ଧରି ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ ହୋଇଥିବା ଅନେକ ମାଓ ହିଂସା ମାମଲାରେ ସେ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି। ମହେଶ ମୁଣ୍ଡ ଉପରେ ରାଜ୍ୟ ସରକାର ୩ଲକ୍ଷ ଟଙ୍କା ପୁରସ୍କାର ରାଶି ମଧ୍ୟ ରଖିଥିଲେ। କିଛି ଦିନ ତଳେ କମ୍ବିଂ ଅପରେସନ୍‌ରେ ମହେଶ ପୁଲିସ ହାତରେ ଧରାପଡ଼ିଥିଲା। ସେ ମୁଖ୍ୟସ୍ରୋତକୁ ଫେରିବା ପାଇଁ ରାଜି ହୋଇଥିଲା।

ମହେଶ ଗଣମାଧ୍ୟମକୁ କହିଛି, ମାଓ ସଂଗଠନ କିଛି ବର୍ଷ ମଧ୍ୟରେ ଆଦର୍ଶ ହରାଇଛି। ମାଓ କ୍ୟାମ୍ପରେ ମହିଳା କ୍ୟାଡର୍ ମାଓବାଦୀଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ବରିଷ୍ଠମାନେ କନିଷ୍ଠ କ୍ୟାଡର୍ ମାଓବାଦୀଙ୍କୁ ହୀନଦୃଷ୍ଟିରେ ଦେଖୁଛନ୍ତି। ପଦୋନ୍ନତି ସମୟରେ ମଧ୍ୟ ପାତରଅନ୍ତର କରାଯାଉଛି। ଏହାରି ଭିତରେ କିନ୍ତୁ ରାଜ୍ୟ ସରକାରଙ୍କ ସଫଳ ଯୋଜନା ତୃଣମୂଳସ୍ତରକୁ ପହଞ୍ଚିଛି। ଯାହାର ଫାଇଦା ଦୁର୍ଗମ ଅଞ୍ଚଳର ଗ୍ରାମବାସୀ, ଜଙ୍ଗଲ ଭିତରେ ରହୁଥିବା ଆଦିବାସୀ ଉଠାଇପାରୁଛନ୍ତି। ମାଓ ଗତିବିଧି ସମୟରେ ଏହାକୁ ଅତି ନିକଟରୁ ସେ ଅନୁଭବ କରିପାରିଥିବା ବେଳେ ଲୋକଙ୍କ ସମର୍ଥନ ମଧ୍ୟ ମାଓବାଦୀଙ୍କ ଉପରୁ ହ୍ରାସ ପାଇଛି। ଫଳରେ ସେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲା।

## ପୁଲିସ ଗୁଳିରେ ଦୁଇ ମାଓବାଦୀ ମୃତ

ମାଲକାନଗିରି, ୧୬।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରଠାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ବେଦରେ ପୁଲିସ୍ ଷ୍ଟେସନ୍ ଅନ୍ତର୍ଗତ ଜଙ୍ଗଲରେ ଜିଲ୍ଲା ପୁଲିସ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ଓ ପୁଲିସ ବାହିନୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ତେବେ ମାଓବାଦୀମାନେ ପୁଲିସଙ୍କ ସାମ୍ନା କରି ନପାରି ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପରେ ପୁଲିସ ପକ୍ଷରୁ ପୁନଃ ତଲାସି ଅଭିଯାନ ବେଳେ ଦୁଇ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏହାସହ ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀକୁ ଜବତ କରିବା ସହ ସେଠାରେ ଥିବା ମାଓ ଶିବିରକୁ ଧ୍ୱଂସ କରାଯାଇଥିଲା। ତେବେ ଗୁଳିବିନିମୟ ପରେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## କଳାହାଣ୍ଡିରେ ମାଓ କ୍ୟାମ୍ପ ଠାବ, ବିପୁଳ ବିସ୍ଫୋରକ ଜବତ



**ଛତ୍ରଭଙ୍ଗ ଦେଲେ ବହୁ ମାଓବାଦୀ**

ଭବାନୀପାଟଣା, ୧୬।୩ (ସମିସ): କଳାହାଣ୍ଡି ଜିଲ୍ଲା ସଦର ଥାନା ଅନ୍ତର୍ଗତ ମନସ୍କା ଗାଁ ନିକଟ ଜଙ୍ଗଲରୁ ଏକ ମାଓ କ୍ୟାମ୍ପ ଠାବ ହେବା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ସିଆର୍‌ପିଏଫ୍ ଯବାନ ଓ ପୁଲିସ୍‌ର ଏହି ମିଳିତ ଅପରେସନ୍ ବେଳେ ବହୁ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ବେଳେ କ୍ୟାମ୍ପରୁ ଏ.କେ.୪୭ ଗୁଳି ସମେତ ଇନସାସ୍, ଏସ.ଏଲ୍.ଆର୍ ଓ ୩୦୩ ବନ୍ଧୁକର ୫୮ ରାଉଣ୍ଡ ଗୁଳି, ୨ଟି ମାଓ ୟୁନିଫର୍ମ, ୧୦ଟି ଡେଟୋନେଟର୍, ହ୍ୟାଣ୍ଡଗ୍ରେନେଡ୍, ୫୦୦ ଗ୍ରାମ ଗନ୍-ପାଉଡର୍, ଜିଲୋଟିନ୍ ଷ୍ଟିକ୍, ଇଲେକ୍ଟ୍ରିକ୍ ତାର, ୟୁରିଆ, କୁରାଢ଼ି, ମାଓ ବେଲ୍ଟ, ବ୍ୟାଗ୍, ସୋଲଡିଂ ଆଇରନ, ପଲିଥିନ ସିଟ୍ ଆଦି ଭଳି ଅନେକ ସାମଗ୍ରୀ ଜବତ ହୋଇଛି। ଏହାସହ ଏକ ମାଓ ପୋଷ୍ଟର୍ ମଧ୍ୟ ମିଳିଛି। ସେଥିରେ ଟାପରଙ୍ଗ ଜଙ୍ଗଲରେ ପୁଲିସ ଗୁଳିରେ ନିହତ ୩ ମାଓବାଦୀଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା। ସେହିପରି ଗାଁମାନଙ୍କରେ ଥିବା ପୁଲିସ ଇନଫର୍ମର୍‌ମାନଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଉଲ୍ଲେଖ କରାଯାଇଥିଲା। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର କରିଦିଆଯାଇଛି ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଗତ ୧୪ ତାରିଖରେ ମନସ୍କା ଗାଁ ନିକଟରେ ଥିବା ଗୁଣ୍ଡୁରୀ ସଂରକ୍ଷିତ ଜଙ୍ଗଲ ଏବଂ ଯୁଗସାଇପାଟଣାରେ ମାଓ ଗତିବିଧି ନେଇ ସୂଚନା ମିଳିଥିଲା। ଏସ୍‌ପି ଅଭିଲାଷ ଜି ଏବଂ ୬୪ ବାଟାଲିଅନ୍ ସିଆରପିଏଫ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀଙ୍କ ନେତୃତ୍ୱରେ ଉକ୍ତ କ୍ୟାମ୍ପ ଉପରେ ଚଢ଼ଉ କରାଯାଇଥିଲା।

# ଓଡ଼ିଶା



# ଓଡ଼ିଆଙ୍କ ଅନ୍ୟତମ ପରିଚୟ ପଖାଳ କଂସା

ଓଡ଼ିଆଙ୍କ ଅନ୍ୟତମ ପରିଚୟ କହିଲେ ପଖାଳକୁ ବୁଝାଏ । ପାରମ୍ପରିକ ଭାବେ ପ୍ରତିଟି ଓଡ଼ିଆ ଏହାକୁ ନିତିଦିନିଆ ଖାଦ୍ୟ ଭାବେ ବ୍ୟବହାର କରି ଆସୁଛନ୍ତି । ଓଡ଼ିଆଙ୍କ ପଖାଳର ଗୁଣବତ୍ତାକୁ ନେଇ ଆଜି ବିଶ୍ୱର ବହୁ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଗବେଷକମାନେ ଆରମ୍ଭ କରିଛନ୍ତି ଗବେଷଣା । ତେବେ ପଖାଳ ଅଛି ମାନେ ପଖାଳ କଂସା ବି ତା ସହିତ ଯୋଡ଼ି ହୋଇ ରହିଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଯଥା ଦକ୍ଷିଣ ଓଡ଼ିଶା, ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପଖାଳ କଂସା ବହୁ ପ୍ରକାରର । ଭେଦ, ଉଦ୍ଦେଶ୍ୟ, ତିଆରି ପ୍ରଣାଳୀ, ରୂପରେଖ ନାମ ଭିନ୍ନ ଭିନ୍ନ । ଯାହା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ବିଭିନ୍ନ ଜାତି, ରାଜବଂଶୀୟ, ଜମିଦାର, ଗାଁ ସାହୁକାର, ଗାଁ ପଧାନ, ସାଧାରଣବର୍ଗ, ଚାଷୀକୁଳ ଆଦିବାସୀ ସମ୍ପ୍ରଦାୟଙ୍କର ପଖାଳ କଂସା ଭିନ୍ନ ଭିନ୍ନ ଥିଲା । ଭୁବନେଶ୍ୱର ଜାଗମରା ଅଞ୍ଚଳରେ ରହୁଥିବା କଣ୍ଟିଲୋର ମୂଳବାସିନ୍ଦା ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର୍ ସୁଦର୍ଶନ ସାହୁ ତାଙ୍କ ସଂଗ୍ରହାଳୟରେ ଏସବୁ ବେଲାକୁ ସ୍ଥାନିତ କରିଛନ୍ତି । ସଂଗ୍ରହାଳୟର ନାମ ରଖିଛନ୍ତି 'ଗୋପିନାଥ ଐତିହ୍ୟ କଂସା ପିତ୍ତଳ ବସ୍ତୁ ତଥା ଅବହେଳିତ କଳାକୃତି ସଂଗ୍ରହାଳୟ' । ପଖାଳଖିଆ ବେଲା ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: ସମ୍ପୂର୍ଣ୍ଣା ଦାସ



## ଦକ୍ଷିଣୀ ପଖାଳ କଂସା

ସୁଦର୍ଶନଙ୍କ ସଂଗ୍ରହାଳୟରେ ସ୍ଥାନ ପାଇଛି ଦକ୍ଷିଣୀ ପଖାଳ କଂସା । ସାଧାରଣତଃ ବାଡ଼ିଆ ପିଟା ଓ ଢଳେଇ ପଦ୍ଧତିରେ ଦକ୍ଷିଣୀ ବେଲା ଉତୁରୁଥିଲା, ଯାହା ଓଜନିଆ ମଧ୍ୟ ଥିଲା । ଯଥା - ମାଟିଆ କେଳା ବେଲା (ମାଟି ଖୋଳି ଜୀବିକା ନିର୍ବାହ କରୁଥିବା ସମ୍ପ୍ରଦାୟ) ଲୋକେ ଏହାକୁ ପଖାଳ ଖାଇବାରେ ବ୍ୟବହାର କରନ୍ତି । ଯେଉଁ ବେଲା ଦେଖିବାକୁ ଡମ୍ବରୁ ଭଳି । ରୋଗ ଶୋକ ଫସଲହାନୀ ସମୟରେ ଲୋକେ ଘରେ ରଖିଥିବା ଏହି ବେଲାକୁ ବିକ୍ରିକରି ସାମୟିକ ଗୁଜୁରାଣ ମେଣ୍ଟାଇଥାନ୍ତି ।

## ପୋଚବେଲା

ଓଡ଼ିଶାର ସମସ୍ତ ବେଲା ଭିତରେ ରାଜା ବୋଲି ବିବେଚନା କରାଯାଏ । ଏହା ଜମାଦାରଙ୍କ ଟୋପି ଭଳି ଦେଖିବାକୁ ହୋଇଥିବାରୁ ଏହାକୁ ଜମାଦାର ଟୋପି ବେଲା ବୋଲି କୁହାଯାଇଥାଏ । ଯାହାର ଓଜନ ୩ କିଲୋରୁ ୫ କିଲୋ । ପିଆଜ, ଲୁଣ, ଆମ୍ବୁଲ, ବଡ଼ି, ଲଙ୍କା ଅଦା ରଖି ପୋଚ ଭାତ (ଦୁଇ ରାତି ରଖା) କୁ ନେଇ ହଳୁଆ ଚାଷୀ ଜଳଖିଆ ଭାବେ ସକାଳେ ଖାଇ ବିଲକୁ ବାହାରେ । ଏଥିରେ ପଖାଳ ଭାତ ଦୁଇଦିନ ରହିବା ପରେ ତାହା ସାମାନ୍ୟ ନିଶା ହୋଇଥାଏ ଏବଂ ତାକୁ ଖାଇ ଲୋକେ ଅଧିକ କାମ କରିପାରନ୍ତି ।

## ପଶ୍ଚିମା ପଖାଳ କଂସା ବେଲା

ରାମ ସାଇ ପଖାଳ କଂସା ବେଲା ବରଗଡ଼ ସମ୍ବଲପୁର ଚଷା ଘରର ବଡ଼ ବୋହୂ ଗୋଟିଏ ପଙ୍ଗତ ଥାଳିରେ ୪ଟି ପଖାଳ କଂସା ମୁଣ୍ଡରେ ଧରି (ଥାଳି ଫାଙ୍କରେ ଶାଗ, ପିଆଜ, ଆମ୍ବୁଲ, ଲଙ୍କା) ଗାଁ ରୁ ବାହାରି ବିଲମୁଣ୍ଡ ବରଗଛରେ ଓହ୍ଲାଇ ସ୍ୱାମୀ ତିନି ଦିଅରଙ୍କୁ ପଖାଳ ବାଢ଼େ । ଏବେ କିନ୍ତୁ ଗ୍ରାମରେ ବି ପ୍ରଚଳନ ଅଛି । ଏହା ଓଲଟା କୁମ୍ଭିବାଣ ଭଳି ଦେଖିବାକୁ ।

## ବାଲେସେରୀ ବେଲା

ବାଲେସେରୀ ବେଲା ସୌକିଆ ଓ ଦାମୀ ବେଲା । ରଜାଘର ଗାଁ ସର୍ବରକାର, ଗାଁ ପଧାନ, ଜମିଦାର, ବଡ଼ ଲୋକ ତଥା ଧନୀ ଲୋକଙ୍କ ଘରେ ଦେଖାଯାଉଥିଲା । ଏ ବେଲାର ଏକ୍ସୁଡ଼ିଶାଳ କଣ୍ଟିଲୋ । ତେବେ କଣ୍ଟିଲୋ, ବୌଦ୍ଧ, ସୋନପୁରରୁ ଏଭଳି ବେଲା ଚାଳ ଡଙ୍ଗାରେ କଟକରୁ ମହାନଦୀ ଯାଏ । ସେଠୁ ସାଧବପୁଅ ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ବାଲି ଦେଶରେ ବେପାର କରୁଥିଲେ । ଏବେ ସେଠାକାର କଂସା ବର୍ତ୍ତନ ଦୋକାନ ମଲରେ ଗ୍ରାହକଙ୍କୁ ଏଭଳି ବେଲାକୁ କଣ୍ଟିଲିଆ ବାଉଲ କହି ବିକ୍ରି କରନ୍ତି ।





## ଅଣ୍ଟାଭଙ୍ଗା କଂସା

ଏହି ବେଲାକୁ କୋରାପୁଟ (ଅବିଭକ୍ତ) ଜିଲ୍ଲାରେ ଲାଞ୍ଜିଆ ସଉରା ଓ ଅନ୍ୟ ଜନଜାତିର ଲୋକେ ବ୍ୟବହାର କରିଥା'ନ୍ତି । ଷାଠିଏ ଦଶକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏ ବେଲାକୁ ବାଦ୍ୟରେ ପରିଣତ କରିଥିଲେ ।

## ତୋରାଣି ବେଲା

ଏହି ବେଲା ହାଲୁକା ଓ କମ ଗାଡ୍ଡୁଆ । ଚଷାଘର ବୋହୂ ବିଲ ଫେରନ୍ତା ଚଷା ପୁଅକୁ ପ୍ରଥମେ ଦହି, ଲଙ୍କା, ଅଦା, ପୋଦିନା ମିଶା ତୋରାଣି ଏଥିରେ ପିଇବାକୁ ଦିଏ । କାମ କରି ଆସିଥିବା ହଳୁଆ ଘରର ପୁଅ ଏଥିରେ ତିନି ବେଲା ତୋରାଣି ପିଇ ଶୋଷ ମାରିଥାଏ ।

## ଫାସ ବେଲା

ଉପକୂଳିଆ ପଖାଳ କଂସା ବେଲା ଉପକୂଳିଆ ବେଲା ପ୍ରାୟତଃ ହାଲୁକା ଓ ସଉକିଆ ବେଲାରେ ଗଣାଯାଏ । ଏହାକୁ ଅନେକ ସୌଖିନ ଭାବେ ବ୍ୟବହାର କରନ୍ତି । ଯାହା ଦେଖିବାକୁ ଅତି ସୁନ୍ଦର ଓ ଆକର୍ଷଣୀୟ ।

### ଲହରୀ ବେଲା

ଏଭଳି ବେଲା ଅତି ଆକର୍ଷଣୀୟ ହୋଇଥାଏ । ପୂର୍ବକାଳରୁ ବଡ଼ବଡ଼ ଲୋକେ ଏହାକୁ ବ୍ୟବହାର କରି ଆସୁଥିଲେ । ବିଶେଷକରି ଜମିଦାର, ରଜାଘର, ଧନୀକ ଶ୍ରେଣୀର ଲୋକେ ଏହି ବେଲାରେ ପଖାଳ ଖାଇଥାନ୍ତି ।

### ଓଉଖମା ବେଲା

ଏହି ବେଲା ଅନୁଗୋଳ ଜିଲ୍ଲାର ଓ୍ଉଖମା ଗ୍ରାମରେ ତିଆରି ହେଉଥିବାରୁ ଏହାକୁ ଓଉଖମା ବେଲ ବୋଲି କୁହାଯାଏ । ଏଭଳି ବେଲା ବେଶୀ ଓଜନ ନୁହେଁ । ଓଜନ ଦୃଷ୍ଟିରୁ ଦାମ୍ ମଧ୍ୟ ବେଶି ନୁହେଁ । ଯାହାକୁ ସବୁ ବର୍ଗର ଲୋକେ କିଣି ବ୍ୟବହାର କରିପାରନ୍ତି ।

### ଦୁଦୁରା ଫୁଲିଆ ବେଲା

ଅନେକେ ଏହାକୁ କୁଣ୍ଡ ବେଲା କୁହନ୍ତି । ଏହା ଦେଖିବାକୁ ଦୁଦୁରା ଫୁଲର ମୁହଁ ଭଳି । ୩ରୁ ୪ ଲିଟର ତୋରାଣି ଧରେ । ବାପ, ପୁଅ, ମାଆଝିଅ ଏହି ବେଲାରେ ପଖାଳ ଖାଇବାର ମଜା ନିଅନ୍ତି ।

## ଟଭାଫାଳିଆ ବେଲା

ଏଭଳି ବେଲାକୁ ଅନେକ ଗୋଲ ବେଲା ବି କହିଥାଆନ୍ତି । ଟଭାକୁ ଦୁଇଫାଳ କଲେ ଯେପରି ଦେଖାଯାଏ । ଆକାର ଖୁବ୍ ବଡ଼ । ଯେଉଁଥିରେ ୪ରୁ ୬ ଲିଟର ତୋରାଣି ଧରିପାରିବ । ବାପା, ପୁଅ, ମାଆ ଝିଅ ଏକାଠି ଏହି ବେଲାରେ ପଖାଳର ମଜା ନିଅନ୍ତି ।













## ହାତୀ ପାହୁଲିଆ ବେଲା

ହାତୀ ଖୋଜ ଭଳି ଦେଖିବାକୁ । ଏକ ସମୟରେ ୨ରୁ ୩ ଜଣ ପଖାଳ ଖାଇବାର ମଜା ନିଅନ୍ତି । ଏହା ଏବେ ବି ଆଦିବାସୀ (ଫୁଲବାଣୀ, ବୌଦ୍ଧ, ବଲାଙ୍ଗିର) ଙ୍କ ଖୁବ୍ ପ୍ରିୟ ବେଲା ।





## ବଇଠି ବେଲା

ତଳେ ବଇଠା ଲାଗିଥାଏ । ବିଭା ବେଦୀରେ ବନ୍ଦାଣ ସମୟରେ ବି ରଖାଯାଇଥାଏ । ବନ୍ଦାଣ ଜିନିଷ ଟଙ୍କା ଭେଟି ଦେବାରେ ଏହି ବେଲାର ଅଧିକାଂଶ ଆବଶ୍ୟକ ପଡ଼ିଥାଏ । ପାରମ୍ପରିକ ଭାବେ ଏହି ବେଲା ବିବାହ କାର୍ଯ୍ୟରେ ଲାଗିଥାଏ ।



## କୁନ୍ଦୁରି ବେଲା

ପେଟୁଆ ବେଲା ଦେଖିବାକୁ ପେଟୁଆ ଲୋକର ପେଟଭଳି । ଏହି ବେଲା ଛତିଶଗଡ଼ରେ ଅଧିକ ଚାହିଦା ଥିବାରୁ ପଶ୍ଚିମ ଓଡ଼ିଶାରୁ ଛତିଶଗଡ଼ ରପ୍ତାନି ହୁଏ ।

## ଛାତି ଫୁଲାଣିଆ ପଖାଳ କଂସା

ଇନ୍ଦ୍ରପୁରୀ ବେଲା ବି କୁହାଯାଏ । ହାଲୁକା ପେଟ ଫୁଲିଥାଏ । ଡ ଉ ଲ ଡ । ଉ ଲ ବେଲାଟିଏ ।

## ରକମ ବେଲା ଓ ଅଟକାଳି ବେଲା

ଅଲଣା ଓଷାଦିନ ଅଟକାଳି ବଢ଼ାଯାଇ ଗାଁରେ ସାହିକୁ ସାହି ବଣ୍ଟା ଯାଏ ଏ ବେଲାରେ । ଯାହାକୁ ଅନେକ ଅଟକାଳି ବେଲା ବୋଲି କହିଥାନ୍ତି ।

## ମାଟୁ କଂସା ବା କୁଣ୍ଡି ବେଲା

ମାଟୁ କଂସା ବା କୁଣ୍ଡି ବେଲା ଦେଖିବାକୁ ଏହା ଗୋଦରା ଭଳି । ଏହାର ଓଜନ ୨ରୁ ୩ କିଲୋଗ୍ରାମ୍ । ଏହାକୁ ଅନେକେ ହାତୀ ପାହୁଲିଆ ବେଲା କୁହନ୍ତି । ହାତୀ ଖୋଜ ପରି ଦେଖିବାକୁ ।



## ଅନ୍ୟାନ୍ୟ ବେଲା

ମଣ୍ଡା ବେଲା ନାମରେ ଏକ ବେଲା ରହିଛି ଯେଉଁଥିରେ ମାଣ୍ଡିଆ ଜାଉ ଜେଜେ ନାତି ନାତୁଣୀ ସଙ୍ଗେ ଖାଇ ମଜା ନିଅନ୍ତି । ସେହିଭଳି ସହରୀ ବାବୁ ପଖାଳ କଂସା ବେଲା ରହିଛି । ଯାହାକୁ ଟିପ ନ ବୁଡ଼ିବା ଲାଗି କାଠର ଦୁଇଟି ଛୋଟ ପ୍ଲେଟ୍ ପେଟରେ ଫଙ୍ଗରେ ଅଣାଯାଇଥାଏ । ହାଲୁକା ଓ ନେବା ଆଣିବା ସହଜ । ତୋରାଣୀ ଢାଳେ ନାହିଁ । ଅନ୍ୟପକ୍ଷେ ରେକାବି ବେଲା ମଧ୍ୟ ସୁଦର୍ଶନଙ୍କ ସଂଗ୍ରହାଳୟରେ ରହିଛି ଯେଉଁଥିରେ ପଖାଳ ଖାଇବା ନିଷିଦ୍ଧ । ଅତିଥି, ଅଭ୍ୟାଗତ, ପୁରୋହିତ ଜାନୁ ଘଣ୍ଟିଆ, ଯୋଗୀ, ଆପଟ, ବ୍ରାହ୍ମଣମାନଙ୍କୁ ଦେବା ଲାଗି ବ୍ୟବହାର ହୁଏ । ମାଣ ବେଲା, ବେଲପଡ଼ି ବେଲା, ଯଜ୍ଞ ଆହୁତି ବେଲା ମଧ୍ୟ ସୁଦର୍ଶନଙ୍କ ସଂଗ୍ରହାଳୟରେ ସ୍ଥାନିତ ହୋଇଛି । ଯଜ୍ଞ ଆହୁତି ବେଲା ଯଜ୍ଞରେ ଘିଅ ଆହୁତିରେ ଲାଗେ । ତଳ ଭାଗରେ (ଭିତର) ତ୍ରିଭୁଜ ଦଣ୍ଡ ଭଳି ଥାଏ । ଯେଉଁ ବେଲାରେ ପଖାଳ ଭୋଜନ କରିବା ନିଷିଦ୍ଧ । ଖୁବ୍ ଦାମ୍‌ର ବେଲା ହେଉଛି ଦୋହରି ରେକାବି ବେଲା । ସମୁଦି, ସମୁଦୁଣୀଙ୍କୁ ଏ ବେଲାରେ ପଖାଳ ବଢ଼ାଯାଏ । ଦୁଇଟି ଫଙ୍ଗ ଭଳି ଦେଖାଯାଏ । ଯାହା ଏକ ସୂକ୍ଷ୍ମ କଳା । ତ୍ରିପଟା ତୋରାଣି ବେଲା ମଧ୍ୟ ରହିଛି, ଯାହାର ବାହାର ପଟେ ୩ଟି ଧାର ଥାଏ । ବେଶୀ ଗାଡ୍ଡୁଆ ନୁହେଁ । କେବଳ ଧନିକ, ଜମିଦାର ଲୋକେ ଏଥିରେ ଖରାଦିନେ ତୋରାଣି ପିଇବାରେ ମଜା ନେଇଥାଆନ୍ତି । ନକସୀ ବେଲାର ପେଟ ସାରା ସୂକ୍ଷ୍ମ ହାତ ନକ୍ସା (ଓଲଟା ଶୁଆ, ସଦା ବିହାରୀ ଫୁଲ, ହରିଣ, ଗଣେଶ, ଦୋଳ ବିମାନ, ରାଜାଙ୍କ ପାରିଧି ଆଦି ଦୃଶ୍ୟ) ଖୋଦେଇ ହୋଇଥାଏ । ଉପହାର ଦେବା ବେଲାରେ ଗଣା । ପଖାଳ ଖିଆ ଯାଏ ନାହିଁ ଏଥର ।

ଗୁଡ୍ ମର୍ଣ୍ଣିଂ ଓଡ଼ିଶା

**ପ୍ରକୃତିର ନୈସର୍ଗିକ ଶୋଭାରାଜିର ଭୂଖଣ୍ଡ ହେଉଛି ବରଗଡ଼ ଜିଲ୍ଲାର ଡେବ୍ରିଗଡ଼ ଅଭୟାରଣ୍ୟ। ଏଠାରେ ବିରଳ ପ୍ରଜାତିର ଜୀବଜନ୍ତୁଙ୍କଠାରୁ ଆରମ୍ଭ କରି ବିଦେଶାଗତ ପକ୍ଷୀ ଓ ଇକୋ ଟୁରିଜିମ୍‌ର ଆକର୍ଷଣ ଟାଣି ଆଣୁଛି ବହିରାଗତ ପର୍ଯ୍ୟଟକଙ୍କୁ। ସୌନ୍ଦର୍ଯ୍ୟର ଅପରୂପ ଗନ୍ତାଘର ଏହି ଅଭୟାରଣ୍ୟର ଜୈବ ବିବିଧତା ବେଶ୍ ଆକର୍ଷଣୀୟ ଓ ମନମୁଗ୍ଧକର। ବର୍ଷତମାମ ପର୍ଯ୍ୟଟକଙ୍କ ଆଗମନରେ ଡେବ୍ରିଗଡ଼ ଅଭୟାରଣ୍ୟ ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଇତିହାସ କହେ ବୀର ସୁରେନ୍ଦ୍ର ସାଏ ବ୍ରିଟିଶ ସେନା ବିରୋଧରେ ଗରିଲା ଯୁଦ୍ଧ କରିବା ବେଳେ ଏହି ଜଙ୍ଗଲରେ ହିଁ ଆତ୍ମଗୋପନ କରିଥିଲେ। ଐତିହ୍ୟ, ସଂସ୍କୃତି ଓ ପ୍ରକୃତିର ବୈଚିତ୍ର୍ୟରେ ଭରା ଡେବ୍ରିଗଡ଼କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

ରିପୋର୍ଟ: ବିମଳ ଥମ୍ବ



# ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର

# ଡେବ୍ରିଗଡ଼




ପ୍ରାୟ ୩୫୩ ବର୍ଗ କିଲୋମିଟର ବେଷ୍ଟିତ ଏହି ଅଭୟାରଣ୍ୟ ଏବେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଏଠାକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ। ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଏ ବାବଦରେ ୨.୩ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରି ଏହି ଅଭୟାରଣ୍ୟ ଏକ ରେକର୍ଡ କରିଛି। ବିଭାଗୀୟ ତଥ୍ୟ ଅନୁଯାୟୀ ବର୍ଷକ ମଧ୍ୟରେ ୫୦ ହଜାର ପର୍ଯ୍ୟଟକ ଡେବ୍ରିଗଡ଼ ପରିଭ୍ରମଣରେ ଆସିଛନ୍ତି। ଏଠାରେ ୮୦ରୁ ଅଧିକ ପରିବାର ସିଧାସଳଖ ଭାବେ ପରିବେଶ ପର୍ଯ୍ୟଟନ ବେଉସା (କ୍ରୁଜ୍, କାୟକିଙ୍ଗ୍, ଟ୍ରେକିଙ୍ଗ୍, ବାର୍ଡ଼ିଙ୍ଗ୍, ଜଙ୍ଗଲ ସଫାରୀ)ରେ କାର୍ଯ୍ୟରତ। ଏହାଛଡ଼ା ପ୍ରାୟ ୧୦ରୁ ୧୨ଟି ଗ୍ରାମର ଅଧିକାଂଶ ଲୋକେ ପରୋକ୍ଷ ଭାବରେ ଜୀବନଜୀବିକା ପାଉଛନ୍ତି।

## ଆକର୍ଷଣର କେନ୍ଦ୍ରବିନ୍ଦୁ ଜଙ୍ଗଲ ସଫାରୀ


ଜଙ୍ଗଲ ସଫାରୀ ହିଁ ପର୍ଯ୍ୟଟକଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟ ପରିଭ୍ରମଣରେ ଆସିବାକୁ ଆକୃଷ୍ଟ କରିଥାଏ। ଜିରୋ ପଏଣ୍ଟରୁ ଜଣେ ପର୍ଯ୍ୟଟକ ବାହାରି ଅଭୟାରଣ୍ୟ ଭିତରକୁ ପ୍ରାୟ ୧୫ କିଲୋମିଟର ଯାଇ ପୁଣି ଫେରିବାକୁ ପଡ଼ିଥାଏ। ଅଢ଼େଇ ଘଣ୍ଟାର ଏହି ଯାତ୍ରାରେ ପ୍ରାକୃତିକ ପରିବେଶ ସହିତ ଜଳପ୍ରପାତ, ଗୁମ୍ଫା, ବିରଳ ଜୀବଜନ୍ତୁ, ବିଦେଶାଗତ ପକ୍ଷୀ ଦେଖିବା ସହ ଗୋବିନ୍ଦପୁର ପକ୍ଷୀ ଗ୍ରାମ, ବାରବଖରା ଆଉ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିପୀଠ ମୁଖ୍ୟ ଆକର୍ଷଣ। ଏଠାରେ ବନ୍ୟଜନ୍ତୁ, ପ୍ରାକୃତିକ ଦୃଶ୍ୟରାଜି, ସଂସ୍କୃତିକ ବୈଭବ ଓ ଧାର୍ମିକ ପୀଠ ପରିଦର୍ଶନ ପାଇଁ ଆକର୍ଷଣୀୟ ପ୍ୟାକେଜ୍ ନିର୍ଦ୍ଧାରିତ ହୋଇଛି।

ଏଠାରେ ମହାବଳଠାରୁ ଆରମ୍ଭ କରି କଲରାପତରିଆ ବାଘ, ଭାଲୁ, ଗୟଳ, ସମ୍ବର, ହରିଣ, ବାର୍‌ହା, ମୟୂର, କଳା ମାଙ୍କଡ଼, ଇତ୍ୟାଦି ଜଙ୍ଗଲ ଭିତରେ ଓ ସଫାରୀ ରୋଡ଼ ଉପରେ ବିଚରଣ କରୁଥିବା ଦେଖିବାକୁ ମିଳେ। ଗତ ଦୁଇବର୍ଷ ହେବ ପ୍ରାୟତଃ ୯୦ ପ୍ରତିଶତ ପର୍ଯ୍ୟଟକ କଲରାପତରିଆ ବାଘକୁ ଦେଖିବାର ସୁଯୋଗ ପାଇଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟ 'ଲ୍ୟାଣ୍ଡ ଅଫ୍ ବାଇସନ୍' ନାମରେ ପରିଚିତ ହେଲାଣି। କାରଣ ଏଠାରେ ପର୍ଯ୍ୟଟକମାନେ ଶହଶହ ସଂଖ୍ୟାରେ ଗୟଳ ଦେଖିବାକୁ ପାଆନ୍ତି। ଡେବ୍ରିଗଡ଼ ଓଡ଼ିଶାର ଏକମାତ୍ର ପର୍ଯ୍ୟଟନସ୍ଥଳୀ, ଯେଉଁଠାରେ ସବୁ ପ୍ରକାରର ଜୀବଜନ୍ତୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଉଛନ୍ତି। ଏହା ଜଙ୍ଗଲ, ହ୍ରଦ, ତୀର୍ଥସ୍ଥାନ ଇତ୍ୟାଦିର ଏକ ସମାଗମ ପାଲଟିଛି। ବିଶେଷ କରି ଗୟଳ, କଲରାପତରିଆ ଓ ଭାଲୁଙ୍କୁ ଏକାଠି ଦେଖିବାର ସୁଯୋଗ ମିଳିଥାଏ। ବର୍ତ୍ତମାନ ଏଠାରେ ମହାବଳ ବାଘର କୌଣସି ଅବସ୍ଥିତି ନାହିଁ। ଗତ ୨୦୨୨ ଡିସେମ୍ବରରେ ଏକ ମହାବଳ ବାଘ ଅଭୟାରଣ୍ୟ ଭିତରେ ଦେଖିବାକୁ ମିଳିଥିଲା। ଉକ୍ତ ବାଘ ଘଞ୍ଚ ଜଙ୍ଗଲ ଭିତରୁ ବାହାରି ଆସି ସଫାରୀ ରାସ୍ତାରେ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। କୁଆଡ଼େ ଏହି ବାଘ ଛତିଶଗଡ଼ର ଉଦନ୍ତି-ସୀତାନଦୀ ସଂରକ୍ଷିତ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଏ। ଏହା ପୂର୍ବରୁ ୨୦୧୮ ରେ ଶେଷ ଥର ପାଇଁ ମହାବଳ ବାଘ ଦେଖିବାକୁ ମିଳିଥିଲା।










## 'ଡେବ୍ରିଗଡ଼ ଅନ୍ ହୁଇଲ୍'

ଏଠାରେ ସଫାରୀ ପ୍ୟାକେଜ ମଧ୍ୟ ଆହୁରି ଆକର୍ଷଣୀୟ। 'ଡେବ୍ରିଗଡ଼ ଅନ୍ ହୁଇଲ୍' ନାମରେ ନାମିତ ଏହି ସଫାରୀ ପ୍ୟାକେଜ୍ ଜିରୋ ପଏଣ୍ଟ ଓ ନେଚର କ୍ୟାମ୍ପଠାରେ ଉପଲବ୍ଧ। ଅଭୟାରଣ୍ୟ ମଧ୍ୟରେ ବହୁପ୍ରକାର ବନ୍ୟପ୍ରାଣୀ ଓ ପକ୍ଷୀଙ୍କୁ ସାମନାରୁ ଦେଖିବାର ସୁଯୋଗ ରହିଛି। ସଫାରୀ ଯାତ୍ରା କରୁଥିବା ପର୍ଯ୍ୟଟକଙ୍କ ପାଇଁ ବୀର ସୁରେନ୍ଦ୍ର ସାଏ ସ୍ମୃତିସ୍ଥଳ ସହିତ ବାରବଖରା ଏବଂ ଡେ଼ବ୍ରିଗଡ଼ର ପାଦ ଦେଶରେ ଥିବା କେଦାରନାଥ ମନ୍ଦିର ଦର୍ଶନ କରିବା ବ୍ୟବସ୍ଥା ରହିଛି। ଏହାଛଡ଼ା ପର୍ଯ୍ୟଟକମାନେ ଐତିହାସିକ କର୍ଲା ଗ୍ରାମ, ଗୋବିନ୍ଦପୁର ପକ୍ଷୀ ଗ୍ରାମ ମଧ୍ୟ ପରିଦର୍ଶନ କରିଥାନ୍ତି। ଏହି ସଫାରୀ ପ୍ୟାକେଜରେ ୪ଟି ଖୋଲା ଜିପ୍ ସହିତ ୮ ଓ ୧୨ ସିଟ୍ ବିଶିଷ୍ଟ ଉଭୟ ବାତାନୁକୂଳିତ ଓ ଅଣ ବାତାନୁକୂଳିତ ଗାଡ଼ିର ବ୍ୟବସ୍ଥା ରହିଛି। ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ଜଳପାନ ବ୍ୟବସ୍ଥା ମଧ୍ୟ ଉପଲବ୍ଧ। ଏହି ସଫାରୀ ପ୍ୟାକେଜ୍‌ର ମୂଲ୍ୟ ୩,୫୦୦ ଟଙ୍କା ରହିଛି।






## ମନମୋହୁଛି ଡଙ୍ଗାଯାତ୍ରା

ଡେବ୍ରିଗଡ଼ ଆସୁଥିବା ପର୍ଯ୍ୟଟକଙ୍କ ଅନ୍ୟ ମୁଖ୍ୟ ଆକର୍ଷଣ ହେଉଛି ନୌଯାତ୍ରା। ଡେବ୍ରିଗଡ଼ ଇକୋ ଟୁରିଜିମ୍‌ରେ ଜିରୋ ପଏଣ୍ଟ ତଥା ନେଚର୍ କ୍ୟାମ୍ପଠାରୁ ପକ୍ଷୀ ଗ୍ରାମ ଗୋବିନ୍ଦପୁରକୁ ଜଳଯାତ୍ରା ପାଇଁ ବ୍ୟବସ୍ଥା ରହିଛି। ହୀରାକୁଦ ହ୍ରଦରେ ଜଳଯାତ୍ରା ସମୟରେ ପାଣି ମଧ୍ୟରେ ଥିବା ମନୋରମ ପାହାଡ଼, ପାଣିରେ ମନ୍ଦିରର ପ୍ରତିବିମ୍ବ ଦେଖିବାର ସୁଯୋଗ ମିଳିବ। ଏପରିକି ବାଦୁଡ଼ି ଦ୍ୱୀପ ଦେଖିବାର ସୁଯୋଗ ମଧ୍ୟ ରହିଛି। ଏଠାରେ ପର୍ଯ୍ୟଟକମାନେ ବାଦୁଡ଼ି ଦ୍ୱୀପ ସହ ସୂର୍ଯ୍ୟାସ୍ତ ଦ୍ୱୀପ ଦେଖି ଆତ୍ମବିଭୋର ହୁଅନ୍ତି। ଏଠାରେ ବିଦେଶାଗତ ପକ୍ଷୀଙ୍କ ସମାହାର ମଧ୍ୟ ଦେଖିବାକୁ ମିଳିଥାଏ। ଏହାଛଡ଼ା ଓଡ଼ିଶା-ଛତିଶଗଡ଼ ସୀମାରେ ହୀରାକୁଦ ହ୍ରଦର ଲ୍ୟାଣ୍ଡସ୍କେପ୍ ଅତ୍ୟନ୍ତ ଆକର୍ଷଣୀୟ। ହ୍ରଦ ମଧ୍ୟରେ ବହୁ ପୁରାତନ ମନ୍ଦିର, ପାହାଡ଼ ଓ ପ୍ରତ୍ନତତ୍ତ୍ୱର ଅନେକ ଶିଳାଲେଖ ଦେଖିବାକୁ ମିଳେ। ଏହାର ସମ୍ପୂର୍ଣ୍ଣ ପ୍ୟାକେଜ୍ ୪, ୫୦୦ ଟଙ୍କା ଥିବା ବେଳେ ଗୋଟିଏ ଡଙ୍ଗାରେ ୮ ଜଣ ଯାଇପାରିବେ। ୫ ଘଣ୍ଟାର ଏହି ଯାତ୍ରା ସମୟରେ ମଧ୍ୟାହ୍ନ ଭୋଜନ ଓ ଜଳପାନ ବ୍ୟବସ୍ଥା ମଧ୍ୟ ତା' ଭିତରେ ରହିଛି। ପ୍ରତ୍ୟହ ୨ଟି ଡଙ୍ଗା ପର୍ଯ୍ୟଟକଙ୍କୁ ବୁଲାଇବା ବ୍ୟବସ୍ଥା କରାଯାଇଛି। ଯେ କୌଣସି ପର୍ଯ୍ୟଟକ ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ବୁକିଂ କରିପାରିବେ।







## ନେଚର କ୍ୟାମ୍ପ୍

ଡେବ୍ରିଗଡ଼ର ନେଚର କ୍ୟାମ୍ପ ଅତି ମନୋହର। ଘଞ୍ଚ ଜଙ୍ଗଲ ମଧ୍ୟରେ ବନ୍ୟପ୍ରାଣୀଙ୍କ ମେଳରେ ରାତିର ରହଣି ମନରେ ରୋମାଞ୍ଚ ଆଣିଥାଏ। ଏଠାରେ ରହିବା ପାଇଁ ୧୪ଟି ବାତାନୁକୂଳିତ କୋଠରି ରହିଛି। କୌଣସି ପର୍ଯ୍ୟଟକ ନେଚର କ୍ୟାମ୍ପରେ ରହିବାକୁ ହେଲେ ଅନ୍‌ଲାଇନରେ କୋଠରି ବୁକିଂ କରିପାରିବେ। ରାତିର ରହଣି ଭିତରେ ୱାଚ୍ ଟାୱାରରୁ ଅଭୟାରଣ୍ୟର ଆକର୍ଷଣୀୟ ଦୃଶ୍ୟରାଜି ଦେଖିବା ସହ ବନ୍ୟପ୍ରାଣୀଙ୍କ ବିଚରଣ ଦେଖିବାକୁ ମିଳିଥାଏ।



## ପ୍ରତି ଏକାଦଶୀରେ ମହାନଦୀ ଆଳତି

ପ୍ରତି ଏକାଦଶୀରେ (ମାସରେ ଦୁଇ ଥର) ଗୋବିନ୍ଦପୁର ଗ୍ରାମବାସୀ ମହାନଦୀ ଆଳତି କରିଥାନ୍ତି। ପ୍ରକୃତିର ସଂରକ୍ଷଣ, ଲୋକଙ୍କ ସୁଖ ସମୃଦ୍ଧି ଓ ଅଖଣ୍ଡ ପ୍ରାକୃତିକ ସୌନ୍ଦର୍ଯ୍ୟ ସୁରକ୍ଷା କାମନା କରିଥାନ୍ତି ଗ୍ରାମବାସୀ। ଏଠାରେ ୨୦୨୪ ଜାନୁଆରୀ ୭ ତାରିଖରେ ପ୍ରଥମଥର ପାଇଁ ମହାନଦୀ ଆଳତି ଆରମ୍ଭ ହୋଇଛି। ଗୋବିନ୍ଦପୁର ସମେତ ଆଖପାଖ ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏକାଠି ମହାନଦୀ ଆଳତି କରିଥାନ୍ତି।

## ବଢ଼ିଛି ବିଦେଶୀ ପର୍ଯ୍ୟଟକଙ୍କ ଆଗମନ

ଏହି ଅଭୟାରଣ୍ୟକୁ ପୂର୍ବାପେକ୍ଷା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବିଶେଷ ମାତ୍ରାରେ ହେଉଛି। ପର୍ଯ୍ୟଟକଙ୍କ ମଧ୍ୟରୁ ୫୦ ପ୍ରତିଶତ ଓଡ଼ିଶାରୁ ବିଶେଷକରି ଭୁବନେଶ୍ୱର, କଟକ, ପୁରୀ, ଅନୁଗୋଳ ସମେତ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରୁ ଆସିଥାନ୍ତି। ଏହାଛଡ଼ା ଅନ୍ୟ ରାଜ୍ୟ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ବିଶେଷ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଦକ୍ଷିଣଆଫ୍ରିକା, ଆମେରିକା, କାନାଡ଼ା, ରୁଷ ଓ ଜର୍ମାନୀର ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ। ଏହାର ୩ଟି ମୁଖ୍ୟ କାରଣ ହେଉଛି ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା, ଡେବ୍ରିଗଡ଼ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟ ସହିତ ହୀରାକୁଦର ବିସ୍ତୀର୍ଣ୍ଣ ନୀଳ ଜଳରାଶି ମଧ୍ୟରେ ନିଜକୁ କିଛି ସମୟ ପାଇଁ ହଜାଇଦେବା।







## ଅଭୟାରଣ୍ୟର ବୈଭବ

ଏହି ଅଭୟାରଣ୍ୟରେ ବହୁ ପ୍ରକାରର ବନ୍ୟପ୍ରାଣୀ ଓ ପକ୍ଷୀ ରହିଛନ୍ତି। ପ୍ରତି ୧ ବର୍ଗ କିଲୋମିଟରରେ ୫୫ରୁ ଅଧିକ ଗୟଳ ଅଛନ୍ତି। ଏହାହେଉଛି ୮୦ରୁ ଅଧିକ କଲରାପତରିଆ ବାଘ, ଭାଲୁ, ହରିଣ, ସମ୍ବର, ନୀଳଗାଈ, ଚଉସିଙ୍ଗା, ଚିତ୍ରା ହରିଣ, ବଣୁଆ କୁକୁରଙ୍କ ସହ ଆହୁରି ଅନେକ ପ୍ରକାରର ବନ୍ୟପ୍ରାଣୀଙ୍କ ବାସସ୍ଥାନ। ଏହାଛଡ଼ା ଏଠାରେ ୪୦ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ ରହିଛନ୍ତି। ୨୩୪ ପ୍ରକାରର ପକ୍ଷୀ, ୮୫ ପ୍ରକାରର ପ୍ରଜାପତି, ଅଭୟାରଣ୍ୟରକୁ ଲାଗି ଥିବା ଦ୍ୱୀପାଞ୍ଚଳରେ ୬୫ ପ୍ରକାର ମାଛ ରହିଛନ୍ତି। ଏହାକୁ ଛାଡ଼ିଦେଲେ ଜଙ୍ଗଲରେ ବିଜା, ଶାଳ, ଶିଶୁ, ବନ୍ଧନ, ମହୁଲ, ଧରୁଆ, କରଡ଼ା ପ୍ରଭୃତି ବହୁ ମୂଲ୍ୟବାନ ଗଛ ରହିଛି। ଔଷଧୀୟ ବୃକ୍ଷ ମଧ୍ୟ ଏହି ଅଭୟାରଣ୍ୟର ଅନ୍ୟତମ ସମ୍ପଦ। ହରିଡ଼ା, ବାହାଡ଼ା, ଅଁଳାଠାରୁ ଆରମ୍ଭ କରି ବିଭିନ୍ନ ଔଷଧୀୟ ବୃକ୍ଷ ଓ ଗୁଳ୍ମଲତା ଏଠାରେ ଭରି ରହିଛି।





## ଅଭୟାରଣ୍ୟରୁ ଆତ୍ମନିଯୁକ୍ତି

ଅଭୟାରଣ୍ୟର ବନବାସୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ସାମିଲ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ବର୍ତ୍ତମାନର ଡିଏଫଓ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରେରଣା ଯୋଗୁ ଅଭୟାରଣ୍ୟ ନିକଟବର୍ତ୍ତୀ ୧୨ରୁ ୧୫ଟି ଗ୍ରାମର ଲୋକ ରୋଜଗାରକ୍ଷମ ହୋଇପାରିଛନ୍ତି। ୭୫ରୁ ଅଧିକ ପରିବାର ଏହି ଅଭୟାରଣ୍ୟ ଦ୍ୱାରା ଉପକୃତ ହୋଇପାରିଛନ୍ତି। ବିଶେଷକରି ଇକୋ ଟୁରିଜିମ୍ କ୍ଷେତ୍ରରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ଷତମାମ ପ୍ରତିଟି ପରିବାର ମାସକୁ ୧୩ରୁ ୧୫ ହଜାର ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଆହାର ଯୋଗାଉଥିବା ଡେବ୍ରିଗଡ଼ ଅଭୟାରଣ୍ୟରେ ଗ୍ରାମର କିଛି ଯୁବକ ସଫାରୀ ଗାଡ଼ିର ଡ୍ରାଇଭର ଭାବେ କାମ କରୁଛନ୍ତି। ଆଉ କିଛି ଡ଼ଙ୍ଗାଚାଳକ୍ ଭାବେ କାର୍ଯ୍ୟରତ। ଏହାଛଡ଼ା ୧୦୦ ଯୁବକ ଗାଇଡ୍ ଭାବେ କାର୍ଯ୍ୟ କରୁଥିବା ବେଳେ କେତେକ ଦୋକାନ ଓ ରେଷ୍ଟୁରାଣ୍ଟ ଖୋଲି ନିଜ ଗୁଜରାଣ ମେଣ୍ଟାଉଛନ୍ତି।

## ରାହା ଦେଖାଇଛି 'ପୁନର୍ବାସ'

ଜଙ୍ଗଲ ମଧ୍ୟରେ ରହୁଥିବା ଗ୍ରାମବାସୀଙ୍କୁ ଅଭୟାରଣ୍ୟରୁ ସ୍ଥାନାନ୍ତର କରିବା ପାଇଁ ସରକାରୀସ୍ତରରେ ୨୦୨୧ ଅଗଷ୍ଟ ମାସରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ବାପଅଜା ଅମଳରୁ ରହୁଥିବା ଲୋକମାନେ ନିଜ ଭିଟାମାଟି ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲ ଯୋଗୁଁ ସେମାନଙ୍କ ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଅଂଶୁପ୍ରଜ୍ଞା ଦାସ ଗାଁକୁ ଗାଁ ଯାଇ ଲୋକଙ୍କୁ ବୁଝାଇବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏପରିକି ଲୋକଙ୍କୁ ସଚେତନ କରାଇବା ପାଇଁ ୨୮୦ ଥର ବୈଠକ ହୋଇଛି। ସେମାନଙ୍କ ପାଇଁ ଅସ୍ଥାୟୀ ବାସଗୃହ ନିର୍ମାଣ କରାଯାଇ ଥଇଥାନ କରାଯାଇଛି। ପାରିପାର୍ଶ୍ୱିକ ଉନ୍ନୟନ ସହ ଚିକିତ୍ସା ସୁବିଧା, ସୌର ଆଲୋକ ବ୍ୟବସ୍ଥା, ଗୋଷ୍ଠୀ ଗୃହ ନିର୍ମାଣ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଇଛି। ବିସ୍ଥାପିତ ପ୍ରତିଟି ପରିବାରକୁ ସରକାର ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ମଧ୍ୟ ଦେଇଛନ୍ତି। ସେମାନଙ୍କ ସ୍ଥାୟୀ ବସତି ସ୍ଥାପନ ନିମନ୍ତେ ଚକ୍ରମାଳ ଗ୍ରାମରେ ୬୩ ଏକର ଜମି ଓ ଟାଙ୍ଗରପାଲୀରେ ୭ ଏକର ଜମି ଚିହ୍ନଟ ହୋଇଛି। ସେଠାରେ ସ୍ଥାୟୀ କଲୋନୀ ନିର୍ମାଣ ସହ ବିଦ୍ୟୁତ୍, ରାସ୍ତା, ଡ୍ରେନର ସୁବିଧା ଉପରେ ପ୍ରାଥମିକତା ଦିଆଯିବ।

## ବର୍ଷକରେ ୨.୫ କୋଟି ରାଜସ୍ୱ



"ଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଡେବ୍ରିଗଡ଼କୁ ସର୍ବାଧିକ ପର୍ଯ୍ୟଟକ ଆସିଛନ୍ତି। ଏପରିକି ପର୍ଯ୍ୟଟନ କ୍ଷେତ୍ରରେ ଗତବର୍ଷ ସର୍ବାଧିକ ୨.୫ କୋଟି ଟଙ୍କା ରାଜସ୍ୱ ଆୟ ହୋଇଛି। ଚଳିତ ବର୍ଷ ଏହା ୩ କୋଟିରୁ ଊର୍ଦ୍ଧ୍ୱ ହେବାର ସମ୍ଭାବନା ରହିଛି। ପର୍ଯ୍ୟଟନରୁ ମିଳୁଥିବା ରାଜସ୍ୱ ଇକୋ ଟ୍ୟୁରିଜିମ୍ ପରିଚାଳନା ଓ ଅଭୟାରଣ୍ୟରୁ ବିସ୍ଥାପିତ ହୋଇଥିବା ଗ୍ରାମବାସୀଙ୍କୁ ଆତ୍ମନିଯୁକ୍ତି ଓ ସ୍ୱାବଲମ୍ବୀ କରିବା ଦିଗରେ ଖର୍ଚ୍ଚ କରାଯାଉଛି। ସୁଶ୍ରୀ ଦାସ ସୂଚନା ଦେଇ ଆହୁରି କହିଛନ୍ତି ଯେ ଗ୍ରାମର ମହିଳାମାନେ ଯେଉଁମାନେ ଦିନେ ଜଙ୍ଗଲରୁ ଜାଳକାଠ, ବାଉଁଶ ଓ ଅନ୍ୟାନ୍ୟ ବନଜାତ ସାମଗ୍ରୀ ସଂଗ୍ରହ କରି ଜୀବନ ଜୀବିକା ବିତାଉଥିଲେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାର ପ୍ରୟାସ ଜାରି ରହିଛି। ମହିଳାମାନଙ୍କୁ ନେଇ ୧୧ଟି ଏସ୍‌ଏଚ୍‌ଜି (ସ୍ୱୟଂ ସହାୟିକା ଗୋଷ୍ଠୀ) ଗଠନ କରାଯାଇ ସେମାନଙ୍କୁ ଇକୋ ଟୁରିଜିମ୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୮ଟି ଗ୍ରାମର ୭୦ ଜଣ ସଦସ୍ୟ (ପୁରୁଷ, ମହିଳା)ଙ୍କୁ ଆତ୍ମନିର୍ଭରଶୀଳ ହେବା କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇଛି।

**-ଅଂଶୁପ୍ରଜ୍ଞା ଦାସ,**
**ଡିଏଫ୍‌ଓ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ**




## ଗୋବିନ୍ଦପୁର ପକ୍ଷୀ ଗ୍ରାମ

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଭୟାରଣ୍ୟ ପାଦଦେଶ ମହାନଦୀ କୂଳରେ ଗୋବିନ୍ଦପୁର ଗ୍ରାମ ଅବସ୍ଥିତ। ଏହା ପକ୍ଷୀ ଗ୍ରାମ ଭାବେ ପରିଚିତ। ଏହି ଗାଁର ଲୋକମାନେ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ଉଦ୍ୟମ କରି ଆସୁଛନ୍ତି। ପ୍ରତିଟି ଘରର କାନ୍ଥ ବାଡ଼ରେ ଦେଖିବାକୁ ମିଳିଥାଏ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀଙ୍କ ଚିତ୍ର। ଶୀତଦିନେ ଏ ଅଞ୍ଚଳକୁ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀ ଆସିଥାନ୍ତି। ସେଠାରେ ଯେପରି କେହି ପକ୍ଷୀ ଶିକାର ନ କରନ୍ତି, ସେଥିପ୍ରତି ଗ୍ରାମବାସୀ ବିଶେଷ ଧ୍ୟାନ ଦେଇଥାନ୍ତି। ସ୍ଥାନୀୟ ଅଧିବାସୀମାନେ ନିଜ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ସହ, ବନ୍ୟପ୍ରାଣୀ, ପକ୍ଷୀ ଓ ପରିବେଶର ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି।




## ଆଇସ୍‌ଲାଣ୍ଡ କାଫେ

ଆଇସ୍‌ଲାଣ୍ଡ କାଫେ ଯୋଗୁଁ ଡେବ୍ରିଗଡ଼ ଅଭୟାରଣ୍ୟ ଏବେ ଚର୍ଚ୍ଚାରେ ରହିଛି। ଗତମାର୍ଚ୍ଚ ୮ ତାରିଖରେ ଖୋଲିଥିବା ଏହି କାଫେ ବିଦେଶାଗତ ପର୍ଯ୍ୟଟକ ଓ ପ୍ରକୃତି ପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି କାଫେରେ ଏକକାଳୀନ ୬୦ରୁ ୮୦ ଜଣ ଏକାଠି ବସି ପାରିବେ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କାଫେ ଖୋଲା ରହୁଛି। ହୀରାକୁଦ ହ୍ରଦ ମଧ୍ୟରେ ଥିବା ଏହି ଦ୍ୱୀପ ୭ ବର୍ଗ କିଲୋମିଟର ପରିମିତ। ଏହି ଦ୍ୱୀପ ବାଦୁଡ଼ି ଦ୍ୱୀପ ନାମରେ ପରିଚିତ। ଏଠାରେ ୧୨୦୦ରୁ ଅଧିକ ବାଦୁଡ଼ିଙ୍କ ବାସସ୍ଥଳୀ।



# ଗୁଡ଼ ମର୍ଣ୍ଣିଂ ରିପୋର୍ଟର

# ପାହାଡ଼ ଡାକୁଛି ଆ...





**ମାନସ ରଞ୍ଜନ ପ୍ରଧାନ**

ବଲାଙ୍ଗୀର ସହର ଠାରୁ ୧୮ କିଲୋମିଟର ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଅବସ୍ଥିତ ଏଭଳି ଏକ ପାହାଡ ରହିଛି, ଯାହା ପର୍ଯ୍ୟଟକଙ୍କୁ ଚୁମ୍ବକ ପରି ଟାଣିଥାଏ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ପାଇଁ ବେଶ୍ ପରିଚିତ ଏହି ପାହାଡର ନାଁ ହେଉଛି ''ଭୀମ ପାହାଡ ବା ଭୀମ ଡୁଙ୍ଗୁରୀ'। ଭଗବାନ ଶିବ ଓ ପର୍ଶୁରାମ ଏଠି ପୂଜା ପାଆନ୍ତି।



ବଲାଙ୍ଗୀର ପର୍ଯ୍ୟଟନ କ୍ଷେତ୍ରରେ ''ଭୀମ ପାହାଡ' ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଘଞ୍ଚ ଅରଣ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହା ପାଖ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ବସନ୍ତର ଆଗମନରେ ପର୍ଯ୍ୟଟକଙ୍କ ମନରେ ନୂଆ ଉନ୍ମାଦନା ଭରି ଦିଏ ଏହି ପାହାଡ। ପାଖ ଅଞ୍ଚଳବାସୀ କାର୍ତ୍ତିକ ମାସରେ ଏଠାରେ ଗିରି ଗୋବର୍ଦ୍ଧନ ପୂଜା ଖୁବ୍ ଉତ୍ସୁକତାର ସହ ମନାନ୍ତି। ତାହା ସହିତ ମେଳା ଓ ସଂକୀର୍ତ୍ତନର ମଧ୍ୟ ଆସର ଜମିଥାଏ। ପର୍ଯ୍ୟଟକ ''ଭୀମ ଡୁଙ୍ଗୁରୀ'କୁ ପିକନିକ କରିବାକୁ ମଧ୍ୟ ଆସି ଥାଆନ୍ତି। ବର୍ତ୍ତମାନ ପ୍ରତିଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସି ବୋଟିଂର ବି ମଜା ନେଉଛନ୍ତି। ପାଖରେ ଥିବା ପାର୍କ ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିଥାଏ। ତାହା ସହ ଏଠାରେ ଥିବା ''ମିଶନ ଶକ୍ତି କ୍ୟାଫେ' ମହିଳାଙ୍କୁ ରୋଜଗାର ଦେଉଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ କ୍ୟାଫେର ବି ମଜା ନେଇ ପାରିବେ। ସଂସ୍କୃତି ଗବେଷକଙ୍କ ମତରେ ବାବା ମଠରେ କନ୍ଧ, ଗଣ୍ଡା ଆଦି ଆଦିବାସୀଙ୍କ ଲୋକ ଦେବତା ପୂଜା ପାଆନ୍ତି। ଗାଥା କହେ, ଏହାର ସଂସ୍କୃତି ବେଶ ପ୍ରାଚୀନ ଯାହାର ସଠିକ ପ୍ରମାଣ ଏବେ ଯାଏଁ ଜଣା ପଡି ନାହିଁ। ଗବେଷକମାନ ଭୀମ ପାହାଡ ଉପରେ ଗବେଷଣା ଜାରି ରଖିଛନ୍ତି। ବଡ ଭୀମ ପାହାଡ ଓ ସାନ ଭୀମ ପାହାଡ ସହିତ ଅନେକ ଗୁଡିଏ ଗୁମ୍ଫା ଏଠାରେ ରହିଛି। ଭୀମ ଡୁଙ୍ଗୁରୀର ପୂର୍ବ ଦିଗରେ ରହିଛି ''ଶୂଳିଆ ପୀଠ'। ଶୂଳିଆ ଯାତ୍ରା ଆସିଲେ ରକ୍ତ ରଞ୍ଜିତ ହୋଇ ଉଠେ ଏହି ପୀଠ। କନ୍ଧମାନଙ୍କ ବଳି ପ୍ରଥା ଆଜିବି ଏଠାରେ ଦେଖିବାକୁ ମିଳିଥାଏ। ମଠ, ମନ୍ଦିର, ପାହାଡର ମନୋରମ ଦୃଶ୍ୟକୁ ନେଇ ସମୃଦ୍ଧ ହୋଇ ଉଠୁଛି ''ଭୀମ ପାହାଡ'। ଆପଣମାନେ ବି ଛୁଟି ତଥା ଅବସରରେ ସମୟରେ ଏଠାକୁ ବୁଲିବା ପାଇଁ ଯାଇପାରିବେ। ରାଜ୍ୟସରକାରଙ୍କ ବିକାଶର ନବୀନ ନକ୍ସାରେ ଆଜି ଭୀମପାହାଡ ନୂଆ ରୂପ ପାଇପାରିଛି। ପର୍ଯ୍ୟଟନଠୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ଏହା ବିକଶିତ ହୋଇ ଗଢି ଉଠିଛି। ପୂର୍ବରୁ ଏଠାକୁ ବହୁତ କମ୍ ପର୍ଯ୍ୟଟକ ଆସୁଥିଲେ। ମାତ୍ର ବିକାଶର ନୂଆ ନକ୍ସା ପରେ ଆଜି ଏହା ବେଶ୍ ପ୍ରସିଦ୍ଧି ଲାଭ କରି ପାରିଛି। ନବ ରୂପରେ ଝଲସୁଛି ଭୀମ ପାହାଡ ବା ଭୀମ ଡୁଙ୍ଗୁରୀ। ସମସ୍ତଙ୍କୁ ଏହି ପାହାଡ ଡାକୁଛି ମତେ ଦେଖିବୁ ଆ...।

## କେମିତି ଯିବେ ଭୀମ ପାହାଡ଼କୁ

ବଲାଙ୍ଗୀରକୁ ଆସି ସାରିଲା ପରେ ବସ୍ ତଥା ନିଜର ଗାଡିରେ ଆପଣ ମହିମୁଣ୍ଡା ଦେଇ ଅର୍ଜ୍ଜୁନପୁରକୁ ଯିବେ। ପରେ ଆପଣ ମୁକୁନ୍ଦପୁର ଗ୍ରାମରେ ପହଞ୍ଚି ଦକ୍ଷିଣ ଦିଗରେ ୨ ରୁ ୩ କିଲୋମିଟର ଗଲେ ଭୀମ ପାହାଡରେ ପହଞ୍ଚିଯିବେ। ଏଥି ପାଇଁ ଆପଣଙ୍କୁ ୧୮ କିଲୋମିଟରର ଯାତ୍ରା କରିବାକୁ ପଡିବ। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସେଠାରୁ ବସ୍ କିମ୍ବା ରେଳ ଯୋଗେ ୨୦୨ କିଲୋମିଟର ଗଲା ପରେ ଆପଣ ଭୀମ ପାହାଡରେ ପହଞ୍ଚି ପାରିବେ। ଏଠାକୁ ପର୍ଯ୍ୟଟକ ବର୍ଷର ସବୁ ସମୟରେ ଯାଇ ପାରିବେ। ଭୀମ ପାହାଡ ମନ୍ଦିର ସୋମବାରଠୁ ରବିବାର ଯାଏଁ ସକାଳ ୭ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଖୋଲା ରହିଥାଏ।

# ଧିଙ୍ଗିରି ଛତୁରୁ ଦମ୍ପତିଙ୍କୁ ପରିଚୟ

ଏହି ଦମ୍ପତି ଖାଲି ଛତୁ ଚାଷ ସହିତ ଛତୁ ମଞ୍ଜି ତିଆରି କରି ବିଭିନ୍ନ ମହିଳା ଗୋଷ୍ଠୀ ବା ଅସହାୟ ମହିଳା ମାନଙ୍କୁ ଛତୁ ମଞ୍ଜି ଯୋଗାଇ ଦେଇଥାନ୍ତି। ଏପରିକି ନିଜେ ଯାଇକି ସେମାନଙ୍କ ଘରେ ଛତୁ ଚାଷ ସମ୍ପର୍କରେ ତାଲିମ ଦେବା ସହ ଛତୁ ବେଡ ତିଆରି କରି ଆସିଥାନ୍ତି। ସେମାନେ ଛତୁ ବିକିବା ପରେ ଛତୁ ମଞ୍ଜିର ପଇସା ଦେଇଥାନ୍ତି। ଏତିକିରେ ଉକ୍ତ ଦମ୍ପତି ରହିଯାଇନାହାନ୍ତି ସେମାନେ ଗ୍ରାମ୍ୟ କୃଷି ବିକାଶ ପରିଷଦ ଗଠନ କରି ଅନେକ ମହିଳା ଓ ଚାଷୀଙ୍କୁ ବିଭିନ୍ନ ପନିପରିବା ଓ ଛତୁ ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରି ଦମ୍ପତି ବେଶ ପରିଚିତ।





**ଧୀରେନ୍ଦ୍ର ସେନାପତିଙ୍କ**



ନିଜେ ନିଜ ପରିବାର ଚଳାଇବା ସହିତ ଆଖପାଖ ଅଞ୍ଚଳରେ ଅନେକ ପରିବାରକୁ ରୋଜଗାର ବାଟ ଦେଖାଉଛନ୍ତି ଦମ୍ପତି ସଂଯୁକ୍ତା ପାହାନ୍ତାସିଂହ ଓ ପ୍ରତାପ ପାହାନ୍ତାସିଂହ। ବିଶେଷ କରି ଧିଙ୍ଗିରି ଛତୁ ଚାଷ ସମୟ ସରିଯାଇଥିଲେ ମଧ୍ୟ ଏବେ ବି ସେ ଧିଙ୍ଗିରି ଛତୁ ଫଳାଇବାରେ ସଫଳ। ମାତ୍ର ଶୀତ ନ ଥିବାରୁ ଧିଙ୍ଗିରି ଛତୁ କମି ଯାଇଛି। ମାତ୍ର ଧିଙ୍ଗିରି ଛତୁର ଚାହିଦା ଏବେ ବି ବଜାରରେ ରହିଛି। ଯେଉଁମାନେ ଧିଙ୍ଗିରି ଛତୁ ଖାଇଛନ୍ତି ସେମାନେ ଏବେ ବି ବଜାରରେ ବା ଏହି ଦମ୍ପତିକୁ ଫୋନ କରି ଛତୁ ଅଛିକି ନାହିଁ ବୋଲି ପଚାରୁଛନ୍ତି। କାରଣ ଏହି ଛତୁ ଦର କମ ହୋଇଥିବା ବେଳେ ଏହି ଛତୁର ସ୍ୱାଦ ପାଳଛତୁ ଠାରୁ ଭିନ୍ନ। ଏହି ଛତୁ ଚାଷ କରିବା ପାଇଁ ଯେପରି ଖର୍ଚ୍ଚ କମ ହୋଇଥାଏ। ସେହିପରି ଛତୁ ଚାଷ ପାଇଁ ବେଶି ଯାଗା ଦରକାର ହୋଇ ନ ଥାଏ। ନିଜର ଅଦରକାରୀ ଘର ବା ନିଜ ବାରି, ଅଗଣାରେ ମଧ୍ୟ ଏହି ଛତୁ ଚାଷ କରି ହେବ, ଖରା ନ ପଡୁଥିବା ବୋଲି ସଂଯୁକ୍ତା ପାହାନ୍ତାସିଂହ କହନ୍ତି। ଏହି ଦମ୍ପତି ଛତୁ ଚାଷ ସହିତ ବଡି, ପାମ୍ପଡ, ନଡିଆଖଡାରେ ବିଭିନ୍ନ ସାମଗ୍ରୀ କିଆରି କରିବା, ଜେଲି, ଖଟା, ଆଚାର, ପାନୀୟ ଜଳ, କ୍ୱାସ, ସକ୍ସ, ସହିତ ଫିନାଇଲ, ଧୂପକାଠି, ପିଜୁଳି, ଆମ୍ବ, ଅଁଳା, ପୋଦିନା, ଧନିଆ ଆଦି ସମାଗ୍ରୀରେ ପାନୀୟ ଜଳ ପ୍ରସ୍ତୁତ କରିବା ସହିତ ସେଓରେ ରସଗୋଲା ତିଆରି କରିବା ସହିତ ଆଜିର ଦିନରେ ନିଜ ବାରିରେ ଥିବା ଶାଗ, ପନିପରିବାକୁ ନେଇ ବିଭିନ୍ନ ସ୍ନାସ ବା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିବା ପ୍ରଣାଳୀ ମହିଳା ଗୋଷ୍ଠୀଙ୍କୁ ଶିଖାଉଛନ୍ତି। ଏବେ ସେ କଣାସ ବ୍ଲକର ବେଣାଗାଁରେ ମହିଳାଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ମାତ୍ର ସରକାରୀ ପ୍ରୋତ୍ସାହନ ପାଇଲେ ବା ତାଙ୍କୁ ଟ୍ରେନର ଭାବେ ମହିଳା ଗୋଷ୍ଠୀଙ୍କୁ ତାଲିମ ଦେବା ପାଇଁ ସରକାରଙ୍କ ଠାରୁ ଅନୁମତି ମିଳିଲେ ସେ ବେଶ ଖୁସି ହୋଇପାରନ୍ତେ ବୋଲି ସଂଯୁକ୍ତା ପାହାନ୍ତାସିଂହ କହିଛନ୍ତି। ଅନ୍ୟ ପକ୍ଷେ ଯେଉଁ ମହିଳା ଗୋଷ୍ଠୀ ବା ଯେଉଁ ମା' ମାନେ ନିଜେ ଶିଖିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି ସେମାନେ ୯୪୩୭୮୬୦୯୦୮ ନମ୍ବରରେ ଯୋଗାଯୋଗ କରିଲେ ଆମେ ସେମାନଙ୍କୁ ତାଲିମ ଦେଇ ପାରିବୁ ବୋଲି ଗ୍ରାମ୍ୟ କୃଷି ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରତାପ କୁମାର ପାହାନ୍ତାସିଂହ କହନ୍ତି।

# 'ବିବାହ ଉତ୍ସବରେ ଗଛ' ଆନ୍ଦୋଳନ



ଧରିତ୍ରୀ ସୁରକ୍ଷିତ ହେଲେ ଜୀବଜଗତ ସୁରକ୍ଷିତ ହୋଇରହିବ। ଦିନକୁ ଦିନ ମାତ୍ରାଧିକ ଉତ୍ତାପ ବୃଦ୍ଧି ଯୋଗୁଁ ଜୀବଜଗତ ଧ୍ୱଂସ ଆଡକୁ ମୁହାଁଉଛି। ଏଥି ସକାଶେ ବିଶ୍ୱ ଉତ୍ତାପନ ରୋକିବା ସକାଶେ ଜନ ସଚେତନତା ସହ ପରିବେଶ ସୁରକ୍ଷା ପାଇଁ ଜନ ଜାଗରଣ ଦରକାର। ସୁରକ୍ଷିତ ଭବିଷ୍ୟତ ପାଇଁ ଗଛଟିଏ ଆହ୍ୱାନର ବାର୍ତ୍ତା ତଥା ଉଦ୍ଦେଶ୍ୟ ନେଇ ଲୋକଙ୍କୁ ଦୀର୍ଘ ୨୭ ବର୍ଷ ଧରି ସଚେତନ କରିବା ସହ ୫ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ବିବାହ ଉତ୍ସବରେ ଉପହାର ଦେଇ ନବଦମ୍ପତିଙ୍କ ହାତରେ ରୋପଣ କରାଇଛନ୍ତି ପ୍ରକୃତି ବନ୍ଧୁ ମୀନକେତନ ସାହୁ।



**ବଦ୍ରୀ ନାରାୟଣ ସାହୁ**

ନାଁ ମୀନକେତନ ସାହୁ, ବୟସ ୫୩, ଠିକଣା -ନୂଆପାଲି, ପଦ୍ମପୁର। ବରଗଡ ଜିଲ୍ଲା ଅଣଜଳସେଚିତ ବ୍ଲକ ଭାବେ ଜଣାଶୁଣା ପଦ୍ମପୁର ବ୍ଲକ ନୂଆପାଲି ଗାଁର ମୀନକେତନ ସାହୁଙ୍କୁ ଏ ଅଞ୍ଚଳର ବିବାହ ଉତ୍ସବମାନଙ୍କରେ ପହଞ୍ଚିଯାଆନ୍ତି ଗୋଟିଏ ବୃକ୍ଷ ଧରି, ଆଉ ସେହି ବୃକ୍ଷକୁ ନବବିବାହିତା ଦମ୍ପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥାନ୍ତି। କେବଳ ସେହି ଛୋଟ ବୃକ୍ଷକୁ ଉପହାର ଦେଇ କାମ ସାରି ଦିଅନ୍ତି ନାହିଁ ମୀନକେତନ ତାକୁ ନବବିବାହିତାଙ୍କ ହାତରେ ଲଗାଇଥାନ୍ତି ତାଙ୍କ ବିବାହର ସ୍ମୃତି ଉଦ୍ଦେଶ୍ୟରେ। ଆଉ ସେହି ଗଛର ଯତ୍ନ ନେବାର ଦାୟିତ୍ୱ ଦେଇଥାନ୍ତି ସେହି ନବଦମ୍ପତିଙ୍କୁ ଏବଂ ସମୟ ମିଳିଲେ ନିଜେ ମୀନକେତନ ସେହି ଗାଁକୁ ପହଞ୍ଚି ନିଜେ ଅର୍ପଣ କରିଥିବା ବୃକ୍ଷର ଯତ୍ନ ନେଇଥାନ୍ତି। ତେବେ କେବଳ ବିବାହ ଉତ୍ସବରେ ନୁହେଁ ଛୋଟ ଛୋଟ ଶିଶୁମାନଙ୍କର ଜନ୍ମଦିନ କିମ୍ବା ଯେ କୌଣସି ବ୍ୟକ୍ତିର ମୃତାହ କାର୍ଯ୍ୟରେ ମଧ୍ୟ ପହଞ୍ଚି ମୀନକେତନ ଗୋଟିଏ ବୃକ୍ଷ ଅର୍ପଣ କରିଥାନ୍ତି।

୧୯୯୯ ମସିହାରେ ନିଜ ବିବାହ ଉତ୍ସବରେ ନିଜ ନବବିବାହିତ ପତ୍ନୀ ସହ ଗୋଟିଏ ଗଛ ଲଗାଇଥିଲେ ମୀନକେତନ। ସେହି ଦିନଠାରୁ ଆଉ ପଛକୁ ଫେରି ନାହାଁନ୍ତି। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଗଛ ବିଭିନ୍ନ ବିବାହ ଉତ୍ସବରେ ଉପହାର ଦେବା ସହ ନବଦମ୍ପତିଙ୍କ ହାତରେ ତାହା ରୋପଣ କରିଆସୁଛନ୍ତି। କାରଣ ତାପମାତ୍ରା ବୃଦ୍ଧି ପାଉଛି ଏବଂ ଏହା ମଣିଷକୃତ। ତେଣୁ ଏହା ରୋକିବାକୁ ହେଲେ ପର୍ଯ୍ୟାପ୍ତ ପରିମାଣର ଚାରାରୋପଣ କରାଯିବା ଆବଶ୍ୟକ। ଯାହାକୁ ନେଇ ଏହି ମିଶନରେ ସବୁ ବର୍ଗର ଲୋକ ଏଥିରେ ଯୋଡି ହେବା ଉଚିତ। କାରଣ ଯେ ଗଛ ଲଗାଇବ ସେ ଗଛର ମହତ୍ତ୍ୱ ବୁଝିପାରିବ। ମୀନକେତନଙ୍କ ଏହି ଅଭିଯାନ ଦୀର୍ଘ ୨୭ ବର୍ଷ ହେବ ଜାରି ରହିଥିବା ବେଳେ ବିବାହ ପରେ ନିଜ ପତ୍ନୀ ମଧ୍ୟ ତାଙ୍କୁ ସହଯୋଗ କରୁଛନ୍ତି।

ମୀନକେତନ ଯେ କେବଳ ବିବାହ ଉତ୍ସବରେ ବୃକ୍ଷ ଉପହାର ପ୍ରଦାନ କରୁନାହାନ୍ତି, ଗାଁ ପାଖରେ ଥିବା ୫ ଶହ ଏକର ଉଜୁଡା ଜଙ୍ଗଲରେ ପୁର୍ନବାର ବୃକ୍ଷରୋପଣ କରି ତାହାର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଯାହାକୁ ନେଇ ମୀନକେତନଙ୍କୁ ଓଡିଶା ସରକାରଙ୍କ ତରଫରୁ ପ୍ରକୃତିବନ୍ଧୁ ଭାବରେ ପୁରସ୍କୃତ କରାଯାଇଛି। ସେହିପରି ୨୦୦୮ ମସିହାରେ ଲୋକମାନଙ୍କୁ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମରେ ଜଡିତ କରିବା ପାଇଁ ଜିଲ୍ଲା ବ୍ୟାପୀ ସାଇକଲ ଶୋଭାଯାତ୍ରା କରିଥିଲେ। ମୀନକେତନଙ୍କ କହିବା ଅନୁସାରେ ତାପମାତ୍ରା ବୃଦ୍ଧି ପାଇଁ ଆମେ ମାନେ ଦାୟୀ, ତେଣୁ ସବୁଲୋକ ଏ ଦିଗରେ ସଚେତନ ହେବା ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡିବ। ଆଉ ପର୍ଯ୍ୟାପ୍ତ ପରିମାଣର ଚାରାରୋପଣ ସହ ସଂରକ୍ଷଣ କରାଯାଇ ପ୍ରତ୍ୟେକ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି, ଉଜୁଡା ଜଙ୍ଗଲର ପୁନରୁଦ୍ଧାର କରାଯିବା ଉଚିତ।

# ପାରମ୍ପରିକ ଚାଷରୁ ଅଲଗା

ସାଧାରଣତଃ ଅଦା, ହଳଦୀ ଓ ପରିବା ଚାଷ ପାଇଁ କନ୍ଧମାଳ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଜିଲ୍ଲାରେ କୃଷିକୁ ନେଇ ଏବେ ଚାଲିଛି ନୂଆ ନୂଆ ପ୍ରୟୋଗ। ପୂର୍ବରୁ ଡ୍ରାଗନ ଫ୍ରୁଟ ଓ ଷ୍ଟ୍ର-ବେରୀ ଚାଷ ସଫଳତାର ସହିତ ଚାଲିଥିବା ବେଳେ ଏବେ ଖଜୁରିପଡା ବ୍ଲକର ଦଳାପଙ୍କା ଗାଁର ସୁଶାନ୍ତ କହଁର କ୍ୟାପସିକମକୁ ନେଇ ନୂତନ ପ୍ରୟୋଗ ଆରମ୍ଭ କରିଛନ୍ତି।



**ସଞ୍ଜୟ ପାତ୍ର**

କନ୍ଧମାଳ କୃଷି କ୍ଷେତ୍ରରେ ନୂତନ ପ୍ରୟୋଗ



କନ୍ଧମାଳ ଅଞ୍ଚଳର ଚାଷୀଙ୍କ ପାଇଁ ଅପରିଚିତ କ୍ୟାପସିକମ୍ ଆଦିବାସୀ କୃଷକମାନେ ପ୍ରଥମ ଥର ପାଇଁ ଚାଷ କରୁଛନ୍ତି। କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକର ଦଳାପଙ୍କା ଗାଁର ସୁଶାନ୍ତ କହଁର ତାଙ୍କ ଉତ୍ପାଦିତ କ୍ୟାପସିକମ୍ ନିକଟରେ ଫୁଲବାଣୀ ବଜାରରେ ବିକ୍ରି କରିଛନ୍ତି। ସୁଶାନ୍ତଙ୍କ ପରି ଫୁଲବାଣୀ, ଫିରିଙ୍ଗିଆ ଏବଂ ଖଜୁରିପଡାର ୨୧ ଟି ପଞ୍ଚାୟତରୁ ପ୍ରାୟ ୮୦ ଜଣ କୃଷକ ପ୍ରାୟ ୧୦ ଏକର ଜମିରେ କ୍ୟାପସିକମ୍ ଚାଷ ଆରମ୍ଭ କରିଛନ୍ତି। ଏଥିପାଇଁ ତାଙ୍କୁ ଫୁଲବାଣୀ ଆଇଟିଡିଏ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସୁଶାନ୍ତ ତାଙ୍କ ଜମିର ଏକ ଛୋଟ ପ୍ୟାଚରେ ସବୁଜ କ୍ୟାପସିକମ୍ ଚାଷ କରିଥିଲେ। ଆଇଟିଡିଏର ପରାମର୍ଶ କ୍ରମେ ମୁଁ ପରୀକ୍ଷାମୂଳକ ଭିତ୍ତିରେ କ୍ୟାପ୍‌ସିକମ୍ ଚାଷ ଆରମ୍ଭ କରିଛି ବୋଲି କହିଛନ୍ତି ସୁଶାନ୍ତ। ମୁଁ ଏପର୍ଯ୍ୟନ୍ତ ୧୦ କିଲୋଗ୍ରାମରୁ ଅଧିକ କ୍ୟାପସିକମ୍ ଉତ୍ପାଦନ କରିଥିବାରୁ ଖୁସି ଅଛି ବୋଲି ସେ ପ୍ରକାଶ କରିଛନ୍ତି। ଫୁଲକୋବି କିମ୍ବା କୋବି ଅପେକ୍ଷା କ୍ୟାପସିକମ୍‌ରୁ ଆମେ ଅଧିକ ଲାଭ ପାଇବୁ ବୋଲି ତାଙ୍କ ଭଳି ଅନେକ କୃଷକ କହିଛନ୍ତି। ପରିବା ଚାଷ ଅପେକ୍ଷା ଏଭଳି ବିକଳ୍ପ କୃଷିରେ ଅଧିକ ଲାଭ ଏବଂ ଚାହିଦା ମଧ୍ୟ ଥିବା ଉପଲବ୍‌ôଧ କରି କନ୍ଧମାଳ ଜିଲାପାଳ ଆଶିଷ ଇଶ୍ୱର ପାଟିଲ ଅଧିକାରୀମାନଙ୍କୁ କ୍ୟାପସିକମ୍ ଚାଷ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ପ୍ରକଳ୍ପ ମ୍ୟାନେଜର ପି ମୂରଲୀ ମୋହନ। ଏଥିପାଇଁ ମନୋନୀତ ୮୦ ଜଣ କୃଷକ ପ୍ରଥମେ ଅନିଚ୍ଛା ପ୍ରକାଶ କରିଥିଲେ ବି ପରବର୍ତ୍ତୀ ସମୟରେ ସେମାନେ ରାଜି ହୋଇଥିଲେ ବୋଲି କହିଛନ୍ତି ଶ୍ରୀ ମୂରଲୀ ମୋହନ। ଆଇଟିଡିଏ ପକ୍ଷରୁ କୃଷକମାନଙ୍କୁ ମଞ୍ଜି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦିଆଯାଇଛି। ଯଦି ଅନ୍ୟ କୃଷକମାନେ କ୍ୟାପସିକମ୍ ଚାଷ କରିବାକୁ ଆଗ୍ରହ ଦେଖାନ୍ତି, ତେବେ ଆଇଟିଡିଏ ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯିବ ବୋଲି କୁହାଯାଇଛି।

## ସ୍ମୃତି ପଟ୍ଟନାୟକ ଯୁବ ବିଜେଡି ଉପସଭାପତି

### ଦୁଇ ନେତାଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ

**ଭୁବନେଶ୍ୱର, ୧୬ ।୩ (ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମତିକ୍ରମେ ଆଜି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ସ୍ମୃତି ରଞ୍ଜନ ପଟ୍ଟନାୟକ ଏବଂ ପ୍ରଜ୍ଞାନ ନନ୍ଦ ପୋଧାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଅପରପକ୍ଷେ ବିଜେଡି ସୁପ୍ରିମୋଙ୍କ ଅନୁମୋଦନକ୍ରମେ କାଶୀନଗର ଏନ୍‌ଏସିର କେ. ଆପ୍ପାରାଓ ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ସୂର୍ଯ୍ୟନାରାୟଣ ରାଜଗୁରୁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି ।

## ଶିମିଳିପାଳରେ ପୁଲିସ ଓ ବନ ବିଭାଗର ମିଳିତ ଚଢ଼ଉ

# ନଷ୍ଟ ହେଲା ୩.୧୦ କୋଟିର ଅଫିମ ଗଛ

**ବାରିପଦା, ୧୬ ।୩(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରୁ ପୁଣି ବେଆଇନ ଅଫିମ ଚାଷ ଜମିରେ ପୁଲିସ ଏବଂ ବନ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି । ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳର ୨ଟି ସ୍ଥାନରେ ୧ଲକ୍ଷ ୫୫ହଜାରଟି ଅଫିମ ଗଛକୁ ପୋଡି ନଷ୍ଟ କରାଯାଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ୩ କୋଟି ୧୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଅଭୟାରଣ୍ୟର ଯଯଗଡ଼ା ଓ ଫୁଲବାଡ଼ି ଗ୍ରାମରେ ବେଆଇନ ଚାଷ ହୋଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ମୟୂରଭଞ୍ଜ ଏସପି ଏସ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ମିଳିତ ଚଢ଼ଉ କରାଯାଇଥିଲା । ମାଜିଷ୍ଟ୍ରେଟ୍, ପୁଲିସ, ଅବକାରୀ ଓ ବନବିଭାଗ ସହ ମିଳିତ ଭାବେ ସଦଳବଳେ ଚଢ଼ଉ କରାଯାଇଥିଲା । ଏ ନେଇ ଯଶିପୁର ପୁଲିସ ପକ୍ଷରୁ ଏନଡିପିଏସ ଆକ୍ଟରେ ପୃଥକ ମାମଲା ରୁଜୁ ସହିତ କର୍ମଚାରୀମାନେ ଗଛ ଉପାଡି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କିରାସିନି ଢାଳି ପୋଡ଼ି ଦେଇଛନ୍ତି । ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନଥିବା ବେଳେ ଜଡ଼ିତଙ୍କ ସମ୍ବନ୍ଧରେ ତଦନ୍ତ ଜାରି ରହିଛି ବୋଲି ପୁଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୪ ଓ ମାର୍ଚ୍ଚ ୧୦ ତାରିଖରେ ଅନୁରୂପ ମିଳିତ ଚଢ଼ଉରେ ବିଭିନ୍ନ ସ୍ଥାନରେ ୫ଲକ୍ଷ ୪୧ହଜାର ବେଆଇନ ଅଫିମ ଗଛ ଉପାଡି ନଷ୍ଟ କରାଯାଇଥିଲା । ଯାହାର ମୂଲ୍ୟ ୧୦ କୋଟି ୯୬ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ଯାହାକୁ ନେଇ ଯଶିପୁର ଥାନାରେ ୪ଟି ମାମଲା ରୁଜୁ ହୋଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

## ସ୍ୱାଧୀନ ପଣ୍ଡା ଖୋର୍ଦ୍ଧା ଛାତ୍ର ବିଜେଡି ସଭାପତି

**ଭୁବନେଶ୍ୱର, ୧୬ ।୩ (ସମିସ):** ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସ୍ୱାଧୀନ ପଣ୍ଡାଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ନିଯୁକ୍ତି ମିଳିଛି । ସେହିପରି ପ୍ରଶାନ୍ତ କୁମାର ବେହେରାଙ୍କୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବିଜେଡି ବ୍ଲକ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

## ଅବଶିଷ୍ଟାଂଶ...

### ୭ ପର୍ଯ୍ୟାୟରେ...

୧୯ ଏପ୍ରିଲରେ ମତଦାନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟର ୮୯ ଲୋକସଭା ଆସନ ପାଇଁ ୨୬ ଏପ୍ରିଲରେ ମତଦାନ କରାଯିବା ସହିତ ତୃତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟର ୯୪ ଲୋକସଭା ଆସନ ପାଇଁ ୭ ମେ', ଚତୁର୍ଥ ପର୍ଯ୍ୟାୟ ୧୦ଟି ରାଜ୍ୟର ୯୬ ଲୋକସଭା ଆସନ ପାଇଁ ୧୩ ମେ', ପଞ୍ଚମ ପର୍ଯ୍ୟାୟ ୮ଟି ରାଜ୍ୟର ୪୯ ଲୋକସଭା ଆସନ ପାଇଁ ୨୦ ମେ', ଷଷ୍ଠ ପର୍ଯ୍ୟାୟ ୭ଟି ରାଜ୍ୟର ୫୭ ଲୋକସଭା ଆସନ ପାଇଁ ୨୫ ମେ' ଏବଂ ଅନ୍ତିମ ତଥା ସପ୍ତମ ପର୍ଯ୍ୟାୟରେ ୮ଟି ରାଜ୍ୟର ୫୭ ଲୋକସଭା ଆସନ ପାଇଁ ଜୁନ୍ ୧ ତାରିଖରେ ଭୋଟଗ୍ରହଣ ହେବ । ଜୁନ ୪ ତାରିଖରେ ଭୋଟଗଣତି ହୋଇ ସେହି ଦିନ ହିଁ ଫଳାଫଳ ପ୍ରକାଶ ପାଇବ । ସପ୍ତଦଶ ଲୋକସଭା କାର୍ଯ୍ୟକାଳ କାର୍ଯ୍ୟକାଳ ଜୁନ୍ ୧୬ ତାରିଖରେ ଶେଷ ହେଉଥିବାରୁ ଏହାପୂର୍ବରୁ ନିର୍ବାଚନ କାର୍ଯ୍ୟ ଶେଷ କରାଯିବ ବୋଲି ସିଇସିଙ୍କ ପକ୍ଷରୁ କୁହାଯାଇଛି । ନିର୍ବାଚନ ପ୍ରକ୍ରିୟା ସହିତ ଜଡ଼ିତ ସମସ୍ତ କାର୍ଯ୍ୟକ୍ରମ ଜୁନ୍ ୬ ତାରିଖ ସୁଦ୍ଧା ଶେଷ କରାଯିବ । ସିଇସି କହିଛନ୍ତି, ୫୪୩ ଲୋକସଭା ଆସନ ମଧ୍ୟରୁ ସାଧାରଣ ବର୍ଗରେ ୪୧୨ ଆସନ ରହିଥିବା ବେଳେ ଅନୁସୂଚିତ ଜାତି ଆସନ ସଂଖ୍ୟା ୮୪ ଏବଂ ଅନୁସୂଚିତ ଜନଜାତି ଆସନ ସଂଖ୍ୟା ୪୭ ରହିଛି । ଏହି ନିର୍ବାଚନରେ ମୋଟ ୯୬.୮ କୋଟି ଭୋଟର ମତଦାନ କରିବାକୁ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୪୯ କୋଟି ୭୨ଲକ୍ଷ ପୁରୁଷ ଏବଂ ୪୭ କୋଟି ୧୦ଲକ୍ଷ ମହିଳା ଭୋଟର ରହିଛନ୍ତି ।

ସେହିପରି ଚଳିତ ନିର୍ବାଚନରେ ୧କୋଟି ୮୨ଲକ୍ଷ ଭୋଟର ପ୍ରଥମ ଥର ପାଇଁ ମତଦାନ କରିବେ ବୋଲି କୁହାଯାଇଛି । ପ୍ରଥମରୁ ସପ୍ତମ ପର୍ଯ୍ୟାୟ ମତଦାନ ପାଇଁ ସାରା ଦେଶରେ ମୋଟ ୧୦ ଲକ୍ଷ ୫୦ ହଜାର ବୁଥ୍ ରହିବ । ମତଦାନ ପାଇଁ ୫୫ଲକ୍ଷ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍(ଇଭିଏମ୍) ବ୍ୟବହାର କରାଯିବ ।ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିବାକୁ ପ୍ରାୟ ୧କୋଟି ୫୦ଲକ୍ଷ ପୋଲିଂ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ । ଭୋଟ କାର୍ଯ୍ୟରେ ବିଭିନ୍ନ ଧରଣର ପ୍ରାୟ ୪ଲକ୍ଷ ଯାନ ବ୍ୟବହାର କରାଯିବ ବୋଲି ସିଇସି ସୂଚନା ଦେଇଛନ୍ତି ।୮୫ବର୍ଷରୁ ଅଧିକ ବୟସର ଭୋଟର ଓ ୪୦% ଅକ୍ଷମତା ଥିବା ଭୋଟର ଚାହିଁଲେ ନିଜ ଘରୁ ଭୋଟ ଦେଇପାରିବେ । ପୂର୍ବରୁ ଘରୁ ଭୋଟ ଦେବା ସୁବିଧା କେତେକ ବିଧାନସଭା ନିର୍ବାଚନ ବେଳେ ଉପଲବ୍ଧ ରହିଥିଲା । କିନ୍ତୁ ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ସାରା ଦେଶରେ ଉପଲବ୍ଧ କରାଯିବ । ନିର୍ବାଚନକୁ ନିରପେକ୍ଷ ଏବଂ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସିଇସି କହିଛନ୍ତି ଯେ, ଚଳିତ ଥର ବାହୁବଳ, ଅର୍ଥବଳ, ଅସତ୍ୟପ୍ରଚାର ଓ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଭଳି ୪ ପ୍ରମୁଖ ଆହ୍ୱାନ ରହିଛି । ଦେଶର କୌଣସି ଭାଗରେ ଯେଭଳି ନିର୍ବାଚନୀ ହିଂସା ନ ହୁଏ ସେଥିପାଇଁ ସଙ୍କଳ୍ପ ନିଆଯିବା ସହିତ ଏହାକୁ ରୋକିବାକୁ ଦୃଢ ବ୍ୟବସ୍ଥା କରାଯାଇଛି ।ଅନ୍ତରାଷ୍ଟ୍ରୀୟ ସୀମା ସଂଲଗ୍ନ ଅଞ୍ଚଳରେ ଡ୍ରୋନ ବ୍ୟବହାର କରାଯାଇ ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ ଓ ସମଗ୍ର ଦେଶରେ ଚେକ୍-ପଏଣ୍ଟ ନେଟୱର୍କ ରହିବ । ଅର୍ଥବଳ ସମ୍ପର୍କରେ ସିଇସି କହିଛନ୍ତି, ଭୋଟରଙ୍କୁ ଟଙ୍କା, ମୂଲ୍ୟବାନ ସାମଗ୍ରୀ, ମଦ ଆଦି ଦେଇ ପ୍ରଲୁବ୍ଧ କରାଯିବା ଆଶଙ୍କା ରହିଛି । ତେବେ ତା'କୁ ରୋକିବା ପାଇଁ ବିଭିନ୍ନ ଯାଞ୍ଚ ଏଜେନ୍ସି ଓ ପୁଲିସ୍ ଫୋର୍ସ ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ସହ ଆଲୋଚନା କରାଯାଇ ଉପାୟ ନିର୍ଦ୍ଧାରଣ କରାଯାଇଛି ।ପ୍ରତ୍ୟେକ ଜିଲ୍ଲାପାଳ ଏବଂ ଏସପି ଯେଭଳି ସେମାନଙ୍କ ଜିଲ୍ଲାରେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରନ୍ତି ତାହାକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ପ୍ରତ୍ୟେକ ଦିନ ସନ୍ଦେହଜନକ ନେଣଦେଣର ରିପୋର୍ଟ ଦେବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଅସତ୍ୟପ୍ରଚାର ସମ୍ପର୍କରେ ସିଇସି କହିଛନ୍ତି, ଆଇଟି ଆକ୍ଟ ଉପଯୋଗରେ ଏହାକୁ ରୋକାଯିବ । ସାମାଜିକ ଗଣମାଧ୍ୟମରେ ଜାଲ୍ ପୋଷ୍ଟିଂଗୁଡ଼ିକୁ ହଟାଇବାକୁ ପ୍ରତ୍ୟେକ ରାଜ୍ୟକୁ କ୍ଷମତା ଦିଆଯାଇଛି । ଇସି ୱେବସାଇଟରେ କାଳ୍ପନିକ ବନାମ ବାସ୍ତବିକତା ସେକ୍ସନ ଲଞ୍ଚ କରାଯିବ । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ସିଇସି କହିଛନ୍ତି, ସମସ୍ତ ତାରକା ପ୍ରଚାରକଙ୍କୁ ଆଦର୍ଶ ଆଚରଣ ବିଧି ମାର୍ଗଦର୍ଶିକା ଯୋଗାଇଦେବାକୁ ରାଜନୈତିକ ଦଳଗୁଡ଼ିକୁ କୁହାଯାଇଛି । ଭାଷଣରେ କିମ୍ବା ସାମାଜିକ ଗଣମାଧ୍ୟମ ପୋଷ୍ଟିଂରେ ଅପଶବ୍ଦର ବ୍ୟବହାର ନକରିବା ପାଇଁ ପ୍ରଚାରକମାନଙ୍କୁ ସିଇସି ପରାମର୍ଶ ଦେଇଛନ୍ତି । ନିର୍ବାଚନ ପ୍ରଚାର କାର୍ଯ୍ୟରେ ନାବାଳକ/ନାବାଳିକାଙ୍କୁ ନ ଲଗାଇବା ପାଇଁ ସିଇସି ସମସ୍ତ ରାଜନୈତିକ ଦଳଙ୍କୁ ସତର୍କ କରାଇଛନ୍ତି । ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ସିକ୍କିମ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟ ଏହି ଲୋକସଭା ନିର୍ବାଚନ ସହ କରାଯିବ । ଅରୁଣାଚଳ ପ୍ରଦେଶ ଓ ସିକିମରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଏପ୍ରିଲ ୧୯ ତାରିଖରେ, ଓ ଆନ୍ଧ୍ର ପ୍ରଦେଶରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ମେ ୧୩ ତାରିଖରେ ଏବଂ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଏକ ସଙ୍ଗେ ଲୋକସଭା ଓ ବିଧାନସଭା ପାଇଁ ଭୋଟଗ୍ରହଣ ହେବ । ଏତଦବ୍ୟତୀତ ଦେଶରେ ୨୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ମଧ୍ୟ ଭୋଟଗ୍ରହଣ ହେବ । ଲୋକସଭା ନିର୍ବାଚନ ସାଙ୍ଗକୁ ଲୋକସଭା ନିର୍ବାଚନ ସରିବା ପରେପରେ ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ନିର୍ବାଚନ ହେବ ।

### ୪ର୍ଥ ପର୍ଯ୍ୟାୟରେ...

୫୧୯୮୭୧ ଜଣ ଭିନ୍ନକ୍ଷମ ରହିଛନ୍ତି । ସେହିପରି ରାଜ୍ୟରେ ୭୯୯୩୩୪ ଜଣ ୧୮-୧୯ ବର୍ଷୀୟ ମତଦାତା ଥିବାବେଳେ ୩୦୨୨୭୩ ଜଣ ବରିଷ୍ଠ ନାଗରିକ(୮୫ ବର୍ଷରୁ ଉର୍ଦ୍ଧ୍ୱ), ୪୯୫୯୯ ସର୍ଭିସ ମତଦାତା, ୧୮୪ ଜଣ ପ୍ରବାସୀ ମତଦାତା ରହିଛନ୍ତି ।

ରାଜ୍ୟରେ ମୋଟ ୨୧ଟି ଲୋକସଭା ଆସନ ଥିବାବେଳେ ତନ୍ମଧ୍ୟରୁ ୩ଟି ଅନୁସୂଚିତ ଜାତି ଏବଂ ୫ଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ୧୪୭ ବିଧାନସଭା ଆସନରୁ ୨୪ଟି ଅନୁସୂଚିତ ଜାତି ଓ ୩୩ଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୩୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସମେତ ୨୧ ଜଣ ରିଟର୍ଣ୍ଣିଂ ଅଫିସର(ଲୋକସଭା), ୧୩୧ ଜଣ ରିଟର୍ଣ୍ଣିଂ ଅଫିସର(ବିଧାନସଭା) ଏବଂ ୨୯୪ ଜଣ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ତାଲିମ ଓ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ରାଜ୍ୟବ୍ୟାପୀ ମତଦାନ କେନ୍ଦ୍ରରେ ନିୟୋଜିତ ହେବା ପାଇଁ ୨.୭୦ ଲକ୍ଷ ମତଦାନ କର୍ମଚାରୀ(୨୦ ପ୍ରତିଶତ ରିଜର୍ଭ)ଙ୍କୁ ତାଲିମ ପ୍ରଦାନ କରାଯାଉଛି ।

ମତଦାନ ଯେପରି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପାଇଁ ଆୟୋଗଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି । ମତଦାନ ହେବାକୁ ଥିବା ସ୍ଥାନରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୋଟ ମତଦାନ କେନ୍ଦ୍ରର ପ୍ରାୟ ୨୦ ପ୍ରତିଶତ ମଡେଲ ପୋଲିଂ ଷ୍ଟେସନ ହେବ । ସେହିପରି ମହିଳା ମତଦାନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ମତଦାନ ଦିନ ମୋଟ ସଂଖ୍ୟାର ପ୍ରାୟ ୬୦ ପ୍ରତିଶତ ମତଦାନ କେନ୍ଦ୍ରଗୁଡ଼ିକରେ ୱେବକାଷ୍ଟିଂ କରାଯିବ । ଏହାବ୍ୟତୀତ ମତଦାନ ଯେପରି ମୁକ୍ତ ଏବଂ ଅବାଧ ହେବ ସେଥିପାଇଁ ମାଇକ୍ରୋ-ପର୍ଯ୍ୟବେକ୍ଷକ, ଭିଡିଓଗ୍ରାଫି ଏବଂ ଡିଜିଟାଲ ଷ୍ଟିଲ ଫଟୋଗ୍ରାଫି ପରି ବ୍ୟବସ୍ଥା କରାଯାଇଛି ।

ଅପରପକ୍ଷେ ବରିଷ୍ଠ ନାଗରିକ(୮୫ ବର୍ଷରୁ ଅଧିକ), ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ଥିବା ବ୍ୟକ୍ତି ଏବଂ କୋଭିଡ-୧୯ ସନ୍ଦିଗ୍ଧ କିମ୍ବା ପ୍ରଭାବିତ ବ୍ୟକ୍ତି ଡାକ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

ଅପରପକ୍ଷେ ନାମାଙ୍କନପତ୍ର ଦାଖଲ ପାଇଁ ଭାରତର ନିର୍ବାଚନ ଆୟୁକ୍ତ ଯେଉଁ ବିସ୍ତୃତ ନିର୍ଦ୍ଦେଶାବଳି ଜାରି କରିଛନ୍ତି, ତାହାର ଅନୁପାଳନ କରିବାରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେହିପରି ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ନିରୀକ୍ଷଣ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି । ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ଦ୍ୱାରା ନିର୍ବାଚନ ଖର୍ଚ୍ଚର ସର୍ବାଧିକ ସୀମା ୪୦ ଲକ୍ଷ ଏବଂ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ୯୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିପରି ନିର୍ବାଚନ ପରିଚାଳନାରେ ସୂଚନା ପ୍ରଯୁକ୍ତିବିଦ୍ୟାର ମଧ୍ୟ ଚଳିତ ଥର ବହୁଳ ପ୍ରୟୋଗ ହେବାକୁ ଯାଉଛି । 'ସି-ଭିଜିଲ୍' ଆପ୍, ସୁବିଧା ପୋର୍ଟାଲ, ଆପଣଙ୍କ ପ୍ରାର୍ଥୀଙ୍କୁ ଜାଣନ୍ତୁ, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଆପ୍, ସକ୍ଷମ ଆଦି ବ୍ୟବହାର କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

### ସାଢ଼େ ଚାରି କୋଟି...

ହଜାର ହଜାର ଜଗନ୍ନାଥ ମନ୍ଦିର ସହିତ ମା' ସମଲେଇ ପ୍ରକଳ୍ପ ସଫଳତାର ସହ ସମ୍ପୂର୍ଣ୍ଣ କରିଛୁ । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରଥମ ଥର ଓଡ଼ିଶା ଭାଷା ସମ୍ମିଳନୀ ଆୟୋଜନ କରାଯାଇଛି । ଭାଷା ହିଁ ଭବିଷ୍ୟତ । ଓଡ଼ିଶାର ବରପୁତ୍ର ମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇଛି ।

ଶ୍ରୀ ପଟ୍ଟନାୟକ କହିଥିଲେ, ନବୀକୃତ ଶକ୍ତି ସହିତ ରୂପାନ୍ତରଣ ପାଇଁ ଦୃଢ଼ ପ୍ରତିବଦ୍ଧତା ସହିତ ଚଳିତ ପାଳିରେ ଆମେ କାମ ଆରମ୍ଭ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲୁ । ୨୦୨୦ରେ ସମଗ୍ର ବିଶ୍ୱକୁ ଗ୍ରାସ କରିଥିବା କୋଭିଡ୍ ମହାମାରୀର ସଫଳ ମୁକାବିଲା ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଓଡ଼ିଶାକୁ ଏକ ମଡେଲ ରାଜ୍ୟର ମାନ୍ୟତା ଦେଇଛି । କେବଳ ଓଡ଼ିଶା ନୁହେଁ, ଅମ୍ଳଜାନ ଯୋଗାଇ ଆମେ ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିପାରିଛୁ । କୋଭିଡ୍ ମହାମାରୀର ପ୍ରକୋପ ହ୍ରାସ ପାଇବା ପରେ ପୂର୍ବାପେକ୍ଷା ଦ୍ରୁତ ଗତିରେ ଆମେ ବିଭିନ୍ନ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକାରୀ କରିଛୁ । ଶିକ୍ଷାକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଆଜି ଓଡ଼ିଶାର ପ୍ରତି ପଞ୍ଚାୟତରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍, କ୍ରୀଡ଼ା ସୁବିଧା ସହିତ ରୂପାନ୍ତିତ ଉଚ୍ଚ ବିଦ୍ୟାଳୟ ଉପଲବ୍ଧ ହୋଇପାରିଛି । ବୋଧହୁଏ ଏତେ କମ୍ ସମୟ ଭିତରେ ଦୁନିଆରେ ଏତେ ସଂଖ୍ୟକ ବିଦ୍ୟାଳୟର ରୂପାନ୍ତରଣ ହୋଇନାହିଁ । ଏବେ ଆମେ ମହାବିଦ୍ୟାଳୟ ଗୁଡ଼ିକର ରୂପାନ୍ତରଣ ଦିଗରେ କାର୍ଯ୍ୟକରୁଛୁ । ଏକ ସଶକ୍ତ ଯୁବଶକ୍ତି ଗଠନ ଲକ୍ଷ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଓ ବୃତ୍ତି ପ୍ରଦାନ ଆରମ୍ଭ ହୋଇଛି । 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ଯୁବକ ଯୁବତୀଙ୍କ ସମୃଦ୍ଧିର ପାସପୋର୍ଟ କରିବା ଲାଗି ରାଜ୍ୟ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଆମ ଯୁବଶକ୍ତିକୁ ବିଶ୍ୱ ସମୁଦାୟ ସହିତ ଲଢ଼ିବା ପାଇଁ ଆମେ ପ୍ରସ୍ତୁତ କରିଛୁ । ସର୍ବଶ୍ରେଷ୍ଠ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଫଳପ୍ରଦ ହେଉଥିବା ବେଳେ ୧ ଲକ୍ଷ ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ କରିବା ପାଇଁ 'ସ୍ୱୟମ୍' କାର୍ଯ୍ୟକ୍ରମ ଜରିଆରେ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ବ୍ୟବସ୍ଥା କରାଯାଇଛି । ରାଉରକେଲାରେ ମାତ୍ର ୧୫ ମାସ ଭିତରେ ବିଶ୍ୱର ସର୍ବାଧିକ ଆସନ ବିଶିଷ୍ଟ ବୃହତ ହକି ଷ୍ଟାଡିୟମ୍‌ର ନିର୍ମାଣ 'ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ' ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟକ୍ରମ ହୋଇଛି । ଉନ୍ନତ ଭିତ୍ତିଭୂମି ଓ ପ୍ରତିବଦ୍ଧତା ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ କରିଛି । କାରଣ ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ହେଉଛି ଯୁବଗୋଷ୍ଠୀ ଏବଂ ଯୁବଗୋଷ୍ଠୀ ହେଉଛନ୍ତି ଭବିଷ୍ୟତ ।

ମହିଳା ସଶକ୍ତିକରଣ କ୍ଷେତ୍ରରେ ମିଶନ୍ ଶକ୍ତି ଭାରତରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧବିହୀନ ଋଣ ଆଜି ଏସ୍‌ଏଚ୍‌ଜି ଗୁଡିକୁ ପ୍ରତିବର୍ଷ ଗୋଟିଏ ଗୋଟିଏ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରି ଚାଲିଛି । ଚଳିତ ବର୍ଷ ୧୫ ହଜାର କୋଟି ସହିତ ଗତ ୫ ବର୍ଷ ଭିତରେ ଏସ୍‌ଏଚ୍‌ଜି ଗୁଡିକୁ ୪୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଦିଆଯାଇଛି । ୭୦ ଲକ୍ଷ ଏସ୍‌ଏଚ୍‌ଜି ସଦସ୍ୟା ଆଜି ସଶକ୍ତ ଓଡ଼ିଶା ଗଢ଼ିବାରେ ବ୍ରତୀ । ଶ୍ରୀ ପଟ୍ଟନାୟକ କହିଛନ୍ତି, ପ୍ରତିଟି ଜୀବନ ମୂଲ୍ୟବାନ ନୀତି ଆଧାରରେ ଆମେ ଜନସାଧାରଣଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଛୁ । ବିଏସ୍‌କେୱାଇ ପ୍ରତି ଗରିବ ପରିବାର ପାଇଁ ସଞ୍ଜୀବନୀ ସାଜିଛି । ବିଏସ୍‌କେୱାଇ ପାଇଁ ପ୍ରତିବର୍ଷ ଆମେ ୩୫୦୦ କୋଟି ବ୍ୟୟ କରୁଛୁ । ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ରାଜ୍ୟର ପିଏଚସି ଠାରୁ ନେଇ ମୁଖ୍ୟ ଡାକ୍ତରଖାନା ପର୍ଯ୍ୟନ୍ତ ୧୮୫୮ଟି ଡାକ୍ତରଖାନାର ଉନ୍ନୟନ କରାଯାଉଛି । ଲୋୟର ସୁକତେଲ, ଗଙ୍ଗାଧର ମେହେର ଉଠା ଜଳସେଚନ ଭଳି ପ୍ରକଳ୍ପ ସହିତ କାଳିଆ ଯୋଜନାରେ ଆର୍ଥିକ ସହାୟତା ପଦକ୍ଷେପ, କୃଷକ କଲ୍ୟାଣ ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ୧୭୫ଟି ବ୍ଲକ୍‌ରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଆଦିବାସୀ ଭାଇ ଭଉଣୀଙ୍କ କଲ୍ୟାଣ ପାଇଁ ୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯିଏ 'ଲାଭ' ଯୋଜନାରେ ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରି ଆଦିବାସୀଙ୍କୁ ଜୀବିକା ନିର୍ବାହ ସୁଯୋଗ ଦେଇଛି । ଆଦିବାସୀ ଭାଷାର ସୁରକ୍ଷା ପାଇଁ ଓଡ଼ିଶାରେ ୨୧ଟି ଜନଜାତୀୟ ଭାଷାରେ ଶିକ୍ଷାଦାନ ପାଇଁ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଗତ ୫ ବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଥିବା ବେଳେ ନିକଟରେ ଲକ୍ଷ୍ମୀ ବସ୍‌ର ପ୍ରଚଳନ, ବିଦେଶକୁ ସିଧାସଳଖ ବିମାନ ଉଡ଼ାଣ, ବସ୍ ଷ୍ଟାଣ୍ଡର ବିକାଶ, ବିଜୁ ଏକ୍ସପ୍ରେସ୍ ୱେ, ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାରେ ବିମାନ ବନ୍ଦର ନିର୍ମାଣ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛି । ଗତ ୫ ବର୍ଷ ଭିତରେ ଦାରିଦ୍ର ଦୂରୀକରଣରେ ଓଡ଼ିଶାର ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି । ଶିଳ୍ପ ବିକାଶ ସହିତ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି । ଆର୍ଥିକ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ ଲକ୍ଷ୍ୟରେ ୪୩୭୩ ପଞ୍ଚାୟତରେ 'ଆମ ବ୍ୟାଙ୍କ' ପ୍ରତିଷ୍ଠା କରାଯାଉଛି । ଇସ୍ପାତ ଉତ୍ପାଦନରେ ଆଗୁଆ ଥିବା ଓଡ଼ିଶାକୁ ଗୋଟିଏ ପରେ ଗୋଟିଏ ବିଶ୍ୱସ୍ତରୀୟ ଆଇଟି ସଂସ୍ଥାଙ୍କ ସୁଅ ଛୁଟିଛି । ଆମେ ଆମର ମୂଳଦୁଆ ସୁଦୃଢ଼ କରିବା ସହିତ ନୂଆ ଓଡ଼ିଶା ଆକାଶ ଛୁଇଁବା ପାଇଁ ପ୍ରସ୍ତୁତ ହେଉଛି । ଏଥିରେ ପ୍ରମୁଖ ଭୂମିକା ନେବେ ଆମର ଯୁବ ଶକ୍ତି । ଯେଉଁଠି ଆମର ମହିଳା, ଶିଶୁ, ଉଦ୍ୟୋଗୀ, କୃଷକ ଓ ଆଦିବାସୀ ସମସ୍ତେ ଏହି ବିକାଶର ସାରଥୀ ସାଜିବେ ।

୨୦୩୬ ମସିହାରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା । ସେହି ସମୟ ସୁଦ୍ଧା ଓଡ଼ିଶାକୁ ପ୍ରତି କ୍ଷେତ୍ରରେ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବ ପାଇ ଶପଥ ନେବା ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆହ୍ୱାନ ଦେଇଛନ୍ତି ।

### ୭ ବିଭାଗର...

ଅମିନ ଓ ଏଆରଆଇ ପଦବୀକୁ ଉନ୍ନୀତ କରାଯାଇ ଅମିନ ଲେବୁଲ-୨ ଓ ଏଆରଆଇ ଲେବୁଲ-୨ ପଦବୀ ଦ୍ୱୟ ସୃଷ୍ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଫଳରେ ଚାକିରୀର ଯୋଗଦେବାର ୩ ବର୍ଷ ପରେ ଏହି ଲେବୁଲକୁ ପଦୋନ୍ନତି ମିଳିବ । ପେ-ମାଟ୍ରିକ୍ସର ଲେଭଲ-୭ରେ ଉପରୋକ୍ତ ପଦବୀ ଦ୍ୱୟ ସୃଷ୍ଟି କରିବା ପାଇଁ ସ୍ଥିର କରାଯାଇଛି । ସେହିପରି ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରର ପୁନର୍ଗଠନ ଓ ୧୧୩ଟି ନୂଆ ପଦବୀ ସୃଷ୍ଟିକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି କ୍ୟାଡରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏଣିକି ନିଜ ଚାକିରି କାଳ ମଧ୍ୟରେ ୩ଟି ପଦୋନ୍ନତିର ସୁବିଧା ମିଳିପାରିବ । ଏହି କ୍ୟାଡରରେ ପଦବୀ ସଂଖ୍ୟା ୪୦୪୫ରୁ ୪୧୬୮କୁ ବୃଦ୍ଧି ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି । ସେହିପରି ଓଡ଼ିଶା(ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଗ୍ରାଣ୍ଟ-ଇନ୍-ଏଡ ୨୦୧୪ରେ ପୁଣିଥରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଫଳରେ ବେସରକାରୀ କଲେଜ, ଜୁନିୟର କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ଅନୁଦାନ ନିୟମ-୨୦୧୪ ଅଧୀନରେ ଶିକ୍ଷାଗତ ପଛୁଆ ଜିଲ୍ଲା ଯୋଗ୍ୟତା ଆକଳନ କରିବା ପାଇଁ ଜନଗଣନା-୨୦୧୧ ପରିବର୍ତ୍ତେ ଜନଗଣନା ୨୦୦୧କୁ ଗ୍ରହଣ କରିବାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାଫଳରେ ୯୧ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ । ସରକାରଙ୍କୁ ଏଥିପାଇଁ ଅତିରିକ୍ତ ୫.୧୫କୋଟି ଟଙ୍କା ବାର୍ଷିକ ବ୍ୟୟ କରିବାକୁ ପଡ଼ିବ ।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ, ଲାଇସେନ୍ସ ପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନେ ଷ୍ଟାମ୍ପ ପେପର ବିକ୍ରି କରିବା ପାଇଁ ୧ ପ୍ରତିଶତରୁ ୪ ପ୍ରତିଶତ କମିଶନ ପାଉଛନ୍ତି । ଷ୍ଟାମ୍ପ ପେପର ସଂଗ୍ରହ ପାଇଁ ଅତ୍ୟଧିକ ଖର୍ଚ୍ଚକୁ ହ୍ରାସ କରିବା ତଥା ଇ-ଷ୍ଟାମ୍ପିଂର ପ୍ରଚଳନ ହେତୁ ଲାଇସେନ୍ସ ପ୍ରାପ୍ତ ଷ୍ଟାମ୍ପ ବିକ୍ରେତାମାନଙ୍କୁ ରାଜ୍ୟ ସରକାର ଇ-ଷ୍ଟାମ୍ପିଂ ପ୍ରଣାଳୀରେ ନିୟୋଜନ କରି ଆଦାୟ ଦେୟ ଉପରେ ୦.୮୫ ପ୍ରତିଶତ କମିଶନ ପ୍ରଦାନ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ କୃଷି ଉତ୍ପାଦନର ବୃଦ୍ଧି ପାଇଁ ୟୁରିଆ ସାରର ପ୍ରୟୋଗ ଏବଂ ଆର୍ଥିକ ବିକାଶ ସହିତ ଅନ୍ୟାନ୍ୟ ଶିଳ୍ପର ଅଭିବୃଦ୍ଧି ତଥା ରୁଗ୍ଣ ଶିଳ୍ପର ପୁନରୁତ୍ଥାନ ପାଇଁ ରାଜ୍ୟ କ୍ୟାବିନେଟ ଆଉ ଏକ ନିଷ୍ପତ୍ତି ନେଇଛି । ତାଳଚେର ଫର୍ଟିଲାଇଜର ଲିମିଟେଡ ନାମରେ ସବ-ଲିଜ ଦଲିଲ ନିବନ୍ଧନ ପାଇଁ ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି ସର୍ବୋମୋଟ ୩୧ କୋଟି ୩୨ ଲକ୍ଷ ୧୧ ହଜାର ୫୦୨ ଟଙ୍କା ଛାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ କଟକ ଜିଲ୍ଲାର କଟକ ତହସିଲ ୟୁନିଟ ନମ୍ବର ୧୦, କ୍ୟାଣ୍ଟନମେଣ୍ଟ ମୌଜାରେ ଥିବା ୨୦ ଏକର ୮୦୮ ଡେସିମିଲି ଜମିକୁ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସପକ୍ଷରେ ମୂଳ ଲିଜ୍‌ର ସର୍ତ୍ତ ମୁତାବକ ନବୀକରଣ ମଞ୍ଜୁର ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏହା ୧୯୮୯ ମସିହା ସେପ୍ଟେମ୍ବର ୪ ତାରିଖରୁ ୪୦ ବର୍ଷ ପାଇଁ ନବୀକରଣ ହେବାକୁ ଥିବାବେଳେ ବାର୍ଷିକ ରେଣ୍ଟ ଏବଂ ସେସ୍ ବାବଦରେ ପ୍ରତି ଏକର ପାଇଁ ୧ ଟଙ୍କା ପୈଠ ପାଇଁ ଓଡ଼ିଶା ଅଲିମ୍ପିକ ଆସୋସିଏସନକୁ କୁହାଯାଇଛି । ସେହିପରି ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବୈଷୟିକ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୪ ପ୍ରଣୟନ ପାଇଁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

### ୧୮୪୫ କୋଟିର...

ପରିବହନ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଓପିଟିସିଏଲ୍ ଦ୍ୱାରା ରାଜ୍ୟ ସରକାରଙ୍କ ୩୦% ଅଂଶଧନ ସହାୟତାରେ ୫ ବର୍ଷ ମଧ୍ୟରେ ୨୧ଟି ନୂତନ ଏବଂ ସୁଦୃଢ଼ୀକରଣ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି ।

ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଶିଳ୍ପ ବିକାଶ ଦେଖିଥିବା ବେଳେ ଗତ ୫ ବର୍ଷରେ ଶିଳ୍ପ ଭିତ୍ତିଭୂମି ନୂଆ ଅଧ୍ୟାୟ ସୃଷ୍ଟି କରିଛି । ମେକ୍ ଇନ୍ ଓଡ଼ିଶା କନକ୍ଲେଭ, ଦେଶ ବିଦେଶରେ ପୁଞ୍ଜିନିବେଶ ସମ୍ମିଳନୀ ସର୍ବୋପରି ଓଡ଼ିଶାର ବିକାଶ ଗାଥା ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକଙ୍କୁ ଆକୃଷ୍ଟ କରୁଛି । ରାଜ୍ୟ ସରକାରଙ୍କ ଶିଳ୍ପ ଅନୁକୂଳନ ନୀତି ହେଉ ଅବା ବିଭିନ୍ନ ପ୍ରକାର ପ୍ରୋତ୍ସାହନ, ଗତ ୫ ବର୍ଷ ମଧ୍ୟରେ ବ୍ୟାପକ ପୁଞ୍ଜି ନିବେଶ ଆଣିଛି । ରାଜ୍ୟରେ ନୂତନ ଶିଳ୍ପ ସ୍ଥାପନ ତଥା ରାଜ୍ୟର ବର୍ଦ୍ଧିଷ୍ଣୁ ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତ୍ରୁଟିଶୂନ୍ୟ ବିଦ୍ୟୁତ ସହରବରାହ ଭିତ୍ତିଭୂମି ସୃଷ୍ଟି କରୁଛନ୍ତି ।


**DISTRICT PROJECT OFFICE**
**SAMAGRA SHIKSHA: CUTTACK (ODISHA)** n-

Phone & Fax: 0671-2509937 / 2509934
Email: dpccuttackssa.opepa@nic.in

**NOTICE**

No. 851/Plg/24 (XXIV-2/23) Date 15.03.2024

With reference to this Office Advertisement No.701/XXIV-2/23 dtd.17.02.2023,it is for information of all concerned that the provisional valid and reject list of candidates applied for Different Posts of Netaji Subas Chandra Bose Awasiya Hostel (NSCBAH) at Madhusudan Govt. High School,Khapuria under Samagra Shiksha ,Cuttack are published in official Website WWW.OSEPA.odisha.gov.in & WWW.cuttack.nic.in for invitation of Claims and objections addressed to the DPC,SS,Cuttack through e-mail/Registered post /Speed Post or in Person supported with relevant documents on or before 24/03/2024 by 5.30 P.M .No further Claims what so ever in nature shall be accepted after 24.03.2024

**District Project Coordinator,**
**SS, Cuttack**

**OIPR-27121/11/0005/2324**



**AFFIDAVIT**

By virtue of an affidavit sworn before the Notary Public Bhadrak. affidavit No. 1145 dated 16.02.2024. I Gayatri Biswal resident of Vill- Tentulida, Po- Orasahi, Ps.- Chandabali, Dist.- Bhadrak declare that Now onwards I shall be known as **Gayatri Biswal** for all future purposes.

**AFFIDAVIT**

By virtue of an Affidavit sworn before the Notary Public, Rairangpur Dated 16th March 2024, I Pankajini Sahu(38), D/O- Babulal Sahu of Mohulduma, Po - Badkedam, Ps - Tiring, Mayurbhanj, Odisha declare that, I have changed my name from Pankajini Agarwalla to Pankajini Sahu. Henceforth I shall be known as **Pankajini Sahu** for all purposes.

**AFFIDAVIT**

I, **Shri Madho Kurijee,** S/o Lt. Sunamo Karji do hereby corrected my title from **'Kurijee'** to **'Karji'** vide an affidavit in the Court of Executive Magistrate, Capital Itanagar (A.P), vide No. 13 on dtd. 04/02/ 2024. Henceforth, my corrected name shall be known as **Shri Madho Karji** for all purposes.

**AFFIDAVIT**

I, Meenu Agrawal, W/o- Sambhu Dayal Agarwalla, resident of Ward No-6, Main Road, Rairangpur, Ps-Rairangpur, Dist- Mayurbhanj, Pin-757043, Odisha declare by this affidavit No-6, dated- 14/03/2024, that now onwards I shall be known as **MINU AGARWALLA** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Sambhu Dayal Agrawal, S/o-Bishwanath Agarwalla, resident of Ward No-6, Main Road, Rairangpur, Ps-Rairangpur, Dist-Mayurbhanj, Pin-757043, Odisha declare by this affidavit No.7, dated- 14/03/ 2024, that now onwards I shall be known as **SAMBHU DAYAL AGARWALLA** for all future purposes.

**AFFIDAVIT**

I, Ankita Priyadarshini Khelwar D/O Anirudha Khelwar, Plot No 656/ 3585 Harihar Vihar Post -Old Town, PS- Lingraj, Bhubaneswar, Dist-Khurda, PIN- 751002 Odisha declare by this affidavit No- 87 dtd- 16/03/2024 that now onwards I shall be known as **ALOVA PRIYADARSHITA KHELWAR** for all future purposes



**ନିଯୁକ୍ତି ବିଜ୍ଞାପନ**

ରେଡକ୍ରସ୍ ଭିନ୍ନକ୍ଷମ ବିଦ୍ୟାଳୟ, ସଇଁତଳା, ଜିଲ୍ଲା- ବଲାଙ୍ଗିରରେ ଦୃଷ୍ଟିବାଧିତ ବିଦ୍ୟାଳୟ ଓ ବୌଦ୍ଧିକ ଭିନ୍ନକ୍ଷମ ବିଦ୍ୟାଳୟରେ ଖାଲିଥିବା କେତେଗୁଡିଏ ପଦବୀ ପୂରଣ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ପ୍ରାର୍ଥୀମାନେ ଜିଲ୍ଲାର ୱେବସାଇଟ୍‌ରୁ ଆବେଦନ ପତ୍ର ସଂଗ୍ରହ କରି ୧୫ ଦିନ ଭିତରେ ନିର୍ଦ୍ଧାରିତ ଫର୍ମରେ ନିମ୍ନସାକ୍ଷରକାରୀଙ୍କୁ ଆବେଦନ କରିପାରିବେ । ଅଣଶିକ୍ଷକ ପଦବୀଗୁଡିକ କେବଳ ସ୍ଥାନୀୟ ପ୍ରାର୍ଥୀ ଓ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରତ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ । ବଲାଙ୍ଗିର ଜିଲ୍ଲା ୱେବସାଇଟ୍ **www.balangir.nic.in**

ସା/- ସଂପାଦକ
ରେଡକ୍ରସ୍ ଭିନ୍ନକ୍ଷମ ବିଦ୍ୟାଳୟ
ସଇଁତଳା





ସଂକ୍ରମିତ ମା ଠାରୁ ବ୍ୟାପେ ପୁଣି
ଅଶୋଧିତ ରକ୍ତ ନେଲେ
ଜୀବନ ଜୀବ ଟି ମନେ ରଖି ଥା
ଏହି ସବୁ ତ୍ରୁଟି କଲେ
ଭୂତାଣୁ ପ୍ରବେଶ ଥରେ କରି ଗଲେ
ଡାକି ଆଣେ କେତେ ରୋଗ
ଏଚ୍.ଆଇ.ଭି ଲାଗି ଔଷଧ ନାହିଁ ରେ
ହେଲେ ତ ମରଣ ଯୋଗ

osacs

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



**IN THE NATIONAL COMPANY LAW TRIBUNAL**
**CUTTACK BENCH AT CUTTACK**

CP No. 27/CB/2023
In the matter of:
The Companies Act, 2013
And
In the matter of:
An application under Section 66 of the Companies Act, 2013
And
In the matter of:

Hura Brothers Hospitality Private Limited, a company incorporated under the Companies Act, 2013 and having its registered office at Dayal Tower, VSS Marg, Sambalpur-768001, Odisha. ........Applicant

**Publication of Notice**

Notice is hereby given that by an Order dated 14th February 2024, in the abovementioned Company Petition No. 27/CB/2023, the Hon'ble National Company Law Tribunal, Cuttack Bench, Cuttack, has confirmed the proposal for reduction of share capital of M/s Hura Brothers Hospitality Private Limited (the "Applicant") from Rs. 3,73,48,000/- (Rupees Three Crore Seventy Three Lakh Forty Eight Thousand only) to Rs. 53,48,000/- (Rupees Fifty Three Lakh Forty Eight Thousand only) by cancelling and extinguishing 32,00,000 (Thirty Two Lakh) nos. of fully paid Equity Shares of Rs. 10/- (Rupees Ten only) each which was approved by passing special resolution at the Applicant Company's Extra Ordinary General Meeting held on 12th June 2023.

The Registrar of Companies, Cuttack, Odisha has registered the order of the Hon'ble National Company Law Tribunal, Cuttack Bench and minutes of reduction vide certificate dated 15th March 2024.

**Place: Sambalpur**
**Date: 18.03.2024**

**Sd/- FCS Gopinath Nayak**
**Practicing Company Secretary**
**(Authorised Representative of the Applicant Company)**
**Plot No.-186, First Floor, District Center, Chandrasekharpur**
**Bhubaneswar-751016, Odisha**





# ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ



ଭୁବନେଶ୍ୱର, ୧୬।୩ (ସମିସ): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ଏହି ମେଳାକୁ ବିଭାଗୀୟ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମ ସଚିବ ମମତା ନାୟକ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ବିତ୍ତ ଉପଦେଷ୍ଟା ତଥା ଯୁଗ୍ମ ସଚିବ ବୀଣାପାଣି ନାୟକ, ସମ୍ବଲପୁରୀ ବସ୍ତ୍ରାଳୟ ପରିଚାଳନା ନିର୍ଦ୍ଦେଶକ ହୃଷୀକେଶ ମାହାଲି, ଯୁଗ୍ମ ନିର୍ଦ୍ଦେଶକ ଦେବଜୀତ ନନ୍ଦ ଓ ସମ୍ବଲପୁରୀ ବସ୍ତ୍ରାଳୟର ବାଣିଜ୍ୟ ଅଧିକାରୀ ବରଗଡ଼ ହେମନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ବାରିପଦା, ବାଲେଶ୍ୱର, ପାଟଣାଗଡ଼, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ ଓ ବୌଦ୍ଧ ବୟନ ମଣ୍ଡଳ ମାନଙ୍କରୁ ୩୩ଟି ତନ୍ତବାୟ ସମିତି/ ସ୍ୱୟଂ ସହାୟକ ଗୋଷ୍ଠୀ ବୁଣାକାର ସେମାନଙ୍କର ଉତ୍ପାଦିତ ବସ୍ତ୍ରର ପ୍ରଦର୍ଶନୀ ଓ ବିକ୍ରୟ କରିବାପାଇଁ ଯୋଗଦାନ କରିଛନ୍ତି। ଏହି ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆସନ୍ତା ୩୧ ତରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଗ୍ରାହକମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ସୁଲଭ ମୂଲ୍ୟରେ୧୦% ସରକାରୀ ରିଆତିରେ କିଣିପାରିବେ।



ଭୁବନେଶ୍ୱର ଉପକଣ୍ଠ ଉତ୍ତରାରେ ଘରକୁ ଯାଳେଣି ନେଇଯାଉଛନ୍ତି

## ସମ୍ଭାବନା ପକ୍ଷରୁ 'କବି, କବିତା : ମାଟିର କଥା'

ଭୁବନେଶ୍ୱର, ୧୬।୩(ସମିସ): ସମ୍ଭାବନା ଦ୍ୱାରା ଆୟୋଜିତ ହେଉଥିବା ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା କ୍ରମରେ ଆଜି ସମ୍ଭାବନା ଓଡ଼ିଆଣୀ ସମିତି ପକ୍ଷରୁ କବି କବିତା : ମାଟିର କଥା ଆୟୋଜିତ ହୋଇଯାଇଛି। ସମ୍ଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟର ଏହି ଉତ୍ସବରେ ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା ଓ ପରମ୍ପରା ପାଇଁ ସମ୍ଭାବନାର ଅହରହ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ନିକଟରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଗ୍ରହଣ କରିଥିବା ବିଶିଷ୍ଟ ଗାୟିକା ଡ. ସଙ୍ଗୀତା ଗୋସାଇଁଙ୍କୁ ସମ୍ଭାବନା ପକ୍ଷରୁ ସେ ସମ୍ବର୍ଦ୍ଧିତ କରିଥିଲେ। ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ସମ୍ଭାବନା ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପାଇଁ ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ସମ୍ପର୍କରେ କହିଥିଲେ। ଏହି କବିତା ଉତ୍ସବରେ ଜଣାଶୁଣା କବି ମନୋରମା ମିଶ୍ର, ଅଲେଖ ଚରଣ ରାଉତ, ନିରୁପମା ରଥ, ସୁଜାତା ମହାନ୍ତି, ଶଶାଙ୍କ ଶେଖର ମିଶ୍ର, ଗୀତାଞ୍ଜଳି ପାଣି, ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ନିଜ ନିଜର ରଚନା ପାଠ କରିଥିଲେ। ସେହିଭଳି ଓଡ଼ିଆଣୀମାନଙ୍କ ମଧ୍ୟରୁ ତନ୍ଦ୍ରାଳସା ଦାସ, ଶ୍ୱେତପଦ୍ମା ମିଶ୍ର, ପଦ୍ମାଳୟା ଶତପଥୀ, ଡାକ୍ତର ରୀତାଞ୍ଜଳି ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସମ୍ପାଦିକା ରେଖା ସାହୁ, ଯୁଗ୍ମ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସେନାପତି, ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ବାସନ୍ତୀ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଘରୋଇ ପରିଚାରିକାଙ୍କୁ ଆଇନ ସଚେତନତା




ଭୁବନେଶ୍ୱର, ୧୬।୩ (ସମିସ): ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନଠାରେ ଘରୋଇ ପରିଚାରିକା ମଞ୍ଚ ଓଡ଼ିଶା ତରଫରୁ ଶନିବାର ଆଇନ ଉପରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଘରୋଇ ପରିଚାରିକାମାନଙ୍କର କାମର ସ୍ଥିତି ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଥିସହିତ ଘରୋଇ ପରିଚାରିକାମାନଙ୍କ ସାମାଜିକ ସୁରକ୍ଷା ପାଇଁ ବିଶେଷ ରୂପରେ ୱେଲ୍‌ଫେୟାର ଫଣ୍ଡ ପାଇଁ କେଉଁଠୁ ପଇସା ଆଦାୟ ହୋଇପାରିବ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ନ୍ୟାସ୍‌ନାଲ ୟୁନିଭର୍ସିଟିର ପ୍ରଫେସର ସୋଫି ପରିଚାଳନା କରିଥିଲେ।

ଏହି ଆଲୋଚନାରେ ରାଜ୍ୟର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ପ୍ରତିନିଧି ସେବା, ଏଚ୍‌ଏମ୍‌ଏସ୍, ଏଆଇସିସିଟିୟୁ ସିଟୁ, ନିଖିଳ ଓଡ଼ିଶା ଗୃହ ମଜଦୁର ସଭା, ଭୁବନେଶ୍ୱର ଅନ୍‌ଅର୍ଗାନାଇଜ ୱାର୍କର୍ସ ୟୁନିୟନ, ଓଡ଼ିଶା ଗୃହ ପରିଚାରିକା ସଂଗଠନ ଭୁବନେଶ୍ୱର, ଘରୋଇ ଶ୍ରମିକ ସଂଘ ରାଉରକେଲାର ପ୍ରତିନିଧି ସମେତ ବିୟୁଡବ୍ଲ୍ୟୁର ନଳିନୀ ଦିଗଲ, ଏନ୍‌ଓଜିଏମ୍‌ଏସ୍‌ର ପ୍ରମିଳା କିଣ୍ଡୋ, ଜିଏସ୍‌ଏସ୍‌ର ଜୟଲକ୍ଷ୍ମୀ ସିଂ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା କ୍ଷୀରୋଦ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସାଧାରଣ ସମ୍ପାଦକ ସଂଗ୍ରାମ ମଲ୍ଲିକ, ସନ୍ଦୀପ ଭାଇ, ସିଏସ୍‌ଏନ୍‌ଆର ସଭାପତି ଧୀରେନ୍ଦ୍ର ପଣ୍ଡା, ମୁକ୍ତା ବାଗ, ବଂଶୀଧର ପରିଡ଼ା, ବସ୍ତି ମହାସଂଘର ମଧୁସ୍ମିତା ବେହେରା, ଘରୋଇ ପରିଚାରିକା ଲକ୍ଷ୍ମୀ ନାୟକ, ଆଇଜିଏସ୍‌ଏସ୍‌ଏସ୍‌ର ଶର୍ମିଳା ଓ ଦେବାଶିଷ, ନାଓର ବିଶାଖା, ପ୍ରଫେସର ସ୍ୱର୍ଣ୍ଣମୟୀ ପ୍ରମୁଖ ଯୋଗ ଦେଇଥିଲେ।

## ସୋଆ ଆଇବିସିଏସ୍‌ରେ କନ୍‌ଭରଜେନ୍ସ-୨୦୨୪



ଭୁବନେଶ୍ୱର, ୧୬।୩ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର୍ ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଆୟୋଜିତ ଦୁଇଦିନିଆ ବାର୍ଷିକ ବି-ସ୍କୁଲ୍ ମିଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'କନ୍‌ଭରଜେନ୍ସ-୨୦୨୪'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁଡୁଚେରୀର ପୂର୍ବତନ ମୁଖ୍ୟ ଶାସନ ସଚିବ ମନୋଜ କୁମାର ପରିଡ଼ା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନାବାର୍ଡ ଭୁବନେଶ୍ୱରର ଡେପୁଟି ଜେନେରାଲ ମ୍ୟାନେଜର ଡକ୍ଟର ସମୀର କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଠିନ କାର୍ଯ୍ୟ ଓ ତ୍ୱରିତ କାର୍ଯ୍ୟଧାରା ଉପରେ ଗୁରୁତ୍ୱାରୋପ କରି ନୈତିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଫେସର ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅନ୍ୟତମ କୋର୍ଡିନେଟର ଡକ୍ଟର ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏମ୍‌ସି ଆଗରେ ଦୃଷ୍ଟିବାଧିତଙ୍କ ଆନ୍ଦୋଳନକୁ ସମର୍ଥନ

ଭୁବନେଶ୍ୱର, ୧୬।୩ (ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଭେଣ୍ଡିଂଜୋନ୍ ପାଇଁ ଅନଶନରତ ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କ ଦାବିକୁ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି। ଦୁଇ ନମ୍ବର ମାର୍କେଟ ବିଲ୍‌ଡିଂଠାରେ ଉଠା ଦୋକାନ ପକାଇ ଜୀବନ ଜୀବିକା ଅର୍ଜନ କରୁଥିବା ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କୁ ଦୁର୍ବ୍ୟବହାର କରି ସେମାନଙ୍କୁ ସେଠାରୁ ତଡ଼ି ଦିଆଯାଇଥିଲା। ପ୍ରାୟ ୧ବର୍ଷରୁ ଊର୍ଦ୍ଧ୍ୱ ଏହି ଦିବ୍ୟାଙ୍ଗମାନେ ଭୋକ ଉପାସରେ କାଳ କାଟୁଥିଲେ। ସେମାନେ ରୋଜଗାର ପାଇଁ ଭେଣ୍ଡି ଜୋନ୍‌ରେ ଦୋକାନ ପାଇବାକୁ ଉଭୟ ମହାନଗର ନିଗମକୁ ନିବେଦନ କରିଥିଲେ। ହେଲେ ଭେଣ୍ଡିଂ ଜୋନ୍ ମିଳି ନ ଥିଲା। ଏହି ଆନ୍ଦୋଳନ ଅବସରରେ କଂଗ୍ରେସର ନେତୃବର୍ଗ ଏବଂ ଆନ୍ଦୋଳନରତ ଦିବ୍ୟାଙ୍ଗମାନେ ବିଏମ୍‌ସି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ପରେ କିଛି ପ୍ରତିନିଧି ନିର୍ଦ୍ଦିଷ୍ଟ ଦାବି ସହ ଯାଇ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଏହି ଦିବ୍ୟାଙ୍ଗଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## କିଟ୍ ଓ କିସ୍ ପରିଦର୍ଶନ କଲେ ହାର୍ଭାର୍ଡ ଇଣ୍ଡିଆର ୪୦ ପ୍ରତିନିଧି

ଭୁବନେଶ୍ୱର, ୧୬।୩ (ସମିସ): ୧୦ ତାରିଖରୁ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୪୦ ଜଣିଆ ପ୍ରତିନିଧିମଣ୍ଡଳୀ ଶନିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରି ଯାଇଛନ୍ତି। ଶନିବାର ସକାଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବିଶେଷକରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା।




## ସେଣ୍ଟ ଜନ୍ ଆମ୍ବୁଲାନ୍ସର କାର୍ଯ୍ୟନିର୍ବାହୀ ବୈଠକ



ଭୁବନେଶ୍ୱର, ୧୬।୩ (ସମିସ): ସେଣ୍ଟ ଜନ୍ ଆମ୍ବୁଲାନ୍ସ ଦେଶରେ ପ୍ରାଥମିକ ଚିକିତ୍ସା ପ୍ରଦାନରେ ଅଗ୍ରଣୀ ଭୂମିକା ନେବା ସହ ଏକ ରୋଲ୍ ମଡେଲ୍ ଭାବରେ ପରିଗଣିତ। ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠା ଓ ସମର୍ପଣ ମନୋଭାବ ବାସ୍ତବିକ ପ୍ରଶଂସନୀୟ। ବିଶେଷକରି ପ୍ରାଥମିକ ଚିକିତ୍ସା ସେବା, ପ୍ରଶିକ୍ଷଣ ଓ ଆପାତକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନରେ ସଂଗଠନର କାର୍ଯ୍ୟ ବେଶ୍ ପ୍ରେରଣାଦାୟୀ। ପ୍ରାଥମିକ ଚିକିତ୍ସା ସେବାର ବିଶେଷ ଗୁରୁତ୍ୱ ରହିଛି। ବିଶେଷତଃ ଯୁବଗୋଷ୍ଠୀ ଏ ବିଷୟରେ ପ୍ରଶିକ୍ଷିତ ହେବା ଦରକାର। ସେବା ଓ ପ୍ରଶିକ୍ଷଣ ପରିସରକୁ ଆହୁରି ପ୍ରସାରିତ କରିବାକୁ ରାଜ୍ୟପାଳ ରଘୁବର ଦାସ ରାଜଭବନଠାରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କାର୍ଯ୍ୟନିର୍ବାହୀ ବୈଠକରେ ସଭାପତିତ୍ୱ କରି ଏହା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଣ୍ଟ ଜନ ଆମ୍ବୁଲାନ୍ସର ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିବାବେଳେ ଅବୈତନିକ ସଚିବ ନିଧି କୁମାର ରାଉତରାୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଆସନ୍ତା ବର୍ଷର ବଜେଟ୍ ଅନୁମୋଦିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଆଶାମଣିଙ୍କ ନୂଆ ଠିକଣା ବୃଦ୍ଧାଶ୍ରମ

**ପରିବାର ଜଞ୍ଜାଳ ଭିତରେ ଜୀବନ ବିତିଗଲା। ସ୍ୱାମୀ, ପୁଅ, ବୋହୂ, ନାତିଙ୍କ କଥା ବୁଝୁବୁଝୁ ଜଣାପଡ଼ିଲାନି, କେତେବେଳେ ଆସିଗଲା ବୟସର ଅପରାହ୍ଣ। କାଳଚକ୍ରରେ ସ୍ୱାମୀ ଓ ପୁଅ ଆରପାରିକୁ ଚାଲିଗଲେ ଆଉ ଆଶାମଣିଙ୍କୁ ମାଡି ବସିଲା ଦୂରାରୋଗ୍ୟ କର୍କଟ। ଏବେ ଆଶାମଣି ଧିରେଧିରେ କର୍କଟରୁ ଆରୋଗ୍ୟ ଲାଭ କରୁଛନ୍ତି। ପୁଣି ଥରେ ବଞ୍ଚିବାର ରାହା ପାଇଛନ୍ତି। ହେଲେ ଆଶାମଣିଙ୍କ ଘରକୁ ଫେରିବାର ଆଶା ମଉଳି ଯାଇଛି। ତାଙ୍କ ବାବଦରେ ସବୁ ଖବର ପାଇ ସୁଦ୍ଧା ପରିବାର ଲୋକେ ଚୁପ୍ ବସିଛନ୍ତି। ବାଧ ହୋଇ ଆଶାମଣିଙ୍କୁ ଛାଡି ଦିଆ ଯାଇଛି ବୃଦ୍ଧାଶ୍ରମରେ। ଘର, ସଂସାର ଥାଇ ସୁଦ୍ଧା ଏ ନିରୀହ ମଣିଷର ନୂଆ ଠିକଣା ପାଲଟିଛି ତେଲେଙ୍ଗାପେଣ୍ଠର ସଖାଶ୍ରମ...**

### ଭଲ ହେଉଛି କର୍କଟ; ଗ୍ରହଣ କରୁନାହାନ୍ତି ପରିବାର

### ସମାଜସେବୀ ଅଭିମନ୍ୟୁଙ୍କ ସହଯୋଗରେ ଥଇଥାନ

କଟକ, ୧୬।୩ (ସମିସ): ଜୀବନର ବାର୍ଦ୍ଧକ୍ୟ ଅବସ୍ଥା ଅନେକଙ୍କ ପାଇଁ କଷ୍ଟଦାୟକ ପାଲଟୁଛି। ଏବେର ସମାଜରେ ଏମିତି ଅନେକ ଘଟଣା ଦୈନନ୍ଦିନ ନଜରକୁ ଆସୁଛି। ବୃଦ୍ଧା ଆଶାମଣି ମଧ୍ୟ ସମାଜର ଏଭଳି କୁତ୍ସିତ ଚିନ୍ତାଧାରାର ଶିକାର ହୋଇଛନ୍ତି। ଘରେ ଭେଣ୍ଡିଆ ନାତି ଓ ବୋହୂ ଥିଲେ ସୁଦ୍ଧା ତାଙ୍କୁ ଗ୍ରହଣ କରିବାକୁ ଆଗଭର ହେଉ ନାହାନ୍ତି। ମଲେ କି ଗଲେ, ବୁଝୁନାହାନ୍ତି। ପରିବାର ଲୋକଙ୍କ ଅନାଦରର ଶିକାର ହୋଇ କର୍କଟାକ୍ରାନ୍ତ ଆଶାମଣି ବାଧ ବାଧକତାରେ ବୃଦ୍ଧାଶ୍ରମରେ ମୁଣ୍ଡ ଗୁଞ୍ଜିଛନ୍ତି।

ଘଟଣାରୁ ପ୍ରକାଶ ଯେ, ପୁରୀ ଗୋପ ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ଆଶାମଣି ସେଠୀ(୬୨ବର୍ଷ)। ସ୍ୱାମୀ ଫଗୁ ସେଠୀଙ୍କର ପୂର୍ବରୁ ମୃତ୍ୟୁ ଘଟି ସାରିଛି। ପୁଅ, ବୋହୂ ଓ ନାତିଙ୍କୁ ନେଇ ସଂସାର କଥା ବୁଝୁଥିଲେ ଆଶାମଣି। ଦଇବ ଏତକ ବି ସହିଲାନି। କିଛି ବର୍ଷପୂର୍ବେ ପୁଅ ଆରପାରିକୁ ଚାଲିଯାଇଥିଲା। ଏହା ଭିତରେ ଆଶାମଣି ମୁଖ କର୍କଟରେ ଆକ୍ରାନ୍ତ ହୋଇଥିଲେ। ଗତ ନଭେମ୍ବର ୨୨ ତାରିଖରେ ନାତି ଓ ବୋହୂ ଆଶାମଣିଙ୍କୁ ଧରି କଟକ ଆସିଥିଲେ। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଆଶାମଣିଙ୍କ ଚିକିତ୍ସା ଚାଲିଥିଲା। ହେଲେ ତାଙ୍କୁ ଏଠାରେ ଛାଡ଼ି ଦେଇ ଫେରି ଯାଇଥିଲେ ଉଭୟ ନାତି ଓ ବୋହୂ। ମେଡିକାଲ ବାରଣ୍ଡାରେ ଅପେକ୍ଷା କରି ବସିଲେ। ଯାହାକୁ ଦେଖିଲେ ନାତି ଓ ବୋହୂ କଥା ପଚାରିଲେ। ହେଲେ କେହି କିଛି ଉତ୍ତର ଦେଇ ପାରିଲେ ନାହିଁ। ଶେଷରେ ମେଡିକାଲ କର୍ତ୍ତୃପକ୍ଷ ଆଶାମଣିଙ୍କୁ ଡେଷ୍ଟିଚ୍ୟୁଟ(ଅସହାୟ ରୋଗୀ) ବୋଲି ଘୋଷଣା କରି ଦେଲେ। ପରିବାର ଥାଇ ସୁଦ୍ଧା ସେ ଅସହାୟ ରୋଗୀର ପରିଚୟ ପାଇ ଚିକିତ୍ସିତ ହେଲେ। ସମାଜସେବୀ ଅଭିମନ୍ୟୁ ଦାସ ଏ ବିଷୟରେ ଜାଣି ପାରି ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ। ପ୍ରାୟ ୩ ମାସ ଧରି ଏଠାରେ ଚିକିତ୍ସିତ ହେବା ପରେ କିଛି ଦିନ ପୂର୍ବେ ଆଶାମଣିଙ୍କ ଡିସଚାର୍ଜ ତାରିଖ ପାଖେଇ ଆସିଥିଲା। ଆଶାମଣି ଘରକୁ ଫେରି ପାରିବେ ବୋଲି ଡାକ୍ତରମାନେ କହିଥିଲେ। ସମାଜସେବୀ ଅଭିମନ୍ୟୁ ଏ ବାବଦରେ ଆଶାମଣିଙ୍କ ନାତିଙ୍କୁ ଫୋନ୍ କଲ୍ ମାଧ୍ୟମରେ ଜଣାଇଥିଲେ। ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ପରେ କୁସୁପୁର ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସେ ମଧ୍ୟ ନିରୁତ୍ତର ଥିଲେ। ଆଶାମଣି ଘରକୁ ଫେରନ୍ତୁ ବୋଲି ଖବର ଗୋପ ଥାନାକୁ ମଧ୍ୟ ଦିଆଯାଇଥିଲା। ଥାନା କର୍ତ୍ତୃପକ୍ଷ ମଧ୍ୟ ନିରବ ରହିଥିଲେ। ଆଜି ଆଶାମଣି ଡିସଚାର୍ଜ ହେବା ପରେ ତାଙ୍କୁ କେଉଁଆଡେ ନିଆଯିବ ତାହାକୁ ନେଇ ଚିନ୍ତା ଘାରିଥିଲା। ଅଭିମନ୍ୟୁଙ୍କ ସହଯୋଗରେ ତାଙ୍କୁ ତେଲେଙ୍ଗାପେଣ୍ଠ ଅଞ୍ଚଳରେ ଥିବା ସଖାଶ୍ରମରେ ଥଇଥାନ କରାଯାଇଛି। ଆଶାମଣି କର୍କଟରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିନାହାନ୍ତି। ତାଙ୍କ ଚିକିତ୍ସା କ୍ଷେତ୍ରରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ସମସ୍ତ ଡାକ୍ତର, ଷ୍ଟାଫ ପୂର୍ଣ୍ଣ ସହଯୋଗ କରିଛନ୍ତି।





# ହୋଲିପାଇଁ ଖୋଲିଲାଣି ରଙ୍ଗର ପସରା

ଭୁବନେଶ୍ୱର, ୧୬।୩(ସମିସ)



ପାଖେଇ ଆସିଲାଣି ଫଗୁ ଓ ଫଗୁଣର ପର୍ବ ହୋଲି। ଦିନ କେଇଟା ପରେ ହେବାକୁ ଥିବା ରଙ୍ଗର ପର୍ବ ହୋଲିରେ ରଙ୍ଗୀନ ହେବେ ସହରବାସୀ। ଏଥିପାଇଁ ଚାରିଆଡ଼େ ଖୋଲିଲାଣି ରଙ୍ଗର ପସରା। ହାଟ ବଜାରଠାରୁ ଆରମ୍ଭ କରି ରାଜଧାନୀର ପ୍ରମୁଖ ସ୍ଥାନ ଗୁଡ଼ିକରେ ଆରମ୍ଭ ହେଲାଣି ରଙ୍ଗ ବିକ୍ରି। କାରଣ ହୋଲିର ରଙ୍ଗରେ ରଙ୍ଗୀନ ହେବାକୁ ପ୍ରସ୍ତୁତ ହେଲେଣି ପିଲାଙ୍କଠାରୁ ବୟସ୍କ ବ୍ୟକ୍ତି। ହୋଲିକୁ ନେଇ ସବୁରି ମଧ୍ୟରେ ଦେଖାଯାଇଛି ଆନନ୍ଦ ଓ ଉଲ୍ଲାସର ଛବି। ତେବେ ବିଗତ କିଛିବର୍ଷ ହେବ ରସାୟନିକଯୁକ୍ତ ରଙ୍ଗ ବଦଳରେ ହର୍ବାଲ୍ ବା ପ୍ରାକୃତିକ ରଙ୍ଗକୁ ଗୁରୁତ୍ୱ ଦିଆଯାଉଛି। ଚଳିତବର୍ଷ ମଧ୍ୟ ସମାନ ଭାବେ ପ୍ରାକୃତିକ ରଙ୍ଗକୁ ଗୁରୁତ୍ୱ ଦେଇଛନ୍ତି ଗ୍ରାହକଙ୍କ ଠାରୁ ବ୍ୟବସାୟୀ।

### ହାଣ୍ଡିଭଙ୍ଗା ପାଇଁ ସାଜସଜ୍ଜା

ସପ୍ତାହକ ପରେ ରଙ୍ଗ ଓ ଭାଇଚାରାର ପର୍ବ ହୋଲି। ଏହି ଅବସରରେ ହୋଲି ଖେଳ ସାଙ୍ଗକୁ ହାଣ୍ଡିଭଙ୍ଗା ପରମ୍ପରା ମଧ୍ୟ ସହରବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି। ବିଭିନ୍ନ ଅନୁଷ୍ଠାନ ଓ ସାହିବସ୍ତିରେ ହୋଲି ପର୍ବ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି।

### ବଜାରରେ ହର୍ବାଲ ରଙ୍ଗ ପସରା

ରାଜଧାନୀର ଗଳିକନ୍ଦି ଠାରୁ ଆରମ୍ଭ କରି ୟୁନିଟ୍-୧ ମାର୍କେଟ, ୟୁନିଟ୍-୨ ମାର୍କେଟ୍, ପ୍ରିୟଦର୍ଶିନୀ ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ ଆଦି ସମେତ ରାସ୍ତା କଡ଼ରେ ଝଲସିଲାଣି ରଙ୍ଗ ପସରା। ନାଲି, ହଳଦୀ, ଗୋଲାପି, ସବୁଜ ଆଦି ଭଳି ଭଳି ରଙ୍ଗ ପସରା ମେଲାଇ ବସିଲେଣି ବ୍ୟବସାୟୀ। ତା' ସାଙ୍ଗକୁ ପିଚ୍‌କାରୀ, ଟୋପି, ମୁଖା ଆଦି ମଧ୍ୟ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରୁଛି। ଛୋଟ ପିଲାମାନଙ୍କ ନିମନ୍ତେ ଆକର୍ଷଣୀୟ ମୁଖା ସହ ପିଚ୍‌କାରୀ କିଣିବାକୁ ଗହଳି ଜମିଲାଣି। ମୁଖାଗୁଡ଼ିକର ଦାମ୍ ୪୦ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ପିଚ୍‌କାରୀ ଦାମ୍ ୧୦ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ହୋଲିରେ ବିନା ରାସାୟନିକଯୁକ୍ତ ଅବିର ଓ ରଙ୍ଗକୁ ଗ୍ରାହକମାନେ ଅଧିକ କିଣୁଥିବା ବ୍ୟବସାୟୀ କହିଛନ୍ତି। ଏହାଦ୍ୱାରା ଶରୀର ବିଶେଷ କରି ଆଖିରେ ପଡ଼ିଲେ କୌଣସି କ୍ଷତି ହେବ ନାହିଁ। କିନ୍ତୁ ସମସ୍ତେ ଏହି ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ବ୍ୟବସାୟୀମାନେ କହିଛନ୍ତି।



ଜୟଦେବ ଭବନରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ସମାରୋହରେ 'ବାଳକୃଷ୍ଣ ମହାପାତ୍ରଙ୍କୁ ଭଞ୍ଜ ଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଉଛି।

## ପ୍ରଫେସର୍ ଜଗନ୍ନାଥ ପଟ୍ଟନାୟକଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୬।୩(ସମିସ: ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସାହିତ୍ୟିକ, ଶିକ୍ଷାବିତ୍ ଐତିହାସିକ, ଗବେଷକ, ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜୟନ୍ତୀ ରେଡକ୍ରସ୍ ଭବନ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବର୍ଷୀୟାନ ଗବେଷକ, ସାହିତ୍ୟିକ, ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ, ବରିଷ୍ଠ ପ୍ରଶାସକ ତଥା ଭଦ୍ରକ ସମ୍ମିଳନୀର ମୁଖ୍ୟ ଉପଦେଷ୍ଟା ଡ. ରବିନାରାୟଣ ସେନାପତି, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ରରେ ତାଙ୍କର ଦୀର୍ଘବର୍ଷର ଐତିହାସିକ ବିବରଣୀ ଓ ସାହିତ୍ୟ କୃତିମୟ ଜୀବନର ତାଙ୍କ ରଚିତ ସାହିତ୍ୟ ଇତିହାସକୁ ପ୍ରାଞ୍ଜଳ ଭାବରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ଐତିହାସିକ ପ୍ରଫେସର ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଆଲୋଚନାଚକ୍ରରେ ଯୋଗଦେଇ ଦିବଂଗତ ଜଗନ୍ନାଥ ପଟ୍ଟନାୟକଙ୍କ ଆଧାରିତ ସାହିତ୍ୟ କୃତିକୁ ଆଲୋଚନା କରିଥିଲେ। ଏହି ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ସୁବୋଧ ଚନ୍ଦ୍ର ଆଶ୍ଚର୍ଯ୍ୟ ସଭାପତିତ୍ୱ କରିଥିଲେ। ଭଦ୍ରକ ସମ୍ମିଳନୀର ସଭାପତି ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୨୪ ବର୍ଷପରି ପ୍ରତ୍ୟେକ ବର୍ଷ ଜଗନ୍ନାଥ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକ ପାଳନ କରିବାକୁ ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱରକୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ।

## 'ରମାଦେବୀ'ରେ କର୍ମଶାଳା ଉଦ୍‌ଯାପିତ



ଭୁବନେଶ୍ୱର, ୧୬।୩(ସମିସ): ଅନୁବାଦ ପରି ଦକ୍ଷତାବର୍ଦ୍ଧକ ଶିକ୍ଷା ମାନବ ଜୀବନକୁ ବିଶ୍ୱ ସହିତ ଯୋଡ଼େ ବୋଲି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର ଆନୁକୂଲ୍ୟରେ ଅନୁବାଦ ଏବଂ ଜୀବନୀ ପାଠଭିତ୍ତିକ ୪ ଦିନିଆ ବକ୍ତୃତାମାଳା ଏବଂ ପଞ୍ଚଦିବସୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁବାଦ ଓ ଉତ୍କର୍ଷକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବକ୍ତୃତାମାଳା ଏବଂ ଅନୁବାଦ ସମ୍ବନ୍ଧୀୟ କର୍ମଶାଳାରେ ଉତ୍କର୍ଷ କେନ୍ଦ୍ରର ସଂଯୋଜିକା ପ୍ରଫେସର ମଧୁସ୍ମିତା ପତି, ପ୍ରଶାସନିକ ଓ ବିତ୍ତ ଅଧିକାରୀ ଡ. ସ୍ନେହଲତା ଦାସ ତଥା ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଗଣ ଏବଂ ଉତ୍କର୍ଷ କେନ୍ଦ୍ରର ସଦସ୍ୟା ତଥା ଛାତ୍ରୀଗଣ ଉପସ୍ଥିତ ଥିଲେ। ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ଓଡ଼ିଶାର କୃତବିଦ୍ୟ ଅନୁବାଦକ ଏବଂ ସାହିତ୍ୟିକ ଯୋଗଦେଇ ଛାତ୍ରୀଙ୍କୁ ଅନୁବାଦ କୌଶଳ ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ବକ୍ତୃତା ଅଧିବେଶନରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ. ଗୌରହରି ଦାସ, ଡ. ସଂଗ୍ରାମ ଜେନା, ଡ. ଅମୂଲ୍ୟରତ୍ନ ମହାନ୍ତି, ଡ. ହରିରାମ ପନସାରୀ, ପ୍ରଫେସର ଗୋପାଳ କୃଷ୍ଣ ଦାଶ, ଡ. ଶକୁନ୍ତଳା ବଳିୟାରସିଂହ ପ୍ରମୁଖ ଅନୁବାଦ କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ପର୍ବରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ କୃତୀଛାତ୍ରୀଙ୍କୁ ଅନୁବାଦ ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରିଥିଲେ।

### ● ନିର୍ବାଚନ ସମୟରେ ଚୋରା ମଦ କଟକଣା

## ରାଜଧାନୀର ୪ ପ୍ରବେଶ ପଥରେ ଯାଞ୍ଚ

ଭୁବନେଶ୍ୱର, ୧୬ ।୩(ସମିସ): ନିର୍ବାଚନ ସମୟରେ ରାଜଧାନୀକୁ ଯେପରି ଚୋରା ମଦ ପ୍ରବେଶ ନ କରାଯିବ ସେଥିଲାଗି ଅବକାରୀ ବିଭାଗ ଏବଂ ପୁଲିସ ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି ରାଜଧାନୀର ପ୍ରବେଶ ପଥରେ ୪ଟି ଆଉଟ୍‌ପୋଷ୍ଟ କରାଯାଇଛି। ଉତ୍ତରା, ଖଣ୍ଡଗିରି, ଚନ୍ଦ୍ରଶେଖରପୁର ଏବଂ ପାହାଳ ନିକଟରେ ୨୪ ଘଣ୍ଟିଆ ଯାଞ୍ଚ କରାଯାଉଛି। ଅବକାରୀ ବିଭାଗ ଏଭଳି ପଦକ୍ଷେପ ନେଇଥିବା ବେଳେ ସେମାନଙ୍କୁ ସହଯୋଗ କରୁଛନ୍ତି ପୁଲିସ। ତେଣୁ ଅବକାରୀ ବିଭାଗ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ମାନି ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରିଛି। ଆଉଟ୍‌ପୋଷ୍ଟ ଯାଞ୍ଚ ସହ ବିଭିନ୍ନ ବସ୍ତିରେ ମଧ୍ୟ ଚଢ଼ଉ କରାଯାଉଛି।

## 'ଉତ୍କଳ' ଅର୍ଥନୀତି ବିଭାଗର ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୩ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରୟୋଗ ଓ ବିଶ୍ଳେଷଣାକ ଅର୍ଥନୀତି ବିଭାଗ ଓ ଆର୍‌ବିଆଇ ଚେୟାର ପକ୍ଷରୁ 'ଅର୍ଥ ଓ ଅର୍ଥନୈତିକ ବିକାଶ ଅନୁଷ୍ଠାନ' ଶୀର୍ଷକରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଧାକର ପଣ୍ଡା ଯୋଗଦେଇ ସ୍କଲାର ଏବଂ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସେକ୍ଟରର ଅର୍ଥନୀତି ଉପରେ ଆଲୋଚନା କରିଥିଲେ। ଆଇବିବିଆଇର ପ୍ରାକ୍ତନ ଅଧ୍ୟକ୍ଷ ଡ. ଏମ୍‌ଏସ୍ ସାହୁ ଦେଶରେ ଆସୁଥିବା ଚାପ ସମାଧାନ କରିବାର ବିଭିନ୍ନ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ସେହିପରି କରୋନା ମହାମାରୀ ସମୟରେ ଦେଶର ଅର୍ଥନୀତିର ସ୍ଥିତି ଓ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମିତାଲି ଚିନ୍ନାରା ସ୍ୱାଗତ ଭାଷଣ ଦେଇଥିବାବେଳେ ଆର୍‌ବିଆଇ ଚେୟାର ମୁଖ୍ୟ ପ୍ରଫେସର ବିକେ ଭୋଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ଆନନ୍ଦ, ଡ. ଦେବ ପ୍ରସାଦ ରଥ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଡ. ଶିବ ଶଙ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ସିବିରୁ ଦୁଇ ଦଲାଲ ଗିରଫ

କଟକ, ୧୬।୩(ସମିସ): ଏସସିବି ମେଡିକାଲରୁ ପୁଣି ଦୁଇ ଜଣ ଦଲାଲଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ବରୀ ଥାନା ରାମଚନ୍ଦ୍ରପୁର ଅଞ୍ଚଳର ଶିବ ମହନ୍ତ(୨୮) ଓ ନୂଆପଡ଼ା ଜିଲ୍ଲା ଖରିଆରର ଆଶିଷ ରଥ(୩୬)। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲ ପରିସରକୁ ଦଲାଲ ମୁକ୍ତ କରିବାକୁ ଉଦ୍ୟମ କରାଯାଉଛି। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଭାବେ ଏକ ସାଦାପୋଷାକଧାରୀ ଟିମକୁ ଏସସିବିର ବିଭିନ୍ନ ୱାର୍ଡରେ ମୁତୟନ କରାଯାଇଛି। ଆଜିର ଘଟଣାରେ ଅଭିଯୁକ୍ତ ଶିବ ଓ ଆଶିଷ ସମାନ ଶୈଳୀରେ ଏସସିବିରେ ଭର୍ତ୍ତି ହୋଇଥିବା ଜଣେ ଗୁରୁତର ରୋଗୀଙ୍କ ସମ୍ପର୍କୀୟଙ୍କ ପ୍ରଭାବିତ କରୁଥିଲେ। ଘରୋଇ ହସ୍ପିଟାଲକୁ ନେବାକୁ ଉଦ୍ୟମ କରୁଥିଲେ। ସୂଚନା ପାଇ ପୁଲିସ ଟିମ ଉଭୟଙ୍କୁ ମାଡି ବସିଥିଲା। ଜେରା ପରେ ଉଭୟ ନିଜ ଭୁଲ ସ୍ୱୀକାର କରିଛନ୍ତି। ଏହି ଦଲାଲମାନେ ବିଭିନ୍ନ ଘରୋଇ ଚିକିତ୍ସାନୁଷ୍ଠାନର ଏଜେଣ୍ଟ ଭାବେ କାମ କରୁଛନ୍ତି।

## ଏଲ୍‌ଏଜ୍ ଲିମିଟେଡ୍‌ରେ ଦିନିକିଆ କର୍ମଶାଳା



ଭୁବନେଶ୍ୱର, ୧୬ ।୩(ସମିସ)

ବାଲେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନଠାରେ ଥିବା ବାଲେଶ୍ୱର ଏଲ୍‌ଏଜ୍ ଲିମିଟେଡ୍‌ରେ ଫେରୋ ଆଲୋଏଜ୍ ମେକିଙ୍ଗ୍, ସଷ୍ଟେନେବିଲିଟି, ଏନର୍ଜି କନଜର୍ଭେସନ୍ ଇନ୍ ଫେରୋ ଆଲୋଏଜ୍ ପ୍ରୋସେସ୍ ଏବଂ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ ଫର୍ ଫେରୋ ଆଲୋଏଜ୍ ସମ୍ବନ୍ଧୀୟ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ଆଭାସୀ ମାଧ୍ୟମରେ ଯୋଗଦେଇ ଭାରତର ଇସ୍ପାତଶିଳ୍ପ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବିଷୟରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ବିପିଏନ୍‌ଏସ୍‌ଆଇ ତରଫରୁ ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍ ଶାନ୍ତନୁ ମଣ୍ଡଳ, ଫେରୋ ଆଲୋଏଜ୍ ମେକିଙ୍ଗ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ଦୀକ୍ଷାନ୍ତ ତଥ୍ୟ ପ୍ଲାଣ୍ଟର ଇଞ୍ଜିନିୟରମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ବୈଜ୍ଞାନିକ ସୌରଭ ମଣ୍ଡଳ, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ କୋଡ୍ ଅଫ୍ ଫେରୋ ଆଲୋଏଜ୍ ସମ୍ବନ୍ଧୀୟ ସନ୍ଦର୍ଭ ପ୍ରଦାନ କରିଥିଲେ। କର୍ମଶାଳା ଶେଷରେ ପ୍ଲାଣ୍ଟର ସଭାପତି ସି ନାଗରାଜୁ, ବିପିଏନ୍‌ଏସ୍‌ଆଇର ପ୍ରଫେସନାଲ୍ ପ୍ରି ପ୍ରୋଗ୍ରାମ୍ କର୍ମଶାଳାକୁ ପ୍ରଶଂସା କରିଥିଲେ। କର୍ମଶାଳାରେ ବିପିଏନ୍‌ଏସ୍‌ଆଇର ଶାଶ୍ୱତୀ ମହାନ୍ତି, ଇତିଶ୍ରୀ ରାଉତ ଓ ଭରତ ପ୍ରସାଦ ଶର୍ମା ଉପସ୍ଥିତ ଥିଲେ। ବାଲେଶ୍ୱର ଏଲଏଜ୍ ଲିଃ କାରଖାନାର ମାନବ ସମ୍ବଳ ଅଧିକାରୀ ଅଞ୍ଜଳି ଚୌଧୁରୀ ଓ ଇସ୍ପାତ ପ୍ରତିଷ୍ଠାନର ପ୍ରଫେସର ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଞ୍ଚାଳନ କରିଥିଲେ।

## ଓୟୁଏଟିରେ ମହୁମାଛି ପାଳନ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୩(ସମିସ)

ମହୁ ହିଁ ପ୍ରକୃତିର ଏକ ଅପୂର୍ବ ସୃଷ୍ଟି। ବର୍ତ୍ତମାନ ସମୟରେ ପରିବେଶର ବିଷ ବଳୟରେ ବୃଦ୍ଧି ହେଉଥିବା ମଣିଷ



ପାଇଁ ମହୁମାଛି ପାଳନ ଏକ ଅମୃତମୟ ଉପଲବ୍ଧି। ବିନା ଜମିରେ ଅମୃତ ଉତ୍ପାଦନ ଓ ଫସଲ ପରାଗଣରେ ସହାୟକ ମହୁମାଛି ପାଳନ ଆମ ପ୍ରାକୃତିକ କୃଷିର ଗୁରୁତ୍ୱପୂର୍ଣ୍ଣ ପରମ୍ପରା ହୋଇ ରହିଛି ବୋଲି ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଓୟୁଏଟିରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ମତ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଓ ଗବେଷଣା ଅଧ୍ୟକ୍ଷ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ମହୁମାଛିର ଶୃଙ୍ଖଳିତ ଜୀବନଧାରା ଓ ଫସଲ ଉତ୍ପାଦନ ବୃଦ୍ଧିରେ ମହୁମାଛି ଚାଷର ଗୁରୁତ୍ୱ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ହାଇଦ୍ରାବାଦର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିମନ୍ତେ ଜାତୀୟ ଅନୁଷ୍ଠାନର ବୈଜ୍ଞାନିକ ଭି. ବି. ରାଜେନ୍ଦ୍ର ପ୍ରସାଦ, ଛାତ୍ରଛାତ୍ରୀ ତଥା କୃଷକମାନଙ୍କ ପାଇଁ ଅଧିକ ତାଲିମ ଓ ସଚେତନତା ଶିବିର ଆୟୋଜନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୀଟ ତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ତ୍ରିବିକ୍ରମ ସାମଲ ଧନ୍ୟବାଦ ଦେଇଥିଲେ।

## ୨ ମାସ ଶିଶୁର ସଫଳ ହାର୍ଣ୍ଣିଆ ଅସ୍ତ୍ରୋପଚାର

ବାଲିଅନ୍ତା, ୧୬ ।୩(ସମିସ): ବେଣ୍ଟପୁର ଶାସନସ୍ଥିତ ଜୟଦେବ ହେଲ୍‌ଥ କେୟାର୍‌ରେ ଜଣେ ଦୁଇମାସ ଶିଶୁପୁତ୍ରର ହାର୍ଣ୍ଣିଆ ସର୍ଜରୀ ସଫଳତାର ସହ କରାଯାଇଛି। ବରିଷ୍ଠ ଶିଶୁ ରୋଗ ସର୍ଜନ ଡ. ପିକେ ମଜୁମଦାର ଏବଂ ଆନାସ୍ଥେସିଆ ବିଶେଷଜ୍ଞ ଡ. ସୀତାଭାନୁ ରଥ ଅସ୍ତ୍ରୋପଚାର ସଫଳତାର ସହ କରାଇଥିଲେ। ଗୀତାଞ୍ଜଳି ପଟ୍ଟନାୟକ, ଅନୀଲ ବେହେରା, ସୋନାଲି ନାୟକଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ। ଏ ନେଇ ହସ୍ପିଟାଲ ତତ୍ତ୍ୱାବଧାରକ ଡ. ତାପସ ରଞ୍ଜନ ଦାଶ, ପରିଚାଳନା ନିର୍ଦ୍ଦେଶିକା ଆରତୀ ବିଶ୍ୱାଳ, ମୋନାଲିସା ସାହୁ, ଚନ୍ଦନ ଘଟୁଆରୀ ଓ ସାବିତ୍ରୀ ଟୁଙ୍କୁ ପରିବାର ଲୋକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଜାତୀୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬ ।୩(ସମିସ)

ଭାରତ ବିକାଶ ପରିଷଦ, ଓଡ଼ିଶା ପୂର୍ବପ୍ରାନ୍ତ ଏବଂ କେନ୍ଦ୍ରୀୟ ଶାଖା ଦ୍ୱାରା 'ପରିବର୍ତ୍ତିତ ପରିବେଶର ସ୍ୱରକ୍ଷା' ସମ୍ବନ୍ଧୀୟ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଶନିବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ବିକାଶ ପରିଷଦର ଜାତୀୟ ପରିବେଶ ପ୍ରକଳ୍ପ ଅଧ୍ୟକ୍ଷ ଏମ. ପ୍ରେମଜୀ ସିଂ ଅତିଥି ଭାବେ ଯୋଗଦେଇ ଥିବାବେଳେ ସେଣ୍ଟର ଫର ହିମାଳୟ ଷ୍ଟାଡିଜର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଧାପକ ଦୀନବନ୍ଧୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡାକ୍ତର ଅଶୋକ ମହାପାତ୍ର, ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରାଧ୍ୟାପକ





କମଳକାନ୍ତ ଜେନା, ଓଆରଏସ୍‌ଏସି ବୈଜ୍ଞାନିକ ଦେବୋଜିତ ମିଶ୍ର ଏବଂ ଓୟୁଏଟିରର ପ୍ରଧାପକ ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଭାରତ ବିକାଶ ପରିଷଦର ମହିଳା ବାଳବିକାଶର ଜାତୀୟ ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଓଡ଼ିଶା ପୂର୍ବପ୍ରାନ୍ତ ଅଧ୍ୟକ୍ଷ ସତ୍ୟବାଦୀ ଦାସ, ସେମିନାର ସଂଯୋଜକ ବସନ୍ତ ମିଶ୍ର, ପ୍ରାନ୍ତ ସଚିବ ପ୍ରଦୀପ୍ତ ମହାରଣା, ସ୍ମରଣିକାର ମୁଖ୍ୟ ସମ୍ପାଦକ ଡାକ୍ତର ହେମନ୍ତ ମିଶ୍ର ଏବଂ ଓଡ଼ିଶା ପୂର୍ବପ୍ରାନ୍ତ ମିଡ଼ିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।

# ଲୋକଙ୍କୁ ଅତିଷ୍ଠ କରୁଛନ୍ତି ବନ୍‌ଜାରା

ଭୁବନେଶ୍ୱର, ୧୬ ।୩(ସମିସ)

'ବାବୁ କୁଛ୍ ଡୋନେସନ୍ କିଜିଏ... ୟାହାଁ ସାଇନ୍ କର୍‌କେ କୁଛ୍ ଦିଜିଏ...'। ହାତରେ କିଛି କାଗଜପତ୍ର ଧରି ୨ମହିଳା

■ ଟଙ୍କା ଦିଅ ନଚେତ୍ ଲୋକହସା ହୁଅ
■ ଯେଉଁଠି ପାରିଲେ ସେଇଠି ରହିଲେ

ହଠାତ ଗାଡ଼ି ଆଗକୁ ଚାଲି ଆସିଲେ। ମନା କରିବାରୁ ଗାଡ଼ି ଆଗରେ ଠିଆ ହୋଇ ଏଣୁତେଣୁ ଗାଳି କରିବା ଆରମ୍ଭ କରିଦେଲେ। ଲୋକଲଜ୍ଜାକୁ ଡରି ସେମାନଙ୍କୁ ୧ଶହ ଟଙ୍କା ଦେବାକୁ ପଡ଼ିଲା। ତେବେ ଯାଇ ସେମାନେ ଗାଡ଼ି ଛାଡ଼ିଲେ। ରସୁଲଗଡ଼ ଅଞ୍ଚଳର ମୀନକେତନଙ୍କ ସହ ରସୁଲଗଡ଼ ଛକରେ ଏମିତି କିଛି ଘଟଣା ଘଟିଥିଲା।

ମୀନକେତନଙ୍କ କହିବାନୁସାରେ, ରାଜଧାନୀ ରାସ୍ତା କଡ଼ରେ ରାଜସ୍ଥାନୀ ବନ୍‌ଜାରାଙ୍କ ଉତ୍ପାତ କିଛି ଦିନ ହେଲା ବଢ଼ିଗଲାଣି। ପୂର୍ବରୁ ସେମାନେ କାକୁତି ମୀନତି ହୋଇ ଖାଇବାକୁ ମାଗୁଥିଲେ। ଏବେ କିନ୍ତୁ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ପ୍ରତିଦିନ ବହୁ ଲୋକ ସେମାନଙ୍କ ଶିକାର ହେଉଛନ୍ତି। ଯିଏ କିଛି ଦେଲା, ସେ ରକ୍ଷା ପାଇଲା। ଯିଏ ନଦେଲା, ଗାଳି ଖାଇ ଲୋକହସା ହେଲା। ଏମିତି କିଛି ଦିନ ହେଲା ରାଜଧାନୀର ପ୍ରମୁଖ ଛକରେ ବନ୍‌ଜାରାମାନେ ଟଙ୍କା ମାଗି ହଇରାଣ କରୁଛନ୍ତି।

ହାତରେ ଗୋଟିଏ ଲୁଗା ପୁଟୁଳି ଧରି ରାସ୍ତା କଡ଼ରେ ବୁଲୁଛନ୍ତି। ସାଙ୍ଗରେ ଚାରି ପାଞ୍ଚଟି ଲେଖାଁଏ ପିଲା। ରାସ୍ତା କଡ଼ ଡିଭାଇଡର୍, ପାର୍କି ସ୍ଥାନକୁ କବ୍‌ଜା କରି ରଖୁଛନ୍ତି। ଏହାସହ ଯେଉଁଠି ଡେରା ପକାଉଛନ୍ତି, ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପକାଇ ପରିବେଶକୁ ଦୂଷିତ କରି ଦେଉଛନ୍ତି। ଏନେଇ ସ୍ଥାନୀୟ ଲୋକେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ବି କିଛି ସୁଫଳ ମିଳୁନଥିବା ଅଭିଯୋଗ ହେଉଛି। ପୁଲିସ ଓ ବିଏମ୍‌ସି ବି ଏମାନଙ୍କ ପାଖରେ ନାଚାର ହୋଇଯାଇଛନ୍ତି।



ପୁଲିସ କି ବିଏମ୍‌ସି ଅଧିକାରୀଙ୍କୁ ଦେଖିଲେ ପେଡ଼ି ପୁଟୁଳା ଧରି ଚାଲି ଯାଉଛନ୍ତି। ପୁଣି ସେମାନେ ଗଲା ପରେ ଆସି ରାସ୍ତା ଉପରେ ହରକତ କରୁଛନ୍ତି। ଏମାନଙ୍କ ପାଇଁ ସ୍ଥାୟୀ ସମାଧାନ କରାଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି।

ସକାଳ THE SAKALA



www.sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୮୮ ● ପାଉଣ୍ଡ ୧୦୫.୫୭
- ୟୁରୋ ୯୦.୨୯ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୫୯୦ (ନୂଆଦିଲ୍ଲୀ)
- ରୁପା : ୮୦,୩୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୬୪୩.୦୦
- ନିଫ୍ଟି ୨୨,୦୨୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ୧୭୪ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ

# ବିଭିନ୍ନ ଯୋଜନାରେ ଋଣ ପ୍ରଦାନକୁ ମିଳିଛି ସଫଳତା

ଭୁବନେଶ୍ୱର,୧୬।୩(ଏଜେନ୍ସି)

୧୭୪ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି(ଏଚଏଲବିସି) ବୈଠକ ସ୍ଥାନୀୟ କ୍ରାଉନ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଓଡ଼ିଶା ଆବାହକ ଗୌତମ ପାତ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ୟୁକୋ ବ୍ୟାଙ୍କ ପ୍ରବନ୍ଧ ନିର୍ଦ୍ଦେଶକ ତଥା ଏଚଏଲବିସି ଓଡ଼ିଶା ଅଧ୍ୟକ୍ଷ ଅଶ୍ୱିନୀ କୁମାର କୃଷି କ୍ଷେତ୍ର ପାଇଁ ବାର୍ଷିକ ଋଣ ଯୋଜନା,ଏମଏସଏମଇ, ଏସଏଚଜି ଏବଂ ସାମାଜିକ ସୁରକ୍ଷା ଯୋଜନାରେ ଓଡ଼ିଶାର ବ୍ୟାଙ୍କ ସମୂହର ପ୍ରଗତିକୁ ନେଇ ସୂଚନା ଦେଇଥିଲେ। ବାର୍ଷିକ ଋଣ ଯୋଜନାରେ ବ୍ୟାଙ୍କ ସମୂହ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ୧,୨୮,୨୬୮.୮୫




କୋଟି ଟଙ୍କା ଋଣ ଆକାରରେ ଯୋଗାଇ ଦେଇଛନ୍ତି ବୋଲି ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ କହିଥିଲେ। ଏହି ବର୍ଷରେ ବାର୍ଷିକ ଲକ୍ଷ୍ୟ ୧,୬୦,୨୮୦.୨୨ କୋଟି ଟଙ୍କା ରହିଥିଲା ବେଳେ ଏହାର ଶତକଡ଼ା ୮୨.୫୦ ଭାଗ ପୂରଣ କରାଯାଇପାରିଛି ବୋଲି ସେ କହିଥିଲେ। ଅନ୍ୟ ବହୁ ପ୍ରମୁଖ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାରେ ଏହି ଲକ୍ଷ୍ୟ ହାସଲ କରାଯାଇଥିବାରୁ ସେ ବ୍ୟାଙ୍କ ସମୂହଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ସମସ୍ତ ବ୍ୟାଙ୍କଗୁଡିକୁ କେୱାଇସି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ସମସ୍ତ ଜିଲ୍ଲାକୁ ପୂର୍ଣ୍ଣ ଡିଜିଟାଲାଇଜେସନ କରିବାକୁ ସେ କହିଥିଲେ।ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ମିଶନ ଶକ୍ତି ବିଭାଗୀୟ କମିସନର ସୁଜାତା ଆର୍ କାର୍ତ୍ତିକେୟନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୫୦୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇ ଫେବୃଆରୀ ମାସ ସୁଦ୍ଧା ଲକ୍ଷ୍ୟ ହାସଲ କରାଯାଇଥିବାରୁ ବ୍ୟାଙ୍କମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ନାବାର୍ଡ ସିଜିଏମ ସୁଧାଂଶୁ କେ କେ ମିଶ୍ର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ବ୍ୟାଙ୍କମାନଙ୍କ ଉଲ୍ଲେଖନୀୟ ଯାତ୍ରାକୁ ନେଇ ବଧାଇ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏଚଏଲବିସି ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦାନ୍ତ ଆଲୁମିନିୟମ ସୁରକ୍ଷା ଦିଗରେ ନିଜ ପ୍ରତିବଦ୍ଧତାକୁ ସଶକ୍ତ କରିଛି



**ଭୁବନେଶ୍ୱର,୧୬।୩(ଏଜେନ୍ସି):** ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ବେଦାନ୍ତ ଆଲୁମିନିୟମ ନିରାପତ୍ତା ଉତ୍କର୍ଷତା ପାଇଁ ନିଜର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି। କମ୍ପାନୀ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଏହାର ମୂଲ୍ୟବୋଧରେ ନିରାପତ୍ତାଜନିତ ପ୍ରଥମ ପଦ୍ଧତିକୁ ଏହାର ସମସ୍ତ ପ୍ଲାଣ୍ଟଗୁଡିକରେ କାର୍ଯ୍ୟକାରୀ କରାଯାଇଛି। ଏହିକ୍ରମରେ ସୁରକ୍ଷା ପାଇଁ ସର୍ବୋତ୍ତମ ଅଭ୍ୟାସ, ବ୍ୟାପକ ପ୍ରଶିକ୍ଷଣ, ପ୍ରତିଯୋଗିତା ଏବଂ ସୁରକ୍ଷା ଉପକରଣ ଉପରେ ନିୟମିତ ପ୍ରଦର୍ଶନୀ ଆଦି ଆୟୋଜିତ କରାଯାଇଆସୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବେଦାନ୍ତ ଆଲୁମିନିୟମ ଏହାର ନିରାପତ୍ତା ପରିଚାଳନା ବ୍ୟବସ୍ଥାକୁ ନିରନ୍ତର ଉନ୍ନତ କରିବା ମାଧ୍ୟମରେ ଏକ ନିରାପଦ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରିପାରିଛି। ଏହି ସର୍ବସମ୍ମତ ପଦ୍ଧତିରେ ଅତ୍ୟାଧୁନିକ ଜ୍ଞାନକୌଶଳର ଏକୀକରଣ, ସକ୍ରିୟ ଭାବେ ଫାଙ୍କା ସ୍ଥାନ ଚିହ୍ନଟ ଓ ପରିଚାଳନା ଏବଂ ଆଚରଣ ଆଧାରିତ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ କମ୍ପାନୀର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି ଯେ, ବେଦାନ୍ତ ଆଲୁମିନିମରେ ସୁରକ୍ଷା ଦେବା କମ୍ପାନୀର ମୂଳ ଲକ୍ଷ୍ୟ।

# ଇଟାଲୀରେ ଖୋଲିଲା ହାମ୍‌ଲେସ୍‌ର ଦ୍ୱିତୀୟ ଫ୍ଲାଗ୍‌ସିପ୍ ଷ୍ଟୋର୍

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ବିଶ୍ୱର ପ୍ରସିଦ୍ଧ ଖେଳା ବ୍ରାଣ୍ଡ ହାମଲେସ୍ ଏବେ ଇଟାଲୀର ରୋମ୍‌ସ୍ଥିତ ଗାଲେରିଆ ସୋର୍ଡି ଅଞ୍ଚଳରେ ଏହାର ଦ୍ୱିତୀୟ ଷ୍ଟୋର ଉନ୍ମୋଚନ କରିଛି। ଇଟାଲୀର ଅଗ୍ରଣୀ ଖେଳନା କମ୍ପାନୀ ଗିଓଚି ପ୍ରିଜିଓସି ସହଭାଗିତାରେ ଏହା ଷ୍ଟୋର ଖୋଲାଯାଇଥିବା କୁହାଯାଇଛି। ଏହାପୂର୍ବରୁ ମିଲନ ଠାରେ ହାମଲେସ୍‌ର ପ୍ରଥମ ଷ୍ଟୋର ଖୋଲିଥିଲା। କିନ୍ତୁ ଏହି ବ୍ରାଣ୍ଡର ଖେଳାନା ପ୍ରତି ଚାହିଦା ବଢିବା ପରେ ଦ୍ୱିତୀୟ ଷ୍ଟୋର ଖୋଲାଯାଇଛି। ଉଲ୍ଲେଖଯୋଗ୍ୟ ଯେ,୧୭୬୦ ମସିହାରେ ସ୍ଥାପନ କରାଯାଇଥିବା ବ୍ରିଟିଶ ହାମଲେସ୍ କମ୍ପାନୀକୁ ରିଲାଏନ୍ସ ବ୍ରାଣ୍ଡ ଲିମିଟେଡ୍(ଆରବିଏଲ) ୨୦୧୯ରେ ଅଧିଗ୍ରହଣ କରିଥିଲା। ବର୍ତ୍ତମାନ ଭାରତ ସମେତ ବିଶ୍ୱର ୧୬ଟି ରାଷ୍ଟ୍ରରେ କମ୍ପାନୀର ୧୮୯ ଷ୍ଟୋର ରହିଛି।




- ୨୦୧୯ରେ ହାମଲେସ୍‌କୁ ଅଧିଗ୍ରହଣ କରିଥିଲା ରିଲାଏନ୍ସ ବ୍ରାଣ୍ଡ
- ଭାରତ ସମେତ ୧୬ଟି ରାଷ୍ଟ୍ରରେ ରହିଛି ୧୮୯ ଷ୍ଟୋର

## ୪୮ ବିଜେତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ



**ଭୁବନେଶ୍ୱର,୧୬।୩(ସମିସ):** ଧାର୍ଯ୍ୟ ସମୟ ମଧ୍ୟରେ ବିଦ୍ୟୁତ ଦେୟ ପୈଠ କରି ବିଭିନ୍ନ ସ୍ଥାନରେ ବିଦ୍ୟୁତ ଉପଭୋକ୍ତାମାନେ ଟିପିସିଓଡିଏଲ୍ ଦ୍ୱାରା ପୁରସ୍କୃତ ହେଉଛନ୍ତି। ଏହିକ୍ରମରେ ପୁରୀ ଡିଭିଜନରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦେୟ ପୈଠ କରୁଥିବା ଆଦର୍ଶ ଉପଭୋକ୍ତାମାନଙ୍କୁ ସମ୍ମାନିତ କରିଛି ଟିପିସିଓଡିଏଲ୍। ପୁରୀ ଜିଲ୍ଲାରେ ୪୮ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ 'ବିଲ୍ ପେ ଆଣ୍ଡ ୱିନ୍' ଯୋଜନାରେ ପୁରସ୍କାର ଭାବେ ମୋବାଇଲ ଫୋନ ପ୍ରଦାନ କରାଯାଇଛି। ଯେଉଁଥିରେ ପୁରୀ ଡିଭିଜନରେ ୨୪ ଜଣ ଓ ନିମାପଡା ଡିଭିଜନର ୨୪ ଜଣଙ୍କୁ ମୋବାଇଲ ଫୋନ ପ୍ରଦାନ କରାଯଇଛି। ଶୂନ୍ୟ ବକେୟା ଥିବା ଉପଭୋକ୍ତାଙ୍କ ମଧ୍ୟରୁ ଲକି ଡ୍ର' ମାଧ୍ୟମରେ ବିଜେତା ଚୟନ କରାଯାଇଥିଲା।




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ନିର୍ଦ୍ଦେଶିକା ଇଶା ଏମ୍ ଅମ୍ବାନୀ ବୁଲଗାରୀ ସିଇଓ ଜିନ୍ କ୍ରିଷ୍ଟୋଫ୍ ବାବିନ୍, କ୍ରିଏଟିଭ୍ ଡାଇରେକ୍ଟର ଲୁସିଆ ସିଲଭେଷ୍ଟ୍ରି ଏବଂ ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍ସଙ୍କ ସହ ରଙ୍ଗ ଏବଂ କାରିଗରୀର ଅନନ୍ୟ ସନ୍ଧ୍ୟା 'ଏକ ରୋମାନ ହୋଲି' ପାଳନ କରିଛନ୍ତି ।

### କେନ୍ଦ୍ର ସରକାର ଆଣିଲେ ନୂଆ 'ଇଭି' ନୀତି

# କମ୍ପାନୀଙ୍କ ପାଇଁ ସର୍ବନିମ୍ନ ୪୧୫୦ କୋଟିର ନିବେଶ ଜରୁରୀ

ନୂଆଦିଲ୍ଲୀ,୧୬।୩(ଏଜେନ୍ସି): ଭାରତରେ ଇଲେକ୍ଟ୍ରିକ ଭେଇକିଲ (ଇଭି)ର ଚାହିଦା ବୃଦ୍ଧି ପାଇ ଚାଲିଥିବା ବେଳେ ଦୁଇ ଚକିଆ ଠାରୁ ଆରମ୍ଭ କରି କାର୍ ଏବଂ ବ୍ୟବସାୟିକ ଇଭି ଯାନ ବିକ୍ରି ବଢିବାରେ ଲାଗିଛି। ଯାହାକୁ ଦୃଷ୍ଟିରେ ରଖି ଆନ୍ତର୍ଜାତିକ ସ୍ତରର ବହୁ ପ୍ରତିଷ୍ଠିତ କମ୍ପାନୀ ଭାରତରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ହୋଇପଡ଼ିଛନ୍ତି। ଆମେରିକାର ପ୍ରମୁଖ ଇଭି କାର୍ ନିର୍ମାତା ଟେସ୍‌ଲା ସମେତ ଅନ୍ୟାନ୍ୟ ବିଦେଶୀ କମ୍ପାନୀ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ଉତ୍ସାହିତ ରହିଛନ୍ତି। ଏହିକ୍ରମରେ କେନ୍ଦ୍ର ସରକାର ମଧ୍ୟ ଭାରତକୁ ଇଭି ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଯାହାକୁ ନେଇ ସରକାର ଏକ ନୂଆ ନୀତି ପ୍ରସ୍ତୁତ କରିଛନ୍ତି। ନୂଆ ନୀତିରେ ଭାରତରେ ଇଭି ଶିଳ୍ପ ପ୍ରତିଷ୍ଠା କରିବାକୁ ଚାହୁଁଥିବା କମ୍ପାନୀ ଅତିକମ୍‌ରେ ୫୦୦ ନିୟୁତ ଡଲାର (୪୧୫୦ କୋଟି ଟଙ୍କା) ନିବେଶ କରିବାକୁ ପଡ଼ିବ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି। ଯେଉଁ କମ୍ପାନୀ ଏହି ପ୍ରତିଶ୍ରୁତି ଦେବ ସେହି କମ୍ପାନୀକୁ ଇଭି ଯାନ ଉପରେ ଆମଦାନୀ ଶୁଳ୍କ ହ୍ରାସ ସୁବିଧା ଦିଆଯିବ ବୋଲି କୁହାଯାଇଛି। ଆମଦାନୀ ଶୁଳ୍କ ସୁବିଧା ପାଇବା ପାଇଁ କମ୍ପାନୀଗୁଡ଼ିକୁ ଭାରତରେ ୩ ବର୍ଷ ମଧ୍ୟରେ କାରଖାନା ସ୍ଥାପନ କରିବାକୁ ହେବ। ଏଥିସହିତ ସେମାନଙ୍କୁ ୩ ବର୍ଷ ମଧ୍ୟରେ ଅତିକମ୍‌ରେ ୨୫ ପ୍ରତିଶତ ଯନ୍ତ୍ରାଂଶ ଘରୋଇ ବଜାରରୁ ସଂଗ୍ରହ କରିବାକୁ ହେବ। ୫ ବର୍ଷ ମଧ୍ୟରେ ଘରୋଇ ବଜାରରୁ ଯନ୍ତ୍ରାଂଶ ସଂଗ୍ରହ ମାତ୍ରାକୁ ୫୦ ପ୍ରତିଶତରେ ପହଞ୍ଚାଇବାକୁ ହେବ। ଯେଉଁ କମ୍ପାନୀ ଏସବୁ ସର୍ତ୍ତ ପୂରଣ କରିବେ ସେମାନଙ୍କୁ ବାର୍ଷିକ ୮୦୦୦ ପର୍ଯ୍ୟନ୍ତ ବିଦ୍ୟୁତ୍ ଯାନ ଆମଦାନୀ ଅନୁମତି ପ୍ରଦାନ କରାଯିବ ବୋଲି କୁହାଯାଇଛି।




ହବର୍ଷରେ ଘରୋଇ ବଜାରରୁ ୫୦% ଯନ୍ତ୍ରାଂଶ ସଂଗ୍ରହ ଲକ୍ଷ୍ୟ

# ଏଲଆଇସି କର୍ମଚାରୀଙ୍କୁ ହୋଲି ଉପହାର; ବଢ଼ିଲା ବେତନ

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ହୋଲି ପୂର୍ବରୁ ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି)ର ୧.୧୦ ଲକ୍ଷ କର୍ମଚାରୀଙ୍କ ପାଇଁ ଖୁସି ଖବର ଆସିଛି। ହୋଲି ପୂର୍ବରୁ ନିଗମ କର୍ମଚାରୀଙ୍କ ବେତନରେ ୧୭ ପ୍ରତିଶତ ବୃଦ୍ଧି ପାଇଁ ଘୋଷଣା କରାଯାଇଛି। ବ୍ୟାଙ୍କ କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଘୋଷଣା କରାଯିବା ପରେ ଏଲଆଇସି ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ବର୍ଦ୍ଧିତ ଦରମା ପିଛିଲା ଭାବେ ୧ ଅଗଷ୍ଟ ୨୦୨୨ରୁ ଲାଗୁହେବ। ସେହିପରି ୨୦୧୦ ପରେ ଏଲଆଇସିରେ ସାମିଲ ହୋଇଥିବା ୨୪,୦୦୦ କର୍ମଚାରୀଙ୍କ ଏନପିଏସ ଯୋଗଦାନ ୧୦ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହା ସହିତ ଏଲଆଇସିର ୩୦,୦୦୦ରୁ ଅଧିକ ପେନସନଭୋଗୀ ଏବଂ ପରିବାର ପେନସନ ଭୋଗୀ ଏକକାଳୀନ (ୱାନ-ଟାଇମ୍) ଏକ୍ସ ଗ୍ରାସିଆକୁ ମଞ୍ଜୁରୀ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବ୍ୟାଙ୍କ କର୍ମଚାରୀ ଏବଂ କେନ୍ଦ୍ର କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଘୋଷଣା କରାଯାଇଥିଲା। ଏବେ ଏଲଆଇସି ପକ୍ଷରୁ ମଧ୍ୟ ଦରମା ବୃଦ୍ଧି କରାଯାଇଛି। କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗାଭତ୍ତା ୪ ପ୍ରତିଶତ ବୃଦ୍ଧି କରାଯାଇଥିଲା ଯାହାଦ୍ୱାରା ଏହା ୪୬ରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ନୂଆ ମହଙ୍ଗା ଭତ୍ତା ପିଛିଲା ଭାବେ ୧ ଜାନୁୟାରୀ ୨୦୨୪ରୁ ଲାଗୁ ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ଆର୍ଥିକ ମାମଲାର କମିଟି(ସିସିଇଏ)ର ନିଷ୍ପତ୍ତି କ୍ରମେ ଏହି ଘୋଷଣା କରାଯାଇଥିଲା।

# ଏଏମ୍‌ଏନ୍‌ଏସ୍‌କୁ ଏଚ୍‌ଏସଇ ଏକ୍ସିଲେନ୍ସି ପୁରସ୍କାର

**ଭୁବନେଶ୍ୱର,୧୬।୩(ସମିସ):** ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପକ୍ଷରୁ ଆୟୋଜିତ ଓଡ଼ିଶା ବାର୍ଷିକ ବୈଠକ-୨୦୨୪ରେ ଏଏମଏନଏସକୁ ଦୁଇଟି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ପାଇଁ ଏହି ସଂସ୍ଥାକୁ ଏଚଏସଇ ପୁରସ୍କାର ସହିତ କ୍ୱାଲିଟି ସର୍କଲ ପୁରସ୍କାର ମଧ୍ୟ ଦିଆଯାଇଛି। ରାଜ୍ୟ ଶିଳ୍ପ ବିଭାଗୀୟ ସ୍ୱତନ୍ତ୍ର ସଚିବ ଭୂପେନ୍ଦ୍ର ସିଂ କମ୍ପାନୀ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ କମ୍ପାନୀ ଭାଗ ନେଇଥିଲା ବେଳେ ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ପ୍ରତ୍ୟେକ ବିଭାଗର ବିଜେତାଙ୍କୁ ନିର୍ଣ୍ଣୟ କରିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଏଏମଏନଏସ୍‌କୁ ଏହି ପୁରସ୍କାର ମିଳିବା ପରେ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଓଡ଼ିଶା ଅପରେସନ)




ସୁରେଶା ଜୀ କହିଛନ୍ତି ଯେ, ଏହି ପୁରସ୍କାର କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ସ୍ଥାୟୀ ନିରାପତ୍ତା ଏବଂ ପରିବେଶ ସୁରକ୍ଷା ପ୍ରତି ନିଆଯାଇଥିବା ପଦକ୍ଷେପ ପାଇଁ ଅତ୍ୟନ୍ତ ଉତ୍ସାହଜନକ। ଏହା କମ୍ପାନୀର ଗୁଣବତ୍ତା ଏବଂ କ୍ରମାଗତ ଉତ୍କର୍ଷତା ବଢିବା ଦିଗରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।

## ଭାରତରେ ଇସୁଜୁ 'ଆଇ-କେୟାର ପ୍ରି-ସମର' କ୍ୟାମ୍ପ୍

**ଭୁବନେଶ୍ୱର,୧୬।୩(ସମିସ):** ସର୍ବୋତ୍ତମ ସେବା ଓ ମାଲିକାନା ଅନୁଭୂତି ପ୍ରଦାନ କରିବା ଏବଂ ଇସୁଜୁର ପ୍ରତିବଦ୍ଧତାକୁ ସୁଦୃଢ କରିବା ଲାଗି ଏକ ନିରନ୍ତର ପ୍ରୟାସରେ ଇସୁଜୁ ମୋଟର୍ସ ଇଣ୍ଡିଆ ଏହାର ଇସୁଜୁ ଡି-ମ୍ୟାକ୍ସ ପିକ୍‌ଅପ ଓ ଏସ୍‌ୟୁଭି ଶ୍ରେଣୀରେ ରାଷ୍ଟ୍ରବ୍ୟାପୀ ଏକ 'ଇସୁଜୁ ଆଇ-କେୟାର ପ୍ରି-ସମର କ୍ୟାମ୍ପ'ର ପରିଚାଳନା କରିବ। ଏହି ସର୍ଭିସ କ୍ୟାମ୍ପରେ ଦେଶବ୍ୟାପୀ ଗ୍ରାହକଙ୍କୁ ଉତ୍ସାହଜନକ ଲାଭ ଏବଂ ବାଧାମୁକ୍ତ ଚାଳନା ଅନୁଭୂତି ପାଇଁ ପ୍ରତିଷେଧାତ୍ମକ ରକ୍ଷଣାବେକ୍ଷଣ ଯାଞ୍ଚ ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। 'ଇସୁଜୁ କେୟାର୍'ସ୍‌ର ଏକ ଅଭିଯାନ ଭାବେ ଏହି ପ୍ରି-ସମର କ୍ୟାମ୍ପକୁ ଚଳିତ ମାସ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଇସୁଜୁ ଅଧିକୃତ ଡିଲର ସର୍ଭିସ୍ ଆଉଟ୍‌ଲେଟଗୁଡିକରେ ଆୟୋଜନ କରାଯିବ। ଏହି ଅବଧି ସମୟରେ ଗ୍ରାହକମାନେ ନିଜର ଯାନଗୁଡିକ ପାଇଁ ସ୍ୱତନ୍ତ୍ର ଅଫର ଓ ଲାଭ ପାଇପାରିବେ। କ୍ୟାମ୍ପ ପରିଦର୍ଶନ କରୁଥିବା ଗ୍ରାହକମାନେ ମାଗଣା ୩୭-ପଏଣ୍ଟ ବିସ୍ତୃତ ଚେକ୍-ଅପ୍, ପାରିଶ୍ରମିକ ଉପରେ ୧୦% ରିହାତି, ପାର୍ଟସ ଉପରେ ୭% ରିହାତି, ଲ୍ୟୁବ୍ ଓ ଫ୍ଲୁଇଡ ଉପରେ ୭% ରିହାତି, ରିଟେଲ ଆର୍‌ଏସ୍‌ଏ କ୍ରୟ ଉପରେ ୨୦% ରିହାତି, ମାଗଣା ଟପ୍ ୱାଶ ସୁବିଧା ପାଇବେ।

# ନିମିଷକେ ଆକାଉଣ୍ଟ ଖାଲି କରିଦେବେ ହ୍ୟାକର୍

ନୂଆଦିଲ୍ଲୀ,୧୬।୩(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହାକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ହୋଇପଡ଼ିଛନ୍ତି। ଶନିବାର ନିର୍ବାଚନ ଆୟୋଗ ଏପ୍ରିଲ ୧୯ ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ ଟି ପର୍ଯ୍ୟାୟରେ ନିର୍ବାଚନ କରିବାକୁ ଘୋଷଣା କରିଛନ୍ତି। ଯାହାକୁ ନେଇ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଯିବା ସହିତ ଆଗକୁ ଏହା ଜୋରଦାର କରିବାକୁ ସବୁ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଭାବିତ କରିବାକୁ ରାଜନେତାମାନେ ବିଭିନ୍ନ ଯୋଜନା ସମ୍ପର୍କରେ ଘୋଷଣା କରିବା ଆରମ୍ଭ କରିଥିଲା ବେଳେ ଏହି ସମୟରେ ଆଉ ଏକ ଖବର ମଧ୍ୟ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଦାବି କରାଯାଉଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ମାଗଣା ସ୍ମାର୍ଟଫୋନ୍ ଏବଂ ତିନି ବର୍ଷ ପାଇଁ ଅସୀମିତ ଡାଟା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଯାହାକି ଏକ ମିଥ୍ୟା ପ୍ରଚାର କିମ୍ବା ଗୁଜବ ବୋଲି କୁହାଯାଉଛି। ଏଭଳି ଘୋଷଣା କରି ହ୍ୟାକରମାନେ ୟୁଜର୍ସଙ୍କ ମୋବାଇଲ୍ ହ୍ୟାକ୍ କରିବାର ଷଡ଼ଯନ୍ତ୍ର ରଚିଛନ୍ତି। କିନ୍ତୁ ବହୁ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଏହି ଖବର ସେୟାର କରୁଥିବାରୁ ସାଧାରଣ ଲୋକ ଭ୍ରମରେ ପଡ଼ୁଛନ୍ତି। କିନ୍ତୁ ପ୍ରକୃତରେ ଏହା ଏକ ଠକେଇ ରାକେଟର ଷଡ଼ଯନ୍ତ୍ର ବୋଲି କୁହାଯାଇଛି। ଲୋକଙ୍କୁ ଠକିବା ପାଇଁ ଏହା କରାଯାଉଛି । ହ୍ୟାକରମାନେ ମଧ୍ୟ ଲୋକଙ୍କୁ ଲିଙ୍କ୍ ପଠାଉଛନ୍ତି, ଯେଉଁଥିରେ କ୍ଲିକ୍ କରି ସେମାନଙ୍କୁ ପଞ୍ଜିକରଣ କରିବାକୁ କୁହାଯାଉଛି । ଲିଙ୍କ୍ କ୍ଲିକ୍ କରିବାବେଳେ ଏହା ୟୁଜର୍ସଙ୍କୁ ଏକ ଥାର୍ଡ ପାର୍ଟି ଲିଙ୍କକୁ ନେଇ ଯାଉଛି । ଯେଉଁଠାରେ ଡାଟା ହ୍ୟାକ୍ ହୋଇଥାଏ । ବ୍ୟାଙ୍କ ଆକାଉଣ୍ଟ ସୂଚନା ମଧ୍ୟ ଲୋକଙ୍କଠାରୁ ନିଆଯାଉଛି। କିନ୍ତୁ ଏହି ଗୁଜବରୁ ଦୂରେଇ ରହିବାକୁ ବିଭିନ୍ନ ସ୍ତରରେ ପରାମର୍ଶ ଦିଆଯାଇଛି। ନଚେତ୍ କୌଣସି ମୁହୂର୍ତ୍ତରେ କାହାର ବି ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯାଇପାରେ ବୋଲି ଆଶଙ୍କା ରହିଛି।



ଅସୀମିତ ମାଗଣା ଡାଟା ମିଳିବା ଖବର ପ୍ରତି ସାବଧାନ ରହିବାକୁ ପରାମର୍ଶ




# ଶେଷ ହେବ ସିମ୍ ଯୁଗ

## ସ୍ୟାଟ୍‌କମ୍ ସହାୟତାରେ ଚାଲିବ ସାଟେଲାଇଟ୍ ଇଣ୍ଟରନେଟ୍


ଦୀର୍ଘ ବର୍ଷ ଧରି ଲୋକେ ସାଟେଲାଇଟ୍ ସେବାକୁ ଅପେକ୍ଷା କରି ରହିଛନ୍ତି। ବର୍ତ୍ତମାନ ଏହି ବିଷୟରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଭାରତ ଗ୍ରୁପ ଦ୍ୱାରା ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। | କାରଣ ଭାରତୀୟ ସମର୍ଥିତ ୱାନ୍ ୱେବ୍ ସ୍ପେକ୍ଟ୍ରମ୍ ପାଇଁ ଆବେଦନ କରିଛି। କମ୍ପାନୀ ବାଣିଜ୍ୟିକ ସାଟେଲାଇଟ୍ ଉପଗ୍ରହ ବ୍ରଡବ୍ୟାଣ୍ଡ ସେବା ଚଳିତ ବର୍ଷ ଜୁନ୍ ସୁଦ୍ଧା ଆରମ୍ଭ କରିବାକୁ ଯାଉଥିବା ଆଶା କରାଯାଉଛି। କମ୍ପାନୀ ୬ବର୍ଷ ପାଇଁ ଏକ ଆବଣ୍ଟନ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛି। ଭାରତରେ ଲୋ ଆର୍ଥ ଅର୍ବିଟ କନେକ୍ଟିଭିଟି ସେବା ଯୋଗାଇବା ପାଇଁ ଏକ ବର୍ଷର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ହ୍ୟୁଜେସ୍‌କମ୍ୟୁନିକେସନ୍ ଇଣ୍ଡିଆ ଏବଂ ୱାନ୍ ୱେବ୍ ମିଳିତ ଭାବେ ଏହାକୁ ସ୍ୱାକ୍ଷର କରିଛନ୍ତି। କମ୍ପାନୀ କହିଛି ଯେ ଏହା ୱାନ୍‌ୱେବ୍‌କୁ ବହୁତ ସାହାଯ୍ୟ କରିବ। କାରଣ ଏହି ବଜାରରେ ଅନ୍ୟ କୌଣସି କମ୍ପାନୀ ନାହିଁ। ଏଭଳି ପରିସ୍ଥିତିରେ ଏହା ଉଭୟ କମ୍ପାନୀ ପାଇଁ ଏକ ବଡ଼ ନିଷ୍ପତ୍ତି ବୋଲି ପ୍ରମାଣିତ ହୋଇପାରେ। ତେବେ ଏ ସମ୍ପର୍କରେ ଭାରତ ସରକାରଙ୍କ ଆଡୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇ ନାହିଁ। ଏହାସହ ଏହା କିପରି କାର୍ଯ୍ୟ ଏ କରିବ, ତାହା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କିନ୍ତୁ ଟେଲିକମ୍ କମ୍ପାନୀଗୁଡିକ କ୍ରମାଗତ ଭାବରେ ଏହା ଉପରେ କାର୍ଯ୍ୟ କରୁଛନ୍ତି। ଥରେ ଆପଣ ଉପଗ୍ରହ ସଂଯୋଗ ପାଇଲେ, ଆପଣଙ୍କୁ ଆଉ ସିମ୍ କାର୍ଡ ମଧ୍ୟ ଦରକାର ହେବ ନାହିଁ। ବର୍ତ୍ତମାନ ଏହି ବିଷୟରେ ବ୍ୟାପକ ପରୀକ୍ଷାନିରୀକ୍ଷା ଚାଲିଛି। ତେବେ ଉପଭୋକ୍ତାମାନେ ଏହାକୁ କେବେ ପାଇବେ, ତାହା ସ୍ପଷ୍ଟ ହୋଇନାହିଁ।



# ଏଆଇ ଯୋଗୁଁ ଦେଖାଦେବ ବିଦ୍ୟୁତ୍ ସଙ୍କଟ !

ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି। ଗ୍ରୀଷ୍ମ ଋତୁରେ ଏହି ସଙ୍କଟ ଯଥେଷ୍ଟ ବୃଦ୍ଧି ପାଇଥାଏ। ଭାରତରେ ମଧ୍ୟ ଆମକୁ ଅନେକ ସମୟରେ ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ସାମ୍ପ୍ରତିକ ସମୟରେ ଦୁନିଆର ଅନେକ ଦେଶରେ ପ୍ରତିଦିନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରାଯାଉଛି। ଆପଣମାନଙ୍କ ମଧ୍ୟରୁ ଅନେକ ହୁଏତ ଚାର୍ଟଜିପିଟି ପରି ଏଆଇ ଉପକରଣ ବ୍ୟବହାର କରୁଛନ୍ତି, କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଏଆଇ ଉପକରଣଗୁଡ଼ିକ ଦିନେ ସାରା ବିଶ୍ୱରେ ଶକ୍ତି ସଙ୍କଟର କାରଣ ହୋଇପାରେ। ଏକ ରିପୋର୍ଟ ଅନୁଯାୟୀ, କେବଳ ଓପନ୍‌ଏଆଇର ଲୋକପ୍ରିୟ ଏଆଇ ଟୁଲ୍ ଚାଟ୍‌ଜିପିଟି ପ୍ରତି ଘଣ୍ଟାରେ ୫୦୦୦ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ କରୁଛି। ଏହି ବ୍ୟବହାର କେବଳ ୨୦୦ ନିୟୁତ ଉପଭୋକ୍ତାଙ୍କର ଦୈନିକ ରିକ୍ୱେଷ୍ଟ ବା ଅନୁରୋଧରେ ହିଁ ହେଉଛି। ଯଦି ଏହି ଅନୁରୋଧ ସଂଖ୍ୟା ବୃଦ୍ଧି ପାଏ, ତେବେ ବ୍ୟବହାର ମଧ୍ୟ ଆହୁରି ବଢ଼ିଯିବ। ଚାଟ୍‌ଜିପିଟି ଦୈନିକ ପ୍ରତି ଘଣ୍ଟାରେ ଆମେରିକାର ୧୭୦୦୦ ଘରର ବିଦ୍ୟୁତ୍ ଖର୍ଚ୍ଚ କରୁଛି।

ଯଦି ଜେନେରେଟିଭ୍ ଏଆଇର ବ୍ୟବହାର ଆହୁରି ବଢ଼େ, ଶକ୍ତି ବ୍ୟବହାର ମଧ୍ୟ ଆଗକୁ ବଢ଼ିପାରେ। ଡାଟା ବୈଜ୍ଞାନିକ ଆଲେକ୍ସ ଡିଭ୍ରିସଙ୍କ ଅନୁଯାୟୀ, ଯଦି ଗୁଗୁଲ ଏହାର ପ୍ରତ୍ୟେକ ସର୍ଚ୍ଚରେ ଜେନେରେଟିଭ୍ ଏଆଇ ଅନ୍ତର୍ଭୁକ୍ତ କରେ, ତେବେ ଏହା ବାର୍ଷିକ ଘଣ୍ଟା ପ୍ରତି ପ୍ରାୟ ୨୯ ବିଲିୟନ କିଲୋୱାଟ ବିଦ୍ୟୁତ୍ ଖର୍ଚ୍ଚ କରିପାରେ; ଯାହା କେନିଆ, ଗୁଆଟେମାଲା ଏବଂ କ୍ରୋଏସିଆ ପରି ସମଗ୍ର ଦେଶର ବାର୍ଷିକ ବିଦ୍ୟୁତ୍ ବ୍ୟବହାରକୁ ଅତିକ୍ରମ କରିଯିବ। ଏଆଇର ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଡିଭ୍ରିସ୍ କହିଛନ୍ତି, ଏହା ପୂର୍ବରୁ ପ୍ରକାଶ ପାଇଛି ଯେ ପ୍ରତ୍ୟେକ ଏଆଇ ସର୍ଭର ଏକ ଡଜନରୁ ଅଧିକ ୟୁକେ ଘର ପରି ସମାନ ପରିମାଣର ବିଦ୍ୟୁତ୍ ଖର୍ଚ୍ଚ କରୁଛନ୍ତି। ଯଦିଓ ବଡ଼ ବୈଷୟିକ କମ୍ପାନୀଗୁଡିକ ଏଆଇର ମୋଟ ବିଦ୍ୟୁତ୍ ବ୍ୟବହାର ଆକଳନ କରୁଛନ୍ତି। ଏଆଇ ଚିପ୍ ନିର୍ମାତା ନିଭିଡିଆର ତଥ୍ୟ ଉପରେ ଆଧାର କରି ଡ୍ରିସ୍ ଆକଳନ କରିଛନ୍ତି ଯେ ୨୦୨୭ ସୁଦ୍ଧା ସମଗ୍ର ଏଆଇ କ୍ଷେତ୍ର ବାର୍ଷିକ ୮୫ ରୁ ୧୩୪ ଟେରାୱାଟ-ଘଣ୍ଟା ବ୍ୟବହାର କରିପାରିବ। ଏହା ବିଶ୍ୱର ବିଦ୍ୟୁତ୍ ବ୍ୟବହାରର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶକୁ ପ୍ରତିନିଧିତ୍ୱ କରିବ, ୨୦୨୭ ସୁଦ୍ଧା ସମ୍ଭବତଃ ଅଧା ପ୍ରତିଶତରେ ପହଞ୍ଚିବ।



**ଚାର୍ଟଜିପିଟି ପ୍ରତି ଘଣ୍ଟାରେ ୧୭୦୦୦ ଘରର ବିଦ୍ୟୁତ୍ ଖର୍ଚ୍ଚ କରୁଛି**

**ଘଣ୍ଟାକରେ ୫୦୦୦ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ**

# ଗୁଗୁଲ୍ ସର୍ବାଧିକ ଭିଜିଟିଂ ୱେବ୍‌ସାଇଟ୍

ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ସମସ୍ତେ ନିଜ ଫୋନ୍‌ରେ ଗୁଗୁଲ୍, ଫେସ୍‌ବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ୍ ଆଦି ୱେବ୍‌ସାଇଟ୍ ବ୍ୟବହାର କରିଥାନ୍ତି। ନିଜର ସ୍କ୍ରିନ୍ ସମୟକୁ ଦେଖିଲେ ଜଣାପଡିବ ଯେ, ଆପଣ ଇଣ୍ଟରନେଟରେ ଏହି ସମସ୍ତ ୱେବ୍‌ସାଇଟ୍‌ଗୁଡିକରେ ଅଧିକ ସମୟ ବିତାଇଛନ୍ତି। କିନ୍ତୁ ଯଦି ଆପଣଙ୍କୁ ପଚରାଯାଏ, ଏହି ଚାରୋଟି ୱେବ୍‌ସାଇଟ୍ ମଧ୍ୟରୁ କେଉଁଟିକୁ ଆପଣ ଅଧିକ ଚଳାଉଛନ୍ତି; ବୋଧହୁଏ ଆପଣ ଏହାର ସଠିକ୍ ଉତ୍ତର ଦେଇ ନ ପାରନ୍ତି। ଏଭଳି ପରିସ୍ଥିତିରେ ଆପଣ ନିଶ୍ଚିତ ଭାବେ ଜାଣିବାକୁ ଉତ୍ସୁକତା ପ୍ରକାଶ କରିବେ ଯେ ଦୁନିଆର କେଉଁ ୱେବ୍‌ସାଇଟ୍ ବ୍ୟବହାରକାରୀଙ୍କ ଦ୍ୱାରା ସର୍ବାଧିକ ସର୍ଚ୍ଚ କରାଯାଇଥାଏ। ତେବେ ଗୁଗୁଲ୍ ହେଉଛି ସର୍ବାଧିକ ଭିଜିଟିଂ ୱେବ୍‌ସାଇଟ୍ ।

ଯଦି ଆମେ ଚଳିତ ବର୍ଷ ଫେବୃଆରୀ ମାସର ଏକ ରିପୋର୍ଟକୁ ଦେଖିବା, ସେଥିରୁ ଜଣାଡିବ ଯେ, ବିଶ୍ୱର ସର୍ବାଧିକ ଭିଜିଟିଂ ୱେବ୍‌ସାଇଟ୍ ଦୃଷ୍ଟିରୁ ହ୍ୱାଟ୍ସଆପ୍ ୧୦ ନମ୍ବରରେ ରହିଛି। ଯଦିଓ ବର୍ତ୍ତମାନ ବହୁ ସଂଖ୍ୟାରେ ଲୋକେ ହ୍ୱାଟ୍ସଆପ୍‌ରେ ବହୁତ ସମୟ ବିତାଉଛନ୍ତି, କିନ୍ତୁ ର୍‍ୟାଙ୍କିଙ୍ଗରେ ଏହା ୧୦ମ ସ୍ଥାନରେ ରହିଛି। ଫେବୃଆରୀ ୨୦୨୪ ମାସରେ ୱେବ୍‌ସାଇଟ୍ ସର୍ଚ୍ଚ ଏବଂ ଭିଜିଟିଂର ଡାଟା ୱାଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ଟ୍ୱିଟର ହ୍ୟାଣ୍ଡେଲରେ ସେୟାର କରାଯାଇଛି। ଏଠାରେ ଦିଆଯାଇଥିବା ସୂଚନା ଅନୁଯାୟୀ, ହ୍ୱାଟ୍ସଆପ୍ ୧୦ମ ସ୍ଥାନ ହାସଲ କରିଥିବାବେଳେ ଚାକିରି ଏବଂ ଅନ୍ୟାନ୍ୟ ଜିନିଷ ପାଇଁ ପ୍ରସ୍ତୁତ ଲିଙ୍କ୍‌ଡ୍‌ଇନ୍ ୧୯ ତମ ସ୍ଥାନ ହାସଲ କରିଛି। ବିଶ୍ୱରେ ସକ୍ରିୟ ଥିବା ଏବଂ ଭାରତରେ ନିଷେଧ ହୋଇଥିବା ଟିକ୍‌ଟକ୍ ୧୪ ତମ ସ୍ଥାନରେ ରହିଛି। ଇ-ବାଣିଜ୍ୟ ଅଧୀନରେ ଆମାଜନ୍ କମ୍ପାନୀର ୱେବସାଇଟ୍, ଯାହା ପ୍ରତ୍ୟେକ ଘରକୁ ସାମଗ୍ରୀ ଡେଲିଭରୀ କରେ, ତାହା ଦ୍ୱାଦଶ ସ୍ଥାନ ହାସଲ କରିଛି। ବିଶ୍ୱର ସର୍ବାଧିକ ଭିଜିଟିଂ ୱେବ୍‌ସାଇଟ୍ ମାମଲାରେ ୟାହୁ ଅଷ୍ଟମ ସ୍ଥାନ, ୱିକିପିଡ଼ିଆ ସପ୍ତମ ସ୍ଥାନ ଏବଂ ଟ୍ୱିଟର ପଞ୍ଚମ ସ୍ଥାନରେ ରହିଛି।

## ଶ୍ରେଷ୍ଠ ୱେବ୍‌ସାଇଟ୍

ସମଗ୍ର ବିଶ୍ୱରେ ସର୍ବାଧିକ ୱେବସାଇଟ୍ ଭିଜିଟିଂ କରୁଥିବା ଲୋକଙ୍କ ସଂଖ୍ୟାରେ ଟପ୍ ୫ ଆପ୍ଲିକେସନ୍‌କୁ ସାମିଲ କରାଯାଇଛି। ପାଞ୍ଚ ନମ୍ବରରେ ଟ୍ୱିଟର ଅଛି, ଯାହା ବର୍ତ୍ତମାନ ‹ଏକ୍ସ› ଭାବରେ ଜଣାଶୁଣା। ଚତୁର୍ଥ ନମ୍ବରରେ ରିଲ୍ସ ପ୍ରସ୍ତୁତକାରୀ ଆପ୍ 'ଇନ୍‌ଷ୍ଟାଗ୍ରାମ'। ବିଶ୍ୱର ସର୍ବାଓଧିକ ଭିଜିଟିଂ ୱେବସାଇଟ୍ ଦୃଷ୍ଟିରୁ ଫେସ୍‌ବୁକ୍ ତୃତୀୟ ସ୍ଥାନରେ ନିଜର ସ୍ଥିତି ବଜାୟ ରଖିଛି। ଏହାସହ ୟୁଟ୍ୟୁବ୍ ଦ୍ୱିତୀୟ ସ୍ଥାନରେ ଏବଂ ସର୍ବାଧିକ ଭିଜିଟିଂ ୱେବସାଇଟ୍ ଭାବେ ଗୁଗୁଲ୍ ଏକ ନମ୍ବର ସ୍ଥାନରେ ରହିଛି।

## ୧୦ ନମ୍ବରରେ ହ୍ୱାଟ୍ସଆପ୍




# ହ୍ୱାଟ୍ସଆପ୍‌ରେ ବି କରିପାରିବେ କଲ୍ ରେକର୍ଡ଼

ଆଜିକାଲି ଦୁନିଆରେ ଟେକ୍ନୋଲୋଜିର ଦବ୍‌ଦବା ଚାଲିଛି। ଗୋଟିଏ କ୍ଲିକ୍‌ରେ ଘରେ ବସି ସବୁ କାମ ସହଜରେ ହୋଇପାରୁଛି। ବର୍ତ୍ତମାନ ସମୟରେ ସମସ୍ତଙ୍କର ବୃତ୍ତିଗତ ଜୀବନରେ ସୋସିଆଲ ମିଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏଥିମଧ୍ୟରେ ହ୍ୱାଟ୍ସଆପ୍ ବେଶ ଲୋକପ୍ରିୟତା ଆପ୍ ଭାବେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି। ଦୂରରେ ଥିବା ପରିବାର ବର୍ଗ, ସାଙ୍ଗସାଥୀ, ସମ୍ପର୍କୀୟଙ୍କ ସହ ହ୍ୱାଟ୍ସଆପ୍ ମାଧ୍ୟମରେ ମେସେଜ୍ ଓ ଭିଡ଼ିଓ କଲିଂ କଥାବାର୍ତ୍ତା କରିବାର ସୁବିଧା ରହିଛି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ହ୍ୱାଟ୍ସଆପ୍ ସବୁସମୟରେ ନୂଆ ନୂଆ ଫିଚର ଲଞ୍ଚ୍ କରିଥାଏ । ଅଧିକାଂଶ ଲୋକଙ୍କ ଅଭିଯୋଗ ଯେ ଆପ୍ କମ୍ପାନୀ କଲ୍ ରେକର୍ଡ଼ିଂ ଭଳି କୌଣସି ଫିଚର ପ୍ରଦାନ କରି ନ ଥାଏ। ତେବେ ଆପଣଙ୍କ ଜାଣିବା ଜରୁରୀ ଯେ କଲ୍ ରେକର୍ଡ଼ିଂ ପାଇଁ ହ୍ୱାଟ୍ସଆପ୍ କୌଣସି ଅଫିସିଆଲ ଉପାୟ ପ୍ରଦାନ କରି ନ ଥାଏ। କିନ୍ତୁ ଯଦି ଆପଣଙ୍କ ପାଖରେ ଆଣ୍ଡ୍ରଏଡ୍ ଫୋନ୍ ଅଛି, ତେବେ ସହଜରେ କଲ୍ ରେକର୍ଡ଼ିଂ କରିପାରିବେ। ତେବେ ଆସନ୍ତୁ ଜାଣିବା ହ୍ୱାଟ୍ସଆପରେ କଲ୍ ରେକର୍ଡ଼ିଂ ପାଇଁ ୨ଟି ଉପାୟ ବିଷୟରେ:

- ପରୀକ୍ଷାମୂଳକ ଭାବେ ପ୍ରଥମେ ନିଜର ଏକ ହ୍ୱାଟ୍ସଆପ୍ କଲ୍ କରନ୍ତୁ। (ଯଦି ଆପଣଙ୍କ ଫୋନ୍ ମଲ୍ଟିଟାସ୍କିଂ, ତେବେ ଫୋନ୍ କଲ୍ ନକାଟି ବ୍ୟାକ୍ କରନ୍ତୁ । ବ୍ୟାକ୍ କରିବା ପରେ ଭଏସ୍ ରେକର୍ଡ଼ିଂ ଆପ୍‌କୁ ଖୋଲନ୍ତୁ। ଏହା ପରେ ରେକର୍ଡ଼ିଂ ବଟନ୍ ଉପରେ କ୍ଲିକ୍ କରନ୍ତୁ। ରେକର୍ଡ଼ିଂ ଚାଲୁ ହୋଇଯିବ। କଥାବାର୍ତ୍ତା ଶେଷ ହେଲା ପରେ ରେକର୍ଡ଼ିଂ ଚେକ୍ କରିଦିଅନ୍ତୁ।
- ପ୍ରଥମେ ଗୁଗୁଲ ପ୍ଲେ ଷ୍ଟୋରରୁ କ୍ୟୁବ୍ କଲ୍ ଆପ୍ କିମ୍ବା କ୍ୟୁବ୍ କଲ୍ ରେକର୍ଡର ଆପ୍ ଡାଉନ୍‌ଲୋଡ୍ କରନ୍ତୁ। ଏହି ଆପ୍ ମାଧ୍ୟମରେ ଆପଣଙ୍କ ଫୋନ୍‌ରୁ ହ୍ୱାଟ୍ସଆପ୍ କଲ୍ ଗଲେ କିମ୍ବା ଆସିଲେ ଅଟୋମେଟିକ୍ କଲ୍ ରେକର୍ଡ଼ ହୋଇଥାଏ । ରେକର୍ଡ଼ିଂ ଶେଷ ହେଲା ପରେ ଅଟୋମେଟିକ୍ ଇଣ୍ଟରନାଲ ମେମୋରୀରେ ସେଭ୍ ହୋଇଯାଏ ।

## ବାଇକ୍ ରିଭ୍ୟୁ

# ମୋଟୋଭୋଲ୍ଟର ଇ-ସ୍କୁଟର ଏମ୍-୭

ଅଗ୍ରଣୀ ବୈଦ୍ୟୁତିକ ଦୁଇ ଚକିଆ କମ୍ପାନୀ ମୋଟୋଭୋଲ୍ଟ ମୋବିଲିଟି ପ୍ରା. ଲିଃ ପକ୍ଷରୁ ମୋଟୋଭୋଲ୍ଟ ଏମ-୭ର ବଜାର ପ୍ରବେଶ କରାଯାଇଛି। ଏହି ମଲ୍ଟି-ୟୁଟିଲିଟି ଇ-ସ୍କୁଟର (ମ୍ୟୁସେ), ଦେଶର ପ୍ରଥମ ପ୍ରକାର, ହାଇ ସ୍ପିଡ ଇଲେକ୍ଟ୍ରିକ ସ୍କୁଟର ସେଗମେଣ୍ଟରେ କମ୍ପାନୀକୁ ପ୍ରବେଶ କରାଇଛି।

ଜର୍ମାନ ଟେକ୍ନୋଲୋଜିରେ ଏହା ନିର୍ମିତ ହୋଇଛି। ଏମ୍-୭ ସୁରକ୍ଷା, ଗୁଣବତାତ୍ତା, ଆରାମ ଏବଂ ସ୍ଥିରତା ପାଇଁ ଏକ ନୂତନ ମାନକ ସ୍ଥିର କରିବାକୁ ସକ୍ଷମ ହେବ। ମୋଟୋଭୋଲ୍ଟ ଏମ-୭ରେ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରାଯାଇଛି। ଏହା ଧାତୁର ମିଶ୍ରଣରେ ନିର୍ମିତ ହୋଇଛି। ଏହାର ମଡ୍ୟୁଲାର ଡିଜାଇନ ଯୋଗୁ ଚାଳକ ଏହାକୁ ସହଜରେ ଚଳାଇପାରିବେ। ଏମ-୭ର ସିଟିଂ ଏରଗୋନୋମିକ ଭାବରେ ଡିଜାଇନ ହୋଇଛି। ଏକ ଡବଲ କ୍ରଡଲ ହେଭି-ଡ୍ୟୁଟି ମିଲ୍ଡ ଷ୍ଟିଲ ଫ୍ରେମ୍ ଦ୍ୱାରା ଏହା ନିର୍ମିତ। ଯାହା ସ୍ଥିରତା ଏବଂ ସ୍ଥାୟିତ୍ୱକୁ ସୁନିଶ୍ଚିତ କରି ୧୮୦ କେଜି ପର୍ଯ୍ୟନ୍ତ ଏକ ଓଜନ ବୋହି ନେବାକୁ ସକ୍ଷମ। ଏମ-୭ରେ ୩ କିଲୋୱାଟ ଆୱାରର ବ୍ୟାଟେରୀ ରହିଛି। ଏଥିରେ ଏଲଏଫପି ସେଲ୍ ରହିଛି। ଏହା ୨୦୦୦ରୁ ଅଧିକ ଚାର୍ଜ ସାଇକିଲ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥାଏ। ଏହା ଆଲୁମିନିୟମରେ ନିର୍ମିତ। ଏହା ଏଆଇଏସ ୧୫୬ ଷ୍ଟାଣ୍ଡାର୍ଡ (ଆଇପି୬୭) କୁ ଅନୁସରଣ କରି ଉଭୟ ଫାୟାର ଏବଂ ୱାଟର ପ୍ରୁଫ୍। ଏହା ଇନ-ହାଉସ ଦ୍ୱାରା ଡିଜାଇନ ଏବଂ ପ୍ୟାକେଜିଂ ସହିତ ଏହା ପୋର୍ଟେବଲ ଅଟେ। ଏହା ଆଇଡିସି ମୋଡ (ଏଆରଏଆଇ ସାଟଫାଏଡ)ରେ ୧୬୬ କିଲୋମିଟର ଦୂରତା ଅତିକ୍ରମ କରିବାକୁ ସକ୍ଷମ। ଏହା ସହଜରେ ଯେ କୌଣସି ସ୍ଥାନରେ ଚାର୍ଜ କରାଯାଇପାରିବ। ଏହା ଏକ ଅତ୍ୟାଧୁନିକ ବ୍ୟାଟେରୀ ନିୟନ୍ତ୍ରଣ ପ୍ରଣାଳୀ ଦ୍ୱାରା ପରିଚାଳିତ ଏବଂ ଏକ ଡୁଆଲ ସିଷ୍ଟମକୁ ଅପଗ୍ରେଡ କରିବାର ବିକଳ୍ପ ସହିତ ଗୋଟିଏ ବ୍ୟାଟେରୀରେ ଉପଲବ୍ଧ। ମୋଟୋଭୋଲ୍ଟ ୟୁରୋପିଆନ ବ୍ୟାଟେରୀ ସ୍ୱାପିଂ ଜ୍ଞାନକୌଶଳ ସୋବେ ସହିତ ହାତ ମିଳାଇଥିବା ମୋଟୋଭୋଲ୍ଟ ମୋବିଲିଟିର ପ୍ରତିଷ୍ଠାତା ତଥା ସିଇଓ ତୁଷାର ଚୌଧୁରୀ କହିଛନ୍ତି। ଏହାର ପ୍ରାରମ୍ଭିକ ବୁକିଂ ମୂଲ୍ୟ ୯୯୯ ଟଙ୍କା ରହିଥିବାବେଳେ ଏମ୍-୭ର ପ୍ରାରମ୍ଭିକ ଅଫର ମୂଲ୍ୟ ୧,୨୨,୦୦୦ ଟଙ୍କା ରହିଛି। ୬ଟି ଚମତ୍କାର ରଙ୍ଗ ଲାଇଟିଂ ଗ୍ରେ, ଗାଲାକ୍ସି ରେଡ, ବ୍ଲୁ ଜୟ, ଡୋଭ୍ ହ୍ୱାଇଟ୍, କାନାରି ୟେଲୋ ଏବଂ ପୁମା ବ୍ଲାକ ଆଦି ରଙ୍ଗରେ ଏହା ଉପଲବ୍ଧ।




# ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରୁ ତିଆରି ହେବ ସୁନା

**୨୦ଟି ପୁରୁଣା କମ୍ପ୍ୟୁଟର ମଦରବୋର୍ଡରୁ**

**୪୫୦ ମିଲିଗ୍ରାମ୍ ୨୨ କ୍ୟାରେଟ୍ ସୁନା ମିଳିଲା**

ଦୁନିଆର ସବୁଠାରୁ ଦାମୀ ଧାତୁ ସୁନାକୁ ଏବେ ଅତି ସହଜ ଉପାୟରେ ପ୍ରସ୍ତୁତ ହୋଇପାରିବ। ବର୍ତ୍ତମାନ ବୈଜ୍ଞାନିକମାନେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରୁ ସୁନା ତିଆରି ଏବଂ ପୁନଃବ୍ୟବହାର କରିବାର ଏକ ଉପାୟ ବାହାର କରିଛନ୍ତି, ଯାହା ଶସ୍ତା ତଥା ପରିବେଶ ଅନୁକୂଳ। ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରୁ ସୁନା ଉତ୍ତୋଳନର ଏହି ଆବିଷ୍କାର ସୁନା ଶିଳ୍ପରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ରହିଛି।

ବୈଜ୍ଞାନିକମାନଙ୍କର କହିବାନୁଯାୟୀ, ଏହି କୌଶଳରେ ଖର୍ଚ୍ଚ ହେଉଥିବା ପ୍ରତି ଡଲାର ପାଇଁ ୫୦ ଡଲାର ମୂଲ୍ୟର ସୁନା ମିଳିପାରିବ। ଗବେଷକମାନେ ପ୍ରୋଟିନ୍ ସ୍ପଞ୍ଜ୍ ବ୍ୟବହାର କରି ଇ-ବର୍ଜ୍ୟବସ୍ତୁରୁ ସୁନା ବାହାର କରିଥିଲେ। ବୈଜ୍ଞାନିକମାନେ ମାତ୍ର ୨୦ଟି ପୁରୁଣା କମ୍ପ୍ୟୁଟର ମଦରବୋର୍ଡରୁ ୪୫୦ ମିଲିଗ୍ରାମ୍ ୨୨ କ୍ୟାରେଟ୍ ସୁନା ପ୍ରସ୍ତୁତ କରିଛନ୍ତି। ଏତେ ପରିମାଣର ସୁନା ତିଆରି କରିବାର ମୂଲ୍ୟ ମୂଲ୍ୟ ମୂଲ୍ୟ ୦ । ରୁ ୫୦ ଗୁଣ କମ୍। ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରୁ ସୁନା ବାହାର କରିବା ପାଇଁ ବୈଜ୍ଞାନିକମାନେ ପ୍ରଥମେ ୫୫୦ରୁ ୭୦୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଇ-ବର୍ଜ୍ୟବସ୍ତୁକୁ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ଗରମ କରିଥିଲେ। ଏହାପରେ ଏସିଡିକ୍ ଅବସ୍ଥାରେ ପ୍ରୋଟିନ୍ ସ୍ପଞ୍ଜ ପ୍ରସ୍ତୁତ କରିବା ପାଇଁ ଶୁଖାଯାଇଥାଏ। ଏହାପରେ ବୈଜ୍ଞାନିକମାନେ ସ୍ପଞ୍ଜକୁ ଗରମ କରି ସୁନା ଆୟନଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ, ଯାହାକୁ ନଗେଟ୍ରେ ତରଳି ଦିଆଯାଇଥିଲା। ଗବେଷଣାରୁ ଜଣାପଡିଛି ଯେ ଏହି ନଗେଟ୍ ରେ ୯୧ ପ୍ରତିଶତ ସୁନା ରହିଥିଲା, ଯାହାକି ୨୨ କ୍ୟାରେଟ୍ ସୁନା ସହ ସମାନ ଥିଲା। ଏହାବ୍ୟତୀତ ବାକି ଅଂଶ ତମ୍ବା ରହିଥିଲା। ଗବେଷକଙ୍କ ମତାନୁସାରେ, ଇ-ବର୍ଜ୍ୟବସ୍ତୁରୁ ସୁନା ତିଆରି କରିବାର ଏହି ପ୍ରକ୍ରିୟା ଏହାର କମ୍ ଖର୍ଚ୍ଚ ଏବଂ ପରିବେଶ ଅନୁକୂଳ ପ୍ରକୃତି ହେତୁ ସୁନା ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଏକ ଅଧ୍ୟୟନ ଅନୁଯାୟୀ ବିଶ୍ୱରେ ପ୍ରତିବର୍ଷ ୫୦ ନିୟୁତ ଟନ୍ରୁ ଅଧିକ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ। ଯଦି ଏହି ବର୍ଜ୍ୟବସ୍ତୁକୁ ସୁନା ତିଆରିରେ ବ୍ୟବହାର କରାଯାଏ ତେବେ ପ୍ରଚୁର ପରିମାଣର ସୁନା ମିଳିପାରିବ।



# ଅଚିହ୍ନା ମୋ ଗାଁ



କବିତା ବାରିକ

ଗାଁର ଗୋଟିଏ ସ୍ୱତନ୍ତ୍ର ଆକର୍ଷଣ ଥାଏ। ପୁଣି ଗାଁଠୁ ଯଦି ଦୂରେଇ ରହୁଥିବ, ତେବେ ଆକର୍ଷଣ ଆହୁରି ବଢ଼ିଯାଏ। ତାହାହିଁ ଘଟିଥିଲା ସୁରଜଙ୍କ ଜୀବନରେ। କେବଳ ଗାଁର ବାହାରକୁ ନୁହେଁ, ରାଜ୍ୟ, ଦେଶ ବାହାରକୁ ଚାଲିଗଲେ ମେରାଇନ୍ ଇଞ୍ଜିନିୟର ଭାବରେ। ଛ'ମାସ ପାଣିରେ, ଛ'ମାସ ସ୍ଥଳରେ। ବାପାମାଆ ବଞ୍ଚିଥିବାବେଳେ ବର୍ଷେ କି ଦୁଇ ବର୍ଷରେ ଥରେ ଆସୁଥିଲେ। ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ହୋହାଲ୍ଲା ଭିତରେ ସମୟ କୁଆଡ଼େ ପଳାଉଥିଲା। ଗାଁର ରେଖାଙ୍କିତ ପାହାଡ଼, ପୋଖରୀ ଗାଧୁଆ, ଡଙ୍ଗାରେ ନଈପାରି, ହୋଲି ଖେଳ, ବାଗୁଡ଼ି, ଡାଳ ମାଙ୍କୁଡ଼ି, ନାଳି ରାସ୍ତାରେ ଶଗଡ଼ରେ ବସି ବିଲକୁ ଯିବା, ଉଠୁ ଉଠୁ ଆଖିରେ ପଡ଼ିବ ଛେଳି, ଗାଈ, କୁକୁଡ଼ା, ବତକଙ୍କୁ ଜେଜୀମା ଦାନା ଦେବା, ଦଉଡ଼ିଆ ଖଟରେ ବସି ଜେଜେଙ୍କ ହୁକାଟଣା। ଏମିତି କେତେ କ'ଣ! ହରିଆ ଅଜାଙ୍କ ଆମ୍ବତୋଟା ଥିଲା ସବୁଠୁ ଲୋଭନୀୟ। କେତେ କିସମର ଆମ୍ବ, ନାଳି ଟହଟହ, ଝୁଡ଼ି ଝୁଡ଼ି ଆମ୍ବ ଯାଏ ସହରକୁ, ଗାଁ ହାଟକୁ। ବାଡ଼ ଡେଇଁ ଆମ୍ବ ଚୋରି କରିବାର ବି ମଜା ଅଲଗା ପ୍ରକାରର। ଚାଷ ଜମିରେ ଖେଳୁଥାଏ ଶାଗୁଆ ପବନ। ଏ ଜମି ଆମର ଭାତହାଣ୍ଡି, ଲକ୍ଷ୍ମୀ ବୋଲି ବାପା କହନ୍ତି। କେବେ କେବେ ସନ୍ଧ୍ୟାବେଳେ ଭାଗବତ ଟୁଙ୍ଗିକୁ ନେଇ ଯାଆନ୍ତି। ବିଲ ହିଡ଼ରେ ଲମ୍ବିଥାଏ କାଶତଣ୍ଡୀର ଲମ୍ବାଝାଡ଼, ମନେ ହୁଏ ଧଳା ରଙ୍ଗର ଓଢ଼ଣିଟି ଲମ୍ବି ଯାଇଛି। ବର୍ଷା ଦିନରେ କାଦୁଅ ପଚ୍ ପଚ୍ ଦାଣ୍ଡ, ଚାଲିବାରେ ବି ମଜା। ଏମିତି ତ ରଫଖାତା ଚିରି କାଗଜ ଡଙ୍ଗା ଭସାଇବାର ଅନୁଭବ ଅଳ୍ପେ ବହୁତ ସମସ୍ତଙ୍କ ଥିବ। ପୁଣି ଛତୁତୋଳା, ନାଲି ସାଧବବୋହୂ ଭେଲଭେଟ୍ ଚାଦର ଘୋଡ଼ାଇ ମୁଲାୟମ ସବୁଜ ଘାସ ଗାଲିଚାରେ ମନ୍ଦ ମନ୍ଦ ଚାଲିବା, ଗୁଡ଼ିଉଡ଼ା, ମାଛଧରା, ବର୍ଷାରେ ଲୁହା କଡ଼େଇରେ ଧାନସିଝା, ବଣଭୋଜି ଏମିତି କେତେ କେତେ ସ୍ମୃତି। ଗାଁ ଛାଡ଼ି ଦୂରରେ ରହିଲା ବେଳେ ଏସବୁ କେବଳ ମନେ ପଡ଼େନି, ଝୁରି ହେବାକୁ ପଡ଼ିଛି।

ଦେଖୁଦେଖୁ ଜେଜେ, ଜେଜୀମା ଚାଲିଗଲେ। ତା'ର କେଇଟା ବର୍ଷ ପରେ ବାପା। ବାପାଙ୍କୁ ଝୁରିଝୁରି ମା' ବି ଚାଲିଗଲା। ସୁରଜଙ୍କର ଗାଁକୁ ଆସିବା କମିଗଲା। ଅବଶ୍ୟ ତାଙ୍କର ଏବେ ବି ଏକାନ୍ନବର୍ତ୍ତୀ ପରିବାର। କକା, ଖୁଡ଼ୀ, ବଡ଼ମା, ସେମାନଙ୍କର ପିଲାପିଲିଙ୍କ ଭିତରେ ଏତେଟା ସ୍ୱାର୍ଥପରତା ଆସି ନାହିଁ। ଏ ଭିତରେ ଦଶବର୍ଷ ହେଲା ଆସିପାରି ନାହାନ୍ତି ସୁରଜ। ହେଲେ ଦଶବର୍ଷରେ ଗାଁରେ ଏତେ ପରିବର୍ତ୍ତନ ଆସିଯିବ, ସେ କଳ୍ପନା ମଧ୍ୟ କରିପାରୁ ନ ଥିଲେ। ପରିଚିତ ଗାଁ ଏତେ ଅଚିହ୍ନା ଲାଗିବ ଭାବିପାରୁ ନ ଥିଲେ ସୁରଜ। ଷ୍ଟେସନରେ ଓହ୍ଲାଇ ରିକ୍ସା ଖୋଜୁଥିବାବେଳେ ଧାଡ଼ିଏ ଅଟୋ ଠିଆ ହୋଇଥିଲା। ଏବେ କୁଆଡ଼େ ରିକ୍ସା ଚାଲୁନି। ରିକ୍ସାରେ ଯିବାକୁ କେହି ପସନ୍ଦ କରୁନାହାନ୍ତି। ମାଗୁଣିର ଶଗଡ଼ ଭଳି ସେମାନେ କୁଆଡ଼େ ହଜିଗଲେଣି। ଗାଁ ଦାଣ୍ଡରେ ଆଉ ନାଳି ସଡ଼କ ନ ଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପିଚୁରାସ୍ତା। ରାସ୍ତାର ଓସାର ପାଇଁ କେଉଁ ଅମଳର ବିରାଟ ବିରାଟ ଗଛ କଟା ହୋଇ ସାରିଥିଲା। ଆଉ ପଥକ୍ଳାନ୍ତ ମଣିଷ ପାଇଁ, ଗାଈଗୋରୁଙ୍କ ପାଇଁ ଗଛର ଛାଇ ବିରଳ। ଆରେ, ହରିଆ ଅଜାଙ୍କ ଆମ୍ବତୋଟାଟା କୁଆଡ଼େ ଗଲା? ଅଟୋବାଲା ତାଙ୍କ କଥା ଶୁଣି ପରାରୁଥିଲା, ଏଠି କ'ଣ ନୂଆ ଆସିଛନ୍ତି ସାରେ? ହରିଆ ବୁଢ଼ାଙ୍କ ପିଲାମାନେ ବୁଢ଼ା ଗଲାପରେ କେଉଁ ଇଟାଭାଟି ମାଲିକକୁ ବିକିଦେଲେ। ମିଠା ସୁଆଦିଆ ଆମ୍ବଗଛ ସବୁ ଧରାଶାୟୀ ହେଲେ। କୁଆ, କୋଇଲି ବାସ ହରାଇଲେ। ସେଇଠି ଏ ଇଟାଭାଟି ହୋଇଛି। ଯେଉଁଠି ନାଳି ଟହଟହ ପାଚିଲା ଆମ୍ବ ହସୁଥିଲା, ସେଠି ଇଟାଭାଟିର କଳାଧୂଆଁ। ସୁରଜ ଆହୁରି ବି ଜାଣିବାକୁ ପାଇଲେ କେବଳ ସେତିକି ନୁହେଁ, ଭାତଥାଳି ଭଳି ଚାଷ ଜମି ସବୁକୁ ପ୍ଲଟିଂ କରି ଦଲାଲମାନଙ୍କୁ ବିକ୍ରି କରି ଦିଆଗଲାଣି। ସେଠି ଏବେ ବିଲ୍ଡରମାନେ ବଡ଼ ବଡ଼ ଘର, ମଲ୍ ସବୁ ତୋଳିଲେଣି।

ଗାଁରେ ଆଜିକାଲି କେହି ପରିଶ୍ରମ କରିବାକୁ ରାଜି ନୁହଁନ୍ତି। ସରକାରଙ୍କର ମାଗଣା ଚାଉଳ, ରାସନ ମିଳୁଛି। ମାଗଣାରେ ଯଦି ମିଳୁଛି ଖରାରେ କି ପାଣିକାଦୁଅରେ ଲୋକେ କାହିଁକି ଖଟିବାକୁ ଯିବେ? କେହି ଘରର କିଛି କାମ କରିବା ପାଇଁ ମୂଲିଆ ପାଉ ନାହାନ୍ତି, ଚାଷ ତ ଦୂରର କଥା। ଧାନ କେତେ ବା ଅମଳ ହେଉଛି। ପୁଣି ଆଜି ବଢ଼ି ତ କାଲି ମରୁଡ଼ି। ଫସଲ ଅମଳ ବେଳକୁ ଅଦିନିଆ ବର୍ଷା, ପୋକଜୋକ ଲାଗିଯିବା। ବରଂ ଜମିସବୁକୁ ବିକିଦେଲେ ଟଙ୍କାକୁ ବ୍ୟାଙ୍କରେ ରଖିଲେ ଲାଭ ହେବ। ଚାଉଳର ତ ଅଭାବ ବି ଏବେ ନାହିଁ।

ଘରେ ପହଞ୍ଚିଲା ବେଳକୁ ସାନଖୁଡ଼ୀ, କକା, ପିଲାମାନେ ଘେରି ଯାଇଥିଲେ। ମୁଣ୍ଡିଆ ପର୍ବ ସରିଲା ପରେ ଝିଆରୀ ଆସି ସର୍ବତ ବଢ଼ାଇ ଦେଲା। ସୁରଜ ତାକୁ ଚାହିଁଲେ। ବାପା ଥିବାବେଳେ ସେ ଆସୁଛି ବୋଲି ପଇଡ଼ ବିଛା ହୋଇ ପହଞ୍ଚୁ ପହଞ୍ଚୁ ପଇଡ଼ ପାଣି ମିଳିଯିବ। ସୁରଜ ପଚାରିଲେ, ଏବେ କ'ଣ ପଇଡ଼ ବିଛା ହେଉନି ନା ଗାଁରେ ଲେମ୍ବୁ ସର୍ବତ ଚଳୁନି? ଖୁଡ଼ୀ ଆଗଭର ହୋଇ କହି ପକାଇଲେ, ସେସବୁ କ'ଣ ଆଉ ଚଳୁଛି ପୁଅ? ଏବେ ତ ପଖାଳ, ଶାଗ, ବଡ଼ି ପୋଡ଼ାକୁ ନାକ ଟେକିଲେଣି ପିଲାଏ। ଚୁଡ଼ା ଚକଟା ବଦଳରେ ମେଗି, ଚାଉମିନ୍ ଦରକାର। ଆମର ବିରି ଚକୁଳି ବଦଳରେ ସେମାନଙ୍କୁ ପିଜା ସୁଆଦିଆ। ତାଙ୍କ ଇଚ୍ଛା ତ ପୂରଣ କରିବାକୁ ହେବନା!

ସୁରଜଙ୍କର ଆଉ କିଛି ପଚାରିବାର ନ ଥିଲା। ଖିଆପିଆ ସାରି ଉପରବେଳା ଗାଁ ବୁଲି ବାହାରିଲେ। ହେଲେ ତାଙ୍କୁ ସମୟ ଦେବାକୁ କେହି ବାହାରିଲେ ନାହିଁ। ସେ ତ ଭାବିଥିଲେ ଦଶବର୍ଷ ପରେ ତାଙ୍କୁ ଦେଖି ଗାଁରେ ରହୁଥିବା ସାଙ୍ଗମାନେ କୁଣ୍ଢେଇ ପକାଇବେ। ହେଲେ ସେମିତି କିଛି ଘଟିଲା ନାହିଁ। ସମସ୍ତଙ୍କ ହାତରେ ଗୋଟାଏ ଗୋଟାଏ ସ୍ମାର୍ଟଫୋନ୍। ଗାଁ ତ ଏବେ ସହର ସହର ବାସିଲାଣି। ବିଲବାଡ଼ି, ଗୋରୁଗାଈ ଧନ୍ଦା ବୁଝିବାକୁ ପଡୁନି। ସରକାରୀ ସୁବିଧା ସୁଯୋଗ ଜୀବନକୁ ବେଶ୍ ଆରାମଦାୟକ କରିଦେଇଛି। ପିଲାଠୁ ବୁଢ଼ା ଯାଏଁ ସ୍ମାର୍ଟଫୋନ୍, ଟି.ଭି ଧାରାବାହିକର ପ୍ରେମରେ। କରୋନାଟା କିଛି ନ ହେଲେ ଅନଲାଇନ୍‌ରେ ପାଠପଢ଼ା ପାଇଁ ଛୋଟଛୋଟ ପିଲାଙ୍କ ହାତରେ ଫୋନ୍ ଧରାଇ ସବୁ ପେଞ୍ଚ ଶିଖାଇ ଦେଲା। ପାଠଠାରୁ ଶାଠ ବଳିଗଲା ଶିଖିବାରେ। ଜୟ ହୋ କରୋନା। ତା'ରି ଭିତରେ କେବେଠୁ ଭାଙ୍ଗି ଗଲାଣି ବାପା, ଜେଜେଙ୍କ ଅମଳର ସେ ଭାଗବତ ଟୁଙ୍ଗି। ଡିଙ୍କି ଶବ୍ଦ ଶୁଭୁନି କି ରଫ୍‌ଖାତା ଚିରି କେହି କାଗଜ ଡଙ୍ଗା ଭସାଉନି। ଶଗଡ଼ ଜାଗାରେ ଟ୍ରାକ୍ଟର।

ସୁରଜ ଚିହ୍ନି ପାରୁ ନଥିଲେ ନିଜ ଗାଁକୁ। ନିଜ ମଣିଷମାନଙ୍କୁ, ସେ ନିଜେ ଯେମିତି ଅଜଣା ବାଟୋଇ। ତାଙ୍କ ପିଲାଦିନର ଗାଁ ତା'ର ସ୍ନିଗ୍ଧ ରୂପ, ଲାଳିତ୍ୟ ହରାଇ ଦେଲା ଭଳି ସେ ବି ଏଠି ତାଙ୍କ ପରିଚୟ ହରାଇ ଦେଇଛନ୍ତି। କିଛି ଦିନ ଗାଁରେ କଟାଇବାକୁ ଆସିଥିବା ସୁରଜଙ୍କ ମନ ଭାଙ୍ଗି ଯାଇଥିଲା। ସେ ଫେରୁଥିଲେ ଷ୍ଟେସନକୁ। ସେଠୁ ଯିବେ ଦିଲ୍ଲୀ, ପୁଣି ନିଜ କର୍ମସ୍ଥଳୀ। ■


ମୋ: ୯୪୩୭୧୧୭ ୬୨୭




## ଏ ସପ୍ତାହର କବିତା



### ଜାଲ



କେଦାର ମିଶ୍ର

ଜାଲ ପାତିଛି ଶିକାରୀ
ଜାଲ ବାନ୍ଧିଛି କେଉଟ
ଜାଲ ପିନ୍ଧେଇଛି ମହାରାଜା
ଜାଲକୁ ଶାଢ଼ି କରି ପିନ୍ଧିଛି ଉର୍ବଶୀ
ଆକାଶକୁ ଜାଲ କରି ପୃଥିବୀକୁ ଧରି ରଖିଛି
କେହି ଜଣେ ମଣିଷ ପରି ଈଶ୍ୱର।

ଜାଲ ପିଣ୍ଡ, ଜାଲ ଇ ବ୍ରହ୍ମାଣ୍ଡ
ଜାଲ ଭିତରେ କାମନାର କୋଟିଏ କାହାଣୀ
ଜାଲ ଭିତରେ ମୋକ୍ଷ
ଜାଲ ଭିତରେ ବେଶ ହେଉଛି
ପ୍ରେମ ଓ ବିଶ୍ୱାସଘାତକତା
ଜାଲ ଭିତରେ ସଚରାଚର
ଘର ଓ ସମୁଦ୍ର।

ଜାଲ ତମର ପ୍ରେମ
ଜାଲ ମୋ' ମା'ର ମମତା
ଜାଲ ତମର ପ୍ରତିଶ୍ରୁତି
ଜାଲ ତମର ବଗିଚା ଓ
ମୋର କବିତା ।

ସବୁ ଯଦି ଜାଲ
ମାଛ କିଏ ହୋ କବି !! ■


ବିନୋଦିନୀ ନିବାସ, ୨୬୫/୧୭୩୬ ଏ
ଶାସ୍ତ୍ରୀ ନଗର, ୟୁନିଟ୍-୪, ଭୁବନେଶ୍ୱର


### ସକାଳର ଚା' କପ୍



ସତ୍ୟନାରାୟଣ ଗନ୍ତାୟତ

ନିଶ୍ଚିତ ହେବାର ଥାଏ ତ'
ସକାଳ ହୁଏ
ତେବେ
ସକାଳ କିନ୍ତୁ
ଆହୁରି ସତେଜ ଲାଗେ
ଚା' କପ୍ ଧରିଲେ ହାତରେ !

ତା' ପରେ ଅବଶ୍ୟ
ଅନୁଭବୀ ହୁଏ ସୂର୍ଯ୍ୟଙ୍କୁ ବି
ଯିଏ ଉଇଁ ସାରିଥାନ୍ତି
ପୂର୍ବାହ୍ନ ମଧ୍ୟାହ୍ନ ଓ ଅପରାହ୍ଣରେ
ତେଜ ଭରି ଦେଇ
ସକାଳକୁ ଦିନଟିଏ କରି
ଭେଟି ଦେଇ ଯିବା ପାଇଁ
ସାୟାହ୍ନ ଶେଷରେ !

ତେବେ ସକାଳ ପରି
ନିଶ୍ଚିତ ନୁହେଁ କିନ୍ତୁ
କିଛି ବୋଲି କିଛି ଆଉ ଏଠି
ଫି ମୁହୂର୍ତ୍ତ କରି ପକାଉ ଥାନ୍ତି
ଅବଶ ବିବଶ ଓ ମ୍ଳାନ
କୌଣସି ନା କୌଣସି ଆଳରେ !

ତେଣୁ ତ'
ଦିନଟିଏ ବିତାଇବାକୁ
ଲୋଡ଼ାପଡ଼େ ତାଜାପଣ
ହେଉ ପଛେ କେଇ ମୁହୂର୍ତ୍ତକ ପାଇଁ
ସାଇତା ହୋଇ ରହିଥାଏ
ଯାହା ଚା' କପ୍ ଭିତରେ !

ହଁ କହିବ ତ କହ ହଁ
ନା ବି କହିବାକୁ ଜମା ମନା ନାହିଁ
ତେବେ ହଁ ଭିତରର ନା' ଓ
ନା' ଭିତରର ହଁ ପାଇଁ ସିନା
ଲାଗୁଥାଏ ସବୁ ଅନିଶ୍ଚିତ
ଯାବତ ଦହଗଞ୍ଜମୟ
ପ୍ରତିଟି ମୁହୂର୍ତ୍ତ !

ଦିନଟେ ବିତାଇବା ଭିତରେ
ତେଣୁ ଶେଷେ
ଝୁରିବାକୁ ହୁଏ ସକାଳକୁ
ଅନିଷା କରିବାକୁ ହୁଏ
ପୁଣି ଥରେ ଚା' କପ୍ ଧରି
ସତେଜ ହେବାକୁ
ନିଶ୍ଚିତ ତାଜାପଣେ ଭରପୂର
ଅର୍ଘ୍ୟ ଏକ ନୂଆ ସକାଳରେ !! ■


'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା: ୭୬୫୦୦୧
ମୋ: ୯୪୩୭ ୯୦୯ ୬୭୫


# ସମାଲୋଚନା ସାହିତ୍ୟର କଳାକୌଶଳ



ଡକ୍ଟର ମିଳନ ମହାନ୍ତ

ସାହିତ୍ୟ ଅଯତ୍ନ ବର୍ଦ୍ଧିତ ଅରଣ୍ୟଫସଲ ହେଲେ ସମାଲୋଚନା ଏକ ସୁରମ୍ୟଉଦ୍ୟାନର ବିମୁଗ୍ଧ ପରିକଳ୍ପନା। ମୌଳିକ ସୃଷ୍ଟିର ଶୈଳ୍ପିକ ଦୋଷ-ଦୁର୍ବଳତା ଓ ଗୁଣ-ଗରିମାର ସମ୍ୟକ୍ କଳାତ୍ମକ ଆଲୋଚନା ହିଁ ସମାଲୋଚନା। Criticism is an art of interpreting Art Johnathon Richardson. ଗୋଟିଏ ରଚନାର ଯଥାଯଥ ବ୍ୟାଖ୍ୟାତ୍ମକ ବିବେଚନା ନିମନ୍ତେ ଆବଶ୍ୟକ ହୁଏ ଗଭୀର ଶାସ୍ତ୍ରଜ୍ଞାନ ଓ ଗବେଷଣା। ଅଭ୍ୟାସକ୍ରମେ ଏହା ଏକ ଉତ୍କୃଷ୍ଟ ଅନୁସୃଜନାତ୍ମକ କଳାକୌଶଳରେ ରୂପାନ୍ତରିତ ହୋଇଥାଏ ଏବଂ ନବନବ ଉନ୍ମେଷଶାଳିନୀ ପ୍ରତିଭାକୁ ସୃଷ୍ଟିମୁଖର କରି ରଖେ। ଫଳସ୍ୱରୂପ ଜାତୀୟ ଜୀବନ ନିର୍ବେଦତାର ଆଶ୍ଳେଷରୁ ମୁକ୍ତ ହୋଇ ବଞ୍ଚିରହିବାର ନୂତନ ସ୍ପନ୍ଦନ ଲାଭ କରିଥାଏ।

ଅସଲରେ କବି ବା ଲେଖକ ହିଁ ସମାଜର ପ୍ରଥମ ସମାଲୋଚକ। ସମୀକ୍ଷାର ତୃତୀୟ ନେତ୍ରରେ ସେ ସମାଜର ଉଚିତ ଅନୁଚିତକୁ ବିଚାର କରେ। ତଦନୁସାରେ ତା' ଆଖିର ମୂଳ ଦେଇ ପୁଣି ଏକ ଭବ୍ୟ ଜଗତର ପରିକଳ୍ପନା କରେ। ସମାଜର ଅବ୍ୟବସ୍ଥାକୁ ପସନ୍ଦ କରି ନପାରିଲେ ସେ ପ୍ରତିକ୍ରିୟାଶୀଳ ହେଉଥିବାର ମଧ୍ୟ ଲକ୍ଷ୍ୟ କରାଯାଏ–

"କବି ଯା କରେ ମୂର୍ଖକୁ ସ୍ତୁତି/ ଏଥିକି ନାହିଁ ବଡ଼ ବିପତ୍ତି / ଏଥିକି ପ୍ରତି ଛାତିକି କାତି ମାରିବା ଭଲ ଯେ।"-ଦୀନକୃଷ୍ଣ ଦାସ

କବି ଦିଅଁ ଗଢୁଗଢୁ ଅବଶ୍ୟ ମାଙ୍କଡ଼ ହୋଇଯାଇପାରେ। ବିଭୁକୃପା, ସାଧନା କିମ୍ବା ପ୍ରତିଭାର ଅଭାବରୁ କବିର ସର୍ଜନା ହୁଏତ ଉଚ୍ଚକୋଟୀ ଲାଭ କରିବାରୁ ବଞ୍ଚିତ ହୁଏ। କିନ୍ତୁ ତାହା ସମାଲୋଚକର ନିକିତିରେ ତଉଲା ଯାଏ। ଏତିକିବେଳେ ସମାଲୋଚକ ସାଜେ ସ୍ରଷ୍ଟାର ମୁଖପାତ୍ର ବା 'କହିବା ଲୋକ'। ନବଜାତକର ଉପମାତା ତୁଲ୍ୟ ମୂଳ ରଚନାର ଜଗୁଆଳ, ସଂରକ୍ଷକ ଓ ପୃଷ୍ଠପୋଷକ। ଏଥିପାଇଁ ସମାଲୋଚକ କବିର ଅନ୍ତରାତ୍ମାକୁ ଓ ରଚନାର ଆଭିମୁଖ୍ୟକୁ ପ୍ରଥମେ ବୁଝେ। ଅନ୍ୟମାନେ ବି ସେହିପରି ବୁଝନ୍ତୁ ବୋଲି ସେ ଚାହେଁ ଏବଂ ସେଥିପାଇଁ ପଦକ୍ଷେପ ନିଏ। ସମାଲୋଚନାତ୍ମକ ଭାଷାରେ ତା'ର ଅବବୋଧକୁ ଅଭିବ୍ୟକ୍ତି ପ୍ରଦାନ କରେ। ଏଥିପାଇଁ ସମାଲୋଚକକୁ କାୟମନୋବାକ୍ୟରେ କାବ୍ୟର ବିଦଗ୍ଧ, ରସିକ ଓ ସହୃଦୟ ଗ୍ରାହକ ହେବାକୁ ପଡ଼େ।

ସମାଲୋଚନାର ଭାଷା ବୈଜ୍ଞାନିକ, ଯୁକ୍ତି ଓ ତଥ୍ୟପ୍ରମାଣ ସମ୍ମତ ହୋଇଥାଏ। ଭାଷାର ଛଦ୍ମତା, ଔପଚାରିକତା, ଅତିରଞ୍ଜନ ବା ଆଳଂକାରିକତା ଏଥିରେ ଅଲୋଡ଼ା। ଲେଖକ ଓ ପାଠକ ମଧ୍ୟରେ ମଧ୍ୟସ୍ଥତା ଯେହେତୁ ସମାଲୋଚକର ପ୍ରଧାନ ଭୂମିକା, ତା'ର ଭାଷା ଯଥାସମ୍ଭବ ପ୍ରତ୍ୟକ୍ଷ, ସରଳ ଓ ବୋଧଗମ୍ୟ ହେବା ଜରୁରୀ। ଏ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ପାରଦର୍ଶୀ ସାରସ୍ୱତ ସ୍ରଷ୍ଟା ମାୟାଧର ମାନସିଂ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସର୍ଜନଶୀଳ ସମାଲୋଚନାର ଦୃଷ୍ଟାନ୍ତ ରଖିଯାଇଛନ୍ତି। ଉତ୍କଳ ଭାରତୀ କୁନ୍ତଳାକୁମାରୀଙ୍କ ଦୁଃଖଦୈନ୍ୟ ଭରା ସାରସ୍ୱତ ସାଧନା ଓ ଜୀବନର ସ୍ୱରୂପ ଆକଳନ କରି ମାୟାଧର ମାନସିଂ ଲେଖନ୍ତି ଯେ- କୁନ୍ତଳା କୁମାରୀ ଗୁଳ୍ମାଚ୍ଛନ୍ନ ବ୍ରତତୀଟିଏ। ଆଲୋକାଭିସାର ବ୍ରତରେ ଦେହଶ୍ରୀ ରୁଗ୍ଣ, ନିସ୍ତେଜ। ତଥାପି ଶିରାରେ ଶିରାରେ ସର୍ଜନାର କେତେ ଯେ ଆନନ୍ଦର ସ୍ରୋତ ପ୍ରବାହିତ। ଠିକ୍ ସେହିପରି କବି ରାଧାନାଥଙ୍କ ବିଷୟରେ କହିଛନ୍ତି ଯେ- ତାଙ୍କର ସମଗ୍ର ରଚନା ଓଡ଼ିଶାର କେତେଗୋଟି ପଦ୍ୟମୟ କିମ୍ବଦନ୍ତୀର ସମାହାର ମାତ୍ର। କବିଙ୍କର ଲଳିତ ବର୍ଣ୍ଣନାକୌଶଳ ଓ ସୌନ୍ଦର୍ଯ୍ୟଦୃଷ୍ଟିର ପ୍ରଶଂସା କରିଥିଲେ ହେଁ ଜୀବନରସ ବିହୀନ ତୁଚ୍ଛ କଳ୍ପନାକୁ ସେ ପ୍ରଶଂସା କରି ପାରିନାହାନ୍ତି। କହିଛନ୍ତି- କବିଙ୍କ କାବ୍ୟଚୟ ଶୂନ୍ୟଗର୍ଭ ସ୍ୱର୍ଣ୍ଣପାତ୍ର ତୁଲ୍ୟ ଅନ୍ତଃସାରଶୂନ୍ୟ। ମାନବ ହୃଦୟର ଗଭୀର ଓ ଶାଶ୍ୱତ ଅନୁଭବକୁ ବହନ କରୁଥିବା କଳ୍ପନାନୁରଞ୍ଜନର ଅଭାବରେ 'ଲାବଣ୍ୟବତୀ' ପରି ଜୀବନ୍ତ ନାୟିକାଟିଏ ସେଥିରେ ବିରଳ।

କବିଟିଏ ଆପଣା ସୃଜନଶିଳ୍ପ ନିମନ୍ତେ କଳ୍ପନାକୁ ପୁଞ୍ଜି କରେ। ସେହିପରି ସମାଲୋଚକର ମୂଳ ପୁଞ୍ଜି ହୁଏ- ଜ୍ଞାନ।

> କବିଟିଏ ଆପଣା ସୃଜନଶିଳ୍ପ ନିମନ୍ତେ କଳ୍ପନାକୁ ପୁଞ୍ଜି କରେ। ସେହିପରି ସମାଲୋଚକର ମୂଳ ପୁଞ୍ଜି ହୁଏ- ଜ୍ଞାନ। ସମାଲୋଚନାରେ କବିଜନୋଚିତ ଭାବପ୍ରବଣତାର ସ୍ଥାନ ନାହିଁ। ଫକୀରମୋହନଙ୍କ ଭାଷାରେ ପ୍ରତ୍ୟେକ ମନୁଷ୍ୟ ଅଭ୍ୟନ୍ତରରେ କବିର କଳ୍ପନାଶକ୍ତି ନିହିତ ଅଛି। ମାତ୍ର ଅଭିବ୍ୟକ୍ତି କୌଶଳର ଅଭାବରୁ ସମସ୍ତେ କବି ହୋଇ ପାରନ୍ତି ନାହିଁ। ଠିକ୍ ସେହିପରି ପ୍ରତ୍ୟେକ ବ୍ୟକ୍ତି ନିକଟରେ ଭଲମନ୍ଦ ବିଚାର ଶକ୍ତି ଅବଶ୍ୟ ଅଛି। ଏହି ଶକ୍ତି ବଳରେ ମନୁଷ୍ୟ ପ୍ରତ୍ୟେକ ଘଟଣା, କଳା, ସାହିତ୍ୟ, ରାଜନୀତିକୁ ପ୍ରତିନିୟତ ସମାଲୋଚନା କରୁଥାଏ।

ସମାଲୋଚନାରେ କବିଜନୋଚିତ ଭାବପ୍ରବଣତାର ସ୍ଥାନ ନାହିଁ। ଫକୀରମୋହନଙ୍କ ଭାଷାରେ ପ୍ରତ୍ୟେକ ମନୁଷ୍ୟ ଅଭ୍ୟନ୍ତରରେ କବିର କଳ୍ପନାଶକ୍ତି ନିହିତ ଅଛି। ମାତ୍ର ଅଭିବ୍ୟକ୍ତି କୌଶଳର ଅଭାବରୁ ସମସ୍ତେ କବି ହୋଇ ପାରନ୍ତି ନାହିଁ। ଠିକ୍ ସେହିପରି ପ୍ରତ୍ୟେକ ବ୍ୟକ୍ତି ନିକଟରେ ଭଲମନ୍ଦ ବିଚାର ଶକ୍ତି ଅବଶ୍ୟ ଅଛି। ଏହି ଶକ୍ତି ବଳରେ ମନୁଷ୍ୟ ପ୍ରତ୍ୟେକ ଘଟଣା, କଳା, ସାହିତ୍ୟ, ରାଜନୀତିକୁ ପ୍ରତିନିୟତ ସମାଲୋଚନା କରୁଥାଏ। ତେବେ ଅଧିକାଂଶ ସ୍ଥଳେ ଏହା ଏକଦେଶଦର୍ଶୀ, ନକାରାତ୍ମକ ଦୋଷଦୁଷ୍ଟ ହେଉଥିବା ପରିଲକ୍ଷିତ ହୁଏ। କିନ୍ତୁ ଉତ୍କୃଷ୍ଟ ସମାଲୋଚନାର ଅଭିଳଷିତ ଲକ୍ଷ୍ୟ ଗଠନମୂଳକ ଓ ସକାରାତ୍ମକ ହେବା ଆବଶ୍ୟକ। ଗୋଟିଏ ସାରସ୍ୱତ ସୃଷ୍ଟିର ଅନ୍ତଃସ୍ୱର ଓ ଉତ୍କୃଷ୍ଟତା ନିର୍ଣ୍ଣୟରେ ସମାଲୋଚନା ନିଯୁକ୍ତ ହେଲେ ଅତି ଉତ୍ତମ। କାରଣ ସାହିତ୍ୟ ହେଉଛି ସମାଜର ହିତ ସାଧକ। ସତ୍ୟ, ଶିବ, ମଙ୍ଗଳର ପ୍ରତିଷ୍ଠାପକ। ସାହିତ୍ୟର ଏହି ମୌଳିକ କର୍ତ୍ତବ୍ୟ ସମ୍ପାଦନର ସାମୁଦ୍ରିକ ପଥରେ ସମାଲୋଚନା ଏକ ସୁଉଚ୍ଚ ଦିଗବାରେଣୀ ଆଲୋକସ୍ତମ୍ଭ ସଦୃଶ।

ପାଠାଲୋଚନା, ସମକାଳୀନ ସୃଷ୍ଟିସମୂହର ଆଲୋଚନା, ଐତିହାସିକ ସମାଲୋଚନା, ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଆଧାରିତ, ଦାର୍ଶନିକ ଓ ମନସ୍ତାତ୍ତ୍ୱିକ ଆଲୋଚନା ଆଦି ବିବିଧ ଭାଗରେ ବିଭକ୍ତ -ଏହି ସମାଲୋଚନା ସାହିତ୍ୟ। ନଟବର ସାମନ୍ତରାୟ, ସୂର୍ଯ୍ୟନାରାୟଣ ଦାସ, ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ଦାଶ, ଖଗେଶ୍ୱର ମହାପାତ୍ର, ନିତ୍ୟାନନ୍ଦ ଶତପଥୀ, କୃଷ୍ଣ ଚରଣ ବେହେରା, ଦାଶରଥି ଦାସ, ନୀଳାଦ୍ରିଭୂଷଣ ହରିଚନ୍ଦନ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖ ଏ ଦୃଷ୍ଟିରୁ ପ୍ରଥମେ ଜଣେ ଜଣେ ନିଷ୍ଠାପର ଗବେଷକ, ତତ୍‌ପରେ ସମର୍ଥ ସମାଲୋଚକ। ଏଥିପାଇଁ 'ନ୍ୟାୟାଦି ଶାସ୍ତ୍ର ପୁରାଣ', ଇତିହାସ, ସଂସ୍କୃତି, ଦର୍ଶନ, ସମାଜତତ୍ତ୍ୱ, ରାଜନୀତି, ବିଜ୍ଞାନ, ଧର୍ମ ଆଦି ବିବିଧ ବିଷୟଗତ ଜ୍ଞାନ ନ ଥିଲେ ଜଣେ ଏତାଦୃଶ ଦକ୍ଷ ସମାଲୋଚକ ହେବା ଅସମ୍ଭବ।

'ଇନ୍ଦ୍ରଧନୁ'ଓ 'ବିଜୁଳି'ର ଆଲୋଚନା ପରି ଏକଦେଶଦର୍ଶୀ ବିବାଦାସ୍ପଦ ସମାଲୋଚନା ଅପରିପକ୍ୱତାର ସୂଚକ। ନିରଙ୍କୁଶ କବିଙ୍କୁ ଶାସନ, ବ୍ୟକ୍ତିଗତ କୁତ୍ସାରଟନାଦି ଉତ୍କୃଷ୍ଟ ସମାଲୋଚନାର ଲକ୍ଷଣ ଆଦୌ ନୁହେଁ। ପରମଶାସ୍ତ୍ରଜ୍ଞାନ ସମ୍ବଳିତ ବିଶାଳ ଛାତିନେଇ ସାରସ୍ୱତ ସୃଷ୍ଟି ମଧ୍ୟରେ ମାନବ ସମାଜ ଓ ସଂସ୍କୃତିର ଆତ୍ମା ଆବିଷ୍କାରରେ ଦୃଷ୍ଟିନିବଦ୍ଧ କରିବା ହିଁ ସମାଲୋଚକର ଧ୍ୟେୟ ହେବା ଉଚିତ। ସମାଲୋଚକ ନିଜକୁ କ୍ଷୁଦ୍ର ପୁଷ୍କରିଣୀର ବଡ଼ ମାଛ ନ କରି, ଗଭୀର ଜ୍ଞାନସମୁଦ୍ରରେ ନିଜକୁ ଛୋଟ ମାଛଟିଏ ପରି ସନ୍ତରଣ ପ୍ରୟାସୀ କରିବା ହିଁ ସମାଲୋଚନା ସାହିତ୍ୟର ଶୁଭ ଲକ୍ଷଣ। ■


ଅଧ୍ୟାପକ, ରାଇରଙ୍ଗପୁର ମହାବିଦ୍ୟାଳୟ
ମୟୂରଭଞ୍ଜ-୭୫୭୦୪୩


## ପୁସ୍ତକ ପରିଚୟ

### ଚଂଦ୍ରବର୍ଣ୍ଣା

ଅଜୟ ପ୍ରଧାନ

"କାହାଣୀ ସରେନାଇଁ ଆପେ/ ସୂତାଖିଅ ପରି ଗଅଁଠେଇ ହେଇଯାଏ ବରଂ;/ତମ ମୋ ସଂପର୍କ ନଈ ହେଇ/ ବହି ଯାଏ ଦୂରଦୂରାଂତର।"(ଚଂଦ୍ରବର୍ଣ୍ଣା, ପୃଷ୍ଠା-୨୩) ସଂପର୍କର ଭାବ ବନ୍ଧନରେ ବନ୍ଧା ଏ ଜୀବନ। ଛାତି ତଳର ସଂଗୁପ୍ତ ଭାବନା କେତେବେଳେ ପ୍ରେମିକା ସମ୍ମୁଖରେ କୋହ ହୋଇ ବାହାରି ପଡ଼େ, ପୁଣି କେବେ ଅସରନ୍ତି ଭଲ ପାଇବା ପ୍ରକଟିତ ହୋଇଯାଏ ନିଃସଂକୋଚରେ। କବି ଅଜୟ ପ୍ରଧାନଙ୍କ କାବ୍ୟ 'ଚଂଦ୍ରବର୍ଣ୍ଣା'ରେ ପ୍ରେମ ଓ ଅନୁରାଗର ବିବିଧ ରୂପ ଚିତ୍ରିତ ହୋଇଛି ଅତି ମାର୍ମିକ ଭାବରେ। ଆପଣା ମଣିଷର ସାନ୍ନିଧ୍ୟ ପାଇବା ପାଇଁ ବ୍ୟାକୁଳତା ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି ଏହି କାବ୍ୟରେ। ଏହି କାବ୍ୟକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'ଚଂଦ୍ରବର୍ଣ୍ଣା' ଓ ଦ୍ୱିତୀୟ ଭାଗ 'ଚଂଦ୍ରାବଳୀ'। ପୌରାଣିକ ଚରିତ୍ରକୁ ଆଧୁନିକ କବିତାରେ ଚିତ୍ରିତ କରିବାରେ କବି ବେଶ୍ ସଫଳ ହୋଇଛନ୍ତି। ନିଜର ପ୍ରିୟ ପୁରୁଷ ପାଖରେ ସମର୍ପିତା ଚନ୍ଦ୍ରାବଳୀ। ଜଣେ ନାରୀର ଭଲପାଇବା, ବ୍ୟାକୁଳତା, ସମର୍ପିତ ମନୋଭାବ ଅତି ହୃଦୟସ୍ପର୍ଶୀ ଭାବେ ପ୍ରସ୍ଫୁଟିତ ହୋଇଛି 'ଚଂଦ୍ରବର୍ଣ୍ଣା'ରେ। ପ୍ରେମ ଓ ପ୍ରଣୟର ମୁଗ୍ଧ ଭାବ ଏହି କାବ୍ୟଟିକୁ ଅଧିକ ଆକର୍ଷଣୀୟ କରିଛି। "ଦେହ ବି ତ ସୂତା ପରି/ ଛିଡ଼ିଗଲେ ଯାଏ,/ ସୂତା ବି ତ ଦେହ ପରି/ ଆଉଁଶିଦେଲେ ଶାଂତହେଇ ଶୁଏ!/ ବେଳେବେଳେ ଏଇ ସୂତା ଖିଅକ ପାଇଁ/ ମଣିଷ ବାରଦୁଆର ଶୁଂଢ଼ିଫିଂଢ଼ା ହୁଏ,( ପୃଷ୍ଠା-୮୪) 'ଚଂଦ୍ରବର୍ଣ୍ଣା'ର ସୂକ୍ଷ୍ମ ଭାବ, ସରଳ ଭାଷା, କାବ୍ୟିକ ଆବେଦନ ପାଠକମାନଙ୍କୁ ଆଚ୍ଛନ୍ନ କରି ରଖିପାରିବ ବୋଲି ଆଶା କରାଯାଏ। ■




ବର୍ଷା ପବ୍ଲିକେଶନ୍
ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୩
ମୂଲ୍ୟ: ୧୫୦ ଟଙ୍କା

### ସହ ଜୀବନ

ଡକ୍ଟର ଗୌରାଙ୍ଗ ଚରଣ ରାଉତ

ଡକ୍ଟର ଗୌରାଙ୍ଗ ଚରଣ ରାଉତଙ୍କ ରଚିତ 'ସହ ଜୀବନ' ଶିଶୁ କବିତା ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ୧୦ଟି ପୂର୍ଣ୍ଣାଙ୍ଗ କବିତା ଓ ୩୬ଟି ଏକପଦୀ କବିତା ସଂକଳିତ ହୋଇଛି। ପ୍ରତିଟି କବିତା ଶିକ୍ଷଣୀୟ ଓ ପ୍ରେରଣାଦାୟୀ। ଅନେକ କବିତାରେ ସାମାଜିକ ବାର୍ତ୍ତା ରହିଛି। ଚିତ୍ର ସହ ଏକପଦୀ କବିତାଗୁଡ଼ିକ ଶିକ୍ଷଣୀୟ ଓ ମନଛୁଆଁ ହୋଇଛି। ଶିଶୁମାନଙ୍କ ମାନସିକ ବିକାଶରେ ଏହି କବିତାଗୁଡ଼ିକ ସହାୟକ ହେବ ବୋଲି ଆଶା କରାଯାଏ। 'ଆମେ ଦିନେ ବଡ଼ ହେବା','ହାତ', 'ମୋ ଗାଁ ସରଗପୁର', 'ଜୀବନ ସହ ଚାଲ ଯୋଡ଼ିବା', 'ଭଲ କାମ ଯିବା କରି', 'କହୁଛି ଝିଅ', 'ଏଇ କି କଥା', 'ଏବେ ସିନା ଆମେ ଶିଶୁ', 'ଧୀର ପାଣି ପଥର କାଟେ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି କବିତାଗୁଡ଼ିକରେ ଦେଶପ୍ରେମ, ସାମାଜିକ ବାର୍ତ୍ତା, ପ୍ରାକୃତିକ ସୌନ୍ଦର୍ଯ୍ୟ, ମାନବୀୟ ସମ୍ବନ୍ଧ, ସହନଶୀଳତା, ସାମାଜିକ ସଂସ୍କାର ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି। ବିଶେଷକରି ମାନବୀୟ ମୂଲ୍ୟବୋଧ, ନୀତି ଆଦର୍ଶ ଭିତ୍ତିକ କବିତାଗୁଡ଼ିକ ଶିଶୁମାନଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନରେ ସହାୟକ ହେବ ନିଶ୍ଚୟ। ପୁସ୍ତକର ଶେଷରେ ଭକ୍ତକବି ମଧୁସୂଦନ ରାଓଙ୍କ 'ଦେଶ ବନ୍ଦନା' ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ 'ପ୍ରାର୍ଥନା' କବିତା ସଂକଳିତ ହୋଇଛି। ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ସାବଲୀଳ, ଭାବ ବୋଧଗମ୍ୟ ଓ ଛନ୍ଦମୟ ହୋଇଛି। 'ସହ ଜୀବନ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■




ଶିକ୍ଷା ସନ୍ଧାନ
ଆଇ.ଆର୍.ସି.ଭିଲେଜ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୩
ମୂଲ୍ୟ: ୭୦ ଟଙ୍କା



# ବିଶ୍ୱ କ୍ରୀଡ଼ାଙ୍ଗନ



## ରଣଜୀ ଟ୍ରଫି ୨୦୨୩-୨୪

# ୱିଜ୍‌ଡେନ୍ ଟିମ୍ ଅଫ୍ ଦି ଇୟର

ଇତି ମଧ୍ୟରେ ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୮୯ତମ ସଂସ୍କରଣ ଶେଷ ହୋଇଛି। ଫାଇନାଲ ମୁକାବିଲାରେ ମୁମ୍ବାଇ ୧୬୯ ରନରେ ବିଦର୍ଭକୁ ପରାସ୍ତ କରି ରେକର୍ଡ ୪୨ଥର ପାଇଁ ଚାମ୍ପିଅନ ହୋଇଛି। ବିଶ୍ୱର ସବୁଠାରୁ ମର୍ଯ୍ୟାଦାସମ୍ପନ୍ନ କ୍ରିକେଟ ପତ୍ରିକା ତଥା କ୍ରିକେଟର ବାଇବେଲ ଭାବେ ଜଣାଶୁଣା ଥିବା 'ୱିଜଡେନ' ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତି କରି ରଣଜୀ ଟ୍ରଫି-୨୦୨୪ ଟିମ୍ ଅଫ୍ ଦି ଇୟର ଘୋଷଣା କରିଛି। ଏହି ଦଳରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବିଭିନ୍ନ ରଣଜୀ ଦଳର ଖେଳାଳି ସାମିଲ ହୋଇଛନ୍ତି। ନିଜ ନେତୃତ୍ୱରେ ବିଦର୍ଭକୁ ଫାଇନାଲରେ ପହଞ୍ଚାଇଥିବା ଅକ୍ଷୟ ୱାଦକରଙ୍କୁ ଏହି ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅଭିଜ୍ଞ ସୌରାଷ୍ଟ୍ର ବ୍ୟାଟର ଚେତେଶ୍ୱର ପୂଜାରା ଦଳରେ ସ୍ଥାନ ପାଇଛନ୍ତି। ମୁମ୍ବାଇ ଦୁଇ ଖେଳାଳି ମଧ୍ୟ ଏଥିରେ ସାମିଲ ହୋଇଛନ୍ତି।

**ଘୋଷିତ ଦଳ:** ନାରାୟଣ ଜଗଦୀଶାନ, ସୂୟାଶ ପ୍ରଭୁଦେଶାଇ, ଚେତେଶ୍ୱର ପୂଜାରା, ସଚିନ ବେବି, ରିକ ଭୁଇ, ଅକ୍ଷୟ ୱାଦକର (ଅଧିନାୟକ/ ୱିକେଟକିପର), ତନୁଷ କୋଟିଆନ, ସାଇ କିଶୋର, ବିଜୟକୁମାର ବୈଶାକ, ଗୌରବ ଯାଦବ ଓ ମୋହିତ ଅୱସ୍ତି। ଦଳରେ ସ୍ଥାନ ପାଇଥିବା ପ୍ରତ୍ୟେକ ଖେଳାଳିଙ୍କ ପ୍ରଦର୍ଶନ ନେଇ ଆଲୋଚନା କରିବା।

### ନାରାୟଣ ଜଗଦୀଶାନ (ତାମିଲନାଡୁ)

ରଣଜୀ ଟ୍ରଫିରେ ଜଗଦୀଶାନ ୭୪.୧୮ ହାରରେ ମୋଟ ୮୧୬ ରନ ସଂଗ୍ରହ କରିଛନ୍ତି। ଏଥିରେ ସେ ଗୋଟିଏ ତ୍ରିଶତକ, ଗୋଟିଏ ଦ୍ୱିଶତକ ସମେଦ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ସେ ଚଣ୍ଡିଗଡ଼ ବିପକ୍ଷରେ ୩୨୧ ରନର ତ୍ରିଶତକ, ରେଳବାଇ ବିପକ୍ଷରେ ଦ୍ୱିଶତକ ହାସଲ କରିଥିଲେ।

### ସୂୟାଶ ପ୍ରଭୁଦେଶାଇ (ଗୋଆ)

ଏଥର ରଣଜୀରେ ଗୋଆର ସୂୟାଶ ପ୍ରଭୁଦେଶାଇ ଦମ୍‌ଦାର ବ୍ୟାଟିଂ କରିବା ସହ ପ୍ରାରମ୍ଭିକ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ବିବେଚିତ ହୋଇଥିଲେ। ୫୭.୨୫ ହାରରେ ସେ ମୋଟ୍ ୬୮୭ ରନ ସଂଗ୍ରହ କରିଛନ୍ତି। ଏଥିରେ ୩ଟି ଶତକ, ୨ଟି ଅର୍ଦ୍ଧଶତକ ସାମିଲ ରହିଛି। ତାମିଲନାଡୁ, କର୍ଣ୍ଣାଟକ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ସେ ଶତକ ହାସଲ କରିଥିଲେ। ୧୯୭ ଥିଲା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର।

### ଅକ୍ଷୟ ୱାଦକର (ବିଦର୍ଭ)

ନିଜ ନେତୃତ୍ୱରେ ସେ ବିଦର୍ଭକୁ ଫାଇନାଲରେ ପହଞ୍ଚାଇଥିଲେ। ୩୯.୮୧ ହାରେ ସେ ୬୩୭ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୭ଟି ଅର୍ଦ୍ଧଶତକ, ଗୋଟିଏ ଶତକ ସାମିଲ ରହିଛି। ୧୦୨ ହେଉଛି ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର।

### ସଚିନ ବେବି (କେରଳ)

କେରଳର ୩୫ ବର୍ଷୀୟ ବାମହାତୀ ମଧ୍ୟକ୍ରମ ବ୍ୟାଟର ସଚିନ ଏଥର ଦ୍ୱିତୀୟ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ୧୩୧ ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର ରହିଥିବା ବେଳେ ୮୩ ରନ ହାରରେ ସେ ୮୩୦ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି।



ଅକ୍ଷୟ ୱାଦକର

### ରିକି ଭୁଇ (ଆନ୍ଧ୍ର)

ଆନ୍ଧ୍ର ବ୍ୟାଟର ରକି ଭୁଇ ୭୫.୧୬ ହାରରେ ୯୦୨ ରନ ସଂଗ୍ରହ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ମଧ୍ୟଭାଗରେ ସେ ଦଳରେ ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଏଥର ରଣଜୀ ଟ୍ରଫିରେ ସେ ଏକମାତ୍ର ବ୍ୟାଟର ଭାବେ ୯୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ୪ଟି ଶତକ, ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ବେଙ୍ଗଲ, ଆସାମ, ଉତ୍ତରପ୍ରଦେଶ ଓ କେରଳ ବିପକ୍ଷରେ ଶତକ ମାରିଥିଲେ।

### ସାଇ କିଶୋର (ତାମିଲନାଡୁ)

ତାମିଲନାଡୁ ଅଧିନାୟକ ସାଇ କିଶୋର ୧୮.୫୩ ରନ ହାରରେ ୫୩ଟି ୱିକେଟ ନେଇ ସର୍ବାଧିକ ୱିକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ୩ଥର ୫ ୱିକେଟ ସଫଳତା ପାଇଛନ୍ତି। ୯୯/୬ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା। ସେହିପରି ଦୁଇଟି ଅର୍ଦ୍ଧଶତକ ସହ ସେ ୨୧୧ ରନ ସଂଗ୍ରହ କରିଛନ୍ତି।



ସାଇ କିଶୋର

### ବିଜୟକୁମାର ବୈଶାକ (କର୍ଣ୍ଣାଟକ)

ବିଜୟକୁମାର ୨୩.୬୧ ରନ ହାରରେ ୩୯ ୱିକେଟ ନେଇ ସଫଳ ବୋଲର ବିବେଚିତ ହୋଇଛନ୍ତି। ଏଥିରେ ତାଙ୍କର ଗୋଟିଏ ୫ ୱିକେଟ ସଫଳତା ସାମିଲ ରହିଛି। ୫/୬୭ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ।

### ଗୌରବ ଯାଦବ (ପଣ୍ଡିଚେରୀ)

୩୨ ବର୍ଷୀୟ ପଣ୍ଡିଚେରୀ ବୋଲର ଗୌରବ ଯାଦବ ୧୪.୫୮ ରନ ହାରରେ ୪୧ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ରୁତ ବୋଲରଙ୍କ ମଧ୍ୟରେ ସେ ସର୍ବାଧିକ ୱିକେଟ ନେଇଛନ୍ତି। ସେ ୫ଥର ୫ ୱିକେଟ ସଫଳତା ପାଇଛନ୍ତି। ୭/୪୯ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ।

### ମୋହିତ ଅୱସ୍ତି (ମୁମ୍ବାଇ)

ମୁମ୍ବାଇ ଦ୍ରୁତ ବୋଲର ମୋହିତ ଅୱସ୍ତି ଏଥର ରଣଜୀରେ ପ୍ରଭାବୀ ବୋଲିଂ ନିର୍ଣ୍ଣାୟକ ପ୍ରଦର୍ଶନ କରିଥିଲେ। ସେ ୧୫.୭୪ ରନ ହାରରେ ୩୫ଟି ୱିକେଟ ଅକ୍ତିଆର କରିଥିଲେ। ଏଥିରେ ତାଙ୍କର ୩ଟି ୫ ୱିକେଟ ସଫଳତା ସାମିଲ ରହିଛି। ୭/୫୨ ହେଉଛି ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା।

### ତନୁଷ କୋଟିଆନ (ମୁମ୍ବାଇ)



୨୫ ବର୍ଷୀୟ ସ୍ପିନ ଅଲରାଉଣ୍ଡର ତନୁଷ କୋଟିଆନ୍ ଦମ୍‌ଦାର ପ୍ରଦର୍ଶନ କରି ମୁମ୍ବାଇକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୪୧.୮୩ ହାରରେ ସେ ୫୦୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ, ୫ଟି ଅର୍ଦ୍ଧଶତକ ସାମିଲ ରହିଛି। ଅପରାଜିତ ୧୨୦ ହେଉଛି ତାଙ୍କର ସର୍ବାଧିକ ସ୍କୋର। ସେ ମଧ୍ୟ ୧୬.୯୬ ହାରରେ ମୋଟ୍ ୨୯ ୱିକେଟ ହାସଲ କରିଛନ୍ତି। ୫/୫୮ ହେଉଛି ତାଙ୍କ ଶ୍ରେଷ୍ଠ ବୋଲିଂ ସଫଳତା।

### ଚେତେଶ୍ୱର ପୂଜାରା (ସୌରାଷ୍ଟ୍ର)

ଭାରତୀୟ ଦଳର ନିର୍ଭରଯୋଗ୍ୟ ଟେଷ୍ଟ ବ୍ୟାଟର ଭାବେ ଜଣାଶୁଣାଥିବା ପୂଜାରା ଏଥର ରଣଜୀ ଟ୍ରଫିରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ୬୯.୦୮ ହାରରେ ସେ ମୋଟ୍ ୮୨୯ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ଅପରାଜିତ ୨୪୭ ଥିଲା ତାଙ୍କର ସର୍ବାଧିକ ସ୍କୋର। ନିଜ ଦଳ ପକ୍ଷରୁ ଓ ଟୁର୍ଣ୍ଣାମେଣ୍ଟରେ ସେ ତୃତୀୟ ସର୍ବାଧିକ ରନ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ ବିପକ୍ଷରେ ସେ କ୍ୟାରିୟରର ୧୭ତମ ଦ୍ୱିଶତକ ଅର୍ଜନ କରିଥିଲେ।

---

### ଭିନ୍ନ ଏକ ପୁରସ୍କାର

## ପେରୀ ପାୱାରଫୁଲ୍ ପଞ୍ଚ୍

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଆଲସୀ ପେରୀ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଚମତ୍କାର ଫର୍ମରେ ରହିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଡବ୍ଲ୍ୟୁପିଏଲ୍‌ର ଏକମାତ୍ର ଏଲିମିନେଟର୍ ମୁକାବିଲାରେ ପେରୀ ୬୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଫଳରେ ରୟାଲ ଚ୍ୟାଲେଞ୍ଜର୍ସ ଏହି ଗୁରୁତ୍ୱପୂର୍ଣ୍ଣ ନକ୍‌ଆଉଟ୍ ମ୍ୟାଚରେ ୫ ରନରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଥିଲା। ଏଥିପୂର୍ବରୁ ମାର୍ଚ୍ଚ ୧୨ରେ ସେହି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଅନ୍ୟ ଏକ ଲିଗ୍ ପର୍ଯ୍ୟାୟ ମୁକାବିଲାରେ ଉଭୟ ବ୍ୟାଟିଂ ଓ ବୋଲିଂରେ ପେରୀଙ୍କ କମାଲ ଦେଖିବାକୁ ମିଳିଥିଲା। ପେରୀ ୪ ଓଭର ବୋଲିଂ କରି ମୁମ୍ବାଇର ୬ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଏହାପରେ ବ୍ୟାଟିଂରେ ଅପରାଜିତ ୪୦ ରନର ପାଳି ଖେଳି ଦଳକୁ ଜିତାଇଥିଲେ। ତେବେ ଏଲିମିନେଟର୍ ମୁକାବିଲା ପରେ ପେରୀଙ୍କୁ ଟାଟା ପକ୍ଷରୁ ଭିନ୍ନ ଏକ ପୁରସ୍କାର ପ୍ରଦାନ କରାଯାଇଛି। ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏଥିରେ ୩୩ ବର୍ଷୀୟା ପେରୀଙ୍କୁ ଏକ କାର୍‌ର ଭଙ୍ଗା କାଚକୁ ଫେମ୍‌ରେ ବନ୍ଧେଇ କରି ଦିଆଯାଇଥିଲା। ଯେଉଁଥିରେ 'ପେରୀ ପାୱାରଫୁଲ୍ ପଞ୍ଚ୍' ବୋଲି ଲେଖାଯାଇଛି। ପ୍ରକାଶଯୋଗ୍ୟ, ମାର୍ଚ୍ଚ ୪ରେ ବେଙ୍ଗାଲୁରୁରେ ୟୁପି ୱାରିୟର୍ଜ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ପେରୀ ୩୭ ବଲରୁ ୫୮ ରନ କରିଥିଲେ। ଏହି ପାଳିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେଥିରୁ ଗୋଟିଏ ବିଶାଳ ଛକା ଥିଲା। ଯେଉଁଟି ପଡ଼ିଆ ବାହାରେ ରହିଥିବା ଏକ ଗାଡ଼ିର କାଚରେ ଯାଇ ସିଧା ବାଜିଥିଲା ଏବଂ ପରେ ଭାଙ୍ଗିଯାଇଥିଲା। ଏହାପରେ ଟାଟା ପକ୍ଷରୁ ସେହି ଭଙ୍ଗା କାଚକୁ ଏକ ଫେମ୍‌ରେ ବନ୍ଧେଇ କରାଯାଇ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



## ଶତକୀୟ ଶତକକୁ ପୂରିଲା ୧୨ ବର୍ଷ

ମାର୍ଚ୍ଚ ୧୬। କେବଳ ଯେ ଭାରତୀୟ କ୍ରିକେଟ୍ ପାଇଁ ନୁହେଁ, ସାରା ବିଶ୍ୱରେ କ୍ରୀଡ଼ା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଠିକ୍ ୧୨ ବର୍ଷ ତଳେ ଏହିଦିନ (ମାର୍ଚ୍ଚ ୧୬) ବ୍ୟାଟିଂ ମହାରଥୀ ସଚିନ ତେନ୍ଦୁଲକର ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦୦ତମ ଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଥିଲେ। ମୀରପୁରର ଶେର୍-ଇ-ବାଂଲା ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ଏସିଆ କପ୍ ମୁକାବିଲାରେ ସଚିନ ୧୧୪ ରନର ଶତକୀୟ ପାଳି ଖେଳି ଏହି ମାଇଲଖୁଣ୍ଟ ଛୁଇଁଥିଲେ। ସଚିନଙ୍କ ଏହି ଶତକ ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍‌ରେ ୨୮୯ ରନ କରିଥିଲା। ଜବାବରେ ଘରୋଇ ବାଂଲାଦେଶ ୪ଟି ବଲ୍ ଓ ୫ ୱିକେଟ୍ ବଳକା ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଶତକରେ ଶତକ ହାସଲ କରିବା ପରେ ସଚିନ ବ୍ୟାଟ୍‌କୁ ଉପରକୁ ଉଠାଇ ଆକାଶକୁ ଚାହିଁଥିଲେ। ଏଥିସହ ୧୯୯୯ରେ ପରଲୋକଗମନ କରିଥିବା ପିତାଙ୍କୁ ସେ ମନେପକାଇଥିଲେ। ଉଲ୍ଲେଖଯୋଗ୍ୟ, ସଚିନ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୨୦୦ ଟେଷ୍ଟ ଓ ୪୬୩ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୫୧ ଓ ୪୯ ଶତକ ହାସଲ କରିଛନ୍ତି। ୧୦୦ଟି ଶତକ ମଧ୍ୟରୁ ସେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ୨୦ (ଟେଷ୍ଟରେ ୧୧ ଓ ଏକଦିବସୀୟରେ ୯) ଶତକ ମାରିଛନ୍ତି।



## କୋଚ୍ ହେବାକୁ ମନ

ଭାରତୀୟ ଅଭିଜ୍ଞ ହକି ଗୋଲରକ୍ଷକ ପିଆର ଶ୍ରୀଜେସ୍ ନିଜର ମନ କଥା ଖୋଲି କହିଛନ୍ତି। ଯଦିଓ ସେ ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ କିଛି ଖୋଲି କହିବାକୁ ରାଜି ହୋଇନାହାନ୍ତି। ଅଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଅବସର ଘୋଷଣା କରିବେ ବୋଲି ହେଉଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। କିନ୍ତୁ ସେ ଦିନେ ଭାରତୀୟ ହକି ଦଳରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୦୩୬ ବେଳକୁ ସେ ଭାରତୀୟ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହେବାକୁ ଅଭିଳାଷ ଜାହିର କରିଛନ୍ତି। ସେ ଚତୁର୍ଥଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଅବସର ନେଲେ ମଧ୍ୟ ସେ ହକି ସହିତ ପରୋକ୍ଷ ଭାବେ ଜଡିତ ରହିବେ। ପ୍ୟାରିସ ଅଲିମ୍ପିକ୍ସ ଭାରତୀୟ ପୁରୁଷ ଦଳ ଓ ମୋ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏବେ ୩୬ ବର୍ଷରେ ପଦାର୍ପଣ କରିଥିବାରୁ ପୁଣିଥରେ ଅଲିମ୍ପିକ୍ସ ଖେଳିବେ ବୋଲି ସେ ଭାବୁ ନ ଥିବା ବୋଲି କହିଛନ୍ତି। ଖେଳ ଛାଡିବା ପରେ କୋଚ୍ ହେବାକୁ ସେ ଇଚ୍ଛା ଜାହିର କରିଛନ୍ତି। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତର ନେତୃତ୍ୱ ନେଇଥିଲେ। ଶ୍ରୀଜେସ ଏପର୍ଯ୍ୟନ୍ତ ୩୦୮ ଟି ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କ ଅଭିଜ୍ଞତାରୁ ଭାରତୀୟ ହକି ଫାଇଦା ଉଠାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।





## ବୁମ୍‌ରାଙ୍କ କାଓବଏ ଲୁକ୍

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆଇପିଏଲ୍‌ର ସପ୍ତଦଶ ସଂସ୍କରଣ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଯାଉଛି। ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ସହ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଚେପକ୍ ଷ୍ଟାଡିୟମରେ ଖେଳାଯିବ। ଏଥିଲାଗି ଅଂଶଗ୍ରହଣକାରୀ ସମସ୍ତ ୧୦ଟି ଦଳ ଓ ସେମାନଙ୍କର ଖେଳାଳିମାନେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ଆଇପିଏଲ୍‌ର ଅନ୍ୟତମ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର୍ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଚଳିତ ସଂସ୍କରଣରେ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପିଠି ଯନ୍ତ୍ରଣାଜନିତ ସମସ୍ୟା ଲାଗି ବୁମ୍‌ରା ଆଇପିଏଲ୍‌ର ଗତ ସଂସ୍କରଣରେ ଖେଳିପାରି ନ ଥିଲେ। ୩୦ ବର୍ଷୀୟ ବୁମ୍‌ରାଙ୍କୁ ସଦ୍ୟ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଏଥିରେ ସେ 'କାଓବଏ' ଷ୍ଟାଇଲ୍‌ରେ ନଜରକୁ ଆସିଛନ୍ତି। କାଓବଏ ଷ୍ଟାଇଲରେ ଟୋପି, ଜୋତା ଓ ଜ୍ୟାକେଟ୍ ପରିଧାନ କରିଥିବାର ଫଟୋକୁ ବୁମ୍‌ରା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଯାହାକୁ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ପସନ୍ଦ ମଧ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବୁମରା ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ୧୨୦ ମ୍ୟାଚ୍ ଖେଳି ୨୩.୩୧ ହାରରେ ୧୪୫ ୱିକେଟ୍ ନେଇଛନ୍ତି।

**ପ୍ରଥମ ଟାଇଟଲ ଲକ୍ଷ୍ୟରେ ଦିଲ୍ଲୀ, ବାଙ୍ଗାଲୋର**

# ମହିଳା ପ୍ରିମିୟର ଲିଗ୍ ଫାଇନାଲ ଆଜି

ନୂଆଦିଲ୍ଲୀ,୧୬ ।୩(ଏଜେନ୍ସି)


ଡବ୍ଲ୍ୟୁପିଏଲ୍ ଟ୍ରଫି ସହ ଦୁଇ ଅଧିନାୟିକା ମେଗ୍ ଲାନିଂ ଓ ସ୍ମୃତି ମନ୍ଧାନା

ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଦ୍ୱିତୀୟ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ରବିବାର ଏହି ମହିଳା ଟି-୨୦ ଲିଗ୍‌ର ଫାଇନାଲ ମୁକାବିଲା ଖେଳାଯିବ। ଟାଇଟଲ ପାଇଁ ମେଗ୍ ଲାନିଂଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଓ ସ୍ମୃତି ମାନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ଦୁଇ ଦଳ ସଫଳ ହେଲେ ପ୍ରଥମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିବେ। ଫଳରେ ଟାଇଟଲ ହାସଲ ପାଇଁ ଦୁଇ ଦଳ ପଡ଼ିଆକୁ ଓହ୍ଲାଇବେ ଓ ଏଥର ଏକ ନୂଆ ଚାମ୍ପିଅନ ଦଳକୁ ଦେଖିବାକୁ ମିଳିବ। ତେବେ ବିଭିନ୍ନ ଦୃଷ୍ଟିକୋଣରୁ ଦିଲ୍ଲୀ ଦୁଇପାଦ ଆଗରେ ରହିଥିବାରୁ ଟାଇଟଲ ପାଇଁ ଫେବରାଇଟ୍ ବିବେଚିତ ହେଉଛି।

ଦିଲ୍ଲୀ ୮ଟି ମ୍ୟାଚ୍ ଖେଳି ୬ ବିଜୟ, ୨ ପରାଜୟ ସହ ମୋଟ୍ ୧୨ ଅଙ୍କ ହାସଲ କରିବା ସହ ସାରଣୀର ପ୍ରଥମ ସ୍ଥାନରେ ରହି ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପଟେ ବାଙ୍ଗାଲୋର ଏଲିମିନେଟରରେ ଗତଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲା। ଦିଲ୍ଲୀ କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଆମେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ପ୍ରୟାସ କରିବୁ ବୋଲି ଦିଲ୍ଲୀ ଅଧିନାୟିକା ଲାନିଂ କହିଛନ୍ତି। ଗତବର୍ଷର ଅଭିଜ୍ଞତା ଏବେ କାମରେ ଆସିବ। ବିଜୟୀ ହେବାକୁ ହେଲେ ଆମକୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ହେବ ବୋଲି ସେ କହିଛନ୍ତି। ଲାନିଂ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ସ୍କୋରର ହୋଇଛନ୍ତି। ଲାନିଂ ଏପର୍ଯ୍ୟନ୍ତ ୩୦୮ ରନ ସଂଗ୍ରହ କରିଥିବା ବେଳେ ବାଙ୍ଗଲୋରର ଏଲିସ ପେରୀ ୩୧୨ ରନ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସେହିପରି ଦିଲ୍ଲୀର ଜେସ୍ ଜନାସେନ ଓ ମାରିଜନେ କ୍ୟାପ୍ ୱିକେଟ ହାସଲ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିଛନ୍ତି। ଦିଲ୍ଲୀର ଦ୍ରୁତ ବୋଲିଂ ବେଶ୍ ଶକ୍ତିଶାଳୀ। କ୍ୟାପ୍‌ଙ୍କ ସହ ଶିଖା ପାଣ୍ଡେ, ଅରୁନ୍ଧତି ରେଡ୍ଡୀ ଓ ତିତାସ ସାଧୁ ବାଙ୍ଗାଲୋର ବ୍ୟାଟରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ପାୱାର ପ୍ଲେରେ କ୍ୟାପ୍ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ସେହିପରି ସ୍ପିନ୍ ବୋଲିଂରେ ରାଧା ଯାଦବ ମଧ କମାଲ କରିବେ। ଲାନିଂ ଓ ଶେଫାଳୀ ବର୍ମା ଚଳିତ ଟୁର୍ଣ୍ଣାମେଣ୍ଟରେ ମିଳିତ ଭାବେ ଏପର୍ଯ୍ୟନ୍ତ ୩୨୫ ରନ ସଂଗ୍ରହ କରିସାରିଛନ୍ତି। ତେଣୁ ଏହି ଦୁଇ ବ୍ୟାଟରଙ୍କ ପାଇଁ ବାଙ୍ଗାଲୋରକୁ ସ୍ୱତନ୍ତ୍ର ରଣନୀତି ଆପଣାଇବାକୁ ହେବ।

**ମ୍ୟାଚ୍ ଆରମ୍ଭ:** ସନ୍ଧ୍ୟା ୭.୩୦
**ସ୍ଥାନ:** ଅରୁଣ ଜେଟ୍‌ଲି ଷ୍ଟାଡିୟମ, ଦିଲ୍ଲୀ
**ସିଧା ପ୍ରସାରଣ:** ସ୍ପୋର୍ଟ୍ସ ୧୮ ନେଟୱର୍କ

ଅନ୍ୟପଟେ ବାଙ୍ଗାଲୋରର ଟପ୍ ଅର୍ଡର ଅସ୍ଥିର ପ୍ରଦର୍ଶନ କରିଛି। ଭିନ୍ନ ଭିନ୍ନ ବ୍ୟାଟରଙ୍କୁ ନେଇ ବାଙ୍ଗାଲୋର ଟିମ୍ ମ୍ୟାନେଜମେଣ୍ଟ ପରୀକ୍ଷା ନିରୀକ୍ଷା କରିଛି। ଅଧିନାୟିକା ସ୍ମୃତି ବେଙ୍ଗାଲୁରୁ ଲେଗ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୨୧୯ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ଦିଲ୍ଲୀ ଲେଗ୍‌ରେ ସେ ୫ଟି ପାଳି ଖେଳି ମାତ୍ର ୫୦ ରନ ସଂଗ୍ରହ କରିଛନ୍ତି। ତେଣୁ ମନ୍ଧାନାଙ୍କୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଦମ୍ ଦେଖାଇବାକୁ ହେବ। ସେହିପରି ଦଳର ଅନ୍ୟତମ ତାରକା ବ୍ୟାଟର ସୋଫି ଡିଭାଇନ୍ ୯ଟି ପାଳିରୁ ମାତ୍ର ୧୦୪ ରନ ସଂଗ୍ରହ କରି ଖରାପ୍ ଫର୍ମ ରହିଥିବାର ସୂଚନା ଦେଇଛନ୍ତି। କିନ୍ତୁ ମୁମ୍ବାଇକୁ ଏଲିମିନେଟରରେ ପରାସ୍ତ କରିବା ପରେ ବାଙ୍ଗାଲୋରର ମନୋବଳ ଉଚ୍ଚ ରହିଛି। ଏହି ବିଜୟରେ ଦୁଇ ବୋଲର ଶ୍ରେୟଙ୍କା ପାଟିଲ, ଆଶା ସୋଭାନା ସ୍ୱଳ୍ପ ରନ ଦେବା ସହ ଦୁଇ ୱିକେଟ ନେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦଳର ବିଜୟ ନେଇ ମନ୍ଧାନା ଆଶାବାଦୀ ଅଛନ୍ତି। ଯଦି ସବୁ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରନ୍ତି ତେବେ ଦିଲ୍ଲୀକୁ ଚକ୍‌ମା ଦେଇ ବାଙ୍ଗାଲୋର ଚାମ୍ପିଅନ ନ ହେବ ବୋଲି କହି ହେବନାହିଁ। ମୋଟାମୋଟି ଉପରେ ଏହି ମ୍ୟାଚ୍‌ରେ ରୋମାଞ୍ଚ ସହ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

## ରଣଜୀ ଖେଳାଳିଙ୍କ ପାଉଣା ବୃଦ୍ଧି କରିବାକୁ ଗାଭାସ୍କରଙ୍କ ପରାମର୍ଶ



**ନୂଆଦିଲ୍ଲୀ,୧୬ ।୩(ଏଜେନ୍ସି):** ରଣଜୀ ଖେଳାଳିଙ୍କ ପାଉଣା ବୃଦ୍ଧି କରିବାକୁ ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ପରାମର୍ଶ ଦେଇଛନ୍ତି। ଖେଳାଳିମାନଙ୍କ ପାଉଣା ୩ ଗୁଣା ବୃଦ୍ଧି କରିବାକୁ ସେ କହିଛନ୍ତି। ଏହା ହେଲେ ତାରକା ଖେଳାଳିମାନେ ରଣଜୀ ଟ୍ରଫି ଖେଳିବାକୁ ଅନିଚ୍ଛା ପ୍ରକାଶ କରିବେ ନାହିଁ। ଖେଳାଳିମାନେ ଭିନ୍ନ ଭିନ୍ନ କାରଣ ଦେଖାଇ ରଣଜୀ ଟ୍ରଫି ଖେଳିବାରୁ ଓହରିଯାଉଛନ୍ତି। କିନ୍ତୁ ପାଉଣା ବୃଦ୍ଧି ହେଲେ ଖେଳାଳିମାନେ ରଣଜୀ ଟ୍ରଫି ଖେଳିବାକୁ ଆଗ୍ରହୀ ହେବେ ବୋଲି ସେ କହିଛନ୍ତି। ରଣଜୀ ଟ୍ରଫି ଖେଳୁଥିବା ଖେଳାଳିଙ୍କୁ ପ୍ରତିଦିନ ୪୦ରୁ ୬୦ ହଜାର ଟଙ୍କା ମିଳୁଛି। ଯେଉଁ ଖେଳାଳିମାନେ ୪୦ରୁ ୬୦ ମ୍ୟାଚ୍ ଖେଳିସାରିଛନ୍ତି ସେମାନେ ଅନ୍ତିମ ଏକାଦଶରେ ସାମିଲ ହେବାପରେ ଦିନକୁ ୬୦ ହଜାର ଟଙ୍କା ପାରିଶ୍ରମିକ ପାଉଛନ୍ତି ଓ ଏମାନେ ରିଜର୍ଭ ଖେଳାଳି ଭାବେ ଦଳରେ ସାମିଲ ହେଲେ ଦିନକୁ ୩୦ ହଜାର ଟଙ୍କା ପାରିଶ୍ରମିକ ପାଇଥାନ୍ତି। ସେହିପରି ୨୧ରୁ ୪୦ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କୁ ପ୍ରତିଦିନ ୫୦ ହଜାର ଟଙ୍କା ପାଉଣା ମିଳିଥାଏ ଓ ରିଜର୍ଭ ଖେଳାଳିଙ୍କୁ ୨୫ ହଜାର ଟଙ୍କା ମିଳିଥାଏ। ସେହିପରି ଗୋଟିଏରୁ ୨୦ଟି ମ୍ୟାଚ୍ ଖେଳିଥିବା ଖେଳାଳିମାନେ ଅନ୍ତିମ ଏକାଦଶରେ ସାମିଲ ହେଲେ ଦିନକୁ ୪୦ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ ଓ ଏହି ଖେଳାଳିମାନେ ରିଜର୍ଭରେ ରହିଲେ ୨୦ ହଜାର ଟଙ୍କା ପାଇଥାନ୍ତି। କିଛି ଦିନତଳେ ବିସିସିଆଇ ଟେଷ୍ଟ ଖେଳାଳିଙ୍କ ପାଉଣା ବୃଦ୍ଧି କରିଥିଲା। ଯେଉଁ ଖେଳାଳିମାନେ ଗୋଟିଏ ସିଜନର ୭୫ ପ୍ରତିଶତ ମ୍ୟାଚ୍ ଖେଳିବେ ସେମାନେ ଗୋଟିଏ ଟେଷ୍ଟ ପାଇଁ ୪୫ ଲକ୍ଷ ଓ ଯେଉଁମାନେ ୫୦ରୁ ୭୪ ପ୍ରତିଶତ ମ୍ୟାଚ୍ ଖେଳିବେ ସେମାନେ ଗୋଟିଏ ଟେଷ୍ଟ ପାଇଁ ୩୦ ଲକ୍ଷ ଟଙ୍କା ଅତିରିକ୍ତ ପାଉଣା ପାଇବେ ବୋଲି ବିସିସିଆଇ ଘୋଷଣା କରିଥିଲା।

## ଆଜିଠାରୁ କଳାହାଣ୍ଡି କପ୍ କ୍ରିକେଟ

**କଟକ,୧୬।୩(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ 'କଳାହାଣ୍ଡି କପ୍' ଆସନ୍ତାକାଲି ବା ରବିବାରଠାରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ପ୍ରାଥମିକ ପର୍ଯ୍ୟାୟ ଏକଦିବସୀୟ ଫର୍ମାଟରେ ଖେଳାଯିବ। ମୋଟ ୩୮ଟି ଦଳକୁ ନେଇ ୬ଟି ଗ୍ରୁପରେ ବିଭକ୍ତ କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ କେବଳ ଡାଏମଣ୍ଡ-ଏ' ଏବଂ ଡାଏମଣ୍ଡ ଗ୍ରୁପ-ବି'ର ମ୍ୟାଚ୍ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷଠାରୁ ସମ୍ବଲପୁରର ଦୁଇଟି ଦଳରେ ବିଭକ୍ତ ହୋଇ ପ୍ରତିଯୋଗିତାରେ ଭାଗ ନେବ। ଉଦ୍‌ଘାଟନୀ ଦିବସରେ ଭୁବନେଶ୍ୱର ଏ- ପୂର୍ବତଟ ରେଳବାଇ, କଟକ ବି-ଖୋର୍ଦ୍ଧା, ସୁନ୍ଦରଗଡ-ସମ୍ବଲପୁର ଏ, କଟକ ଏ-ଝାରସୁଗୁଡା, ଯାଜପୁର-ଢେଙ୍କାନାଳ, ରାଉରକେଲା ଏବଂ ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**● ସିଭିଲ ସର୍ଭିସ ପାୱାର ସ୍ପୋର୍ଟ୍ସ**

## ଡାକ ବିଭାଗରୁ ୧୦ ମନୋନୀତ

**ଭୁବନେଶ୍ୱର, ୧୬।୩ (ସମିସ):** ନୂଆଦିଲ୍ଲୀରେ ସର୍ବଭାରତୀୟ ସିଭିଲ ସର୍ଭିସ ପାୱାର ସ୍ପୋର୍ଟ୍ସ (ୱେଟ୍‌ଲିଫ୍ଟିଂ, ପାୱାରଲିଫ୍ଟିଂ ଓ ବଡି ଫିଜିକ୍) ଚଳିତମାସ ୧୮ରୁ ୨୨ ତାରିଖଯାଏ ଖେଳାଯିବ। ଏହି ପ୍ରତିଯୋଗିତା ଲାଗି ଡାକ ବିଭାଗ ପକ୍ଷରୁ ୧୦ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ପ୍ରଦୀପ ସାହୁ, କାମେଶ୍ୱର ନାୟକ, ବିଶ୍ୱଜିତ୍ ପ୍ରତିହାରୀ, କେ. କ୍ରିଷ୍ଣା ରାଓ, ଭାଡି ଶ୍ରୀକାନ୍ତ, ବସନ୍ତ ମାଲେକା, ବାପୁଜୀ ବିଶ୍ୱାଳ, ଅଜୟ ମହାପାତ୍ର, ଶିବରାମ ସାହୁ ଓ ଜନ୍ମେଜୟ ମହାନ୍ତି।

## ୧୯ ବର୍ଷରୁ କମ୍ ଏନ୍‌ସିଏ ଶିବିର ଲାଗି ତନ୍ମୟୀ ମନୋନୀତ



**ଭୁବନେଶ୍ୱର,୧୬ ।୩(ସମିସ):** ରାଜ୍ୟର କନିଷ୍ଠ ମହିଳା କ୍ରିକେଟର ତନ୍ମୟୀ ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଶିବିରରେ ଯୋଗ ଦେବା ପାଇଁ ଚୟନ ହୋଇଛନ୍ତି। ଭାଲସାଦରେ ୧୯ ବର୍ଷରୁ କମ୍ ଏନ୍‌ସିଏ ମହିଳା ପ୍ରଶିକ୍ଷଣ ଶିବିର ଆସନ୍ତା ଏପ୍ରିଲ ୧୯ରୁ ଆରମ୍ଭ ହୋଇ ମେ ୧୫ ତାରିଖରେ ଶେଷ ହେବ। ତନ୍ମୟୀ ଏହି ଶିବିରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ଓଡ଼ିଶା କ୍ରିକେଟ ସଂଘ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ପଦାଧିକାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମାଲ୍‌ଖମ୍ବ ପ୍ରଶିକ୍ଷଣ ଶିବିର ଆଜିଠୁ

**ଭୁବନେଶ୍ୱର, ୧୬ ।୩ (ସମିସ):** ଚଳିତ ମାସ ୨୯ରୁ ୩ ଦିନ ଧରି ହରିୟାଣାର ରୋହତକ୍‌ସ୍ଥିତ ଏମ୍.ଡି. ବିଶ୍ୱବିଦ୍ୟାଳୟରେ ଜାତୀୟ ମାଲଖମ୍ବ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ମାଲଖମ୍ବ ସଂଗଠନ ନେତୃତ୍ୱରେ ଏକ ୮ ଦିନିଆ ପ୍ରଶିକ୍ଷଣ ଶିବିର ବରଗଡ଼ ଜିଲ୍ଲା ରେଡିଏନ୍ସ ଶିକ୍ଷାନୁଷ୍ଠାନ ବିଜେପୁରରେ ଆୟୋଜନ କରାଯାଇଛି। ଏହା ରବିବାରଠାରୁ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ରାଜ୍ୟ ଏବଂ ରାଜ୍ୟ ବାହାରର ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଦିଆଯିବ। ଏଥିରୁ ୨୪ ଜଣ ବାଳକ ଏବଂ ବାଳିକା ଦଳ ଆଗାମୀ ଜାତୀୟ ମାଲ୍‌ଖମ୍ବ ଚାମ୍ପିଅନ୍‌ସିପ୍ ନିମନ୍ତେ ଚୟନ କରାଯିବ ବୋଲି ଜଣାପଡ଼ିଛି।

## ରାଜ୍ୟ ଶକ୍ତିଉତ୍ତୋଳନରେ ଖୋର୍ଦ୍ଧାର ପ୍ରାଧାନ୍ୟ

**ଭୁବନେଶ୍ୱର,୧୬।୩(ସମିସ):** ଉତ୍କଳ କରାଟେ ସ୍କୁଲ୍‌ରେ ଚାଲିଥିବା ରାଜ୍ୟ ଭାରୋତ୍ତୋଳନର ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଦଳ ପ୍ରାଧାନ୍ୟ ବିସ୍ତାର କରିଛି। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଖୋର୍ଦ୍ଧା ୭ଟି ସ୍ୱର୍ଣ୍ଣ ଜିତି ପ୍ରଥମ, କଟକ ୪ଟି ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ଓ କୋରାପୁଟ ତୃତୀୟ ସ୍ଥାନରେ ରହିଛି। ରବିବାର ଅବଶିଷ୍ଟ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହେବ।

## କିଟ୍‌ରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'କୀର୍ତ୍ତି'

**ଭୁବନେଶ୍ୱର, ୧୬ ।୩ (ସମିସ):** ୯ରୁ ୧୮ ବର୍ଷ ବୟସର ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ନିଟକରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ପକ୍ଷରୁ ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେସନ (କୀର୍ତ୍ତି) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥି ଉପଲକ୍ଷେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ କଟକ ଜଗତପୁର ସାଇ ପକ୍ଷରୁ ମିଳିତ ଭାବେ ମାର୍ଚ୍ଚ ୧୮ରୁ ୩ ଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ 'କୀର୍ତ୍ତି' କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଦୌଡ଼କୁଦ (ମାର୍ଚ୍ଚ ୨୦), ହକି (ମାର୍ଚ୍ଚ ୧୯), ଫୁଟ୍‌ବଲ (ମାର୍ଚ୍ଚ ୧୮) ଓ ଖୋ ଖୋ (ମାର୍ଚ୍ଚ ୨୧) ଲାଗି ୯ରୁ ୧୮ ବର୍ଷର ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରାଯିବ। ଆଗ୍ରହୀ ଯୁବ ପ୍ରତିଭା ସେମାନଙ୍କ ଆଧାର କାର୍ଡ ସାଥୀରେ ଆଣି ଏହି ଚୟନ ପ୍ରକ୍ରିୟା ଅଂଶଗ୍ରହଣ କରିବାକୁ କୁହାଯାଇଛି।

**ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ**

## ସେମିରେ ହାରିଲେ ଲକ୍ଷ୍ୟ

**ଲଣ୍ଡନ,୧୬ ।୩(ଏଜେନ୍ସି):** ସମ୍ମାନଜନକ ଅଲ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଭାରତୀୟ ଯୁବ ତାରକ ଲକ୍ଷ୍ୟ ସେନ୍ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶନିବାର ଅନୁଷ୍ଠିତ ସେମି ମୁକାବିଲାରେ ସେ ଇଣ୍ଡୋନେସିଆ ତାରକା ଜୋନାଟାନ କ୍ରୀଷ୍ଟିଙ୍କଠାରୁ ୧୨-୨୧, ୨୧-୧୦, ୧୫-୨୧ରେ ପରାସ୍ତ ହୋଇଛନ୍ତି। ଏଥିସହ ଏହି ହାଇପ୍ରୋଫାଇଲ



ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ପୂର୍ବରୁ ୨୨ ବର୍ଷୀୟ ଲକ୍ଷ୍ୟ କ୍ୱାର୍ଟରରେ ମାଲେସିଆର ଲି ଜି ଜିଆଙ୍କୁ ୨୦-୨୨, ୨୧-୧୬, ୨୧-୧୯ରେ ହରାଇ ସେମିକୁ ଉଠିଥିଲେ। ମହିଳା ଏକକ ପିଭି ସିନ୍ଧୁ ପ୍ରି- କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ଆନ ସେ-ୟଙ୍ଗଙ୍କଠାରୁ ୧୯-୨୧, ୧୧-୨୧ରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଉଲ୍ଲେଖଯୋଗ୍ୟ ୨୦୨୨ ସଂସ୍କରଣରେ ଲକ୍ଷ୍ୟ ଏଠାରେ ରନର୍ସଅପ୍ ହୋଇଥିଲେ।

**ସର୍ବଭାରତୀୟ ଆମନ୍ତ୍ରଣୀୟ ବାଳିକା ହକି**

## କୁତ୍ରାକୁ ହରାଇ ଛତିଶଗଡ଼ ଚାମ୍ପିଅନ



ଭୁବନେଶ୍ୱର, ୧୬।୩(ସମିସ)

ଛତିଶଗଡ଼ ହକି ସଂଘ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣୀୟ ୧୬ ବର୍ଷରୁ କମ୍ ତୃଣମୂଳସ୍ତରୀୟ ବାଳିକା ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଛତିଶଗଡ ଓ ସ୍ଥାନୀୟ ସହ କୁତ୍ରା ଏଚ୍‌ଟିସି (ହକି ଟ୍ରେନିଂ ସେଣ୍ଟର)ର ମଧ୍ୟରେ ଖେଳାଯାଇଥିବା ଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ସୁଟ୍‌ଆଉଟରେ ଛତିଶଗଡ ୪-୩ ଗୋଲରେ କୁତ୍ରାକୁ ହରାଇଦେଇଥିଲା। ପୂର୍ବରୁ କୁଆଁରମୁଣ୍ଡା ଏଚ୍‌ଟିସିକୁ ୩-୧ ସୁଟ୍‌ଆଉଟରେ ପରାସ୍ତ କରି ଗୁରୁଣ୍ଡିଆ ଏଚ୍‌ଟିସି ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ମ୍ୟାଚ୍‌ରେ ଗୁରୁଣ୍ଡିଆର ଯଶମଣି ଟପ୍ପୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କୁତ୍ରାର ନିକିତା ବାର୍ଲାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। କୁଆଁରମୁଣ୍ଡାର କିରଣ କୁଜୁର ବେଷ୍ଟ ଷ୍ଟ୍ରାଇକର, କୁତ୍ରାର ନେଲିସୋନିତା ଟପ୍ପୋ ବେଷ୍ଟ ମିଡ୍‌ଫିଲ୍ଡର ବିବେଚିତ ହୋଇଥିଲେ। ଏହି ପ୍ରତିଯୋଗିତାଟି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହାୟତାରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।

**ଇଣ୍ଡିଆନ୍ ୱେଲ୍ସ ଟେନିସ**

## ସ୍ୱିଆଟେକ-ସାକାରି ଫାଇନାଲ

ଇଣ୍ଡିଆନ୍ ୱେଲ୍ସ,୧୬ ।୩(ଏଜେନ୍ସି)

ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲ ମୁକାମିଲାରେ ପୋଲାଣ୍ଡର ଟପ୍ ସିଡ୍ ଖେଳାଳି ଇଗା ସ୍ୱିଆଟେକ ଓ ଗ୍ରୀସର ୯ମ ସିଡ୍ ଖେଳାଳି ମାରିଆ ସାକାରି ପରସ୍ପରକୁ ଭେଟିବେ। ସ୍ୱିଆଟେକ ସେମିଫାଇନାଲରେ ୬-୨, ୬-୧ ସେଟ୍‌ରେ ୟୁକ୍ରେନର ମାର୍ତା କୋଷ୍ଟିଉକ୍‌ଙ୍କୁ ମାତ୍ର ୬୯ ମିନିଟ୍‌ରେ ପରାସ୍ତ କରି ଫାଇନାଲାରେ ପ୍ରବେଶ କରିଥିଲେ। ସେ ଦ୍ୱିତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ସାକାରି ୬-୪, ୬-୭, ୬-୨ ସେଟ୍‌ରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆମେରିକାର ଉଦୀୟମାନ ମହିଳା ଖେଳାଳି ତଥା ୟୁଏସ୍ ଓପନ୍ ଚାମ୍ପିଅନ କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଛନ୍ତି। ସେହିପରି ପୁରୁଷ ଏକକର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଇଟାଲୀର ତୃତୀୟ ସିଡ୍ ଖେଳାଳି ଜାନିକ ସିନର ଓ ଦ୍ୱିତୀୟ ସିଡ୍ ସ୍ପେନ୍‌ର କର୍ଲୋସ ଆଲକାରାଜ ପ୍ରଥମ ସେମିରେ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ସେମିରେ ୧୭ତମ ସିଡ ଆମେରିକାର ଟିମୋ ପଲ୍ ଓ ଚତୁର୍ଥ ସିଡ ରୁଷିଆର ଡାନିଲ ମେଦଭେଦେଭ ମୁହାଁମୁହିଁ ହେବେ।


### କୁଲହୋଫ୍- ମେକ୍‌ଟିକ୍ ଡବଲ୍ସ ଚାମ୍ପିଅନ

ପୁରୁଷ ଯୁଗଳ ପ୍ରତିଯୋଗିତାରେ କ୍ରୋଏସିଆର ନିକୋଲା ମେଟକିକ୍ ଓ ନେଦରଲାଣ୍ଡସର ୱେସଲି କୁଲହୋଫ୍ ଟାଇଟଲ ଜିତିଛନ୍ତି। ଅଣସିଡ୍ ଏହି ଯୋଡି ଫାଇନାଲ ମୁକାବିଲାରେ ୫ମ ସିଡ୍ ଯୋଡି ସ୍ପେନ୍‌ର ମାର୍ସେଲ ଗ୍ରାନୋଲେର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସଙ୍କୁ ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଚଳିତ ସିଜନରେ ଏହି ଯୋଡି ଏଥିସହ ତୃତୀୟ ଟାଇଟଲ ହାସଲ କରିଛନ୍ତି।

**ରାତିରେ ଛାତ୍ରୀନିବାସକୁ ଯାଉଥିଲାବେଳେ ଧରାପଡ଼ିଲେ**

# ଭାରୋତ୍ତୋଳକ ଅଚିନ୍ତ ସସ୍‌ପେଣ୍ଡ, କ୍ୟାମ୍ପରୁ ବିଦା

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି)




ଭାରତର ଉଦୀୟମାନ ଭାରୋତ୍ତୋଳକ ୨୨ ବର୍ଷୀୟ ଅଚିନ୍ତ ଶେଉଲି ମହିଳା କ୍ରୀଡ଼ା ଛାତ୍ରୀନିବାସକୁ ପ୍ରବେଶ କରିବାକୁ ଯାଇ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ଏପରି ବିଶୃଙ୍ଖଳିତ ଆଚରଣ ଲାଗି ତାଙ୍କୁ ସମସ୍ତ ପ୍ରକାର ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି ଓ ପଟିଆଲାରେ ଚାଲିଥିବା ପ୍ରଶିକ୍ଷଣ ଶିବିରରୁ ମଧ୍ୟ ବାଦ୍ ଦିଆଯାଇଛି। ଫଳରେ ୨୦୨୨ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଏବେ ପ୍ୟାରିସ୍ ଅଲିମ୍ପିକ୍ସ ଟ୍ରାଏଲ୍ସରେ ଭାଗ ନେଇ ପାରିବେ ନାହିଁ। ଏଣୁ ତାଙ୍କର ପ୍ୟାରିସ୍ ଯିବା ରାସ୍ତା ବନ୍ଦ ହୋଇଯାଇଛି।

ଏହି ଘଟଣାଟି ଗତ ଗୁରୁବାର ରାତିରେ ଘଟିଥିଲା। ଏବେ ଦେଶର ଶ୍ରେଷ୍ଠ ପୁରୁଷ ଓ ମହିଳା ମୁଷ୍ଟିଯୋଦ୍ଧାମାନଙ୍କୁ ନେଇ ପଟିଆଲାରେ ପ୍ରଶିକ୍ଷଣ ଶିବିର ଚାଲିଛି। ପ୍ରଶିକ୍ଷଣ ଶେଷ ହେବା ପରେ ଗୁରୁବାର ଅଧାରାତିରେ ଏହି ଉଦୀୟମାନ ମୁଷ୍ଟିଯୋଦ୍ଧା ମହିଳା ଛାତ୍ରୀନିବାସରେ ଅନଧିକାର ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାକୁ ସେଠିକାର ସୁରକ୍ଷାକର୍ମୀ ଭିଡିଓ ରେକର୍ଡିଂ କରିବା ସହ ଅଚିନ୍ତଙ୍କୁ ଛାତ୍ରୀନିବାସରେ ପୂରାଇ ଦେଇ ନ ଥିଲେ। ଏହି ଘଟଣାର ଭିଡିଓ ରେକର୍ଡିଂ ସୁରକ୍ଷାକର୍ମୀମାନେ ଏନ୍‌ଆଇଏସ୍ ପଟିଆଲାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ କୁମାରଙ୍କ ନଜରକୁ ଆଣିଥିଲେ। ବିନୀତ କୁମାର ଏ ସମ୍ପର୍କରେ ଭାରତୀୟ ଭାରୋତ୍ତୋଳନ ମହାସଂଘର ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏହି ଘଟଣାର ଭିଡିଓ ରେକର୍ଡିଂ ଥିବାରୁ ତଦନ୍ତ କମିଶନ ବସାଇବାର ଆବଶ୍ୟକତା ପଡ଼ି ନ ଥିଲା ବୋଲି ସାଇ ପକ୍ଷରୁ କୁହାଯାଇଛି। ଭିଡିଓରେ ଅଚିନ୍ତ ବିଶୃଙ୍ଖଳିତ ଆଚରଣ କରିଥିବାର ସ୍ପଷ୍ଟ ପ୍ରମାଣ ରହିଛି ଓ ତାଙ୍କୁ ଏହି ଶିବିରରୁ ବାଦ୍ ଦେବାକୁ ଏନ୍‌ଆଇଏସ୍ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଏନ୍‌ଆଇଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାରତୀୟ ଭାରୋତ୍ତୋଳକ ମହାସଂଘକୁ ପ୍ରମାଣ ସହ ଜଣାଇବା ପରେ ଅଚିନ୍ତଙ୍କୁ ସମସ୍ତ ପ୍ରକାର ପ୍ରତିଯୋଗିତାରୁ ସସ୍‌ପେଣ୍ଡ କରାଯାଇଛି। ଏହି ନିଷ୍ପତ୍ତି ପରେ ଶୁକ୍ରବାର ସେ କ୍ୟାମ୍ପ ଛାଡି ଚାଲିଯାଇଥିଲେ।

### ଅଲିମ୍ପିକ ଖେଳିବା ଆଶା ଧୂଳିସାତ

ଏହି ନିଷ୍ପତ୍ତି ଫଳରେ ଅଚିନ୍ତଙ୍କ ପ୍ୟାରିସ୍ ଅଲିମ୍ପିକ ଖେଳିବା ଆଶା ଧୂଳିସାତ ହୋଇଯାଇଛି। ସେ ବାସନ୍ଦ ହେବା ଫଳରେ ଥାଇଲାଣ୍ଡର ଫୁକେତଠାରେ ଚଳିତମାସ ହେବାକୁ ଥିବା ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ କପ୍‌ରେ ଭାଗ ନେଇପାରିବେ ନାହିଁ। ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଏହି ପ୍ରତିଯୋଗିତାରେ ଭାଗ ନେବା ବାଧ୍ୟତାମୂଳକ। ଏଥିରେ ଭାଗ ନେବାକୁ ଅଯୋଗ୍ୟ ହେବା ଫଳରେ ଅଲିମ୍ପିକ୍‌ସକୁ ଯିବା ଆଶା ମଉଳିଯାଇଛି। ତାଙ୍କ ପରେ କେବଳ ଦୁଇ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେମାନେ ହେଲେ ମୀରାବାଇ ଚାନୁ ଓ ବିନ୍ଦ୍ୟାରାଣୀ ଦେବୀ। ମୀରାବାଇ ଟୋକିଓ ଅଲିମ୍ପିକ୍ସରେ ୪୯ କିଲୋଗ୍ରାମ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବିନ୍ଦ୍ୟାରାଣୀ ରାଜ୍ୟଗୋଷ୍ଠୀରେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ଦୁଇ ଖେଳାଳି ଏବେ ଅଲିମ୍ପିକ୍‌ସରେ ଭାଗ ନେବାକୁ ଦୌଡ଼ରେ ରହିଛନ୍ତି। ଅଚିନ୍ତଙ୍କ ପ୍ୟାରିସ୍ ଅଲିମ୍ପିକ୍ସରେ ମହାଦେଶୀୟ କୋଟାରେ ଅଂଶଗ୍ରହଣ କରିବା ଏକପ୍ରକାର ନିଶ୍ଚିତ ଥିଲା। କିନ୍ତୁ ବିଶୃଙ୍ଖଳା ଜଣେ ବ୍ୟକ୍ତିକୁ କେତେ ତଳକୁ ନେଇଯାଏ, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA